

ମା' ହେଲେ ଜ୍ୱାଲା

ପୃଷ୍ଠା ୭

# ସଂଚାର

THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live   mail Id: sancharodisha@gmail.com

RNI NO :ODIODI/2001/04811   Postal Regd No : BN/249/15-17

Vol. 34 | ISSUE 31 | ଭାଗ ୩୪ | ସଂଖ୍ୟା ୩୧ | Bhubaneswar | Wednesday 23 April 2025 | Page 8 Rs. 4.00 | ● ଭୁବନେଶ୍ୱର ବୁଧବାର ୨୩ ଏପ୍ରିଲ୍ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

## ଅମାନବୀୟ, ଅକ୍ଷମଣୀୟ: ଟାର୍ଗେଟ୍‌ରେ ପର୍ଯ୍ୟଟକ

### ଆତଙ୍କୀ ହମ୍‌ଲାରେ ୨୬ ମୃତ

# ଯାଅ ମୋଦିଙ୍କୁ କହିଦିଅ





ଶ୍ରୀନଗର,୨୨।୪(ସଂଚାର ବ୍ୟୁରୋ): ଜମ୍ମୁ-କାଶ୍ମୀରରେ ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣ ହୋଇଛି। ଆତଙ୍କୀଙ୍କ ଟାର୍ଗେଟ୍‌ରେ ପର୍ଯ୍ୟଟକ। ଆଖିବୁଜା ଗୁଳିମାଡ଼ କରି ଆତଙ୍କବାଦୀମାନେ ୨୬ ଜଣ ପର୍ଯ୍ୟଟକଙ୍କ ଜୀବନ ନେଇଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ୨୬ ବର୍ଷୀୟ ନୌସେନା ଅଧିକାରୀ ମଧ ଅଛନ୍ତି। ଏହାଛଡ଼ା ଦୁଇ ଜଣ ବିଦେଶୀ ପର୍ଯ୍ୟଟକ ମଧ ଏହି ଆତଙ୍କୀ ଆକ୍ରମଣରେ ମୃତ୍ୟୁବରଣ କରିଛନ୍ତି। ଏହାଛଡ଼ା ୧୨ ଜଣ ପର୍ଯ୍ୟଟକ ଆହତ ହୋଇ ସ୍ଥାନୀୟ ହସ୍ପିଟାଲ୍‌ରେ ଭର୍ତ୍ତି ହୋଇଛନ୍ତି। ଜମ୍ମୁ-କଶ୍ମୀର ଅନନ୍ତନାଗ ଜିଲ୍ଲା ଅନ୍ତର୍ଗତ ପହଲଗାର ହିଲ୍ ଷ୍ଟେସନ୍‌ଠାରୁ ୫ କିମି ଦୂରବର୍ତ୍ତୀ ବୈସରନ୍ ଉପତ୍ୟକାରେ ଆଜି ଅପରାହ୍ନ ପ୍ରାୟ ସାଢ଼େ ୨ଟା ସମୟରେ ଏହି ଆତଙ୍କୀ ହମ୍‌ଲା ଘଟିଛି। ଘଟଣା ସମୟରେ ସେଠାରେ କେତେକ ପର୍ଯ୍ୟଟକ ଅଶ୍ୱଚାଳନା କରୁଥିଲେ। ହଠାତ୍ ସେଠାରେ ଦଳେ ଆତଙ୍କବାଦୀ ପହଞ୍ଚି ସେମାନଙ୍କ ଉପରକୁ ଆଖିବୁଜା ଚାଳନା କରିଥିଲେ। ଏହି ଆତଙ୍କୀ ➪ପୃଷ୍ଠା-୬

## ସାଉଦି ଗସ୍ତ କାଣ୍ଟଛାଣ୍ଟ କଲେ ମୋଦି

ନୂଆଦିଲ୍ଲୀ: ପହଲଗାମ୍‌ରେ ହୋଇଥିବା ଆତଙ୍କୀ ହମ୍‌ଲା ପରେ ସାଉଦି ଗସ୍ତ କାଣ୍ଟଛାଣ୍ଟ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ସାଉଦି ଆରବରେ ରାତ୍ରି ଭୋଜନ ସହ ରାଣୀ ଓ ପ୍ରଧାନମନ୍ତ୍ରୀଙ୍କୁ ଭେଟିବାର କାର୍ଯ୍ୟକ୍ରମକୁ ମଧ ବାତିଲ କରିଛନ୍ତି। ପହଲଗାମ୍‌ରେ ୨୬ ଜଣ ପର୍ଯ୍ୟଟକ ମୃତ୍ୟୁବରଣ କରିଥିବା ବେଳେ ଏହି ଘଟଣାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କଡ଼ା ଭାଷାରେ ନିନ୍ଦା କରିବା ସହ ଘଟଣା ସହ ଜଡ଼ିତ ଆତଙ୍କୀଙ୍କୁ ଆଦୌ ଛଡ଼ାଯିବ ନାହିଁ ବୋଲି ➪ପୃଷ୍ଠା-୬

## କିଛି ସମୟ ପୂର୍ବରୁ ଛାଡ଼ିଥିଲେ ଖୁସିର ଭିଡିଓ



ପହଲଗାମ୍‌ରେ ଆତଙ୍କବାଦୀଙ୍କ ଆକ୍ରମଣରେ ମୃତ୍ୟୁବରଣ କରିଥିବା ପର୍ଯ୍ୟଟକଙ୍କ ମଧ୍ୟରେ ଓଡ଼ିଶାରୁ ଜଣେ ଅଛନ୍ତି। ସେ ହେଲେ ବାଲେଶ୍ୱର ସଦର ବ୍ଲକ ସାରଗାଁ ପଞ୍ଚାୟତ ସରପଞ୍ଚଙ୍କ ଦିଅର ପ୍ରଶାନ୍ତ ଶତପଥୀ। ସେ ଗତ ୧୯ ତାରିଖରେ ପତ୍ନୀ ପ୍ରିୟଦର୍ଶିନୀ ଆଚାର୍ଯ୍ୟ ଓ ପୁଅ ତନୁଜଙ୍କୁ ନେଇ ଜମ୍ମୁ-କଶ୍ମୀର ➪ପୃଷ୍ଠା-୬

## ଆତଙ୍କୀଙ୍କ ବିରୋଧରେ ଶୂନ୍ୟ ସହନଶୀଳତା



ଉପତ୍ୟକାରେ ଆତଙ୍କୀଙ୍କ ରକ୍ତର ହୋଲି ପରେ ତୁରନ୍ତ ଶ୍ରୀନଗରରେ ପହଞ୍ଚିଛନ୍ତି। ସେଠାରେ ସେ ବିଭିନ୍ନ ସୁରକ୍ଷା ଏଜେନ୍ସି ସହ ଉଚ୍ଚସ୍ତରୀୟ ସମୀକ୍ଷା କରିଛନ୍ତି। ପର୍ଯ୍ୟଟକଙ୍କ ଉପରେ ଆକ୍ରମଣକୁ କଡା ଭାଷାରେ ନିନ୍ଦା କରିବା ସହ ଆତଙ୍କୀଙ୍କୁ ଛଡାଯିବନି ବୋଲି କହିଛନ୍ତି । ଜାମ୍ମୁ କାଶ୍ମୀରକୁ ସମ୍ପୂର୍ଣ୍ଣ ଭାବେ ଆତଙ୍କବାଦୀ ଶୂନ୍ୟ କରିବା ସହ ସୀମା ପାର ଘଟଣାରେ ଶୂନ୍ୟ ସହନଶିଳତା ନୀତି ଆପଣେଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀନଗରରେ ଶାହା ଦୁଇଟି ସମୀକ୍ଷା ବୈଠକ କରିଥିଲେ। ଗୋଟିଏ ସୁରକ୍ଷା ବ୍ୟବସ୍ଥା ଉପରେ ଏବଂ ଅନ୍ୟଟି ଜାମ୍ମୁ କାଶ୍ମୀରରେ ଚାଲିଥିବା ବିକାଶମୂଳକ କାର୍ଯ୍ୟର। ୟୁନିଫାଏଡ ➪ପୃଷ୍ଠା-୬

## ଦୁଃଖ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ

ଜାମ୍ମୁ କାଶ୍ମୀର ପହଲଗାମ୍‌ରେ ହୋଇଥିବା ଆତଙ୍କବାଦୀ ହମଲାକୁ ଦୃଢ଼ ନିନ୍ଦା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏକ ଜଘନ୍ୟ ଓ ବର୍ବର କାଣ୍ଡ ଘଟାଇ ଉଗ୍ରପନ୍ଥୀମାନେ କାଶ୍ମୀରର ପହଲଗାମଠାରେ ନିରୀହ ପର୍ଯ୍ୟଟକମାନଙ୍କୁ ହତ୍ୟା କରିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହି ଘଟଣାର ଦୃଢ଼ ନିନ୍ଦା କରିବା ସହିତ ମୃତ ପର୍ଯ୍ୟଟକମାନଙ୍କ ପାଇଁ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଏହି ଘଟଣାରେ ଜଣେ ଓଡିଆ ପର୍ଯ୍ୟଟକ ମୃତ୍ୟୁବରଣ କରିଛନ୍ତି। ସମ୍ପୃକ୍ତ ଓଡିଆ ପର୍ଯ୍ୟଟକଙ୍କ ମରଶରୀର କିପରି ତାଙ୍କ ବାସସ୍ଥାନରେ ସୁରୁଖୁରୁରେ ପହଞ୍ଚିବ, ସେ ସମ୍ପର୍କରେ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ଦିଲ୍ଲୀରେ ଅବସ୍ଥାପିତ ପ୍ରମୁଖ ଆବାସିକ ଆୟୁକ୍ତଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



## ଦେବ ପ୍ରସାଦ ଦାଶ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ

ଭୁବନେଶ୍ୱର,୨୨।୪(ସଂଚାର ବ୍ୟୁରୋ): ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗର ନୂଆ ନିର୍ଦ୍ଦେଶକ ଭାବେ ବରିଷ୍ଠ ପ୍ରଶାସନିକ ଅଧିକାରୀ ଦେବ ପ୍ରସାଦ ଦାଶଙ୍କୁ ନିଯୁକ୍ତି ଦିଆଯାଇଛି। ଏହି ନିଯୁକ୍ତି ସମ୍ପର୍କିତ ବିଜ୍ଞପ୍ତି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଆଜି ପ୍ରକାଶ ପାଇଛି। ଶ୍ରୀ ଦାଶ ଏବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ସଚିବ ଭାବେ କାର୍ଯ୍ୟ କରୁଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଭାବେ ତାଙ୍କୁ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି ➪ପୃଷ୍ଠା-୬

# ବାଲିବୋଝେଇ ହାଇୱା ଚାପାରେ ୨ ପୁଲିସ୍ କର୍ମଚାରୀ ମୃତ

କଟକ,୨୨।୪(ସଂଚାର ବ୍ୟୁରୋ): କଟକ-ପାରାଦୀପ ରାସ୍ତାରେ ଆଜି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ଏଥିରେ ୨ ଜଣ ପୁଲିସ୍ କର୍ମଚାରୀ ମୃତ୍ୟୁବରଣ କରିଛନ୍ତି। ଗଡିରାଉତପାଟଣାରେ ଆଜି ଭୋର୍ ସମୟରେ ପାଟ୍ରୋଲିଂ କରୁଥିବା ପିସିଆର୍ ଭ୍ୟାନ୍‌କୁ ଉକ୍ତ ବାଲିବୋଝେଇ ହାଇୱା ଧକ୍କା ଦେଇଥିଲା। ଏଥିରେ ପିସିଆର୍ ଭ୍ୟାନ୍‌ଟି ଏକରକମ




ମାଟିରେ ମିଶିଯାଇଥିବା ବେଳେ ହାଇୱାଟି ଓଲଟିପଡ଼ିଥିଲା। ମୃତ୍ୟୁବରଣ କରିଥିବା ଦୁଇ ପୁଲିସ୍ କର୍ମଚାରୀ ହେଲେ ସ୍ଥାନୀୟ ସିଆର୍‌ଆର୍‌ଆଇ ଥାନାରେ କାର୍ଯ୍ୟରତ ଡ୍ରାଇଭର୍ ଜଗବନ୍ଧୁ ମହାଳି (୩୮) ଓ ପୁଲିସ ଷ୍ଟାଫ୍ ଲୋକନାଥ ଶବର। ଏହାଛଡ଼ା ଏହି ଦୁର୍ଘଟଣାରେ ହୋମଗାର୍ଡ ପବିତ୍ର ମୋହନ ସେଠୀ ମଧ ଗୁରୁତର ଭାବେ ଆହତ ହୋଇ ➪ପୃଷ୍ଠା-୬

### ମୁଖ୍ୟମନ୍ତ୍ରୀଙ୍କ ସତର୍କତାମୂଳକ ପଦକ୍ଷେପ

# ଖରା ଡର: ଆଜିଠୁ ସ୍କୁଲ ଛୁଟି



**କଲେଜ ବି ବନ୍ଦ ରହିବ, କିନ୍ତୁ ନିୟମିତ ପରୀକ୍ଷା ଚାଲିବ**

ଭୁବନେଶ୍ୱର,୨୨।୪(ସଂଚାର ବ୍ୟୁରୋ): ଗତ ୨/୩ ଦିନ ହେଲା ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ହେଉଥିବା ବେଳେ ପଶ୍ଚିମ ଓଡ଼ିଶାରେ ଏହାର ସବୁଠାରୁ ବଡ଼ ପ୍ରଭାବ ଦେଖିବାକୁ ମିଳୁଛି। ଗ୍ରୀଷ୍ମ ପ୍ରବାହକୁ ଲକ୍ଷ୍ୟ କରି ରାଜ୍ୟ ସରକାର ସ୍କୁଲ୍‌ଗୁଡ଼ିକୁ ସକାଳୁଆ କରିଥିଲେ। ଏଥିସହ ଆସନ୍ତା ୬ରୁ ଗ୍ରୀଷ୍ମାବକାଶ କରାଯିବା ନେଇ ମଧ ବିଭାଗୀୟ କ୍ୟାଲେଣ୍ଡର୍ ମାଧ୍ୟମରେ ସୂଚନା ଦେଇଥିଲେ। କିନ୍ତୁ ରାଜ୍ୟରେ ଯେପରି ଅସମ୍ଭବ ଖରା ଓ ତାତି ଅନୁଭୂତ ହେଉଛି, ସେଥିରେ ପିଲାମାନଙ୍କ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପଡ଼ିବାର ଆଶଙ୍କା ଥିବାରୁ ମୁଖ୍ୟମନ୍ତ୍ରୀ ସତର୍କତା ମୂଳକ ପଦକ୍ଷେପ ସ୍ୱରୂପ ତୁରନ୍ତ ସ୍କୁଲ୍ ବନ୍ଦ କରିବା ସକାଶେ ନିର୍ଦ୍ଦେଶ ଦେଇଛନ୍ତି। ଅର୍ଥାତ୍ ରାଜ୍ୟର ସମସ୍ତ ସ୍କୁଲ୍‌ରେ ଆସନ୍ତାକାଲିଠାରୁ ଖରାଛୁଟି ଆରମ୍ଭ ହେବ। ବିଭାଗୀୟ ନିର୍ଦ୍ଦେଶାନୁସାରେ, ଆସନ୍ତାକାଲିଠାରୁ ଅଙ୍ଗନବାଡି, ଶିଶୁବାଟିକାଠାରୁ ଆରମ୍ଭ କରି ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ବନ୍ଦ ରହିବ। ସେହିପରି ରାଜ୍ୟର ବିଭିନ୍ନ କଲେଜ ମଧ ➪ପୃଷ୍ଠା-୬

## ଝାରସୁଗୁଡ଼ାରେ ତାତି ଉପରମୁହାଁ

### ୧୦ ବର୍ଷରେ ସର୍ବାଧିକ, ୪୬ ଡିଗ୍ରୀ ଟପିଲା

ଗତ କିଛି ଦିନ ହେଲା ରାଜ୍ୟରେ ଅସହ୍ୟ ଗରମ ଅନୁଭୂତ ହେଉଥିବା ବେଳେ ପଶ୍ଚିମ ଓଡ଼ିଶାରେ ଏହାର ସର୍ବାଧିକ ପ୍ରଭାବ ଅନୁଭୂତ ହେଉଛି। ବିଶେଷକରି ଝାରସୁଗୁଡ଼ାରେ ଦିନକୁ ଦିନ ତାତି ଉପରମୁହାଁ ହେଉଛି। ଅର୍ଥାତ୍ ଏଠାରେ ତାତି ତଳକୁ ଖସିବାର ନାଁ ଧରୁନାହିଁ। ଗତ ରବିବାର ଏଠାରେ ୪୩ ଡିଗ୍ରୀ ଉପରେ ତାପମାତ୍ରା ଥିବା ବେଳେ ଗତକାଲି ଏହା ୪୫.୪ ଡିଗ୍ରୀରେ ପହଞ୍ଚିଥିଲା। ପରିସ୍ଥିତି ଏପରି ଥିଲା ଯେ ମଧ୍ୟାହ୍ନ ୧୨ଟା ସମୟରେ ଝାରସୁଗୁଡ଼ା ବିଶ୍ୱର ସର୍ବାଧିକ ଉତ୍ତପ୍ତ ସହର ହୋଇଥିଲା। ଆଜି ମଧ ସହରରେ ତାତି ବଢ଼ି ୪୬ ଡିଗ୍ରୀ ଟପିଯାଇଛି, ଯାହାକି ଚଳିତ ବର୍ଷର ସର୍ବାଧିକ। ଏଠାରେ ତାତି ୪୬.୨ ଡିଗ୍ରୀ ହୋଇଥିବା ବେଳେ ଏପ୍ରିଲ ମାସର ତାତିରେ ଝାରସୁଗୁଡ଼ା ୧୦ ବର୍ଷର ପୁରୁଣା ରେକର୍ଡକୁ ଭାଙ୍ଗିଦେଇଛି। ପୂର୍ବରୁ ୨୦୧୦ ଏପ୍ରିଲ ୨୦ରେ ଝାରସୁଗୁଡ଼ାରେ ତାତି ୪୬.୧ ଡିଗ୍ରୀ ରହିଥିଲା। ତାତି ବଢୁଥିବାରୁ ଜିଲ୍ଲାପାଳ ଜିଲ୍ଲାର ସମସ୍ତ ସ୍କୁଲ୍‌କୁ ସାମୟିକ ଭାବେ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ମୁଖ୍ୟମନ୍ତ୍ରୀ ରାଜ୍ୟର ସବୁ ସ୍କୁଲ୍‌କୁ ତ୍ୱରିତ ବନ୍ଦ କରିବା ସକାଶେ ନିର୍ଦ୍ଦେଶ ଦେବା ପରେ ଝାରସୁଗୁଡ଼ାରେ ବି ସମସ୍ତ ସ୍କୁଲ୍‌ରେ ଆଗୁଆ ଗ୍ରୀଷ୍ମାବକାଶ ଆରମ୍ଭ ହୋଇଛି। ସେହିପରି ଜିଲ୍ଲା ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ କୌଣସି ପ୍ରକାର ପ୍ରତିକୂଳ ପରିସ୍ଥିତି ଏଡ଼ାଇବା ସକାଶେ ସତର୍କ ରହିବା ସକାଶେ ସଚେତନ କରାଯାଉଛି। ବିଭିନ୍ନ ସ୍ଥାନରେ ଶୀତଳ ପାନୀୟ ଜଳ ବଣ୍ଟନ ଓ ସାମୟିକ ଶୀତଳ ଆଶ୍ରୟ କେନ୍ଦ୍ର ଖୋଲାଯାଇଛି। ➪ପୃଷ୍ଠା-୬

## ମିଶନ ଶକ୍ତି ପୁନର୍ଗଠନ ସୁନିଶ୍ଚିତ: ପ୍ରଭାତୀ

ଭୁବନେଶ୍ୱର,୨୨।୪(ସଂଚାର ବ୍ୟୁରୋ: ରାଜ୍ୟରେ ମିଶନ ଶକ୍ତି ପୁନର୍ଗଠନ ସମ୍ପର୍କିତ ବିଜ୍ଞପ୍ତି ଉପରେ ହାଇକୋର୍ଟ ଅଙ୍କୁଶ ଲଗାଇଛନ୍ତି। ଏଥିସହ ଏହି ମାମଲାରେ ପକ୍ଷ ରଖିବା ସକାଶେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନୋଟିସ ମଧ ଜାରି କରିଛନ୍ତି। ଏ ସଂକ୍ରାନ୍ତରେ ପ୍ରତିକ୍ରିୟା ଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି ଯେ ରାଜ୍ୟରେ ମିଶନ ଶକ୍ତି ପୁନର୍ଗଠନ ସୁନିଶ୍ଚିତ। ଏଥିରେ ବିଳମ୍ବ ହୋଇପାରେ, କିନ୍ତୁ ଗାଁରେ ମହିଳାମାନେ ଜାଣି ରଖିବା ଉଚିତ ଯେ ଏସ୍‌ଏଚ୍‌ଜି ପୁନର୍ଗଠନ ନିଶ୍ଚିତ ଭାବେ ହେବ। ନେତୃତ୍ୱ ପରିବର୍ତ୍ତନ ହେଲେ ହିଁ ମହିଳାଙ୍କ ବିକାଶ ସୁନିଶ୍ଚିତ ହୋଇପାରିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ ଯେ ରାଜ୍ୟ ମିଶନ ଶକ୍ତି ବିଭାଗ ➪ପୃଷ୍ଠା-୬

# ମାଡ଼ ଖାଇଯିବ ଅକ୍ଷୟ ତୃତୀୟାର ସୁନା ବେପାର

ଭୁବନେଶ୍ୱର,୨୨।୪(ସଂଚାର ବ୍ୟୁରୋ): ସୁନାର ଆକାଶଛୁଆଁ ଦରବୃଦ୍ଧି ଏବେ ଖାଲି ଗ୍ରାହକଙ୍କୁ ନୁହେଁ, ସୁନା ଦୋକାନୀମାନଙ୍କୁ ମଧ ଚିନ୍ତାରେ ପକାଇ ଦେଲାଣି। ମୁଣ୍ଡ ଉପରେ ଥିବା ଅକ୍ଷୟ ତୃତୀୟ ବେପାର ମାଡ ଖାଇବା ନିଶ୍ଚିତ ହୋଇଥିବାବେଳେ ଏବେ ପ୍ରାୟତଃ ସବୁ ସୁନା ଦୋକାନରେ ଏବେ ଖାଁ ଖାଁ ଅବସ୍ଥା। ରାଜଧାନୀରେ ଆଜି ୧୦ ଗ୍ରାମ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୯୦ ହଜାର ଟଙ୍କାକୁ ଟପିଯାଇଛି। ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ଗ୍ରାମ ପିଛା ଲକ୍ଷେ ଟଙ୍କାକୁ ଛୁଇଁଲାଣି। ସୁନା ଦୋକାନ ସୋକେଶ୍‌ରେ ଥିବା ସୁନାର ମୂଲ୍ୟ ଯଦିଓ ପ୍ରତିଦିନ ବଢୁଛି ହେଲେ ଏହାକୁ କିଣିବାକୁ କିନ୍ତୁ ଲୋକ ନାହାନ୍ତି। ପ୍ରାୟତଃ ସବୁ ସୁନା ଦୋକାନରେ ଖାଁ ଖାଁ ଅବସ୍ଥା। ବିବାହ ଋତୁ ଚାଲୁଥିଲେ ମଧ ଅଧିକାଂଶ ଦୋକାନୀ ହାତବାନ୍ଧି ବସିଛନ୍ତି। କାଁ ଭାଁ ଯେଉଁମାନେ କିଣିବାକୁ ଆସୁଛନ୍ତି ସେମାନେ ପୁରୁଣା ସୁନା ବଦଳ କରୁଛନ୍ତି ନହେଲେ ମୂଲଚାଲ କରି ପଳାଉଛନ୍ତି। ରାଜ୍ୟର ସୁନା ବ୍ୟବସାୟୀ ବିଶେଷକରି ରାଜଧାନୀର ବ୍ୟବସାୟୀମାନେ ଅଧିକ ବେପାର ପାଇଁ ଦୁଇଟି ଉତ୍ସବକୁ ଟାର୍ଗେଟ କରିଥାନ୍ତି। ତାହା ହେଉଛି ଅକ୍ଷୟତୃତୀୟା ଓ ଧନତରାସ।



### ଦରବୃଦ୍ଧିକୁ ନେଇ ବ୍ୟବସାୟୀ ଚିନ୍ତାରେ

### ସୁନା ଦୋକାନ ଏବେ ଖାଁଖାଁ

ଏହି ଦୁଇ ଋତୁରେ ଅଧିକ ବ୍ୟବସାୟ ପାଇଁ ମନଲୋଭା ରିହାତି ଘୋଷଣା କରିଥାନ୍ତି ଓ ଗ୍ରାହକମାନଙ୍କୁ ନିଜ ଦୋକାନକୁ ଆକୃଷ୍ଟ ଲାଗି ଚାରିଚକିଆ ଗାଡି ଠାରୁ ଆରମ୍ଭ କରି ନଗଦ ଉପହାର ମଧ ରଖିଥାନ୍ତି। ଚଳିତବର୍ଷର ଅକ୍ଷୟ ତୃତୀୟାକୁ ଆଉ ମାତ୍ର ସପ୍ତାହେ ଥିବାବେଳେ ଚଳିତବର୍ଷ ବ୍ୟବସାୟକୁ ନେଇ ଚିନ୍ତାରେ ଅଛନ୍ତି। ଯଦିଓ କିଛି ସୁନା ଦୋକାନୀ ଅକ୍ଷୟ ତୃତୀୟାକୁ ଦୃଷ୍ଟିରେ ରଖି ଅଫର୍ ଘୋଷଣା କରିଛନ୍ତି, ହେଲେ ଏହା କେତେଦୂର ନିମ୍ନ ମଧ୍ୟବିତ୍ତ ଓ ମଧ୍ୟବିତ୍ତ ପରିବାରକୁ ଟାଣିବ ତାହା ଉପରେ ଏବେ ସମସ୍ତଙ୍କ ନଜର। ତେବେ ପ୍ରତିଦିନ ସୁନା ଦର ବଢୁଥିବାରୁ ଯେଉଁମାନଙ୍କର ଗହଣା କିଣିବା ➪ପୃଷ୍ଠା-୬

### କୋଟିଆ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

# ପଞ୍ଚାୟତ ସ୍ଥିତି ଅନୁଧ୍ୟାନ ପାଇଁ ହେବ 'କମିଟି'



ଭୁବନେଶ୍ୱର,୨୨।୪(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କୋରାପୁଟ ଜିଲ୍ଲାର କୋଟିଆ ଗ୍ରାମ ପଞ୍ଚାୟତ ସମ୍ପର୍କରେ ସମୀକ୍ଷା କରି ସାମ୍ପ୍ରତିକ ସ୍ଥିତି ଅନୁଧ୍ୟାନ କରିବା ସକାଶେ ଏକ କମିଟି ଗଠନ କରାଯିବା ସକାଶେ ନିଷ୍ପତ୍ତି ହୋଇଛି। ବୈଠକରେ ଏ ବିସ୍ତୃତ ଆଲୋଚନା ହେବା ପରେ ଏହାର ସମାଧାନ ପାଇଁ କମିଟି ଗଠନ ସକାଶେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ରାଜସ୍ୱ ତଥା ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଏହି କମିଟି ଗଠନ କରାଯିବ। ଏହି କମିଟି ସେଠାକାର ସାମ୍ପ୍ରତିକ ସ୍ଥିତି ଅନୁଧ୍ୟାନ କରି ମୁଖ୍ୟମନ୍ତ୍ରୀଙ୍କୁ ରିପୋର୍ଟ ପ୍ରଦାନ କରିବେ।

ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ବିଭିନ୍ନ ବିଭାଗର ସଚିବ, ପୁଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ ଓ କୋରାପୁଟ ଜିଲ୍ଲାପାଳ ଉପସ୍ଥିତ ଥିଲେ। ଏଥିସହ ନବରଙ୍ଗପୁରରୁ ଆଭାସୀ ଜରିଆରେ ଅନୁସୂଚିତ ଜନଜାତି ଓ ଜାତି ବିକାଶ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଡ଼ି ହୋଇଥିଲେ।

ସୂଚନାଯୋଗ୍ୟ ଯେ ଗତକାଲି କୋରାପୁଟ ଜିଲ୍ଲା ପଟାଙ୍ଗୀ ବ୍ଲକ ଅନ୍ତର୍ଗତ କୋଟିଆ ପଞ୍ଚାୟତର ଧୂଳିପଦର, ନେରିଡିବାଲସାଧ ଓ ➪ପୃଷ୍ଠା-୬



### କାନ ଡେରିଆ

ନିଆଁ ବାହାରିଲା ଛୁଟି ମନାଇବେ
ଖରାକୁ ଦୃଷ୍ଟିରେ ରଖି
ଗଛ ବୃକ୍ଷ ଯଦି ଲାଗୁଥାନ୍ତା ତେବେ
ଖରା ବି ଯାଆନ୍ତା ଶୁଖି
ଛାଇ ଖୋଜୁଥାଏ ଆଖି...
ଧନୀ ସିନା ଏଠି ଏ.ସି ଯେ ଲଗାଏ
ଗରମେ ସଢୁଛି ଦୁଃଖୀ।

# ବାରୁଦ ଗଦାରେ ବିଜେଡି

### ବରିଷ୍ଠ ସହ ପାଳି ଧରିଲେଣି କନିଷ୍ଠ

### ଯେକୌଣସି ସମୟରେ ବିସ୍ଫୋରଣ











ଭୁବନେଶ୍ୱର,୨୨।୪(ସଂଚାର ବ୍ୟୁରୋ): ରାଜ୍ୟର ମୁଖ୍ୟ ବିରୋଧୀଦଳ ବିଜେଡି ଏବେ ବାରୁଦଗଦା ଉପରେ। ଗତ କିଛିଦିନ ଧରି ବିଜେଡିର ବରିଷ୍ଠ ଅସନ୍ତୁଷ୍ଟମାନେ ମେଳି ହୋଇ ଆକ୍ରମଣ କରୁଥିବା ବେଳେ ଏବେ ସେମାନଙ୍କ ସହିତ କନିଷ୍ଠ ବି ପାଳି ଧରିଛନ୍ତି। କନିଷ୍ଠମାନଙ୍କ ନାଲି ଆଖି ଦେଖିବା ପରେ ବାରୁଦ ଗଦାରେ ଯେକୌଣସି ସମୟରେ ବିସ୍ଫୋରଣ ହେବ ବୋଲି କର୍ମୀମାନେ ଆଶଙ୍କା ବ୍ୟକ୍ତ କଲେଣି।

ୱାକଫ୍ ବିଲ୍‌କୁ ବିଜେଡି ପ୍ରଥମେ ନା' ଓ ପରେ ହଁ କହିବା ପରେ ଦଳରେ ମହାଭାରତ ସୃଷ୍ଟି ହୋଇଛି। କାହା ନିର୍ଦ୍ଦେଶରେ ଶେଷ ମୂହୂର୍ତ୍ତରେ ଦଳର ନିଷ୍ପତ୍ତି ବଦଳିଲା, ତାହାକୁ ନେଇ ଦଳ ଫାଳ ଫାଳ ହୋଇଯାଇଛି। ବରିଷ୍ଠ ନେତାମାନେ ସିଧାସଳଖ ଭାବେ ଦଳର ମୁଖିଆ ନବୀନ ପଟ୍ଟନାୟକଙ୍କୁ ପ୍ରଶ୍ନ କରୁଛନ୍ତି। ସଂଖ୍ୟାଲଘୁ ସଦସ୍ୟମାନେ ନବୀନ ନିବାସ ଭିତରେ ମୁର୍ଦ୍ଦାବାଦ ପକାଇବାକୁ ବି ପଛାଇନାହାନ୍ତି। ରାଜା ସ୍ୱାଇଁଙ୍କ ଭଳି ନେତାମାନେ ତ ନବୀନଙ୍କୁ ଚିଠି ଲେଖି ଦଳ ହାଇଜାକ୍ ହେବାକୁ ଯାଉଥିବା ନେଇ ଚେତାଇ ଦେଇଛନ୍ତି।

ଦଳରେ ଲାଗିଥିବା ୱାକଫ୍ ନିଆଁ ଦଳୀୟ ସଭାପତି ନିର୍ବାଚନ ପରେ ବି ଥମିବାର ନାଁ ଧରୁନାହିଁ। ଏହି ପ୍ରସଙ୍ଗରେ ଏବେ ଦଳର କିଛି ବୋଲକରା ନେତା ଓ ପ୍ରତିଷ୍ଠାତା ସଦସ୍ୟ ଦୁଇଭାଗ ହୋଇଯାଇଛନ୍ତି। ବୋଲକରା ନେତା ତାଲିକାରେ ବିଧାୟକ ପ୍ରତାପ ଦେବ, ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ପ୍ରଣବ ପ୍ରକାଶ ଦାସ, ଅତନୁ ସବ୍ୟସାଚୀ ନାୟକ, ସଞ୍ଜୟ ଦାଶବର୍ମା ଆଦି ଥିବା ବେଳେ ଅନ୍ୟ ଗୋଷ୍ଠୀରେ ବରିଷ୍ଠ ନେତା ବଦ୍ରି ନାରାୟଣ ପାତ୍ର, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଅଶୋକ ଚନ୍ଦ୍ର ପଣ୍ଡା, ପ୍ରଫୁଲ୍ଲ ମଲ୍ଲିକ, ପ୍ରଫୁଲ୍ଲ ସାମଲ, ପ୍ରଭାତ ତ୍ରିପାଠୀ, ଅନଙ୍ଗ ଉଦୟ ସିଂହଦେଓ ପ୍ରମୁଖ ରହିଥିବା ନେଇ ଚର୍ଚ୍ଚା ହେଉଛି। ବୋଲକରା ନେତାମାନେ ନବୀନଙ୍କ ସୁରକ୍ଷା କବଚ ବୋଲି ନିଜକୁ ପ୍ରମାଣିତ ପାଇଁ ଲାଗି ପଡ଼ିଥିବାବେଳେ ବରିଷ୍ଠମାନେ କିନ୍ତୁ ଦଳର ନିଷ୍ପତ୍ତି କିଏ ନେଉଛି, ତାହା ଜାଣିବାକୁ ଚାହୁଁଛନ୍ତି।

ତେବେ ଏହି ଦୁଇ ଦଳର ଯୁଦ୍ଧ ମଧ୍ୟକୁ ଧସେଇ ପଶିଛନ୍ତି ଯୁବନେତା ଅମରେଶ ଜେନା। ଭୁବନେଶ୍ୱରର କର୍ପୋରେଟର ତଥା ଟାଣୁଆ ଯୁବନେତା ଅମରେଶ ଆଜି ବୋଲକରା ନେତାମାନଙ୍କୁ ସିଧାସଳଖ ଟାର୍ଗେଟ କରିଛନ୍ତି। କହିଛନ୍ତି ଯେ ଦଳର ଏହି ହାରୁ ନେତାମାନେ ବିଜେଡିକୁ ବୁଡାଇଦେବେ। ଜଣଙ୍କ ମୁଣ୍ଡରେ ଦୋଷ ଲଦି ଏମାନେ ଦଳକୁ ବାଟବଣା କରୁଛନ୍ତି। ତେବେ ଅମରେଶଙ୍କ ନିଆଁରେ ଘିଅ ଢାଳିଛନ୍ତି ଦଳର ଆଉ ଜଣେ ଯୁବ କର୍ପୋରେଟର ବିରଞ୍ଚି ମହାସୂପକାର। ଅମରେଶଙ୍କ କଥାରେ ସତ୍ୟତା ରହିଛି ବୋଲି ସେ କହିଛନ୍ତି। ତେବେ ପୂର୍ବତନ ମେୟର ତଥା ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ନିଜକୁ ଏହି ବିବାଦରୁ ଏକପ୍ରକାର ଦୂରେଇ ରଖିଛନ୍ତି। ନବୀନ ପଟ୍ଟନାୟକ ନବମ ଥର ପାଇଁ ଦଳର ସଭାପତି କମାଣ ଧରିଥିଲେ ମଧ ଦଳରେ ଅସନ୍ତୋଷ ଥମିନାହିଁ। ଏବେ ବି ୧୫ଟି ସାଙ୍ଗଠନିକ ଜିଲ୍ଲାରେ ସଭାପତି ଘୋଷଣା ହୋଇପାରୁନାହିଁ କି ଦଳର କାର୍ଯ୍ୟକାରିଣୀରେ କେଉଁମାନେ ରହିବେ, ତାହା ବି ଚୂଡ଼ାନ୍ତ ହୋଇପାରୁନାହିଁ। ଏହି ୧୫ଟି ସାଙ୍ଗଠନିକ ଜିଲ୍ଲାରେ କାହାକୁ ସଭାପତି କରାଯିବ, ତାହାକୁ ନେଇ ଦଳର ମାମଲତକାରମାନେ ଚିନ୍ତାରେ ଥିବା ବେଳେ ଏବେ ଅମରେଶ ଯେଉଁ ନିଆଁ ଲଗାଇଛନ୍ତି, ତାହାକୁ କେମିତି ଲିଭାଇବେ ସେହି ଚିନ୍ତା ଏବେ ବୋଲକରା ନେତାମାନଙ୍କୁ ଘାରିଛି। ତେବେ ଅସନ୍ତୁଷ୍ଟ ବରିଷ୍ଠଙ୍କ ସହ ଟାଣୁଆ କନିଷ୍ଠ ଯେଭଳି ପାଳିଧରିଲେଣି ସେଥିରେ ବାରୁଦ ଗଦାରେ ଯେକୌଣସି ସମୟରେ ନିଆଁ ଲାଗିଯିବ ବୋଲି ଖୋଦ୍ ଦଳୀୟ କର୍ମୀମାନେ ଆଶଙ୍କାବ୍ୟକ୍ତ କରୁଛନ୍ତି।

### ନବନିର୍ବାଚିତ ଉପାଧ୍ୟକ୍ଷଙ୍କ ଗୃହ ପ୍ରବେଶ

# ବିଧାୟକ ଜଣାଇଲେ ସ୍ୱାଗତ ସମ୍ବର୍ଦ୍ଧନା



**ନିଶ୍ଚିନ୍ତକୋଇଲି,୨୨।୪ (ସଂଚାର ବ୍ୟୁରୋ):** କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକର ଉପାଧ୍ୟକ୍ଷ ଅଶୋକ କୁମାର ଓଝା ନିଜ ପଦବୀରୁ ଇସ୍ତଫା ଦେବା ପରେ ଗତ ସପ୍ତାହରେ ଉପ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏହି ଉପ ନିର୍ବାଚନରେ ଫୋଗୋଳ ପଞ୍ଚାୟତ ସମିତି ସଭ୍ୟ ନୃସିଂହ ମିଶ୍ର ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀଙ୍କ ଠାରୁ ୮ଖଣ୍ଡ ଭୋଟ ଅଧିକ ପାଇ ବିଜୟ ଲାଭ କରିଥିଲେ। ଆଜି ମଙ୍ଗଳବାର ଦିନ ଶ୍ରୀ ମିଶ୍ର ବିଧିବଦ୍ଧ ଭାବେ ନିଜର ଦାୟିତ୍ୱଭାର ଗ୍ରହଣ କରିବା ସହ ବ୍ଲକ୍ ପରିସରରେ ଥିବା ଉପାଧ୍ୟକ୍ଷ ଗୃହକୁ ପ୍ରବେଶ କରି ନିଜର କାର୍ଯ୍ୟ ଆରମ୍ଭ କରିଥିଲେ।

ଏହି ପରିପ୍ରେକ୍ଷିରେ ମାହାଙ୍ଗାର ଜନପ୍ରିୟ ବିଧାୟକ ସାରଦା ପ୍ରସାଦ ପ୍ରଧାନ ଯୋଗଦେଇ ନବ ନିର୍ବାଚିତ ଉପାଧ୍ୟକ୍ଷ ଶ୍ରୀ ମିଶ୍ରଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ସ୍ୱରୁପ ସମ୍ବର୍ଦ୍ଧନା ଜଣାଇଥିଲେ। ଏଥିରେ ଉଭୟ ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ବ୍ଲକର ବିଧାୟକଙ୍କ ସତାଧିକ ସମର୍ଥକ ଯୋଗଦେଇ ଥିବା ବେଳେ ବିଡିଓ ଦିବ୍ୟେନ୍ଦୁ ଦାସ, ଏବିଡିଓ ଅଶୋକ କୁମାର ମହାନ୍ତି, ସହକାରୀ ନିର୍ବାହୀ ଯନ୍ତ୍ରୀ ନଳିନିକାନ୍ତ ମହାପାତ୍ର, ସହକାରୀ ଯନ୍ତ୍ରୀ ପ୍ରଦୀପ୍ତ କୁମାର ସେନାପତିଙ୍କ ସମେତ ବହୁ ସମିତି ସଭ୍ୟ/ସଭ୍ୟା ଉପସ୍ଥିତ ରହି ଶ୍ରୀ ମିଶ୍ରଙ୍କୁ ସ୍ୱାଗତ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଗ୍ନିପୁର ସମିତି ସଭ୍ୟ ତଥା ପ୍ରାକ୍ତନ ଉପାଧ୍ୟକ୍ଷ ଅଶୋକ କୁମାର ଓଝା, ସମାଜସେବୀ ରମେଶ ଚନ୍ଦ୍ର ସ୍ୱାଇଁ, ଦେବେନ୍ଦ୍ର ସାହୁ, ପିତାମ୍ବର ମହାନ୍ତି, ଦିବାକର ସ୍ୱାଇଁ, ଅଶୋକ ସାହୁ, ଜ୍ଞାନ ରଞ୍ଜନ ରାଉତ, ବାବୁ ପରିଡ଼ା, ମନମୋହମ ସେଠୀ, ଜଗବନ୍ଧୁ ସ୍ୱାଇଁ, ପ୍ରାକ୍ତନ ସମିତିସଭ୍ୟ ଭରତ ଦାସ, ସନ୍ତୋଷ କାପ, ସୁରଜକାନ୍ତ ଗୋଛାୟତ, ଅଭିନାଶ ରାଉତ, ନିଶ୍ଚିନ୍ତକୋଇଲି ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ହେମନ୍ତ କୁମାର ରାଉତ ପ୍ରମୁଖ ଉପସ୍ଥିତ ରହିଥିଲେ। ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ଅଧିକରୁ ଅଧିକ ଉନ୍ନତିମୂଳକ କାର୍ଯ୍ୟ କରିବା ନେଇ ଉପାଧ୍ୟକ୍ଷ ଶ୍ରୀ ମିଶ୍ର ପ୍ରକାଶ କରିଥିଲେ।

### ବ୍ଲକ ପରିସରରେ ନାହିଁ ପାନୀୟ ଜଳର ସୁବିଧା

# ଲୋକଙ୍କ ଭରସା ବୋତଲ ପାଣି

**ଆଳି,୨୨।୪ (ସଂଚାର ବ୍ୟୁରୋ):** ଆଳି ବ୍ଲକରେ ଲୋକଙ୍କ ପାଇଁ ନାହିଁ ପାନୀୟ ଜଳର ସୁବିଧା। ଡହ ଡହ ଖରାକୁ ଝାଞ୍ଜି ପବନ ଲୋକଙ୍କ ଜୀବନ ଅସ୍ତବ୍ୟସ୍ତ କରୁଥିବା ବେଳେ ବ୍ଲକକୁ ଶହ ଶହ ଗରିବ ଲୋକେ ନିଜର କାମ କରିବାକୁ ଆସିଥାଆନ୍ତି । କିନ୍ତୁ ପିଇବା ପାଣିର ସୁବିଧା ନଥିବା ବେଳେ ଦୋକାନରୁ ବୋଟଲ ପାଣି କିଣି ନିଜର ତୃଷ୍ଣା ମେଣ୍ଟେଇବା ସହ ଖର୍ଚ୍ଚାନ୍ତରେ ପଡିଥାନ୍ତି ଲୋକେ। ଏମିତିକି ପଞ୍ଚାୟତର ଜନପ୍ରତିନିଧି ମଧ୍ୟ ପାଣି ନପାଇ ବୋଟଲ ପାଣି କିଣି ତୃଷ୍ଣା ମେଣ୍ଟାଉ ଥିବା ଦେଖା ଯାଇଛି। ସବୁଠୁ ବଡ଼ କଥା ହେଲା ଗ୍ରୀଷ୍ମ ପ୍ରବାହ ଯୋଗୁ ଜାଗା ଜାଗା ଜଳ ଛତ୍ର ଖୋଲା ହୋଇ ଲୋକଙ୍କ ତୃଷ୍ଣା ମେଣ୍ଟେଇବାକୁ ସରକାରୀ ନିର୍ଦ୍ଦେଶ ଥିବା ବେଳେ ଖୋଦ ବ୍ଲକରେ ଜଳ ଛତ୍ର ଖୋଲା ନହେବା ସାଧାରଣରେ ବଡ ପ୍ରଶ୍ନ ବାଛି ସୃଷ୍ଟି କରିଛି।

ଅନ୍ୟପଟେ ବ୍ଲକରେ ଏକ ଦୀର୍ଘ ଦିନ ଧରି ଏକ ନଳ କୂପ ଥିବା ବେଳେ ଲୋକେ ନଳକୂପରୁ ତାଙ୍କର ତୃଷ୍ଣା ମେଣ୍ଟାଇ ଥାଆନ୍ତି କିନ୍ତୁ ନଳ କୂପ କିଛି ଦିନ ଧରି ଏକ ପ୍ରକାର ଅଚଳ ଅବସ୍ଥାରେ ଥିବା ବେଳେ ଲୋକେ ନାହିଁ ନ ଥିବାର ଅବସ୍ଥା ସମ୍ମୁଖୀନ ହେଉଛନ୍ତି। ଯାହା ଫଳରେ ବ୍ଲକ ଅଫିସ ଆସିଥିବା ଲୋକେ ତୃଷ୍ଣା ମେଣ୍ଟାଇବା ଏକ ମାତ୍ର ଭରସା କିଣା ବୋଟଲ ପାଣି। ଗୋଟିଏ ପଟେ ନଳକୂପ ଖରାପ ଅନ୍ୟ ପଟେ ଜଳ ଛତ୍ର ଖୋଲା ନହେବା ବ୍ଲକ ଅଫିସ ଆସିଥିବା ଲୋକେ ପିଇବା ପାଣି ପାଇଁ ତ୍ରାହି ତ୍ରାହି ଡାକୁଛନ୍ତି। ସେଥି ଯୋଗୁ ବ୍ଲକ ପରିସରରେ ନୂତନ ନଳ କୂପ ଖନନ ସହ ଜଳ ଛତ୍ର ଖୋଲିବାକୁ ଦାବି ଜୋର ଧରିଛି । ଯେଉଁ ବ୍ଲକ ଲୋକଙ୍କ ସମସ୍ୟାର ସମାଧାନ କରିବାକୁ ହୋଇଛି, ଯଦି ବ୍ଲକ ଅଫିସ ପିଇବା ପାଣି ସମସ୍ୟା ଘେରରେ ରହିଥାଏ ତାକୁ ସମାଧାନ କରିବ କିଏ ବୋଲି ସାଧାରଣରେ ପ୍ରଶ୍ନବାଚି ସୃଷ୍ଟି କରିଛି। ଯାହାକୁ ନେଇ ବ୍ଲକ ପ୍ରଶାସନ କାର୍ଯ୍ୟ ଦକ୍ଷତା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରିବା ସହ କିପରି ୩୨ ପଞ୍ଚାୟତରେ ପାନୀୟ ଜଳର ସମସ୍ୟା ସମାଧାନ ହୋଇଥିବ ତାହା ସ୍ପଷ୍ଟ ଅନୁମେୟ।

ଅନ୍ୟପଟେ କିନ୍ତୁ ପ୍ରତି ବର୍ଷ ଗ୍ରୀଷ୍ମ ଋତୁ ଆରମ୍ଭରୁ ବ୍ଲକ ସାମ୍ନାରେ ଜଳଛତ୍ର ଖୋଲା ହେବାର ନଜିର ଥିବା ବେଳେ ଚଳିତ ବର୍ଷ ଗ୍ରୀଷ୍ମ ଋତୁରେ ଜଳଛତ୍ର ଖୋଲା ନହେବା ଲୋକଙ୍କ ମନରେ ବଡ ପ୍ରଶ୍ନବାଚି ହୋଇ ଠିଆ ହୋଇଛି। ଏନେଇ ବିଡ଼ିଓଙ୍କ ପ୍ରତିକ୍ରିୟା ମିଳିପାରି ନଥିବା ବେଳେ କେବେ ବ୍ଲକକୁ ଆସୁଥିବା ଗରିବ ଲୋକେ ବିନା ଖର୍ଚ୍ଚାନ୍ତରେ ନିଜର ତୃଷ୍ଣା ମେଣ୍ଟାଇବ ବ୍ଲକ ପ୍ରଶାସନ ଏନେଇ ସାଧାରଣରେ ପ୍ରଶ୍ନ ଉଠିଛି ।



**ଡହ ଡହ ଖରା ସତ୍ତ୍ୱେ ଖୋଲା ହୋଇନାହିଁ ଜଳଛତ୍ର**

## ଡେରାବିଶ ତହସିଲଦାରଙ୍କ ଚଢ଼ାଉ, ଥାନାରେ ଦୁଇ ହାଇୱା ଅଟକ



**ଡେରାବିଶ,୨୨।୪ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାରେ ମାଟି ଓ ବାଲି ଚୋରା ଚାଲାଣ ରୋକିବାକୁ ଜିଲ୍ଲାପାଳଙ୍କ ପକ୍ଷରୁ ଟାସ୍କଫୋର୍ସ ଗଠନ କରାଯାଇଛି । ଏହି ମାପିଆଙ୍କୁ ସାବାଡ କରିବା ପାଇଁ ଜିଲ୍ଲା ଅଧୀନରେ ଥିବା ସମସ୍ତ ତହସିଲ ପ୍ରଶାସନ ଓ ପୁଲିସ୍ ପ୍ରଶାସନ ଦିନରାତି ଏକ କରି କାର୍ଯ୍ୟ କରୁଥିଲେ ମଧ ସତେ ଯେପରି ଏହି ମାଫିଆ ପ୍ରଶାସନକୁ ଚାଲେଞ୍ଜ ଦେଲା ଭଳି ବାଲି ଓ ମାଟି ଲୁଟ କରିଚାଲିଛନ୍ତି। ପ୍ରଶାସନିକ ଅଧିକାରୀଙ୍କ ନଜରକୁ ଆଢୁଆଳ କରି ଲୁଟ୍ ହେଉଛି। ଗତ କାଲି ଡେରାବିଶ ତହସିଲ ପ୍ରଶାସନ ଓ ଡେରାବିଶ ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ବଳଭଦ୍ରପୁର ନିକଟରେ ବେଆଇନ ଭାବେ ମାଟି ପରିବହନ କରୁଥିବା ଦୁଇଟି ହାଇୱାକୁ ଜବତ କରାଯାଇଛି। ଡେରାବିଶ ଥାନରେ ଅଟକ ରଖିଛି ତେବେ ମାଟି ମାଫିଆ ଛୁଟିଦିନ ଓ ବିଳମ୍ବିତ ରାତିରେ ଡେରାବିଶ ବ୍ଲକ ଅନ୍ତର୍ଗତ ବିଭିନ୍ନ ମୌଜାରୁ ଜେସିବି, ହାଇୱା ଓ ଟ୍ରାକ୍ଟର ଲଗାଇ ମାଟି ପରିବହନ କରୁଥିବାବେଳେ ବିଭିନ୍ନ ବାଲିଘାଟରୁ ରାତିରେ ବାଲି ଉଠାଇ ମୁଖ୍ୟ ରାସ୍ତା ବଦଳରେ ବିଭିନ୍ନ ଗ୍ରାମର ଗଳିକନ୍ଦି ରାସ୍ତା ଦେଇ ବାଲି ପରିବହନ କରୁଛନ୍ତି। ମୁଖ୍ୟ ରାସ୍ତାରେ ପୁଲିସ୍ ଓ ତହସିଲ ଟିମ୍ ଜଗି ବସୁଥିବାବେଳେ ଏମାନେ ଗ୍ରାମର ଗଳିକନ୍ଦି ରାସ୍ତାର ସୁଯୋଗ ନେଇ ଚାଲାଣ କରୁଥିବା ଦେଖିବାକୁ ମିଳିଛି। ଫଳରେ ଗ୍ରାମରାସ୍ତା ଏବେ ହାଇୱା ଭଳି ଭାରୀଯାନ ଚଳପ୍ରଚଳରେ ନଷ୍ଟ ହେବାକୁ ବସିଲାଣି।

## ମାତିଛନ୍ତି ଫେକ୍ ଫେସବୁକ ଆକାଉଣ୍ଟଧାରୀ

### ସାମାଜିକ ଗଣମାଧ୍ୟମରେ କରୁଛନ୍ତି ଚରିତ୍ର ସଂହାର
### ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତାପଙ୍କ ଦାବି

**ମହାକାଳପଡ଼ା,୨୨।୪(ସଂଚାର ବ୍ୟୁରୋ):** ମହାକାଳପଡ଼ା ନିର୍ବାଚନ ମଣ୍ଡଳୀ ଏବେ ଫେକ ଫେସବୁକ ଆକାଉଣ୍ଟଧାରୀଙ୍କ ପାଇଁ ହଟ୍‌ସ୍ପଟ୍ ପାଲଟିଛି। ସାମାଜିକ ଗଣମାଧମରେ ସେମାନଙ୍କ ଉପଦ୍ରବ ଏମିତି ବଢ଼ି ଚାଲିଛି ଯେ, ଯାହାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ଦେଖିବାକୁ ମିଳିଛି। ପରିସ୍ଥିତି ଏମିତି ହୋଇଛି ଯେ ବ୍ୟକ୍ତିଗତ ସ୍ତରକୁ ଯାଇ ଚରିତ୍ର ସଂହାର କରିବା ସହ ମାଆ ଭଉଣୀଙ୍କୁ ମଧ ଅଶାଳୀନ ମନ୍ତବ୍ୟ ଦେବାକୁ ପଛାଉ ନାହାଁନ୍ତି। ରାଜନୈତିକ ଆକ୍ରୋଶ ସମ୍ବଳିତ ପୋଷ୍ଟ ହେଉ ଅବା ବ୍ୟକ୍ତି କେନ୍ଦ୍ରିକ ପ୍ରତ୍ୟକ କ୍ଷେତ୍ରରେ ଅସମ୍ବେଦନଶୀଳ ପୋଷ୍ଟ ସାମାଜିକ ଗଣମାଧମରେ ଦେଖିବାକୁ ମିଳୁଛି। ନିଜ ନିଜର ପତିଆରା ଜାହିର କରିବା ପାଇଁ ଏମିତି ଫେକ ଫେସବୁକ ଆକାଉଣ୍ଟକୁ ବ୍ୟବହାର କରାଯାଉଛି ବୋଲି ଆଲୋଚନା ହେଉଛି। ସବୁଠାରୁ ବଡ଼ କଥା ହେଉଛି ଯେ ଏମିତି ଅସମ୍ବେଦନଶୀଳ ଘଟଣା ସାମାଜିକ ଗଣମାଧମରେ ପୋଷ୍ଟ ହେଉଥିବାରୁ ବହୁ ବୁଦ୍ଧିଜୀବୀ ଓ ସଚେତନ ନାଗରିକ ଏନେଇ ବିରକ୍ତି ଭାବ ଦେଖାଇଛନ୍ତି। ଫେକ ଆକାଉଣ୍ଟ ଖୋଲି ଏମିତି କଦର୍ଯ୍ୟ କାର୍ଯ୍ୟ କରୁଥିବା ବ୍ୟକ୍ତିମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କେନ୍ଦ୍ରାପଡ଼ା ଜିଲ୍ଲା ସୂଚନା ଅଧିକାର ଆଇନ ଆବାହକ ତଥା ମହାକାଳପଡ଼ା ୟୁଥ୍ ଗ୍ରୁପ୍ ସମ୍ପାଦକ ପ୍ରତାପ ମହାନ୍ତି ଦାବି କରିଛନ୍ତି। ସେ କହିଛନ୍ତି ପ୍ରଶାସନ ତରଫରୁ ଫେକ ଆକାଉଣ୍ଟ ବ୍ୟବହାର କରୁଥିବା ବ୍ୟକ୍ତିମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ଏହାର ବ୍ୟବହାରରେ ରୋକ୍ ଲାଗି ପାରିବ।

### ଯୌତୁକ ନିର୍ଯାତନା ମାମଲା

## ଦୋଷୀକୁ ସାଢେ ୩ବର୍ଷ ଜେଲଦଣ୍ଡାଦେଶ

**କେନ୍ଦ୍ରାପଡ଼ା,୨୨।୪ (ସଂଚାର ବ୍ୟୁରୋ):** ଏକ ଯୌତୁକ ଜନିତ ନିର୍ଯ୍ୟାତନା ମାମଲାର ବିଚାର କରି କେନ୍ଦ୍ରାପଡା ଆଡହକ ଫାଷ୍ଟଟ୍ରାକ କୋର୍ଟ ଜଜ ତ୍ରିବିକ୍ରମ କେଶରୀ ଚିନ୍ନାରା ଅଭିଯୁକ୍ତ ରାଜକନିକା ଥାନା ଅନ୍ତର୍ଗତ ବାଲିସାହି ଗ୍ରାମର ଅଜୟ କୁମାର ନାଥକୁ ସାଢେ ତିନି ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ଦୋଷୀକୁ ୧୦ ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି । ଜୋରିମାନା ଅନାଦେୟ ଦୋଷୀକୁ ଅଧିକ ୩ମାସ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି । ମାମଲାର ବିବରଣୀରୁ ପ୍ରକାଶ ଯେ କେନ୍ଦ୍ରାପଡା ଜିଲ୍ଲାର ରାଜକନିକା ଥାନା ଅନ୍ତର୍ଗତ ବାଲିସାହି ଗ୍ରାମର ହରପ୍ରିୟା ନାଥ ସେହି ଗ୍ରାମର ଅଜୟ ନାଥଙ୍କୁ ଗତ ୨୦୧୭ ମସିହା ନଭେମ୍ବର ମାସ ୨୫ତାରିଖରେ ବୈଦିକ ରୀତିରେ ବିବାହ କରିଥିଲେ । କିନ୍ତୁ ବିବାହ ପରେ ଅଜୟ ହରପ୍ରିୟାଙ୍କ ଉପରେ ନିର୍ଯ୍ୟାତନା ଆରମ୍ଭ କରିଦେଇଥିଲେ । ଅଜୟଙ୍କର ଅନ୍ୟ ଜଣେ ଯୁବତୀଙ୍କ ସହ ଅନୈତିକ ସମ୍ପର୍କ ଥିବା ହରପ୍ରିୟା ଜାଣିବାକୁ ପାଇଥିଲେ। ସ୍ୱାମୀଙ୍କର ଏତାଦୃଶ କାର୍ଯ୍ୟକୁ ହରପ୍ରିୟା ବିରୋଧ କରିବାରୁ ତାଙ୍କ ଉପରେ ମାନସିକ ଓ ଶାରିରିକ ନିର୍ଯ୍ୟାତନା ଆରମ୍ଭ ହୋଇଯାଇଥିଲା। ଏଥିସହିତ ଅଜୟ ତା'ର ଜଣେ ସାଙ୍ଗକୁ ଘରକୁ ଡାକି ତା'ସହ ଅନୈତିକ ସମ୍ପର୍କ ରଖିବାକୁ ପତ୍ନୀ ହରପ୍ରିୟାକୁ ବାଧ କରିଥିଲେ । ଏନେଇ ହରପ୍ରିୟା ଆଇନର ଆଶ୍ରୟ ନେଇଥିଲେ। ଏହି ମାମଲାର ବିଚାର କରି କେନ୍ଦ୍ରାପଡା ଆଡହକ ଫାଷ୍ଟଟ୍ରାକ କୋର୍ଟ ଜଜ ଶ୍ରୀ ଚିନ୍ନାରା ଉପରୋକ୍ତ ରାୟ ଦେଇଛନ୍ତି । ଅଦାଲତରେ ସରକାରୀ ଓକିଲ ସଞ୍ଜୟ କୁମାର ଜେନା ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିଲେ ।

## ବିଦ୍ୟାଳୟରେ ବିଶ୍ୱ ଧରିତ୍ରୀ ଦିବସ ପାଳିତ



**ରାଜନଗର,୨୨।୪ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ହାତୀନାସ୍ଥିତ ଲକ୍ଷ୍ମୀବରାହ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ଧରିତ୍ରୀ ଦିବସ ପାଳନ କରାଯାଇଛି। ପ୍ରଧାନଶିକ୍ଷକ ପ୍ରମୋଦ କୁମାର ପଣ୍ଡାଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପିଲାମାନଙ୍କ ମଧ୍ୟରେ ଚିତ୍ରକଳା, କୁଇଜ, ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପିଲାମାନଙ୍କୁ ଧରିତ୍ରୀ ମାଆକୁ ସବୁଜିମା କରିବା ପାଇଁ ସବୁଜ ଶପଥ ପାଠ କରାଇବା ସହ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ କରଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସହକାରୀ ଶିକ୍ଷକ ନିରଞ୍ଜନ ପଲାଇ, ଗୋପବନ୍ଧୁ ବେହେରା, ସୌମ୍ୟରଂଜନ ନାୟକ, ବର୍ଷା ରାଣୀ ରାଉତ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ସେକ ନେମାତୁଲା ଧନ୍ୟବାଦ ଦେଇଥିଲେ।

### ରାସନ୍ କାର୍ଡରୁ ନାମ କଟିଯିବାରୁ ନାହିଁ ସ୍ୱାସ୍ଥ୍ୟ କାର୍ଡ

# ଉତ୍ତମ ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ



**ମହାକାଳପଡ଼ା,୨୨।୪ (ସଂଚାର ବ୍ୟୁରୋ):** ରାସନ୍ କାର୍ଡ ରେ ନାମ କଟିଯିବାରୁ ସ୍ୱାସ୍ଥ୍ୟ କାର୍ଡ ରେ ସାମିଲ ହୋଇପାରି ନାହାଁନ୍ତି ପ୍ରଶାନ୍ତ ବେହେରା। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ସତ୍ତ୍ୱେ ମଧ ଉତ୍ତମ ଚିକିତ୍ସା ସେବାରୁ ବଞ୍ଚିତ ଅଛନ୍ତି। ସୂଚନା ମୁତାବକ ମହାକାଳପଡ଼ା ବ୍ଲକ ବଳିପାଳ ପଞ୍ଚାୟତ ଅନ୍ତର୍ଗତ ଘଣ୍ଟିଆପଲ୍ଲୀ ଗ୍ରାମର ସିନ୍ଧୁ ବେହେରାଙ୍କ ପୁଅ ପ୍ରଶାନ୍ତ ବେହେରା ବାହାର ରାଜ୍ୟରେ ରହି କାମ କରୁଥିଲେ। ସେଠାରେ ବିଦ୍ୟୁତ ଲାଗି ତାଙ୍କର ଶରୀରର ବିଭିନ୍ନ ସ୍ଥାନ ପୋଡ଼ି ଯାଇଛି। ଦୁଇ ଗୋଡରେ ଆଘାତ ଲାଗିବାରୁ ଗୋଟିଏ ଗୋଡ କାଟିବାକୁ ପଡିଛି ଓ ଅନ୍ୟ ଗୋଡଟି ଅସ୍ତ୍ରୋପଚାର କରାଯିବ। ପରିବାର ନାମରେ ଥିବା ରାସନ୍ କାର୍ଡ ରେ ନିଜର ନାମ କଟିଯାଇଥିବାରୁ ସ୍ୱାସ୍ଥ୍ୟ କାର୍ଡ ର ସୁବିଧା ମଧ ନାହିଁ। ଏବେ ସିଏ ଭୁବନେଶ୍ୱରର ଏକ ଘରୋଇ ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ନିଜର ସଞ୍ଚିତ ଅର୍ଥ ସରିଯିବା ପରେ ପରିବାର ଲୋକ ଚିକିତ୍ସା ପାଇଁ ଚିନ୍ତାରେ ପଡ଼ିଛନ୍ତି। ତାଙ୍କର ଯଦି ରାସନ୍ କାର୍ଡରେ ନାମ ଯୋଡ଼ି ହୁଅନ୍ତା ତେବେ ସ୍ୱାସ୍ଥ୍ୟ କାର୍ଡ ଜରିଆରେ ସେ ଚିକିତ୍ସା ସୁବିଧା ପାଇପାରନ୍ତେ ବୋଲି ପରିବାର କହିଛନ୍ତି। ଏହି ଘଟଣାରେ ପ୍ରଶାସନ ତରଫରୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରି ପ୍ରଶାନ୍ତଙ୍କ ଚିକିତ୍ସା ପାଇଁ ସହଯୋଗ ଯୋଗାଇଦେବାକୁ ପରିବାର ସମେତ ଗ୍ରାମବାସୀ ଦାବି କରିଛନ୍ତି।

### ୯ ମାସର ଗର୍ଭବତୀଙ୍କ ମୃତ୍ୟୁ ଘଟଣା

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଥାନା ଘେରାଉ



**ରାଜନଗର,୨୨।୪(ସଂଚାର ବ୍ୟୁରୋ):** ରାଜନଗର ଥାନା ଅନ୍ତର୍ଗତ ବାଲିସାହିପାଟଣା ଗାଁରେ ଯୌତୁକ ପାଇଁ ୯ ମାସର ଗର୍ଭବତୀଙ୍କୁ ହତ୍ୟା କରାଯାଇଥିବା ନେଇ ଗତ ଶନିବାର ୧୯ ତାରିଖ ଦିନ ଅଭିଯୋଗ ହୋଇଥିଲା। ପରିବାର ଲୋକେ ବାହାରୁ ଖବର ପାଇ ଝିଅର ଶାଶୁଘରେ ପହଞ୍ଚିବା ବେଳକୁ ଝିଅ ମରି ପଡ଼ିଥିବା ଦେଖିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତକରି ବ୍ୟବଛେଦ ପାଇଁ ପଠାଇଥିଲା। ସେହିଦିନ ପୁଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ସ୍ୱାମୀ ଦୀପକ ଦାସ, ପୁଅର ଦାଦା ଅଜୟ ଦାସଙ୍କୁ ଧରିଥିଲେ ମଧ ଆଜିଯାଏଁ କୋର୍ଟ ଚାଲାଣ କରୁନି। ୪ ଦିନ ହେଲା ପୁଲିସ ତଦନ୍ତ ଚାଲିଛି କହି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରୁନଥିବାରୁ ଆଜି ସନ୍ଧ୍ୟାରେ ଆଳି ଥାନା ନଳପାହି ଗାଁର ମହିଳା ଓ ପୁରୁଷ ରାଜନଗର ଥାନା ଘେରାଉ କରିଛନ୍ତି। ସ୍ୱାମୀ ଓ ଦାଦା ଶଶୁରକୁ କୋର୍ଟ ଚାଲାଣ ସହିତ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଥାନା ଆଗରେ ବସି ରହିଛନ୍ତି। ପୁଲିସ ହତ୍ୟା ଓ ଯୌତୁକ ନିର୍ଯ୍ୟାତନା ଭଳି ସଙ୍ଗିନ ଦଫାରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ୪ ଦିନ ଧରି କୋର୍ଟ ଚାଲାଣ ନକରି ଥାନାରେ କିପରି ଅଟକ ରଖିଛି ସେନେଇ ଉତ୍ତ୍ୟକ୍ତ ଲୋକଙ୍କ ମଧ୍ୟରେ ପତିକ୍ରିୟା ବଢିବାରେ ଲାଗିଛି।

ଶତାଧିକ ମହିଳା ତାଙ୍କ ଝିଅର ହତ୍ୟାକାରୀକୁ କୋର୍ଟ ଚାଲାଣ ଦାବିରେ ରାଜନଗର ଥାନାରେ ପହଞ୍ଚି ହୋହାଲ୍ଲା କରିଥିଲେ। ଆଜି ମୃତ ମହିଳାଙ୍କ ପରିବାର ଲୋକଙ୍କୁ ଦାଦା ଶଶୁରଙ୍କୁ ଛାଡିଦେବେ ବୋଲି ପୁଲିସ କହିଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ଆଇଆଇସି ନରେଶ କୁମାର ସାହୁ ଉତ୍ତ୍ୟକ୍ତ ଲୋକଙ୍କୁ ଅଭିଯୋଗ ଉପରେ ମାମଲା ହୋଇଛି। ଆମେ ପ୍ରାଥମିକ ତଦନ୍ତ ରିପୋର୍ଟରେ ହତ୍ୟା କରାଯାଇଥିବାର କୌଣସି ଲକ୍ଷଣ ପାଇଲୁ ନାହିଁ। ତାକୁ ହତ୍ୟା କରାଯାଇନାହିଁ କିମ୍ବା ସେ ଆତ୍ମହତ୍ୟା କରିନାହିଁ। ଶବ ବ୍ୟବଛେଦର ପ୍ରାଥମିକ ରିପୋର୍ଟ ମିଳିଛି। ସେଥିରେ ତାର ହାର୍ଟ ଓ ଲଙ୍ଗସରେ ପାଣି ଜମିଥିଲା। ସେଥିପାଇଁ ତାର ମୃତ୍ୟୁ ହୋଇପାରେ ବୋଲି ଉଲ୍ଲେଖ ରହିଛି। ପରବର୍ତ୍ତୀ ରିପୋର୍ଟକୁ ଅପେକ୍ଷା କରିଛୁ ଓ ତଦନ୍ତ ଜାରି ରଖିଛୁ। ତଦନ୍ତ ସରିନଥିବାରୁ ୪ ଦିନ କଣ ୫ ଦିନ ଅଟକ ରଖିହେବ ବୋଲି ଆଇଆଇସି ଉତ୍ତ୍ୟକ୍ତ ଲୋକଙ୍କୁ କହିଛନ୍ତି। ପୋଲିସର ଉତ୍ତରରେ ସନ୍ତୁଷ୍ଟ ନହୋଇ ନଳପାହି ଗ୍ରାମର ମହିଳାମାନେ ଥାନା ଆଗରେ ନ୍ୟାୟ ପାଇଁ ବସିରହିଛନ୍ତି।



### ପାଣି ପାଇଁ ମହିଳାଙ୍କ ରାସ୍ତାରୋକ ଘଟଣା

## ଟ୍ୟାଙ୍କର ଯୋଗେ ପାଣି ପହଞ୍ଚାଇଲା ପ୍ରଶାସନ

**ମହାକାଳପଡ଼ା,୨୨।୪ (ସଂଚାର ବ୍ୟୁରୋ):** ପାନୀୟ ଜଳ ଯୋଗାଣ ଏକ ମାସ ଧରି ବନ୍ଦ୍ ରହିଥିବାରୁ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗତକାଲି ଏନେଇ କୋଡ଼ିଏରୁ ଉର୍ଦ୍ଧ୍ୱ ମହିଳା ପାନୀୟ ଜଳ ଯୋଗାଣ ବନ୍ଦ୍ ପ୍ରତିବାଦରେ ଆଇତପୁର ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ଗରା, ବାଲଟି ଧରି ପ୍ରତିବାଦ କରି ରାସ୍ତାରୋକ କରିବାରୁ କିଛି ସମୟ ପର୍ଯ୍ୟନ୍ତ ଗାଡ଼ି ଓ ପଥଚାରୀ ଅଟକି ରହିଥିଲେ। ମହାକାଳପଡ଼ା ବ୍ଲକ ବଡ଼କୂଳ ପଞ୍ଚାୟତ ଆଇତିପୁର ଗ୍ରାମର ମହିଳା ପାନୀୟ ଜଳ ଟାଙ୍କିକୁ ପାଣି ଆସୁନଥିବାରୁ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ମଧ କୌଣସି ପଦକ୍ଷେପ ଗ୍ରହଣ କରିନଥିଲା ବିଭାଗ। ଶେଷରେ ସେମାନେ ବାଧ ହୋଇ ରାସ୍ତାରୋକ କରିଥିଲେ। ଆଜି ପ୍ରଶାସନ ତରଫରୁ ଟ୍ୟାଙ୍କର ଯୋଗେ ପାନୀୟ ଜଳ ପହଞ୍ଚା ଯାଇଛି।

## ପଥପ୍ରାନ୍ତ ସୁବିଧା କେନ୍ଦ୍ରରେ ସବୁ ଅସୁବିଧା




**ଡେରାବିଶ,୨୨।୪ (ସଂଚାର ବ୍ୟୁରୋ):** କଟକ-ଚାନ୍ଦବାଲି ରାଜ୍ୟ ରାଜପଥର ଚାନ୍ଦୋଳ ନିକଟରେ ସରକାରଙ୍କ ଦ୍ୱାରା ନିର୍ମାଣ ହୋଇଥିବା ପଥପ୍ରାନ୍ତ ସୁବିଧା କେନ୍ଦ୍ରରେ ଏବେ ସୁବିଧା ବଦଳରେ ଅସୁବିଧା ମିଳୁନି। ପାଣି ମଟର ଖରାପ ହୋଇଥିବାରୁ ୯ ଦିନ ହେବ ଶୌଚାଳୟରେ ପାଣି ନାହିଁ । ତେଣୁ ଏହି ସୁବିଧା କେନ୍ଦ୍ରରେ ଥିବା ଶୌଚାଳୟ ଗୃହରେ ତାଲା ପଡିଛି । ରାଜ୍ୟ ରାଜପଥର ଯାତ୍ରୀଙ୍କୁ ସାମୟିକ ରହଣି, ଶୌଚାଳୟ ସୁବିଧା,ପିଇବା ପାଣି ଆଦି ସୁବିଧା ପାଇଁ ବ୍ୟବସ୍ଥା ଥିବାବେଳେ ଏଠାରେ ଥିବା ଆକୁଆଗାର୍ଡ ଦୀର୍ଘଦିନ ହେବ ଅଚଳ ହୋଇ ରହିଛି । ଫଳରେ ସ୍ୱଚ୍ଛ ଓ ଥଣ୍ଡା ପାଣି ପିଇବା ସୁବିଧାରୁ ଯାତ୍ରୀ ବଞ୍ଚିତ ହେଉଛନ୍ତି ।ପଟ୍ଟାମୁଣ୍ଡାଇ ଅଞ୍ଚଳର ଗୌରାଙ୍ଗ ଚରଣ ପଣ୍ଡା, ମାର୍ଶାଘାଇର ସ୍ନେହଲତା ବେହେରା, ସୁଦୀପ୍ତା ବେହେରା, କେଶରପୁରର ସୁବାସ ମଲିକ, ସଲାର ଗ୍ରାମର ରଞ୍ଜନ ସେଠୀଙ୍କ ସମେତ ବହୁ ଯାତ୍ରୀ ଅଭିଯୋଗ କରିଛନ୍ତି। ପଥପ୍ରାନ୍ତ ସୁବିଧା କେନ୍ଦ୍ରର ସମସ୍ତ ଦାୟିତ୍ୱ ପୂର୍ତ୍ତ ବିଭାଗ ବୁଝୁଥିବାବେଳେ ଦୀର୍ଘ ୯ ଦିନ ଧରି ପାଣି ନଥିବାରୁ ସୁବିଧା ଯୋଗାଇ ପାରୁନାହିଁ । ପୂର୍ତ୍ତ ବିଭାଗ ଏହି କେନ୍ଦ୍ର ପ୍ରତି ଅବହେଳା ଓ ଦାୟିତ୍ୱହୀନତା ପୋଷଣ କରୁଥିବା ଅଭିଯୋଗ ହେଉଛି।




### ବାଲିପଡ଼ା ନୋଡାଲ ସ୍କୁଲ ବାର୍ଷିକ ଉତ୍ସବ

## ଶିକ୍ଷା ଓ ସଂସ୍କାର ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇଥାଏ

**ପଟ୍ଟାମୁଣ୍ଡାଇ,୨୨।୪ (ସଂଚାର ବ୍ୟୁରୋ):** ଉପଯୁକ୍ତ ଗୁଣାତ୍ମକ ଶିକ୍ଷା ଓ ସଂସ୍କାର କୋମଳ ମତି ଛାତ୍ରଛାତ୍ରୀଙ୍କୁ ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇ ଥାଏ ବୋଲି ବାଲିପଡ଼ା ନୋଡାଲ ଉଚ୍ଚପ୍ରାଥମିକ ବିଦ୍ୟାଳୟ ବାର୍ଷିକ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜନଗର ବିଧାୟକ ଧ୍ରୁବ ସାହୁ ପ୍ରକାଶ କରିଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀ ପୂର୍ଣ୍ଣପ୍ରଭା ପ୍ରଧାନଙ୍କ ପୌରହିତ୍ୟ ଓ ବିଦ୍ୟାଳୟ ପରିଚାଳନା କମିଟି ଚେୟାରମ୍ୟାନ ସଞ୍ଜୟ କୁମାର ତ୍ରିପାଠୀଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଶ୍ରୀସାହୁ କହିଲେ ଶିକ୍ଷା ଓ ସଂସ୍କୃତି ରାଷ୍ଟ୍ରର ପରିଚୟ ସୃଷ୍ଟି କରିଥାଏ। ଯେଉଁ ରାଷ୍ଟ୍ରର ଶିକ୍ଷା ସଂସ୍କୃତି ଯେତେ ସମୃଦ୍ଧ ସେହି ରାଷ୍ଟ୍ର ସେତେ ବିକଶିତ ବୋଲି ପ୍ରକାଶ କରି ଗୁଣାତ୍ମକ ଶିକ୍ଷା ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ । ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷା ଅଧିକାରୀ ହରିହର ଦଳାଇ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥା ଉପରେ ଆଲୋକପାତ କରି ଉତ୍ତମ ସଫଳ ଛାତ୍ର ଛାତ୍ରୀ ସୃଷ୍ଟି ଦିଗରେ ଶିକ୍ଷକ ଶିକ୍ଷୟତ୍ରୀ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ, କାଉନସିଲର ପ୍ରଶାନ୍ତ କୁମାର ବାରିକ, ସିଆରସିସି ମଳୟ ଜେନା, ପଟ୍ଟାମୁଣ୍ଡାଇ କଲେଜ ପ୍ରାକ୍ତନ ଅଧକ୍ଷ ପ୍ରଫେସର ଦୁର୍ଯ୍ୟୋଧନ ପରିଡା, ସଞ୍ଜୟ ସାହୁ ମଦନପୁର କଲେଜ ପ୍ରାକ୍ତନ ଅଧକ୍ଷ ପ୍ରଫେସର ଉମେଶ ଚନ୍ଦ୍ର ପରିଡା, ସଂଘମିତ୍ରା ନାୟକ ରାଜ୍ୟ ପୁରସ୍କାରପ୍ରାପ୍ତ ପ୍ରାକ୍ତନ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମିଶ୍ର, ନମିତା ସାହୁ, ଗ୍ରାମ୍ୟ କମିଟି ସଭାପତି ଥାନପତି ରବୀନ୍ଦ୍ର କୁମାର ସାହୁ, ସମାଜସେବୀ ନୃସିଂହ ଚରଣ ସେଠୀ, ଶିକ୍ଷକନେତା ବିଜୟ ସାହୁ, ପ୍ରଦୀପ ତରାଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।

## 'ମୌସୁମୀ ଅଧିବେଶନରେ କେନ୍ଦ୍ରାପଡ଼ାରେ ମେଡିକାଲ କଲେଜ ଘୋଷଣା କର'



**କେନ୍ଦ୍ରାପଡା,୨୨।୪ (ସଂଚାର ବ୍ୟୁରୋ):** ମେଡିକାଲ କଲେଜ ପ୍ରତିଷ୍ଠା କେନ୍ଦ୍ରାପଡା ଜିଲ୍ଲାବାସୀଙ୍କ ପାଇଁ କେବଳ ଦାବି ନୁହେଁ ଏହା ଜିଲ୍ଲାର ସ୍ୱାଭିମାନ ଓ ସମ୍ମାନର ପ୍ରଶ୍ନ ହୋଇ ଛିଡା ହୋଇଛି । ରାଜ୍ୟରେ ତିନିଟି ମେଡିକାଲ କଲେଜ ଥିଲାବେଳେ କେନ୍ଦ୍ରାପଡା ଜିଲ୍ଲାବାସୀ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଆନ୍ଦୋଳନ ଆରମ୍ଭ କରିଥିଲେ। ପୂର୍ବ ସରକାର ଠାରୁ ଏବର ସରକାର ପର୍ଯ୍ୟନ୍ତ ସତରଟି ମେଡିକାଲ କଲେଜ ଘୋଷଣା ହେଲା। କିନ୍ତୁ କେନ୍ଦ୍ରାପଡା ସେଥିରୁ ବାଦ ପଡିଲା। ମୁଖ୍ୟମନ୍ତ୍ରୀ ନିକଟରେ ରାଜ୍ୟରେ ଆଉ ଚାରିଗୋଟି ମେଡିକାଲ କଲେଜ ପାଇଁ ଘୋଷଣା କରିଥିଲେ ମଧ ପୁଣି କେନ୍ଦ୍ରାପଡା ଏଥିରୁ ବାଦ ପଡିବା ଜିଲ୍ଲାବାସୀଙ୍କୁ ମର୍ମାହତ୍ କରିଛି । ଡବଲ ଇଞ୍ଜିନ ସରକାରର ମନ୍ତ୍ରୀ/ବିଧାୟକମାନେ ଅନୌପଚାରିକ ଭାବେ ଭିନ୍ନ ଭିନ୍ନ ସମୟରେ ସରକାରଙ୍କ ଅସ୍ତିବାଚକ ଆଭିମୁଖ୍ୟ ପ୍ରକାଶ କରୁଥିଲେ ମଧ ମୁଖ୍ୟମନ୍ତ୍ରୀ ଏ ସମ୍ପର୍କରେ ଆଜି ପର୍ଯ୍ୟନ୍ତ ମୁହଁ ଖୋଲୁନାହାନ୍ତି । ଏ ସମ୍ପର୍କରେ ଜିଲ୍ଲାବାସୀ ମୁଖ୍ୟମନ୍ତ୍ରୀଙ୍କଠାରୁ ସ୍ପଷ୍ଟ ଲିଖିତ ଉତ୍ତର ଆଶା କରିବା ସଙ୍ଗେ ସଙ୍ଗେ ଆସନ୍ତା ମୌସୁମୀ ଅଧିବେଶନ କାଳରେ ବିଧାନସଭାରେ ମେଡିକାଲ କଲେଜ ଘୋଷଣା ଓ ସେଥିଲାଗି ଆନୁଷଙ୍ଗିକ ଆର୍ଥିକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ଦାବି କରି ମଙ୍ଗଳବାର ଦିନ 'କେନ୍ଦ୍ରାପଡା ଜିଲ୍ଲା ମେଡିକାଲ କଲେଜ ଓ ହାସପାତାଳ ପ୍ରତିଷ୍ଠା ମିଳିତ କ୍ରିୟାନୁଷ୍ଠାନ କମିଟି' ପକ୍ଷରୁ ଜିଲ୍ଲାପାଳଙ୍କ ଅଫିସି ସମ୍ମୁଖରେ ଏକ ଗଣଧାରଣା ଅନୁଷ୍ଠିତ ହୋଇ ଯାଇଛି। ଅଧାପକ ଅଜୟ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଗଣଧାରଣରେ ବିଧାୟକ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ସମ୍ପାଦକ ରାମଣିରଞ୍ଜନ ରାଉତରାୟ, ଆବହକ ଗୟାଧର ଧଳ, ପ୍ରଫୁଲ୍ଲ ଦାସ,ସଂଦୀପ୍ତ ଦାସ,ମୁକ୍ତାର ଖାଁ, ଆକବର ଅଲ୍ଲୀ, ସୟଦ ଅକମଲ ଅଲ୍ଲୀଙ୍କ ସମତେ ବହୁ କର୍ମକର୍ତ୍ତା ବକ୍ତବ୍ୟ ରଖିଥିଲେ। ଆସନ୍ତା ମୌସୁମୀ ଅଧିବେଶନରେ ମେଡିକାଲ କଲେଜ ଘୋଷଣା ନହେଲେ ଜିଲ୍ଲାରେ ଅର୍ଥନୈତିକ ଅବରୋଧ କରାଯିବ ବୋଲି ସଭାରେ ଆହ୍ୱାନ ଦିଆଯାଇଥିଲା। ଶେଷରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରିତ ଦାବିପତ୍ରକୁ ଅତିରିକ୍ତ ଜିଲ୍ଲାପାଳ(ପ୍ରଶାସନ) ରବୀନ୍ଦ୍ର କୁମାର ମଲ୍ଲିକ ସଭାସ୍ଥଳକୁ ଆସି ଦାବିପତ୍ର ଗ୍ରହଣ କରିଥିଲେ।



## ଜବରଦଖଲ ଉଚ୍ଛେଦ ପାଇଁ ବିଧାୟକଙ୍କୁ ଦାବିପତ୍ର

**ନିଶ୍ଚିନ୍ତକୋଇଲି,୨୨।୪ (ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ବ୍ଲକ କେନ୍ଦୁପାଟଣା ଜଳସମ୍ପଦ ବିଭାଗ ଅଧିନରେ ଥିବା ନିଶ୍ଚିନ୍ତକୋଇଲି ମୁଖ୍ୟ ବଜାରସ୍ଥ ୮ନଂ କେନାଲ ବନ୍ଧ ରାସ୍ତା ଦୀର୍ଘ ଦିନ ହେବ ଜବର ଦଖଲରେ ରହିଛି। ଜବର ଦଖଲ ଉଚ୍ଛେଦ ଓ ଉକ୍ତ କେନାଲ ବନ୍ଧକୁ ସର୍ବସାଧାରଣ ଯାତାୟାତ ଉପଯୋଗୀ ପାଇଁ ଗ୍ରାମବାସୀଙ୍କ ତରଫରୁ ଦାବି ହୋଇଛି। ମାତ୍ର କେତେକ ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ନିଜର ବ୍ୟକ୍ତିଗତ ସ୍ୱାର୍ଥକୁ ପୂରଣ କରିବାକୁ ଯାଇ ଉପରୋକ୍ତ କେନାଲ ବନ୍ଧକୁ ଅଜାୟୀ ଜବରଦଖଲ ଭାବେ ଅବରୋଧ କରିବା ସହ କେନାଲ ବନ୍ଧ ଉପରେ କେଭିନ ପକାଇ ଚାଳ ଘର କରି ଅବରୋଧ କରିଛନ୍ତି। ଫଳରେ ଉକ୍ତ କେନାଲ ବନ୍ଧ ରାସ୍ତାରେ ଯାତାୟତରେ ଘୋର ପ୍ରତିବନ୍ଧକ ସୃଷ୍ଟି ହେଉଛି। ତେଣୁ ଏହାକୁ ବିରୋଧ କରି ଓଥକା, ନିଶ୍ଚିନ୍ତକୋଇଲି, ଏକରୁଖୀ ଓ ନତକାଇ ଗ୍ରାମର ଗ୍ରାମବାସୀ ଆଜି ମାହାଙ୍ଗାର ଲୋକପ୍ରିୟ ବିଧାୟକ ସାରଦା ପ୍ରସାଦ ପ୍ରଧାନଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଆଗାମୀ ଦିନରେ ଉକ୍ତ ଜବରଦଖଲ ଉଚ୍ଛେଦ ନହେଲେ ଗ୍ରାମବାସୀମାନେ ତହସିଲ କାର୍ଯ୍ୟାଳୟ ଆଗରେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

### ଗାଁ ଶ୍ମଶାନରେ ଆଶୀର୍ବାଦର ଅନ୍ତିମ ସଂସ୍କାର ସମ୍ପନ୍ନ

# ଏସ୍‌ପି ଖୋଲିଲେ ହତ୍ୟା ରହସ୍ୟ

● ଯୌନ ନିର୍ଯାତନା ଛପାଇବାକୁ ନାରକୀୟ କାଣ୍ଡ



**ତେଲାଙ୍ଗ,୨୨।୪(ସଂଚାର ବ୍ୟୁରୋ):** ଗତ ୧୩ ତାରିଖରେ ନିଖୋଜ ହୋଇଥିବା ପରେ ଗତକାଲି ଏକ ପାଇଖାନା ଟାଙ୍କିରୁ ୧୧ ବର୍ଷୀୟ ଆଶୀର୍ବାଦ ସାହୁଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଏହି ମାମଲାରେ ତା'ର ଦାଦା ପ୍ରଭାକର ସାହୁଙ୍କୁ ଅଟକ ରଖି ପୁଲିସ୍ ପଚରାଉଚରା କରୁଥିବା ବେଳେ ସେ ହତ୍ୟାକାରୀ ବୋଲି ସନ୍ଦେହ କରାଯାଉଛି। ତେବେ ଇତିମଧ୍ୟରେ ଆଜି ଆଶୀର୍ବାଦର ଅନ୍ତିମ ସଂସ୍କାର ଗ୍ରାମ ଶ୍ମଶାନରେ ସମ୍ପନ୍ନ ହୋଇଛି। ଗାଁ ଶ୍ମଶାନରେ ଏକ ଶୋକାକୁଳ ପରିବେଶରେ ଦାହ ସଂସ୍କାର କାର୍ଯ୍ୟ ସମ୍ପନ୍ନ ହୋଇଥିବା ବେଳେ ସ୍ଥାନୀୟ ଲୋକେ ଅଭିଯୁକ୍ତ ପ୍ରଭାକରଙ୍କୁ କଠୋର ଦଣ୍ଡ ଦେବା ସକାଶେ ଦାବି କରିଛନ୍ତି। ଅନ୍ୟପକ୍ଷରେ ଏହି ମାମଲାରେ ଆଜି ପୁରୀ ଏସ୍‌ପି ଭିନୀତ ଅଗ୍ରୱାଲ୍ ଅଭିଯୁକ୍ତଙ୍କୁ ପଚରାଉଚରା ପରେ ମିଳିଥିବା ତଥ୍ୟ ଉପସ୍ଥାପନ କରିଛନ୍ତି। ସେ କହିଛନ୍ତି ଯେ ଅଭିଯୁକ୍ତ ପ୍ରଭାକର ପୁତୁରା ଆଶୀର୍ବାଦକୁ ଯୌନ ନିର୍ଯାତନା ଦେଉଥିବା ବେଳେ ଏହା ପ୍ରଘଟ ହେବା ଭୟରେ ଏଭଳି ନାରକୀୟ କାଣ୍ଡ ଭିଆଇଛି। ଅଭିଯୁକ୍ତ ପ୍ରଭାକର ଓରଫ୍ ବାପି ନାବାଳକକୁ ଡାକିଥିଲା ଓ ଏକ ପରିତ୍ୟକ୍ତ ଘରେ ତାକୁ ଥଣ୍ଡା ପିଆଇଥିଲା। ବେରିସ୍ ବଲ୍ କିଣିବା ପାଇଁ ୧୦୦ ଟଙ୍କା ଦେବ ବୋଲି କହି ତା' ପ୍ରତି ଯୌନଶୋଷଣ କରିଥିଲା। ତେବେ ପରେ ଆଶୀର୍ବାଦ ପ୍ରଭାକରକୁ ଟଙ୍କା ମାଗିଥିଲା ଓ ଟଙ୍କା ନଦେଲେ ଘର ଲୋକଙ୍କୁ ସବୁକଥା କହିଦେବ ବୋଲି କହିଥିଲା। ଏହି ସମୟରେ ଆଶୀର୍ବାଦ ଘର ଲୋକେ ତାକୁ ଖୋଜାଖୋଜି କରୁଥିଲେ। ତେବେ ଯୌନ ନିର୍ଯାତନା ନେଇ ଆଶୀର୍ବାଦ ପରିବାର ଲୋକଙ୍କୁ କହିଦେବ ବୋଲି ସନ୍ଦେହ କରି ପ୍ରଭାକର ତା' ଶାର୍ଟରେ ଶ୍ୱାସରୁଦ୍ଧ କରିଦେଇ ସହ ପାଇଖାନା ଟାଙ୍କିରେ ପକାଇଦେଇଥିଲା। କିନ୍ତୁ ସେତେବେଳକୁ ଆଶୀର୍ବାଦର ମୃତ୍ୟୁ ହୋଇଥିଲା ନା ତାକୁ ଜୀବିତାବସ୍ଥାରେ ଟାଙ୍କିରେ ପକାଇ ଦିଆଯାଇଥିଲା, ତାହା ଅଦ୍ୟାବଧି ଜଣାପଡ଼ିନଥିବା ଏସ୍‌ପି କହିଛନ୍ତି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହା ସ୍ପଷ୍ଟ ହେବ। ଏହି ଘଟଣାରେ ଅଦ୍ୟାବଧି ପ୍ରଭାକର ହିଁ ଏକମାତ୍ର ଅଭିଯୁକ୍ତ ବୋଲି ମଧ୍ୟ ଏସ୍‌ପି କହିଛନ୍ତି। ତା' ବିରୋଧରେ ପକ୍‌ସୋ ଧାରାରେ କୋର୍ଟରେ ମାମଲାର ବିଚାର ହେବ ଓ କଠୋରରୁ କଠୋରତମ ଦଣ୍ଡ ମିଳିବା ସକାଶେ ସବୁ ପ୍ରକାର ଉଦ୍ୟମ କରାଯିବ ବୋଲି ଏସ୍‌ପି କହିଛନ୍ତି।

### ବାଉଁଶ ଚାଷ ଓ ଜୀବିକା ସୁଯୋଗ ସମ୍ବନ୍ଧୀୟ ରାଜ୍ୟସ୍ତରୀୟ କର୍ମଶାଳା ଉଦଘାଟିତ

# ସଶକ୍ତ ହେବେ ଏକ ଲକ୍ଷ ମହିଳା ଚାଷୀ: ଉପମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୨।୪(ସଂଚାର ବ୍ୟୁରୋ):** ଆଜି ସ୍ଥାନୀୟ ମିଶନ ଶକ୍ତି ଭବନ ଅଡିଟୋରିଅମ ହଲରେ ଲକ୍ଷପତି ଦିଦିମାନଙ୍କୁ ଆହୁରି ସଶକ୍ତ କରିବା ସକାଶେ ବାଉଁଶ ଚାଷ ଓ ଜୀବିକା ସୁଯୋଗ ସମ୍ବନ୍ଧୀୟ ଏକ ଦୁଇଦିନିଆ ରାଜ୍ୟସ୍ତରୀୟ କର୍ମଶାଳା ଉଦ୍‌ଘାଟିତ ହୋଇଛି। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଲେ ଯେ ବାଉଁଶ ପ୍ରସ୍ତୁତ ଉତ୍ପାଦର ଚାହିଦାକୁ ଦୃଷ୍ଟିରେ ରଖି ଓଡ଼ିଶାରେ ବାଉଁଶ ଚାଷ ଠାରୁ ଆରମ୍ଭ କରି ବାଉଁଶ ଶିଳ୍ପରେ ଲକ୍ଷପତି ଦିଦିମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରିବା ନିମନ୍ତେ ଏହି କର୍ମଶାଳାର ଆୟୋଜନ କରାଯାଇଛି। ମହିଳାମାନଙ୍କ ଦକ୍ଷତା ବିକାଶକୁ ଗୁରୁତ୍ୱ ଦେଇ ସେମାନଙ୍କୁ ବାଉଁଶ ଭଳି ଲାଭଜନକ ବ୍ୟବସାୟରେ ସାମିଲ କରି ସେମାନଙ୍କ ଉଦ୍ୟୋଗୀ ହେବାର ସ୍ୱପ୍ନ ପୂରଣ କରିବା ନିମନ୍ତେ ଏହିଭଳି କର୍ମଶାଳା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ବାଉଁଶ ଚାଷ ଏକ ଲକ୍ଷ ମହିଳା ଚାଷୀଙ୍କୁ ସଶକ୍ତ କରିବ ବୋଲି ସେ ମତ ପ୍ରକାଶ କରିଥିଲେ। ମହିଳାମାନଙ୍କ ଦୃଢ଼ ମନୋବଳ ପାଇଁ ଆଜି ସମଗ୍ର ଦେଶରେ ଓଡ଼ିଶା ଲକ୍ଷପତି ଦିଦି ସୃଷ୍ଟି କରିବାରେ ପ୍ରଥମ ହୋଇଛି। ଆଜି ଓଡ଼ିଶାରେ ଗାଁ ଗାଁରେ ଲକ୍ଷପତି ଦିଦି ସୃଷ୍ଟି ହୋଇଛନ୍ତି ବୋଲି ସେ ମତ ପ୍ରକାଶ କରିଛନ୍ତି। ଓଡ଼ିଶା ଜୀବିକା ମିଶନ ତଥା ବିଭାଗୀୟ ଅଧିକାରୀମାନଙ୍କୁ ଓଡ଼ିଶାକୁ ଲକ୍ଷପତି ଦିଦି ଯୋଜନାରେ ଭାରତରେ ନଂ.୧ ସ୍ଥାନରେ ପହଞ୍ଚାଇବାରେ ସେମାନଙ୍କର ଉତ୍ସର୍ଗୀକୃତ ଓ ଅକ୍ଳାନ୍ତ ପ୍ରୟାସକୁ ସେ ପ୍ରଶଂସା କରିଥିଲେ। ବିଶେଷ ଭାବେ ଗ୍ରାମରୁ ରାଜ୍ୟସ୍ତର ପର୍ଯ୍ୟନ୍ତ କାର୍ଯ୍ୟରତ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କ ନିରନ୍ତର ଓ ନିଷ୍ଠାପର ଉଦ୍ୟମ ପାଇଁ ଏହି ସଫଳତା ସମ୍ଭବ ହୋଇପାରିଛି ବୋଲି ସେ ଉଲ୍ଲେଖ କରିଥିଲେ। ଏଥିସହ କ୍ଷେତ୍ରୀୟ କର୍ମକର୍ତ୍ତା, ଏସ୍‌ଏଚ୍‌ଜି ନେତ୍ରୀ ଓ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ଏବଂ ଓଡ଼ିଶା ଜୀବିକା ମିଶନ ତଥା ବିଭାଗୀୟ ଅଧିକାରୀଙ୍କ ଅକ୍ଳାନ୍ତ ଓ ଉତ୍ସର୍ଗୀକୃତ ପ୍ରୟାସକୁ ସେ ପ୍ରଶଂସା କରିଥିଲେ ।



ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ବିଭାଗ, ଓଡ଼ିଶା ଜୀବିକା ମିଶନର ବରିଷ୍ଠ ଅଧିକାରୀମାନେ, ଡୋମେନ୍ (କ୍ଷେତ୍ର) ବିଶେଷଜ୍ଞମାନେ, ମାଷ୍ଟର ପ୍ରଶିକ୍ଷକମାନେ ଏବଂ ଇଣ୍ଡଷ୍ଟ୍ରି ଫାଉଣ୍ଡେସନ୍ ପରି ଜାତୀୟ ଅଂଶୀଦାର ସଂସ୍ଥା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ଦୁଇଦିନିଆ କାର୍ଯ୍ୟକ୍ରମରେ ବାଉଁଶ ରୋପଣ କୌଶଳ, ଅନ୍ତର୍ଭୁକ୍ତ ଫସଲ ଚାଷ, ମୂଲ୍ୟ ଯୋଗ, ଉତ୍ପାଦ ବିବିଧୀକରଣ, ମୂଲ୍ୟ ନିର୍ଦ୍ଧାରଣ, ଡିଜାଇନ୍ ନବୀକରଣ, ବିପଣନ ଏବଂ ରପ୍ତାନି ସମ୍ଭାବନା ଉପରେ ଅଧିବେଶନ ଆୟୋଜିତ ହେବ । ପ୍ରଶିକ୍ଷଣ ପାଠ୍ୟକ୍ରମରେ ଫରେଷ୍ଟ ଷ୍ଟୁଆର୍ଡ଼ସିପ୍ କାଉନ୍ସିଲ୍ (ଏଫଏସସି) ସାର୍ଟିଫିକେସନ୍, କାର୍ବନ୍ କ୍ରେଡିଟ୍ ମୁଦ୍ରୀକରଣ ଏବଂ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଏବଂ ଜାତୀୟ ବାଉଁଶ ମିଶନ୍ ଭଳି ପ୍ରମୁଖ ଯୋଜନା ସହିତ ଏକତ୍ରୀକରଣ ପାଇଁ ସମନ୍ୱୟ ରଣନୀତି ଉପରେ ଆଲୋକପାତ କରାଯିବ। ସମସ୍ତ ଜିଲ୍ଲାର ଜିଲ୍ଲା ପ୍ରୋଗ୍ରାମ୍ ମ୍ୟାନେଜର୍ (ଡିପିଏମ୍), ଜିଲ୍ଲା ପ୍ରୋଜେକ୍ଟ କୋଅର୍ଡିନେଟର୍ (ଡିପିସି), ଜୀବିକା ବିଶେଷଜ୍ଞ ଓ କ୍ଲଷ୍ଟରସ୍ତରୀୟ ପ୍ରଶିକ୍ଷକମାନେ ସକ୍ରିୟ ଭାବେ ଏହି କର୍ମଶାଳାରେ ଭାଗ ନେଇଥିଲେ।

## ୩୦ରେ ସାରା ରାଜ୍ୟରେ ଅଖିମୁଠି ଅନୁକୂଳ କରିବ ବିକେଏମ୍

**ଭୁବନେଶ୍ୱର,୨୨।୪(ସଂଚାର ବ୍ୟୁରୋ):** ଅକ୍ଷୟ ତୃତୀୟା ହେଉଛି ଏକ କୃଷିଭିତ୍ତିକ ପର୍ବ ହୋଇଥିବା ବେଳେ ଓଡ଼ିଶାର ଆବହମାନ କାଳରୁ ଏହି ଦିନ ଚାଷୀ ନିଜ ଜମିରେ ପୂଜାର୍ଚ୍ଚନା କରିବା ସହ ମୁଠି ଅନୁକୂଳ କରି ଚାଷ କାମ ଆରମ୍ଭ କରିଥାଏ। ଆସନ୍ତା ୩୦ ତାରିଖରେ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ବିଜେପି କୃଷକ ମୋର୍ଚ୍ଚା (ବିକେଏମ୍) ସାରା ରାଜ୍ୟରେ ଅଖିମୁଠି ଅନୁକୂଳ କରିବ। ରାଜ୍ୟର ସମସ୍ତ ବିଧାନସଭା କ୍ଷେତ୍ରରେ ଏହି କାର୍ଯ୍ୟକ୍ରମ କରାଯିବ। ପ୍ରତ୍ୟେକ ବିଧାନସଭା କ୍ଷେତ୍ରରେ ଚାଷୀ ସମାବେଶ କରାଯିବ ବୋଲି ଆଜି ମୋର୍ଚ୍ଚାର ରାଜ୍ୟ ସଭାପତି ମହେଶ୍ୱର ସାହୁ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି। ସେ ଉକ୍ତ ବିଜ୍ଞପ୍ତିରେ ଦର୍ଶାଇଛନ୍ତି ଯେ କୃଷି ଓ କୃଷକର ଉନ୍ନତି ପାଇଁ ବିଜେପି ସରକାର ବଦ୍ଧପରିକର। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚାଷୀଙ୍କ ଆୟକୁ ଦୁଇ ଗୁଣା କରିବା ପାଇଁ ଅନେକ ପଦକ୍ଷେପ ନେଇଛନ୍ତି। ଧାନର ସହାୟକ ମୂଲ୍ୟ ୩୧୦୦ ଟଙ୍କାକୁ ବୃଦ୍ଧି କରିବା ସହ ସବୁ ବ୍ଲକରେ ଶୀତଳଭଣ୍ଡାର ଖୋଲିବା ପାଇଁ ଯୋଜନା କରଛନ୍ତି। ଚାଷୀମାନଙ୍କୁ ସମୃଦ୍ଧ କରିବା ପାଇଁ ଅନେକ କୃଷି କଲ୍ୟାଣୀକାରୀ ଯୋଜନା ମଧ୍ୟ ହାତକୁ ନେଇଛନ୍ତି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଏସବୁ ଯୋଜନା ଉପରେ ଚାଷୀମାନଙ୍କୁ ବିଜେପି କୃଷକ ମୋର୍ଚ୍ଚା ପକ୍ଷରୁ ଅବଗତ କରାଯିବ। ଏଥିସହ ଚାଷ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଚାଷୀମାନଙ୍କୁ ସମ୍ମାନିତ ମଧ୍ୟ କରାଯିବାର କାର୍ଯ୍ୟକ୍ରମ ରହିଛି। ଚାଷୀ ସମାବେଶ ଓ ଅକ୍ଷୟ ତୃତୀୟା ମୁଠି ଅନୁକୂଳ କାର୍ଯ୍ୟକ୍ରମରେ ସମସ୍ତ କେନ୍ଦ୍ର ଓ ରାଜ୍ୟ ମନ୍ତ୍ରୀ, ସାଂସଦ, ବିଧାୟକ ଓ ଦଳର ବରିଷ୍ଠ ନେତୃବୃନ୍ଦ ଯୋଗଦେବା ସକାଶେ ମୋର୍ଚ୍ଚା ପକ୍ଷରୁ ନିମନ୍ତ୍ରଣ କରାଯିବ ବୋଲି ଶ୍ରୀ ସାହୁ କହିଛନ୍ତି।

## ଓଡ଼ିଶା ଉର୍ଦ୍ଦୁ ଏକାଡେମୀର ପ୍ରତିଷ୍ଠା ଦିବସ ପାଳିତ

**ଭୁବନେଶ୍ୱର,୨୨।୪(ସଂଚାର ବ୍ୟୁରୋ):** ଓଡ଼ିଶା ଉର୍ଦ୍ଦୁ ଏକାଡେମୀର ୩୯ତମ ପ୍ରତିଷ୍ଠା ଦିବସ ଆଜି ସଂସ୍କୃତି ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗର ଯୁଗ୍ମ ନିର୍ଦ୍ଦେଶକ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ, ଓଡ଼ିଶା ଉର୍ଦ୍ଦୁ ଏକାଡେମୀ ସଚିବ ଶୁଚିସ୍ମିତା ମନ୍ତ୍ରୀ, ଓଡ଼ିଶା ଉର୍ଦ୍ଦୁ ଏକାଡେମୀ ସଭାପତି ଜନାବ୍ ଖାଲିଦ ରହିମ୍, ଉପସଭାପତି ଜନାବ୍ ସୟଦ୍ ନଫିସ୍ ମନ୍‌ଜର ହସନ୍, ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଡକ୍ଟର ଚନ୍ଦ୍ରଶେଖର ହୋତା, ସଂସ୍କୃତି ବିଭାଗର ଉପନିର୍ଦ୍ଦେଶକ ଦେବଯାନୀ ଭୂୟାଁ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ଓଡ଼ିଶାରେ ଉର୍ଦ୍ଦୁ ଭାଷା ଓ ସାହିତ୍ୟର ପ୍ରଚାର ଓ ପ୍ରସାର ଦିଗରେ ଓଡ଼ିଶା ଉର୍ଦ୍ଦୁ ଏକାଡେମୀର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ।



ଏଥିସହ ଏକାଡେମୀ ପକ୍ଷରୁ ଉର୍ଦ୍ଦୁ ଭାଷାରେ ଆୟୋଜିତ ହୋଇଆସୁଥିବା ବିଭିନ୍ନ ସାହିତ୍ୟ ଆଲୋଚନାଚକ୍ର, କବି ସମ୍ମିଳନୀ, ମୁଶାଏରା, ପୁସ୍ତକ ଓ ପତ୍ରିକା ପ୍ରକାଶନ, ଓଡ଼ିଆ ସାହିତ୍ୟ କୃତୀକୁ ଉର୍ଦ୍ଦୁ ଭାଷାରେ ଅନୁବାଦ କରାଯିବା ଆଦି କାର୍ଯ୍ୟ ସମ୍ବନ୍ଧରେ ମଧ୍ୟ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ +୨, +୩ ଏବଂ ସ୍ନାତକୋତ୍ତର ପାଠ୍ୟକ୍ରମର ମାତୃଭାଷା (ଉର୍ଦ୍ଦୁ ସାହିତ୍ୟ) ରେ ଭଲ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ଯଥାକ୍ରମେ ୫ ହଜାର, ୬ ହଜାର ଏବଂ ୮ ହଜାର ଟଙ୍କାର ଛାତ୍ରବୃତ୍ତି ମଧ୍ୟ ପ୍ରଦାନ କରାଯାଇଛି। ଏଥିସହ ଉର୍ଦ୍ଦୁ, ହିନ୍ଦୀ ଏବଂ ଓଡ଼ିଆ ଭାଷାର କବିମାନଙ୍କୁ ନେଇ ଏକ ତ୍ରିଭାଷୀ କବି ସମ୍ମିଳନୀ ଆୟୋଜିତ ହୋଇଥିଲା। ସୂଚନାଯୋଗ୍ୟ ଯେ ୧୯୮୭ରେ ଓଡ଼ିଶା ଉର୍ଦ୍ଦୁ ଏକାଡେମୀ ଅନୁଷ୍ଠାନିକ ଭାବେ ପ୍ରତିଷ୍ଠା ଲାଭ କରିଥିଲା। ଓଡ଼ିଶାରେ ଉର୍ଦ୍ଦୁ ସାହିତ୍ୟର ବିକାଶ, ପ୍ରଚାର ଓ ପ୍ରସାର, ପୁସ୍ତକ ପ୍ରକାଶନ, ଅନୁବାଦ ସାହିତ୍ୟ ପ୍ରକାଶନ, ଆଲୋଚନାଚକ୍ର ଆଦି ଆୟୋଜନ କରିବା ସହିତ ଉର୍ଦ୍ଦୁ ସାହିତ୍ୟର ପ୍ରତିଷ୍ଠିତ ସାହିତ୍ୟିକ, କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରିଆସିଛି।

## ସ୍ୱାମୀକୁ ସାଢ଼େ ୩ ବର୍ଷ କାରାଦଣ୍ଡାଦେଶ

● ସ୍ତ୍ରୀକୁ ଶାରୀରିକ ନିର୍ଯାତନା ମାମଲା

**ମାର୍ଶାଘାଇ,୨୨।୪(ସଂଚାର ବ୍ୟୁରୋ):** ସ୍ତ୍ରୀକୁ ଶାରୀରିକ ନିର୍ଯାତନା ଦେବା ସହ ଅନ୍ୟ ପୁରୁଷଙ୍କ ସହ ସମ୍ପର୍କ ରଖିବାକୁ ବାଧ୍ୟ କରୁଥିବା ସ୍ୱାମୀକୁ ୩ ବର୍ଷ ୬ ମାସ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି କେନ୍ଦ୍ରାପଡା ଫାଷ୍ଟ ଟ୍ରାକ କୋର୍ଟ। ଗତ ୨୦୧୯ରେ ମହିଳା ଜଣଙ୍କ ନିଜ ସ୍ୱାମୀଙ୍କ ବିରୋଧରେ ରାଜକନିକା ଥାନାରେ ଅଭିଯୋଗ କରିଥିଲେ। ପୁଲିସ୍ ଘଟଣାର ତଦନ୍ତ କରି ଅଭିଯୁକ୍ତ ସ୍ୱାମୀ ଅଜୟ ନାଥକୁ ଗିରଫ କରିଥିଲା। ଏହି ମାମାଲାର ବିଚାର କରି ପ୍ରାୟ ୧୩ ଜଣଙ୍କ ସାକ୍ଷ୍ୟ ଆଧାରରେ ଆଜି ଜିଲ୍ଲା ଫାଷ୍ଟ ଟ୍ରାକ କୋର୍ଟ ରାୟ ପ୍ରକାଶ କରିଛନ୍ତି। ଅଜୟ ନାଥ ନିଜ ସ୍ତ୍ରୀକୁ ଯୌତୁକ ନିର୍ଯାତନା ମଧ୍ୟ ଦେଉଥିବା ଅଭିଯୋଗ ହୋଇଥିଲା।

## ବରିଷ୍ଠ ନେତା ଶାକ୍ୟସିଂହ ମିଶ୍ରଙ୍କ ପରଲୋକରେ ବିଜେପିର ଶୋକ



**ଭୁବନେଶ୍ୱର,୨୨।୪(ସଂଚାର ବ୍ୟୁରୋ):** ବରିଷ୍ଠ ନେତା ତଥା ପୂର୍ବତନ ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଶାକ୍ୟସିଂହ ମିଶ୍ରଙ୍କର ଆଜି କଟକସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି। ସେ ଦୀର୍ଘଦିନ ଧରି ନିମୋନିଆରେ ପୀଡ଼ିତ ଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୭୨ ବର୍ଷ ବୟସ ହୋଇଥିଲା। ସେ ଜଣେ ସ୍ନେହୀ, ପରୋପକାରୀ ଓ ଦରଦୀ ମଣିଷ ଥିଲେ। ଜଣେ ଦୃଢ଼ ସଂଗଠକ ଭାବେ ଦଳକୁ ସୁଦୃଢ଼ କରିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ତାଙ୍କ ବିୟୋଗରେ ଦଳରେ ଏକ ବଡ଼ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିବା ସହ ଏଥିପାଇଁ ଶୋକ ବ୍ୟକ୍ତ କରିଛନ୍ତି। ସ୍ୱର୍ଗତଃ ମିଶ୍ରଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଏଭଳି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରବର୍ଗ ଏବଂ ବନ୍ଧୁଜନଙ୍କୁ ଅସୀମ ଧୈର୍ଯ୍ୟ ପ୍ରଦାନ କରିବା ପାଇଁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ରାଜ୍ୟ ସଭାପତି ଶ୍ରୀ ସାମଲ ପ୍ରାର୍ଥନା କରିଛନ୍ତି।

## ଅଂଶୁଘାତରେ ନିର୍ବାହୀ ଅଧିକାରୀ ଗୁରୁତର



**ଦିଗପହଣ୍ଡି,୨୨।୪(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ନିମଖଣ୍ଡି ପେଣ୍ଠ ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ ପିଇଓ କାଳିଆ ମଲ୍ଲିକ ମଙ୍ଗଳବାର ଅଂଶୁଘାତରେ ଗୁରୁତର ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଜଣାପଡିଛି। ଭଗବାନପୁର ଗ୍ରାମର ନିର୍ବାହୀ ଅଧିକାରୀ ପଞ୍ଚାୟତ କାର୍ଯ୍ୟାଳୟରେ କାମସାରି ମଧ୍ୟାହ୍ନରେ ବ୍ଲକ କାର୍ଯ୍ୟାଳୟକୁ ବାଇକ୍ ଯୋଗେ ଆସୁଥିଲେ। ପଚଣ୍ଡ ଖରା ଯୋଗୁ ସେ ଅଂଶୁଘାତର ଶିକାର ହୋଇ ଚେତାଶୂନ୍ୟ ହୋଇ ପଡ଼ିଯାଇଥିଲେ। ହେଲିମେଟ୍ ପିନ୍ଧିଥିବାରୁ ସେ ବଡ଼ ଧରଣର ଅଘଟଣରୁ ବର୍ତ୍ତି ଯାଇଥିବା କିଛି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଖବରପାଇ ବ୍ଲକ ଜିପିଇଓ ଉମେଶ ସେଠୀ, ଯୋଗାଣ ଅଧିକାରୀ ବ୍ରଜେଶ୍ୱର ରାୟ ଏବଂ ପିଇଓ ପ୍ରଦୀପ କୁମାର ପଣ୍ଡା ପ୍ରମୁଖ ମେଡିକାଲରେ ପହଞ୍ଚି ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ଡାକ୍ତରଙ୍କୁ ପଚାରି ବୁଝିଥିଲେ। ଚିକିତ୍ସା ପରେ ତାଙ୍କୁ ବାସଭବନକୁ ଅଣାଯାଇଥିବା ଜଣାପଡ଼ିଛି। ମଙ୍ଗଳବାର ମଧ୍ୟାହ୍ନରେ ଦିଗପହଣ୍ଡି ଓ ଆଖପାଖ ଅଞ୍ଚଳର ତାପମାତ୍ରା ୪୦.୨ ଡିଗ୍ରୀ ସେଲସିୟସ ରହିଥିଲା। ରାସ୍ତାଘାଟ ପ୍ରାୟ ଜନଶୂନ୍ୟ ରହିଥିବା ବେଳେ ସକାଳୁଆ କୋର୍ଟ ଏବଂ ଅଫିସକୁ ଆସିଥିବା କର୍ମଚାରୀ ଏବଂ ସାଧାରଣ ଲୋକେ କାମସାରି ଘରକୁ ଫେରିବା ସମୟରେ ଅସହ୍ୟ ତାତି ଏବଂ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ।

## ଅଧିକାରୀଙ୍କୁ କ୍ଷେତ୍ର ପରିଦର୍ଶନ ପାଇଁ ମୁଖ୍ୟ ସଚିବଙ୍କ ନିର୍ଦ୍ଦେଶ

### ଯୋଜନା କାର୍ଯ୍ୟକାରିତା ଓ ତ୍ୱରିତ ନିଷ୍ପତ୍ତି ଦିଗରେ ସହାୟକ ହେବ

**ଭୁବନେଶ୍ୱର,୨୨।୪(ସଂଚାର ବ୍ୟୁରୋ):** ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ରାଜ୍ୟର ବିଭିନ୍ନ ବିଭାଗରେ କାର୍ଯ୍ୟରତ ଅଧିକାରୀମାନଙ୍କୁ ଯୋଜନାଗୁଡ଼ିକର କାର୍ଯ୍ୟକାରିତା ଏବଂ ସରକାରରେ ତ୍ୱରିତ ନିଷ୍ପତ୍ତି ନେବା ସମ୍ପର୍କରେ ତୃଣମୂଳସ୍ତରେ ଜ୍ଞାନଆହରଣ ପାଇଁ ସେମାନଙ୍କୁ କ୍ଷେତ୍ର ପରିଦର୍ଶନ କରି ସ୍ଥିତି ସମ୍ପର୍କରେ ଅବଗତ କରାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ଶ୍ରୀ ଆହୁଜା ଆଜି ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବ, ରାଜସ୍ୱ ଆୟୁକ୍ତ ଏବଂ ଜିଲ୍ଲାପାଳମାନଙ୍କୁ ପଠାଇଥିବା ଚିଠିରେ ଉଲ୍ଲେଖ କରିଛନ୍ତି ଯେ କାର୍ଯ୍ୟାଳୟରେ ନଥି ବା ଫାଇଲ୍ କାର୍ଯ୍ୟ କରୁଥିବା ଅଧିକାରୀ ଓ କର୍ମଚାରୀମାନେ ସମ୍ପୃକ୍ତ କ୍ଷେତ୍ରର ବାସ୍ତବତା ବିଷୟରେ ଅବଗତ ହେଲେ ସରକାରଙ୍କ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା ଫଳପ୍ରଦ ଓ ତ୍ୱରାନ୍ୱିତ ହୋଇପାରିବ। କ୍ଷେତ୍ର ସ୍ତରରେ କାର୍ଯ୍ୟ କରୁଥିବା କର୍ମଚାରୀ ତଥା ନାଗରିକମାନେ କାର୍ଯ୍ୟ ନିର୍ବାହ ସମୟରେ ସମ୍ମୁଖୀନ ହେଉଥିବା ବ୍ୟାବହାରିକ ଅସୁବିଧାଗୁଡ଼ିକୁ ଠିକ୍ ଭାବେ ବୁଝିବା ଓ ଏହାର ପ୍ରତିକାର କରିବା ଦରକାର। ଏଥିସହ ନୀତି ଓ ନିଷ୍ପତ୍ତିକୁ ବାସ୍ତବତା ସହ ଅଧିକ ସମନ୍ୱିତ କରିବା ପାଇଁ କାର୍ଯ୍ୟାଳୟରେ ସହକାରୀ ଉପବିଭାଗ ଅଧିକାରୀ (ଏଏସଓ) ଓ



ଉପବିଭାଗ ଅଧିକାରୀ(ଏସଓ)ମାନଙ୍କଠାରୁ ଆରମ୍ଭ କରି ସମସ୍ତ ଅଧିକାରୀଙ୍କ ପାଇଁ ଏକ ଯୋଜନା ବା କାର୍ଯ୍ୟସୂଚୀ ପ୍ରସ୍ତୁତ କରିବା ସକାଶେ ମଧ୍ୟ ମୁଖ୍ୟ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଯେଉଁମାନେ ସାଧାରଣରେ କ୍ଷେତ୍ର ପରିଦର୍ଶନ କରୁନାହାଁନ୍ତି, ସେମାନଙ୍କ ପାଇଁ ଏହି କ୍ଷେତ୍ର ପରିଦର୍ଶନ ପ୍ରଯୁଜ୍ୟ ହେବ। ଏହି ଗସ୍ତ ସମୟରେ ସେମାନେ ତୃଣମୂଳ ସ୍ତରରେ କ୍ଷେତ୍ର ସ୍ତରରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ଗୋଟିଏ ଦିନର କାର୍ଯ୍ୟ ଉପରେ ଦୃଷ୍ଟି ଦେବା ସହ ସମ୍ପୃକ୍ତ ବିଭାଗ ସହ ଜଡ଼ିତ ଯୋଜନା, କାର୍ଯ୍ୟକ୍ରମର କାର୍ଯ୍ୟକାରିତା ଉପରେ ମଧ୍ୟ ଦୃଷ୍ଟି ଦେବେ। ଉଦାହରଣ ସ୍ୱରୂପ, ମହିଳା ଓ ଶିଶୁ ବିକାଶ ବିଭାଗର କର୍ମଚାରୀ ଏକ ଅଙ୍ଗନବାଡି କେନ୍ଦ୍ରକୁ ଦିନଟିଏ ପରିଦର୍ଶନ କରି ଅଙ୍ଗନବାଡ଼ି କର୍ମୀଙ୍କ ଦ୍ୱାରା କରାଯାଇଥିବା କାର୍ଯ୍ୟକୁ ଦିନସାରା ବିସ୍ତୃତ ଭାବରେ ଅନୁଧ୍ୟାନ ଓ ଅନୁସରଣ କରିବା ସକାଶେ ନିର୍ଦ୍ଦେଶ ଦେଇପାରିବେ। ସେହିପରି ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ (ଏନଆରଏଚଏମ) ଅଧୀନରେ ସ୍ୱୀକୃତିପ୍ରାପ୍ତ ସାମାଜିକ ସ୍ୱାସ୍ଥ୍ୟ କର୍ମୀ (ଆଶା) ଦ୍ୱାରା ପ୍ରଦାନ କରାଯାଉଥିବା ସେବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅଧିକାରୀମାନେ ନିରୀକ୍ଷଣ କରିବା ଉଚିତ। ଗସ୍ତ ସ୍ଥାନରେ ରାତ୍ରକାଳୀନ ରହଣି ପାଇଁ ଅଧିକାରୀମାନଙ୍କୁ ପ୍ରୋତ୍ସାହିତ କରିବା ସକାଶେ ମଧ୍ୟ ମୁଖ୍ୟ ସଚିବ ପରାମର୍ଶ ଦେଇଛନ୍ତି। ମୁଖ୍ୟ ସଚିବ ତାଙ୍କ ଚିଠିରେ ଆହୁରି ଦର୍ଶାଇଛନ୍ତି ଯେ ଏହି କାର୍ଯ୍ୟର ଉଦ୍ଦେଶ୍ୟ କ୍ଷେତ୍ର କର୍ମକର୍ତ୍ତାମାନଙ୍କ କାର୍ଯ୍ୟ ସମୀକ୍ଷା କରିବା ବା ସେମାନଙ୍କୁ ନିର୍ଦ୍ଦେଶ ଦେବା ନୁହେଁ। କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କ କାର୍ଯ୍ୟକୁ ଭଲଭାବରେ ଅନୁଧ୍ୟାନ କରିବା ସହିତ ନାଗରିକଙ୍କ ଉପରେ ତାଙ୍କ କାର୍ଯ୍ୟର କିପରି ସୁଫଳ ମିଳୁଛି, ଏହା ବିଷୟରେ ଅଧିକ ଜାଣିବା ଏବଂ ସେହି ସ୍ତରରେ ରହୁଥିବା ସମସ୍ୟା ଏବଂ ଉତ୍ତମ ଅଭ୍ୟାସକୁ ବୁଝିବା ସହ କ୍ଷେତ୍ର ପରିଦର୍ଶନରୁ ଫେରିବା ପରେ ସେମାନେ ଦେଖିଥିବା ପ୍ରକଳ୍ପ, କାର୍ଯ୍ୟକ୍ରମ ତଥା ଯୋଜନାର କାର୍ଯ୍ୟକାରିତାରେ ଉନ୍ନତି ଆଣିବା ପାଇଁ ସମ୍ପୃକ୍ତ ବିଭାଗର ସଚିବଙ୍କ ନିକଟରେ ଅତି କମରେ ଗୋଟିଏ ପ୍ରସ୍ତାବ ବା ଧାରଣା ଦାଖଲ କରିବେ ବୋଲି ଶ୍ରୀ ଆହୁଜା ନିର୍ଦ୍ଦେଶଛନ୍ତି କରିଛନ୍ତି।

## ବଜ୍ରପାତ: ଦୁଇ ଶିଶୁଙ୍କ ସମେତ ୫ ଆହତ

**ରାମଗିରି,୨୨।୪(ବୃନ୍ଦାବନ ଗୌଡ଼):** ଆର.ଉଦୟଗିରି ବ୍ଲକ ଅନଘା ପଞ୍ଚାୟତ ଅନ୍ତର୍ଗତ ଡୁବୁରୁସିଂ ଗ୍ରାମରେ ମଙ୍ଗଳବାର କାଳବୈଶାଖୀ ପ୍ରଭାବରେ ବଜ୍ରପାତ ହୋଇଥିଲା। ଏଥିରେ ୨ ଶିଶୁଙ୍କ ସମେତ ୫ ଜଣ ଆହତ ହୋଇଛନ୍ତି।
ସେମାନେ ହେଲେ ସଂଗୀତା ଯାନୀ (୧୫), ପୂର୍ଣ୍ଣବାସୀ ଯାନୀ (୨୦), ସୁମିତ୍ରା ଯାନୀ (୫୦), ଗିରିଧାର ଯାନୀ ( ୭), ରୀତିକା ରାଣୀ ଯାନୀ (୪)।
ସଙ୍ଗୀତାଙ୍କ ଅବସ୍ଥା ଗୁରୁତର ରହିଛି। ସମସ୍ତେ ଘର ଭିତରେ ଥିବା ସମୟରେ ଘର ପାଖରେ ଥିବା ଏକ ନଡ଼ିଆ ଗଛକୁ ପ୍ରଥମେ ବଜ୍ରପାତ ଘଟିଥିଲା। ଫଳରେ ଉପରୋକ୍ତ ୫ ଜଣଙ୍କୁ ଆହତ ହୋଇଥିଲେ। ଗ୍ରାମର ଈଶ୍ୱର ଚନ୍ଦ୍ର ବଡମୁଣ୍ଡି ତୁରନ୍ତ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ ମଧ୍ୟ ଆମ୍ବୁଲାନ୍ସ ଆସି ନ ଥିଲା। ପରେ ଅଟୋ ଯୋଗେ ଆହତମାନଙ୍କୁ ରାମଗିରି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଅଣାଯାଇଥିଲା।

## ନିଖୋଜ ମହିଳାଙ୍କ ମୃତଦେହ ନଦୀରୁ ଉଦ୍ଧାର, ମୃତ୍ୟୁର କାରଣ ଅସ୍ପଷ୍ଟ



**କେନ୍ଦୁଝର,୨୨।୪(ସଂଚାର ବ୍ୟୁରୋ):** ନଦୀରୁ ମିଳିଲା ନିଖୋଜ ମହିଳାଙ୍କ ମୃତଦେହ। ବୈତରଣୀ ନଦୀର ଜଅଁରା କାଠପୋଲ ଘାଟରୁ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ମହିଳା ଜଣଙ୍କ ହେଲେ କେନ୍ଦୁଝର ଜିଲ୍ଲା ଘଷିପୁରା ଥାନା ନାରଙ୍ଗପୁର ଗାଁର କୂଳମଣୀ ସାହୁଙ୍କ ପତ୍ନୀ ହେମଲତା। ସୂଚନାନୁଯାୟୀ, ନାରଙ୍ଗପୁର ଗାଁର କୂଳମଣୀ ଏବଂ ତାଙ୍କ ପତ୍ନୀ ହେମଲତା ଝାଡେଶ୍ୱର ମନ୍ଦିରରେ ରାତ୍ରୀଯାପନ କରିବାକୁ ସୋମବାର ସନ୍ଧ୍ୟାରେ ଘରୁ ବାହାରି ଆସିଥିଲେ। ମନ୍ଦିରରେ ପହଞ୍ଚିବା ପରେ ପାଖାପିଖି ରାତି ୯ଟାରେ ହେମଲତା ଶୌଚ ହେବାକୁ କହି ବୈତରଣୀ ନଦୀକୁ ଯାଇଥିଲେ। ହେଲେ ଦୀର୍ଘ ସମୟ ପର୍ଯ୍ୟନ୍ତ ସେ ଫେରି ନଥିଲେ। ବହୁ ଖୋଜାଖୋଜି ପରେ ତାଙ୍କର କୌଣସି ସନ୍ଧାନ ମିଳି ନଥିଲା। ଏନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ଆଜି ମଧ୍ୟାହ୍ନରେ କାଠପୋଲ ଘାଟ ନିକଟରେ ଜଣେ ମହିଳାଙ୍କ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି କୂଳକୁ ଆଣିଥିଲେ। ତେବେ ମୃତଦେହଟି ହେମଲତାଙ୍କର ହୋଇଥିବା ପରିବାର ଲୋକେ ଚିହ୍ନଟ କରିଛନ୍ତି। ସେ କେମିତି ନଦୀରେ ବୁଡ଼ିଲେ ତାହା ଅସ୍ପଷ୍ଟ ରହିଛି। ପୋଲିସ ଏନେଇ ତଦନ୍ତ ଆରମ୍ଭ କରିଛି।

# ସରକାରୀ ଘର ରକ୍ଷଣାବେକ୍ଷଣ ପାଇଁ ୧୧ କୋଟି ଖର୍ଚ୍ଚ

**ଭୁବନେଶ୍ୱର,୨୨।୪:** ରାଜଧାନୀ ଭୁବନେଶ୍ୱର ଓ କଟକରେ ୧୧ ହଜାରରୁ ଅଧିକ ସରକାରୀ ବାସଗୃହ ଥିବାବେଳେ ଏହାର ରକ୍ଷଣାବେକ୍ଷଣ ପାଇଁ ରାଜ୍ୟ ସରକାର ୧୧ କୋଟିରୁ ଅଧିକ ଅର୍ଥ ଯୋଗାଇ ଦେଇଛନ୍ତି। ସେହିଭଳି ଏହି ସରକାରୀ କ୍ୱାର୍ଟର୍ସରେ ବିଦ୍ୟୁତ୍ ମରାମତି, ପରିମଳ, ଜଳଯୋଗାଣ, ସ୍ନାନାଗାର ଓ ଶୌଚାଳୟର ମରାମତି ପାଇଁ ମଧ୍ୟ ପୃଥକ ଭାବେ ଅର୍ଥ ଯୋଗାଇ ଦିଆଯାଇଛି ।



ସରକାରୀ ସୂଚନା ମୁତାବକ ରାଜଧାନୀରେ ରହିଛି ସର୍ବାଧିକ ୧୧,୩୭୪ଟି ସରକାରୀ ବାସଗୃହ। ଏଥିମଧ୍ୟରେ ଉଚ୍ଚ ବର୍ଗରେ ୫୮୩ଟି ଘର ଥିବାବେଳେ ମଧ୍ୟମ ବର୍ଗରେ ୧୦୬୨ ଓ ନିମ୍ନ ବର୍ଗରେ ୯୭୨୯ଟି ବାସଗୃହ ରହିଛି । କଟକରେ ରହିଛି ମାତ୍ର ୧୪୦ଟି ସରକାରୀ ବାସଗୃହ । ଏହିସବୁ ସରକାରୀ ଘରଗୁଡ଼ିକର ରକ୍ଷଣାବେକ୍ଷଣ ଓ ମରାମତି ଲାଗି ରାଜ୍ୟ ସରକାର ୨୦୨୪-୨୫ ବର୍ଷରେ ୧୧କୋଟି ୩୫ଲକ୍ଷ ଟଙ୍କା ଯୋଗାଇ ଦେଇଥିବାବେଳେ ଏହି ସବୁ ସରକାରୀ ଘରର ବୈଦ୍ୟୁତିକ ମରାମତି ଲାଗି ୩କୋଟି ୫୦ଲକ୍ଷ ଟଙ୍କା ଦିଆଯାଇଛି । ସେହିଭଳି ସରକାରୀ ଘର ଗୁଡିକରେ ଜଳଯୋଗାଣ ଓ ପରିମଳ ବ୍ୟବସ୍ଥାର ସ୍ୱତନ୍ତ୍ର ବିକାଶ ପାଇଁ ୧୪କୋଟି ଟଙ୍କା ପ୍ରଦାନ କରାଯାଇଥିବାବେଳେ ରାଜଧାନୀରେ ଥିବା ନିମ୍ନ ବର୍ଗର ମୋଟ୍ ୯୬୪୪ଟି ସରକାରୀ ବାସଗୃହର ସ୍ନାନାଗାର ଓ ଶୌଚାଳୟର ଉନ୍ନତିକରଣ ନିମନ୍ତେ ୧୧ କୋଟି ଟଙ୍କା ଯୋଗାଇ ଦିଆଯାଇଛି ।
ସରକାରୀ ବାସଗୃହଗୁଡିକରେ ଗ୍ୟାରେଜ ନିର୍ମାଣ ପାଇଁ ସରକାର ୨.୫୦ କୋଟି ଟଙ୍କା ଯୋଗାଇ ଦେଇଛନ୍ତି । ପାଚେରୀ ମରାମତି ଓ ନିର୍ମାଣ ପାଇଁ ୫୦ଲକ୍ଷ ଟଙ୍କା, ଗ୍ୟାରେଜ ମରାମତି ଲାଗି ୫୦ଲକ୍ଷ ଟଙ୍କା, ସରକାରୀ ବାସଗୃହରୁ ଆବର୍ଜନା ନିଷ୍କାସନ ଓ ନାଳ ନର୍ଦ୍ଦମାର ଉନ୍ନତିକରଣ ପାଇଁ ୩କୋଟି ଟଙ୍କା ପ୍ରଦାନ କରାଯାଇଛି ।
ରାଜଧାନୀରେ ଅଧିକ ସଂଖ୍ୟକ ବହୁତଳ ବିଶିଷ୍ଟ ସରକାରୀ ବାସଗୃହ ନିର୍ମାଣ ପାଇଁ ସରକାର ୬୩ କୋଟି ୩୧ ଲକ୍ଷ ଟଙ୍କା ଯୋଗାଇ ଦେଇଥିବାବେଳେ ରାଜ୍ୟ ସଚିବାଳୟରେ ପରିଷ୍କାର ପରିଚ୍ଛନ୍ନତା ତଥା ସଫେଇ ଓ ପରିମଳ ଆଦି ପାଇଁ ୫.୫୦କୋଟି, ଲୋକସେବା ଭବନରେ ଅଗ୍ନି ନିର୍ବାପନ ପାଇଁ ୧.୫୦ କୋଟି ଟଙ୍କା ଯୋଗାଇ ଦେଇଛନ୍ତି ।
ସରକାରୀ ବାସଗୃହ ବାଦ୍ କାର୍ଯ୍ୟାଳୟ ଚାଲୁଥିବା ସରକାରୀ କୋଠାବାଡିର ମରାମତି ଲାଗି ସରକାର ୩୯କୋଟି ୫୦ଲକ୍ଷ ଟଙ୍କା ଯୋଗାଇ ଦେଇଥିବାବେଳେ ଏହିସବୁ କୋଠାରେ ବୈଦ୍ୟୁତିକ ମରାମତି ଓ ରକ୍ଷଣା ବେକ୍ଷଣ ଲାଗି ପ୍ରାୟ ୨୭କୋଟି ଟଙ୍କା ଦେଇଛନ୍ତି । ଭୁବନେଶ୍ୱରରେ ଥିବା ସରକାରୀ ଅଣଆବାସିକ ଅଟ୍ଟାଳିକାର ଉନ୍ନତିକରଣ (ପିଏଚ୍)ପାଇଁ ୨୨କୋଟି ୮୮ଲକ୍ଷ ଟଙ୍କା ଯୋଗାଣ ଦେଇଛନ୍ତି। ରାଜଧାନୀରେ ବିଧାୟକମାନଙ୍କୁ ୯୪ଟି ସରକାରୀ ବାସଗୃହ ଆବଣ୍ଟିତ ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀଙ୍କୁ ୧୬ଟି ବାସଗୃହ ଦିଆଯାଇଛି। ଏଥିସହିତ ବାଚସ୍ପତିଙ୍କୁ ମଧ୍ୟ ଗୋଟିଏ ସରକାରୀ ଘର ଆବଣ୍ଟିତ ହୋଇଛି । ଏହିଭଳି ମୋଟ୍ ୧୧୧ଟି ସରକାରୀ ବାସଗୃହ ଯୋଗାଇ ଦିଆଯାଇଛି। (ତଥ୍ୟ)

## ପୁଅର ପ୍ରେମ ପାଇଁ ବାପାକୁ ହତ୍ୟା, ତଦନ୍ତ ଜାରି

**ଗଂଜାମ,୨୨।୪(ସଂଚାର ବ୍ୟୁରୋ):** ପୁଅର ପ୍ରେମ ପାଇଁ ବାପାକୁ ନୃଶଂସ ଭାବେ ହତ୍ୟା କରାଯାଇଥିବା **ଅଭିଯୋଗ** ହୋଇଛି । ଗଂଜାମ ଜିଲ୍ଲା ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ କୁମୁଣ୍ଡା ଗାଁରେ ଘଟିଛି ଏଭଳି ହତ୍ୟାକାଣ୍ଡ। ଏହି ଗାଁର ହାଡ଼ିବନ୍ଧୁ ଗୌଡ଼ଙ୍କ ମୃତଦେହକୁ ଗାଁ ଶେଷ ମୁଣ୍ଡରେ ଥିବା ଏକ ଶୁଖିଲା କେନାଲ ଭିତରୁ ରକ୍ତଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରାଯାଇଥିଲା । ପରେ ମୃତଦେହକୁ ଭଂଜନଗର ମେଡିକାଲରେ ବ୍ୟବଚ୍ଛେଦ କରିଛି ପୋଲିସ। ତେବେ ପାରିପାର୍ଶ୍ୱିକ ଅବସ୍ଥା ପ୍ରକାରେ ହାଡିବନ୍ଧୁ ନିଜ କ୍ଷେତରୁ ସାଇକେଲ ଯୋଗେ ଘରକୁ ଫେରୁଥିବା ବେଳେ ସଂଘବଦ୍ଧ ଭାବେ କାଠ ଫାଳିଆରେ ଆକ୍ରମଣ କରାଯିବା ସହ ପଥର ଛେଚି ହତ୍ୟା କରାଯାଇଥିବା ଅନୁମାନ କରାଯାଉଛି । ଘଟଣା ସ୍ଥଳରେ ଜଗନ୍ନାଥପ୍ରସାଦ ଥାନାଧିକାରୀଙ୍କ ସମେତ ଭଂଜନଗର ଏସଡ଼ିପିଓ , ଅତିରିକ୍ତ ଏସପି, ଗଂଜାମ ଏସପି ଏବଂ ସାଇଣ୍ଟିଫିକ ଟିମ ପହଞ୍ଚି ଘଟଣା ସ୍ଥଳରୁ ବିଭିନ୍ନ ନମୁନା ସଂଗ୍ରହ କରିଛନ୍ତି । ଅଭିଯୋଗ ପ୍ରକାରେ ଗତ କିଛି ଦିନ ପୂର୍ବରୁ, ମୃତକଙ୍କ ମଝିଆ ପୁଅ, ସେହି ଗାଁର ଜଣେ ଝିଅକୁ ଭଲପାଇ ଫେରାର ହୋଇଯାଇଛି ।

### ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

SANCHAR
ସଂଚାର

୪ ବୁଧବାର ୨୩ ଏପ୍ରିଲ ୨୦୨୫, ଭୁବନେଶ୍ୱର
Wednesday 23 April 2025 Bhubaneswar


# ପରୀକ୍ଷାରେ ସଫଳତା ସବୁ କିଛି ନୁହେଁ

ପରୀକ୍ଷା କହିଲେ କେବଳ ସ୍କୁଲ-କଲେଜରେ ହେଉଥିବା ପରୀକ୍ଷାକୁ ବୁଝାଏ ନାହିଁ, କିମ୍ବା ଡିଗ୍ରୀ ବା ସାର୍ଟିଫିକେଟ ହାସଲ ନିମନ୍ତେ ହେଉଥିବା ପରୀକ୍ଷାରେ ସଫଳତା ସବୁ କିଛି ନୁହେଁ। ଚାକିରୀ ପାଇଁ ହେଉଥିବା ପରୀକ୍ଷାରେ ସଫଳତା ସବୁ କିଛି ନୁହେଁ ବା ଏଥିରେ ବିଫଳତା ଜୀବନର ବିଫଳତାକୁ ବୁଝାଏ ନାହିଁ। ଡିଗ୍ରୀ ପାଇଁ ବା ଚାକିରୀ ପାଇଁ ହେଉଥିବା ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଫଳତା ସତ୍ତ୍ୱେ ଅନେକ ଜୀବନରେ ବିରାଟ ସଫଳତା ପାଇଛନ୍ତି। ତେଣୁ ସ୍କୁଲ-କଲେଜ ପରୀକ୍ଷାରେ ବିଫଳତା ପାଇଁ ଭାଙ୍ଗି ପଡ଼ିବା ଏବଂ ଜୀବନ ବ୍ୟର୍ଥ ହୋଇଗଲା ବୋଲି ଭାବିବା ଅନୁଚିତ। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଭାରତରେ ଏବେ ଅଧିକାଂଶ ଛାତ୍ରଛାତ୍ରୀ ବା ଯୁବକ ଯୁବତୀ ଏହି ଚିନ୍ତାଧାରା ରଖୁଛନ୍ତି। ତାମିଲନାଡ଼ୁର ଜଣେ ଛାତ୍ରୀ ମେଡିକାଲ କଲେଜରେ ଆଡମିଶନ ପାଇଁ ଉଦ୍ୟମ କରି ବିଫଳ ହେବା ପରେ ଆତ୍ମହତ୍ୟା କରିଛନ୍ତି। ପ୍ରତି ବର୍ଷ ମାଟ୍ରିକ, ଯୁକ୍ତ ଦୁଇ ବା ଅନ୍ୟ ପରୀକ୍ଷାରେ କୃତକାର୍ଯ୍ୟ ହୋଇନଥିବା ଛାତ୍ରଛାତ୍ରୀମାନେ ଆତ୍ମହତ୍ୟା କରୁଛନ୍ତି। ଏବେ ଅବଶ୍ୟ ପରୀକ୍ଷାରେ ଆଉ ପ୍ରାୟ କେହି ଫେଲ ହେଉ ନାହାଁନ୍ତି। ତେଣୁ ଆତ୍ମହତ୍ୟା ହାର କମିଛି। କିନ୍ତୁ ତଥାପି ଏହା ଜାରି ରହିଛି। ଅନେକ ସମୟରେ ନିଜ ପିତା-ମାତାଙ୍କ ଆଶା ଆକାଂକ୍ଷା ପୂରଣ କରିନପାରିବା ଦୁଃଖରେ ଅନେକ ଛାତ୍ରଛାତ୍ରୀ ଆତ୍ମହତ୍ୟା କରୁଛନ୍ତି। ଏହାକୁ ରୋକିବା ଶିକ୍ଷକ ଏବଂ ଅଭିଭାବକଙ୍କର ଦାୟିତ୍ୱ। ରାଜସ୍ଥାନର କୋଟା ସହର ଦେଶର କୋଚିଂ ସେଣ୍ଟର ଭାବେ ପରିଚିତ। ବିଭିନ୍ନ ରାଜ୍ୟରୁ ଛାତ୍ରଛାତ୍ରୀମାନେ ଆସି ଏଠାରେ ସର୍ବଭାରତୀୟ ସ୍ତର ପ୍ରବେଶିକା ପରୀକ୍ଷା ନିମନ୍ତେ କୋଚିଂ ନିଅନ୍ତି। ଏଠାରେ ବହୁ ଦକ୍ଷ ଅଧ୍ୟାପକ/ଶିକ୍ଷକ ଛାତ୍ରମାନଙ୍କୁ ସଫଳତା ପାଇଁ ଠିକଣା ବାଟ ବତାନ୍ତି। ସେମାନଙ୍କ ମଧ୍ୟରୁ ଅନେକ ସଫଳତା ମଧ୍ୟ ପାଆଇଥାଆନ୍ତି। କିନ୍ତୁ ସମସ୍ତେ ସଫଳ ହୁଅନ୍ତି ନାହିଁ। ବିଫଳ ଛାତ୍ରଛାତ୍ରୀଙ୍କ ମଧ୍ୟରୁ କେତେକ ଏଥିପାଇଁ ନୈରାଶ୍ୟରେ ଆତ୍ମହତ୍ୟା କରନ୍ତି। ନିକଟରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ ଗତ ବର୍ଷ କେବଳ କୋଟାରେ ୩୪ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ବାସ୍ତବରେ ଏହା ଏକ ଉଦବେଗର ବିଷୟ। ଆତ୍ମହତ୍ୟା କରିଥିବା ଛାତ୍ରଛାତ୍ରୀମାନେ ମଧ୍ୟ ବେଧାବୀ ଏବଂ ଅଧ୍ୟବସାୟୀ। କିନ୍ତୁ ପ୍ରସ୍ତୁତିରେ ସାମାନ୍ୟ ତ୍ରୁଟିରୁ ସେମାନେ



ବିଫଳ ହୋଇଛନ୍ତି। ହୁଏତ ସେମାନେ ଭିନ୍ନ ପରୀକ୍ଷାରେ କୃତିତ୍ୱ ହାସଲ କରିଥାନ୍ତେ। କିନ୍ତୁ ସେମାନଙ୍କୁ ପ୍ରବୋଧନା ଦେବାକୁ ଏବଂ ସଠିକ ମାର୍ଗ ଦର୍ଶନ କରିବାକୁ କେହି ନାହାଁନ୍ତି। କେବଳ ଶିକ୍ଷାଦାନ ନୁହେଁ, ପିଲାଙ୍କୁ ଜୀବନରେ ଲକ୍ଷ୍ୟ ନିର୍ଦ୍ଧାରଣ କରିବାକୁ ପ୍ରୋତ୍ସାହନ ନିହାତି ଆବଶ୍ୟକ। ବିଗତ ଦୁଇ ଦଶନ୍ଧି ମଧ୍ୟରେ ଦେଶର ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ଆସିଛି। ପରୀକ୍ଷା ବ୍ୟବସ୍ଥାରେ ଅନେକ ସଂସ୍କାର ହୋଇଛି। ଅନେକ ନୂଆ ନୂଆ ବୈଷୟିକ କଲେଜ ଏବଂ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇଛି। ତେବେ ଶିକ୍ଷା ବାବଦରେ ବ୍ୟୟ ଭାର ବଢ଼ିଛି। ଯେଉଁମାନେ ଘରୋଇ ସ୍କୁଲ-କଲେଜରେ ପାଠ ପଢ଼ୁଛନ୍ତି ସେମାନଙ୍କୁ ଏ ବାବଦରେ ବିପୁଳ ଅର୍ଥ ବ୍ୟୟ କରିବାକୁ ପଡୁଛି। ଏପରିକି ସ୍ଥଳ ବିଶେଷରେ ମେଡିକାଲ ବା ଏମବିଏ ଭଳି ପାଠ୍ୟକ୍ରମ ଲାଗି କୋଟିଏ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ଯଦିଓ ଆଇଆଇଟି, ଏନଆଇଟି, ଏମସ ଭଳି ଜାତୀୟ ସ୍ତରର ଶିକ୍ଷାନୁଷ୍ଠାନ ଏବଂ ସିଟ ସଂଖ୍ୟା ବୃଦ୍ଧି ପାଉଛି, କିନ୍ତୁ ସେହି ଅନୁପାତରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି। ତେଣୁ ଏସବୁ ଶିକ୍ଷାନୁଷ୍ଠାନରେ ନାମ ଲେଖାଇବାକୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ମଧ୍ୟ ବୃଦ୍ଧି ପାଇଛି। ପ୍ରତିଯୋଗିତାର ମାନ ଏତେ ବଢ଼ିଯାଇଛି ଯେ, ଏଥିରେ ସଫଳ ହେବା ଛାତ୍ରଛାତ୍ରୀଙ୍କ ପାଇଁ ଏକ ପ୍ରକାର ଚାଲେଞ୍ଜ ପାଲଟିଯାଇଛି। ଏଥିପାଇଁ ସେମାନଙ୍କ ଉପରେ ବାପା-ମା' ବା ପରିବାର ପକ୍ଷରୁ ଚାପ ପକାଯାଉଛି। ଯେମିତି ହେଲେ ସେମାନଙ୍କୁ ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳ ହେବାକୁ ପଡ଼ିବ। ବାପା-ମା' ମାନେ ସେମାନଙ୍କ ଲାଗି ଏଥିପାଇଁ ବିପୁଳ ଅର୍ଥ ମଧ୍ୟ ବ୍ୟୟ କରୁଛନ୍ତି। ଅନେକ ଛାତ୍ରଛାତ୍ରୀ ଏଥିପାଇଁ ଘରୋଇ କୋଚିଂ ସେଣ୍ଟରରେ କୋଚିଂ ନେଉଛନ୍ତି। ରାଜସ୍ଥାନର କୋଟା ଦେଶର ଏକ ପ୍ରମୁଖ କୋଚିଂ ସେଣ୍ଟର ଭାବେ ପରିଚିତ। ଦେଶର ବିଭିନ୍ନ ଅଞ୍ଚଳରୁ ସେଠାକୁ ଛାତ୍ରଛାତ୍ରୀମାନେ ଯାଇ କୋଚିଂ ନିଅନ୍ତି। ଏ ବାବଦରେ ବିପୁଳ ଅର୍ଥ ବ୍ୟୟ ମଧ୍ୟ କରିବାକୁ ପଡ଼ିଥାଏ। କୋଟା ସହର ବ୍ୟତିତ ଅନ୍ୟାନ୍ୟ ସହରରେ ମଧ୍ୟ ଏଭଳି ଅନେକ କୋଚିଂ ସେଣ୍ଟର ରହିଛି। ଏସବୁ ବ୍ୟବସାୟିକ ସଂସ୍ଥା। ଶିକ୍ଷାଦାନ ନାମରେ ସେମାନେ ପିଲାଙ୍କୁ ଆର୍ଥିକ ଦୃଷ୍ଟିରୁ ଶୋଷଣ କରୁଥିବାର ଅଭିଯୋଗ ମଧ୍ୟ ହେଉଛି। ଏହିସବୁ କୋଚିଂ ସେଣ୍ଟର ଗୁଡ଼ିକରେ ଶିକ୍ଷା ଏବଂ ତାଲିମ ପାଉଥିବା ଅନେକ ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳ ମଧ୍ୟ ହେଉଛନ୍ତି। କିନ୍ତୁ ସମସ୍ତେ ସଫଳ ହେବେ ବୋଲି ଆଶା କରାଯାଇନପାରେ। ଅନେକ ବିପୁଳ ଅର୍ଥ ବ୍ୟୟ କରି କୋଚିଂ ନେବା ସତ୍ତ୍ୱେ ବିଫଳ ମଧ୍ୟ ହେଉଛନ୍ତି। ଏଥିରେ ବାପା-ମା' ମାନେ ଅସନ୍ତୁଷ୍ଟ ହେଉଛନ୍ତି। ଫଳରେ ପିଲାମାନେ ମାନସିକ ଚାପର ସମ୍ମୁଖୀନ ହେଉଛନ୍ତି। ବାପା-ମା'ଙ୍କୁ ସନ୍ତୁଷ୍ଟ କରିନପାରିବାର ଦୁଃଖ ଏବଂ ଭୟ ସେମାନଙ୍କୁ ଘାରୁଛି। ସମସ୍ତଙ୍କର ମାନସିକ ଚାପ ସହ୍ୟ କରିବାର ଶକ୍ତି ସମାନ ନଥାଏ। କେତେକ ମାନସିକ ଚାପ ସହିନପାରି ଆତ୍ମହତ୍ୟା କରିବାକୁ ପଛାଉ ନାହାଁନ୍ତି। ଯେଉଁମାନେ ଦେଶର ଭବିଷ୍ୟତ ସେମାନେ ଯଦି ନୈରାଶ୍ୟରେ ବୁଡ଼ିଯିବେ ଏବଂ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିବେ ତେବେ ଦେଶର ଭବିଷ୍ୟତ ଅନ୍ଧକାରମୟ ହୋଇଯିବ। ଏକ ନିର୍ଦ୍ଦିଷ୍ଟ ପରୀକ୍ଷାରେ ସଫଳ ହେବା ଜୀବନର ଅନ୍ତିମ ବା ଚରମ ଲକ୍ଷ୍ୟ ନୁହେଁ। ସେମାନେ ଭଲ ଛାତ୍ର। କୌଣସି କାରଣରୁ ସେମାନେ ପରୀକ୍ଷାରେ ସଫଳ ହୋଇପାରିନାହାଁନ୍ତି। ହୁଏତ ସେମାନଙ୍କ ପାଇଁ ଅନ୍ୟ ରାସ୍ତା ଉନ୍ମୁକ୍ତ ଥିବ। ଗୋଟିଏ ପରୀକ୍ଷାରେ ଅକୃତକାର୍ଯ୍ୟ ହେଲେ ବୋଲି ଜୀବନ ଲକ୍ଷ୍ୟଚ୍ୟୁତ ହୋଇଗଲା ବୋଲି ଭାବିବା ଅନୁଚିତ। ସେମାନେ ଏଥିଲାଗି ଭାଙ୍ଗି ନପଡ଼ି ସାହସର ସହିତ ପୁଣି ଲଢ଼େଇ ପାଇଁ ପ୍ରସ୍ତୁତ ହେବା ଉଚିତ। ଏଥିରେ ଶିକ୍ଷକ, ଅଭିଭାବକ ଓ ଅନ୍ୟ ଆତ୍ମୀୟଙ୍କର ମହତ୍ୱପୂର୍ଣ୍ଣ ଭୂମିକା ରହିଛି। ଛାତ୍ରଛାତ୍ରୀଙ୍କୁ ସେମାନେ ମାନସିକ ଚାପରୁ ମୁକ୍ତ ହୋଇ ପରବର୍ତ୍ତୀ ଲଢ଼େଇ ପାଇଁ ପ୍ରସ୍ତୁତ ହେବାକୁ ଉତ୍ସାହିତ କରିବା ଉଚିତ। ଛାତ୍ରଛାତ୍ରୀମାନଙ୍କୁ ସେଥିପାଇଁ ଉତ୍ତମ କାଉନସେଲିଂର ଆବଶ୍ୟକତା ରହିଛି। ସ୍କୁଲ ସ୍ତରରୁ ଏହି କାଉନସେଲିଂ ଆବଶ୍ୟକ। ଏହା ଏକ ଛୋଟ ସମସ୍ୟା ବା ପ୍ରସଙ୍ଗ ନୁହେଁ। ଏହା ଏକ ଜାତୀୟ ସମସ୍ୟା। ଏଥିଲାଗି ପୁରା ସମାଜ ଚିନ୍ତା କରିବା ଉଚିତ। ଜୀବନର ଲକ୍ଷ୍ୟ ନିର୍ଦ୍ଧାରଣ ଲାଗି ଛାତ୍ରଛାତ୍ରୀଙ୍କୁ ସ୍ୱାଧୀନତା ଦିଆଯିବା ଉଚିତ। ବାପା-ମା' ସେମାନଙ୍କୁ ନିଜ ଇଚ୍ଛାରେ ନିର୍ଦ୍ଦିଷ୍ଟ ରାସ୍ତାରେ ଯିବାକୁ ବାଧ କରିବା ଅନୁଚିତ। ଏବେ ସାରା ଦେଶରେ ପରୀକ୍ଷା ଋତୁ ଚାଲିଛି। ପିଲାମାନେ ଚାପରେ ଅଛନ୍ତି। ବର୍ଷ ତମାମ କଠିନ ପରିଶ୍ରମ କରି ସେମାନେ ପରୀକ୍ଷା ପାଇଁ ପ୍ରସ୍ତୁତ ହୋଇଛନ୍ତି। ସେମାନଙ୍କୁ ଯେପରି ନିଜ ପରିଶ୍ରମ ଏବଂ ଅଧ୍ୟବସାୟର ଫଳ ମିଳିପାରିବ ସେଥିଲାଗି ସେମାନେ ଚିନ୍ତିତ। ସେମାନଙ୍କୁ ଚିନ୍ତାମୁକ୍ତ, ଚାପମୁକ୍ତ କରାଯିବା ଜରୁରୀ। ନୈରାଶ୍ୟରୁ ମୁକ୍ତ ହୋଇ ସେମାନଙ୍କ ଜୀବନରେ ଯେପରି ଆଶାର କିରଣ ସୃଷ୍ଟି ହେବ ସେଥିଲାଗି ସମାଜ ଉଦ୍ୟମ କରିବା ଉଚିତ। ଛାତ୍ର ସମାଜକୁ ନୈରାଶ୍ୟମୁକ୍ତ କରିବା ଆମ ସମସ୍ତଙ୍କର ଦାୟିତ୍ୱ। ଜୀବନର ଅର୍ଥ ବ୍ୟାପକ। ଜଣେ ବ୍ୟକ୍ତିର ବୁଦ୍ଧି ଏବଂ ସଫଳତା ଏହାର ଡିଗ୍ରୀ ମାଧ୍ୟମରେ ହିସାବ କରାଯାଏନି। କେବଳ ବଡ଼ ବଡ଼ ଡିଗ୍ରୀ ହାସଲ କରିଦେଲେ ବା ବଡ଼ ଚାକିରୀ କଲେ ଜୀବନ ସଫଳ ହେଲା ଏବଂ ସେହି ଛାତ୍ରଜଣକ ସବୁ କିଛି ସଫଳତା ହାସଲ କରିଲେ ବୋଲି କୁହାଯାଇପାରିବ ନାହିଁ। ପ୍ରତିକୂଳ ପରିସ୍ଥିତିରେ ଲଢ଼େଇ କରି ଏକ ମହତ୍ୱପୂର୍ଣ୍ଣ ଜୀବନ ଯାପନ କରିବା ସବୁଠାରୁ ବଡ଼ ଲକ୍ଷ୍ୟ ହେବା ଉଚିତ।

# ଗାନ୍ଧୀଙ୍କ ଜୀବନାଦର୍ଶ ସାରା ବିଶ୍ୱକୁ ବିସ୍ମିତ କରିଥିଲା




**ଉମାଶଙ୍କର ପ୍ରସାଦ**


୧୮୯୩ରୁ ୧୯୧୪ ପର୍ଯ୍ୟନ୍ତ ଦୀର୍ଘ କୋଡିଏ ବର୍ଷରୁ ଉର୍ଦ୍ଧ୍ୱକାଳ ଦକ୍ଷିଣ ଆଫ୍ରିକାର ଗୋରା ଔପନିବେଶିକ ସରକାରଙ୍କର ବର୍ଣ୍ଣବୈଷମ୍ୟ ବା ଗୋରା-କଳା ଭେଦଭାବ ନୀତି ବିରୁଦ୍ଧରେ ସଂଗ୍ରାମ ପାଇଁ ଗାନ୍ଧିଜୀ ଯେଉଁ ନୂତମ ତଥା ଅମୋଘ ଅସ୍ତ୍ରଟି ଉଦ୍ଭାବନ କରିଥିଲେ ତାହାକୁ ସେ ସତ୍ୟାଗ୍ରହ ଆଖ୍ୟା ଦେଇଥିଲେ। ଦକ୍ଷିଣ ଆଫ୍ରିକା ସତ୍ୟାଗ୍ରହାଶ୍ରୟୀ ସଂଗ୍ରାମର ଅଭୂତପୂର୍ବ ସଫଳତା ସମଗ୍ର ଭାରତର ମୁକ୍ତିକାମୀ ଜନତା ମଧ୍ୟରେ ଗାନ୍ଧିଜୀଙ୍କ ନେତୃତ୍ୱ ପ୍ରତି ନୂତନ ଚିନ୍ତନ, ଆଶା ଓ ଉନ୍ମାଦନା ସୃଷ୍ଟି କରିଥିଲା। ବିଗତ ଦିନ ମାନଙ୍କରେ ବିଭିନ୍ନ ବର୍ଗର ଲେଖକମାନେ ନିଜର ଶବ୍ଦର ଜାଦୁକରୀ ସ୍ପର୍ଶରେ ଅନେକ ଆଲେଖ୍ୟ ଲେଖିଛନ୍ତି। କିନ୍ତୁ ଆଶ୍ଚର୍ଯ୍ୟର କଥା ଗାନ୍ଧୀ ଆମମାନଙ୍କ ଗହଣରୁ ଆଜକୁ ୭୭ ବର୍ଷ ହେଲା ବିଦାୟ ନେଲେଣି। ତାଙ୍କ ପଞ୍ଚଭୂତ ଶରୀର ପଂଚଭୂତରେ ବିଲୀନ ହୋଇଥିଲେ ମଧ୍ୟ ତାଙ୍କର 'ଜୀବନାଦର୍ଶ' ସମଗ୍ର ବିଶ୍ୱକୁ ଆଜିବି ମଧ୍ୟ ବିସ୍ମିତ କରିଛି। ଗାନ୍ଧୀ କାହିଁକି ଆଜି ସମଗ୍ର ବିଶ୍ୱ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟି ଯାଇଛନ୍ତି ତା'ର ସଠିକ୍ ଉତର ଦେବା ମୋ ପକ୍ଷରେ ସହଜ ନୁହେଁ। ତାଙ୍କ ଚରିତ୍ରର ବା ବ୍ୟକ୍ତିତ୍ୱର ବିବିଧତା ଏତେ ଜଟିଳ ଓ ତାଙ୍କ ସମ୍ପର୍କରେ ଜନତାଙ୍କ ଅନୁଭୂତି ବା ଉପଲବ୍ଧି ଏତେ ବ୍ୟାପକ ଯେ ତାଙ୍କ ଜୀବନ ଓ ସାଧନା ସମ୍ପର୍କରେ ନିର୍ଦ୍ଦିଷ୍ଟ କୌଣସି ଏକ ସିଦ୍ଧାନ୍ତରେ ପହଂଚିବା ସମ୍ଭବ ନୁହେଁ। ଗାନ୍ଧୀଙ୍କୁ କିଏ କେଉଁ ଦୃଷ୍ଟିରେ ଦେଖନ୍ତି ତାହା ତାଙ୍କର ଦୃଷ୍ଟି ଓ ପରିଚୟ ଉପରେ ନିର୍ଭର କରେ। ଅନେକ ତାଙ୍କୁ ବିପ୍ଳବୀ, ସନ୍ଥ, ଯୋଗୀ କହୁଥିବାବେଳେ ଅନେକଙ୍କ ପାଇଁ ସେ ତ୍ରାଣକର୍ତ୍ତା ହୋଇଥିବା ବେଳେ ଆଉ କେତେକଙ୍କ ପାଇଁ ସେ ଉଗ୍ର ପ୍ରଚାରକ ଓ ପ୍ରତିକ୍ରିୟାଶୀଳ ବ୍ୟକ୍ତିତ ବୋଲି କହିଥାନ୍ତି କିନ୍ତୁ ଗୋଟିଏ କଥାରେ ପ୍ରାୟ ସମସ୍ତେ ଏକମତ ଯେ ଗାନ୍ଧୀ କୌଣସି ନିର୍ଦ୍ଦିଷ୍ଟ ଆଦର୍ଶବାଦର କାନ୍ଧ ଉପରେ ବସିନଥିବାରୁ ସମୟର ପରିବର୍ତ୍ତନ ସହିତ ତାଙ୍କୁ ନୂଆ ନୂଆ ରୂପରେ ଆବିଷ୍କାର କରାଯାଇଛି। ଚର୍ଚ୍ଚିଲ,ଷ୍ଟାଲିନ, ଲେଲିନ୍, ରୁଜ୍‌ଭେଲଟ ଓ ମାଓଙ୍କ ଭଳି ଅସାଧାରଣ ନେତୃବର୍ଗଙ୍କ ପ୍ରଭାବ କାଳକ୍ରମେ ସଙ୍କୁଚିତ ହେଉଥିଲାବେଳେ ଗାନ୍ଧୀଙ୍କ ପ୍ରଭାବ ଆଜି ମଧ୍ୟ ସାରା ବିଶ୍ୱରେ ଅନୁଭୂତ ହେଉଛି। ୧୯୨୧ ମସିହାରେ ପ୍ରସିଦ୍ଧ ପାଦ୍ରୀ ହୋମ୍‌ସ କହିଥିଲେ ଯେ 'ଲେଲିନ ବା ରୋମା ରୋଲାଁ ନୁହନ୍ତି, ମୋହନ ଦାସ କରମଚାନ୍ଦ ଗାନ୍ଧୀ ହିଁ ବିଂଶ ଶତାବ୍ଦୀର ଶ୍ରେଷ୍ଠ ଦେବତ୍ୱ ପ୍ରାପ୍ତି ବ୍ୟକ୍ତି'।

ସତ୍ୟପ୍ରୟୋଗର ଏକ ମହାନ ପ୍ରୟୋଗଶାଳାରୂପେ ଗାନ୍ଧିଜୀ ୧୯୩୪ ମସିହାରେ ଅସ୍ପୃଶ୍ୟତା ନିବାରଣ ଆନ୍ଦୋଳନ ପାଇଁ ସେ ଓଡିଶାକୁ ଅଧିକ ପ୍ରାଧାନ୍ୟ ଦେଇଥିଲେ। ତାଙ୍କର ଗସ୍ତକ୍ରମ ସମୟରେ ସେ ବହୁ ହରିଜନ ବସ୍ତି ବୁଲି ଓଡିଶାର ହରିଜନ ମାନଙ୍କର ପ୍ରତି ସବର୍ଣ୍ଣ ହିନ୍ଦୁମାନଙ୍କର ଅଶୋଭନୀୟ ଆଚରଣ ତାଙ୍କୁ ଅତ୍ୟନ୍ତ ମ୍ରିୟମାଣ କରିଥିଲା। ପ୍ରାୟ ଆମେ ସମସ୍ତେ ଯେତେବେଳେ ଗାନ୍ଧୀଙ୍କ କଥା ଭାବୁ ସେତେବେଳେ ଆପେ ଆପେ 'ଯୀଶୁଖ୍ରୀଷ୍ଟଙ୍କ' କଥା ମନକୁ ସ୍ୱତଃ ଆସିଯାଏ। ଯଦି ତୁଳନା କରାଯାଏ ତେବେ ଏହା ପ୍ରତିତ ହୁଏ ଯେ ଗାନ୍ଧୀଙ୍କ ଜୀବନ ଶୈଳୀ ଓ ଯୀଶୁଙ୍କ ଜୀବନ ଶୈଳୀରେ କୌଣସି ଫରକ ନାହିଁ। ଯୀଶୁଙ୍କ ଭଳି ଗାନ୍ଧୀ ଅତି ନମ୍ର ଓ ବିନୟୀ ଭାବରେ ଭାଷା କହିଥାନ୍ତି, ଗରିବ ଭଳି ନିଜର ଚାଲି ଚଳନକୁ ଆପଣେଇ ସହ ଯୀଶୁଙ୍କ ଭଳି ମରଣକୁ ବରଣ କରିଛନ୍ତି। ନିଜ ଜୀବନକୁ ଏକ ଆତତାୟୀ ହାତରେ ଟେକି ଦେଇ ସୁଦ୍ଧା ମନରେ ଆକ୍ରୋଶ ଭାବ ରଖିନାହାନ୍ତି ଯାହା ତାଙ୍କ ଜୀବନର ଏକ ମହାନ ଆଦର୍ଶ। ନିଜକୁ ତ୍ରାଣକର୍ତ୍ତା ଭାବରେ ସ୍ୱୀକୃତି ପାଇଥିବା ଅନେକ ନେତା ପରିଶେଷରେ ନିନ୍ଦିତ ହୋଇଥିଲେ ମଧ୍ୟ ଗାନ୍ଧୀ ଥିଲେ ଏହାର ବ୍ୟତିକ୍ରମ। ସେ ନିଜ ଜୀବନକୁ ଏପରି ମହତ୍ତର ଉପାଦାନରେ ଗଢିଥିଲେ ଯେ ଦେଶର ଦୁରାବସ୍ଥା ପାଇଁ କେହି ତାଙ୍କୁ ଦାୟୀ କରନ୍ତି ନାହିଁ। କାରଣ ଭାରତକୁ ସ୍ୱାଧୀନତା



ଦେବା ତାଙ୍କ ଚର୍ଚ୍ଚିତ ଅବଦାନର ଗୋଟିଏ ଗୌଣ ଦିଗ ମାତ୍ର। ନିଜକୁ ଅଂହିସା ମନ୍ତ୍ରରେ ଦୀକ୍ଷିତ କରିବା ସହ ସେହି ଅହିଂସାକୁ ଆଧାର କରି ସାରା ସମାଜରେ ବ୍ୟାପକ ପରିବର୍ତ୍ତନ ଆଣିବାର କୌଶଳ ସେ ସମଗ୍ର ବିଶ୍ୱବାସୀଙ୍କୁ ଶିଖାଇ ଥିବାରୁ ଭାରତକୁ ବିଦେଶୀ କବଳରୁ ମୁକ୍ତିଦେବା ତୁଳନାରେ ତାହା ଅଧିକ ପ୍ରାସଙ୍ଗିକ ତଥା ଗୁରୁତ୍ୱପୂର୍ଣ୍ଣ ବୋଲି ସାରା ବିଶ୍ୱ ଉଦାତ କଣ୍ଠରେ ଉଦ୍‌ଘୋଷଣ କରିଛି। ଗାନ୍ଧୀଜି ଙ୍କ ଜୀବନାଦର୍ଶନକୁ ମନେରଖିବାର ଆଉଗୋଟିଏ ମହାନ ଦିଗ ଥିଲା ଗାନ୍ଧୀ ଭାରତକୁ ଭଲପାଇବା ଭିତରେ ସେ ଉଦାମତା ଅନୁଭବ କରୁଥିଲେ ଆଉ ସେ ମଧ୍ୟ ଭାରତୀୟ ମାନଙ୍କୁ ଆନ୍ତରିକତାର ସହ ମନଖୋଲି ଭଲପାଉଥିଲେ। ଯେତେ ଗରିବ, ନିରକ୍ଷର, ଅକିଂଚନ ହୁଅନ୍ତୁ ପଛକେ , ପ୍ରତ୍ୟେକ ଦେଶବାସୀ ତାଙ୍କ ହୃଦୟ କନ୍ଦରରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଥିଲେ। କୋଟି କୋଟି ଜନଗଣଙ୍କ ପାଇଁ ସେ ଯେଉଁ ଅବିରତ ସଂଗ୍ରାମ ଚଳାଇଥିଲେ ତାହା ଦେଖି ସମଗ୍ର ବିଶ୍ୱ ବିସ୍ମିତ ହେବା ସହ ତାଙ୍କ ସାରା ଜୀବନ ଅଗଣୀତ ଭାରତୀୟଙ୍କ ସହ ଅନ୍ତରଙ୍ଗ ଆଳାପରେ ପରିଣତ ହୋଇଯାଇଥିଲା। ସମଗ୍ର ବିଶ୍ୱର କୋଣେ ଅନୁକୋଣେ ସମସ୍ତ ବ୍ୟକ୍ତିବୃନ୍ଦ ତାଙ୍କର ସରଳ ହୃଦୟର ଭାଷାକୁ ବୁଝିପାରିଥିଲେ। ଗାନ୍ଧୀଙ୍କ ଦର୍ଶନ ପାଇଁ ଅଗଣିତ ଜନସମାଜ ପାଗଳ ପ୍ରାୟ ହୋଇ ଉଠୁଥିଲେ। ଅଗଣିତ ଦରିଦ୍ର ଦେଶପ୍ରେମୀଙ୍କ ଆବେଗକ୍ଷୀନ ଓ ଦୁଃଖଭରା କାହାଣୀ ଭିତରେ ବାପୁଜୀ ପ୍ରକୃତ ଭାରତ ବର୍ଷର ଚିତ୍ର ଦେଖିଥିଲେ । ସେମାନଙ୍କୁ ଆତ୍ମସମ୍ମାନର ସହ ନିର୍ଭୟ ହୋଇ ବଞ୍ଚିବାର ସ୍ୱପ୍ନ ସେ ଦେଖିବା ସହ ଏହାକୁ ଫଳପ୍ରଦ କରିବା ପାଇଁ ଅହରହ ଉଦ୍ୟମ କରିତରଲେ। ତାଙ୍କର ଓଡିଶା ଗସ୍ତ କାଳରେ ଓଡିଶାରେ ଘଟିଥିବା ଭୟାବହ ବନ୍ୟା ବିଷୟରେ ଚାକ୍ଷୁସ ଅନୁଭୂତି ଲାଭକରି ସେ ଅତ୍ୟନ୍ତ ମ୍ରିୟମାଣ ହୋଇ ପଡିଥିଲେ ଯାହାତାଙ୍କର ମାନବତା ଗୁଣର ଏକ ବଳିଷ୍ଠ ଉଦାହାରଣ ଅଟେ। ଓଡିଶାର ଲୋକମାନଙ୍କ ସହ ତାଙ୍କର କାହିଁକି କେଜାଣି ଏକ ବଳିଷ୍ଠ ସମ୍ପର୍କ ଗଢି ଉଠିଥିଲା ସେ ବୋଧହୁଏ ଓଡିଶାକୁ ସର୍ବାଧିକ ଗସ୍ତରେ ଆସିଥିଲେ। ୧୯୩୪ ମଇ ୫ ରୁ ଜୁନ ୮ ତାରିଖ ମଧ୍ୟରେ ଏକାଧିକ ପର୍ଯ୍ୟାୟରେ ଗାନ୍ଧିଜୀ ଦୀର୍ଘ ୨୧ ଦିନ କାଳ ପାଦରେ ଚାଲି ଚାଲି ଓଡିଶା ଉପକୂଳର ବିଭିନ୍ନ ଗ୍ରାମାଂଚଳ ପରିଦର୍ଶନ କରିଥିଲେ। ତାଙ୍କ ଜୀବନର ଅସଲ ଉଦ୍ଦେଶ୍ୟ ଥିଲା ହିନ୍ଦୁ ଧର୍ମ, ସମାଜ ଓ ଚରିତ୍ରକୁ ବ୍ୟାପକ ଭାବରେ ବଦଳାଇବାକୁ ହେଲେ ସଂଗଠିତ ଆନ୍ଦୋଳନ ହେଉଛି ଏକମାତ୍ର ସୁଗମ ପନ୍ଥା।

ଆମର ଶ୍ରୀମଦ୍ ଭଗବତ ଗୀତା ମୋକ୍ଷ ଲାଭ ପାଇଁ ଜ୍ଞାନଯୋଗ ବା ଭକ୍ତିଯୋଗର ଆଶ୍ରୟ ଦରକାର ବୋଲି କହୁଥିଲା ବେଳେ ଗାନ୍ଧୀ ନିଜର ମତ ବ୍ୟକ୍ତ କରି କହିଥିଲେ ଏଥି ସହିତ ଯଦି କର୍ମଯୋଗ କୁ ସାମିଲ ନକରାଯାଏ ତେବେ ଅନେକ ଲକ୍ଷ ଅପୁରଣୀୟ ହୋଇ ରହିଯିବ! ସାମାଜିକ ଓ ସଂସ୍କୃତି କ୍ଷେତ୍ରରେ ହେଉଥିବା ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ କେବଳ କର୍ମଯୋଗହିଁ ଏକମାତ୍ର ପନ୍ଥା ଯାହା ବଳରେ ଆମେ ଏହାକୁ ପ୍ରତିରୋଧ କରିପାରବା। ସେଥିପାଇଁ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଥିଲେ "କର୍ମଣ୍ୟେ ବାଧିକା ରସ୍ତେ ମାଂ ଫଳେଷୁ କଦାଚନ"। କିନ୍ତୁ କରିଥିବା କର୍ମ ସଦା ସର୍ବଦା ସତ୍ୟ ଓ ଧର୍ମ ଉପରେ ବେଷ୍ଟିତ ହେବା ଦରକାର। ତେଣୁ ଗାନ୍ଧିଜୀ ଯୁଗ ସହିତ ଖାପ ଖୁଆଇବା ସହ ଏକ ପ୍ରଭାବଶାଳୀ କର୍ମଯୋଗର ଅବତାରଣା କରିଥିଲେ। ହିନ୍ଦୁ ଧର୍ମରେ ଯୁଗ ଯୁଗ ଧରି ପ୍ରଚଳିତ ଭାବ, ଧାରଣା ଓ ପ୍ରତ୍ୟେୟ ଭିତରେ ସାମହିକ ଚେତନାଧର୍ମୀ ବିଭିନ୍ନ କର୍ତ୍ତବ୍ୟ ଜ୍ଞାନ ନୈତିକ ଚରିତ୍ର ନୀତି ଶାସ୍ତ୍ର ଓ ସଦଚାରର ଏକ ଅପୂର୍ବ ସମାହାର ଭାବରେ ସଜାଇବା ପାଇଁ ଗାନ୍ଧୀ ନିଜ ଜୀବଦଶାରେ ଲାଗି ପଡିଥିଲେ। ତାଙ୍କର ଅମୀୟ ବାଣୀ 'ସତ୍ୟ ଓ ଧର୍ମ' କେବଳ ମଣିଷର ଦୁଃଖ ଦୁର୍ଦ୍ଦଶାକୁ ସମାଜରୁ ଦୂର କରି ପାରିବ ବୋଲି ତାଙ୍କର ଦୃଢ଼ ବିଶ୍ୱାସ ଥିଲା। ରାଜନୀତି କୁ ପଙ୍କିଳ ଭାବ ରଖି ଯେଉଁମାନେ ଧର୍ମକୁ ଦୁହାଇ ଦେଇ ନିଜର ସ୍ୱାର୍ଥ ସିଦ୍ଧି କରୁଥିଲେ ସେହିଭଳି ଭାବନାରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ସହ ଯୁଗ ଯୁଗ ଧରି ଭାରତରେ ଥିବା ଅସ୍ପୃଶ୍ୟତା କଳଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ୧୯୩୪ ମେ ଓ ଜୁନ ମାସରେ ପୁରୀରୁ ଭଦ୍ରଖ ପାଦରେ ଚାଲି ତାହାକୁ 'ପ୍ରଚଣ୍ଡ ଧର୍ମ ଯାତ୍ରା' ବୋଲି ବର୍ଣ୍ଣନା କରି ସମସ୍ତଙ୍କୁ ଚକିତ କରି ଦେଇଥିଲେ। ସମାଜରେ ନାରୀ ଚିର ବନ୍ଦନୀୟା କିନ୍ତୁ ନାରୀମାନଙ୍କୁ ଯେପରି ନ୍ୟୂନ ଦୃଷ୍ଟିରେ ଦେଖାଯାଉଥିଲା ଗାନ୍ଧିଜୀ ସେଥିରେ ବୈପ୍ଳବିକ ପରିବର୍ତ୍ତନ ଆଣି ପୁରୁଷ ଓ ନାରୀ ସମାଜ ରୂପି ଗାଡିର ଦୁଇଟି ଚକ ବୋଲି କହିବା ସହ ଦୃଢୋକ୍ତି ପ୍ରକାସ କରିଥିଲେ ଯେ ପୁରୁଷ ବିନା ନାରୀ ଓ ନାରୀ ବିନା ପୁରୁଷ ବିଫଳ। ଆଜି ଗାନ୍ଧୀଙ୍କ ଜୀବନାଦର୍ଶ ସମଗ୍ର ବିଶ୍ୱ ବନ୍ଦନୀୟ। ଏ ଲେଖକର ସେହି ଯୋଗଜନ୍ମା ବିଭୁତିଙ୍କ ପାଦରେ କୋଟି ପ୍ରଣିପାତ।


**ବରିଷ୍ଠ ସାମ୍ବାଦିକ ଖୋର୍ଦ୍ଧା, ମୋବାଇଲ୍: ୬୩୭୦୬ ୭୫୫୬୨**


# ଜୀବନ ସତ୍ତ୍ୱେରେ ଶ୍ରୀ ରାଧାରାଣୀଙ୍କ ଅଷ୍ଟସଖି




**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**


ବୈଷ୍ଣବ ଶାସ୍ତ୍ରମାନଙ୍କ ଅଧ୍ୟୟନରୁ ଜଣାଯାଏ ଯେ ଯେତେବେଳେ ଗୋଲୋକ ବିହାରୀ ଭଗବାନ ବିଷ୍ଣୁ କୃଷ୍ଣାବତାର ଗ୍ରହଣକଲେ ତାଙ୍କ ସହ ଗୋଲୋକରୁ ସମସ୍ତ ଗୋପୀ ମାନେ ମଧ୍ୟ ତାଙ୍କର ଲୀଳା ସଙ୍ଗିନୀ ଭାବେ ଧରାବତରଣ କରିଥିଲେ। ଗୋପ ପୁରୀରେ ଏହିମାନେ ହିଁ ହେଲେ ରାସରସିକ ଶ୍ରୀକୃଷ୍ଣଙ୍କ ରାସ ସଙ୍ଗିନୀ ରାସ ରସିକା ବ୍ରଜ ଗୋପୀ। ଏଣୁ ଶ୍ରୀମଦ୍ ଭାଗବତ କହିଲେ:- 'କଷୋଳ ସହସ୍ର ଗୋପ ନାରୀ / ମୋତେ ବରିଲେ ତପ କରି' ଶ୍ରୀକୃଷ୍ଣଙ୍କ ଲୀଳା ସଙ୍ଗିନୀ ଗୋପୀମାନଙ୍କ ମଧ୍ୟରେ ମୁଖ୍ୟ ଥିଲେ ଗୋଟିଏ ପାଖରେ ଶ୍ରୀରାଧା ଓ ଅନ୍ୟ ପଟେ ଚନ୍ଦ୍ରାବଳୀ। ଦୁହେଁ କୃଷ୍ଣଙ୍କୁ ମନ ପ୍ରାଣ ଦେଇ ଭଲପାଉଥିଲେ ମଧ୍ୟ ରସରାଜ ଶ୍ରୀକୃଷ୍ଣ ସେମାନଙ୍କୁ ପରସ୍ପର ବିରୋଧରେ ଲଗାଇ ଆନନ୍ଦ ପାଉଥିଲେ। ଅନ୍ୟ ସମସ୍ତ ଗୋପୀମାନେ ଥିଲେ ଶ୍ରୀରାଧାଙ୍କ ପ୍ରିୟ ସହଚରୀ ଓ ରାଧା କୃଷ୍ଣଙ୍କ ସହାୟିକା ସଖୀ।

ରାଧାରାଣୀଙ୍କ ସଖୀଗଣଙ୍କୁ ପାଞ୍ଚ ଶ୍ରେଣୀରେ ବିଭକ୍ତ କରାଯାଏ ଯଥା ନିତ୍ୟସଖି, ପ୍ରାଣସଖୀ, ପ୍ରିୟସଖୀ, ପରମା ଓ ପ୍ରେଷ୍ଠାସଖୀ। କୁସୁମିତା, ଧନିଷ୍ଠା, ବିନ୍ଧ୍ୟା କୁନ୍ଦଲତା, କସ୍ତୁରୀ, ମଣିମଞ୍ଜରୀ ଆଦି ସଖୀ ଶ୍ରେଣୀ ହେଉଛନ୍ତି ଶ୍ରୀରାଧାଙ୍କ ନିତ୍ୟସଖୀ। ଷଷ୍ଠୀ ମଞ୍ଜରୀ, ବସନ୍ତ ଲତିକା, ଲାସିକା ଆଦି ସଖୀମାନେ ରାଧାଙ୍କ ପ୍ରାଣସଖୀ। ସୁମେଧା, ମହାମେଧା, ମଦନାଳଶା ଆଦି ସଖୀ ମାନେ ପ୍ରିୟସଖି ଶ୍ରେଣୀର। ଏହିପରି ରାଧା ରାଣୀଙ୍କ ଅସଂଖ୍ୟ ସଖୀଙ୍କ ମଧ୍ୟରେ ଆଠଜଣ ଥିଲେ ମୁଖ୍ୟ ସଖୀ ଯେଉଁମାନଙ୍କୁ ପରମ ଶ୍ରେଷ୍ଠ ସଖୀ ଶ୍ରେଣୀରେ ଅନ୍ତର୍ଭୂକ୍ତ କରାଯାଏ। ଏହି ପ୍ରିୟ ସଖୀମାନେ ହେଲେ ଲଳିତା, ବିଶାଖା, ଚିତ୍ରା, ଇନ୍ଦୁରେଖା, ଚମ୍ପକଲତା, ରଙ୍ଗଦେବୀ, ତୁଙ୍ଗବିଦ୍ୟା ଓ ସୁଦେବୀ। ଏହି ସଖୀମାନେ ଶ୍ରୀରାଧା ରାଣୀଙ୍କ ଅଷ୍ଟ ସଖୀ ନାମରେ ମଧ୍ୟ ପ୍ରସିଦ୍ଧ। ସେହି ଅଷ୍ଟ ସଖୀଙ୍କ ବିଷୟରେ କିଛି କଥା ଆସନ୍ତୁ ଜାଣିବା।

୧. ଲଳିତା :- ଲଳିତାସଖୀ ଅନୁରାଧା ନାମରେ ମଧ୍ୟ ପରିଚିତ ହୁଅନ୍ତି। ଲଳିତାଙ୍କ ଶରୀରର ରଙ୍ଗ ଉଜ୍ଜ୍ୱଳ ଗୋରଚନା ସଦୃଶ ପୀତ ବର୍ଣ୍ଣ। ତାଙ୍କ ବସ୍ତ୍ରର ରଙ୍ଗ ମୟୂରରଙ୍ଗର ଅତି ରମଣୀୟ। ତାଙ୍କ ପିତାଙ୍କ ନାମ ବିଶୋକ ଓ ମାଆଙ୍କ ନାମ ଶାରଦୀ। ରାଧାଙ୍କଠାରୁ ସେ ବୟସରେ ସପ୍ତବିଂଶ ଦିନ ବଡ଼। ତାଙ୍କ ପତିଙ୍କ ନାମ ଭୈରବ। ଶ୍ରୀରାଧା କୃଷ୍ଣଙ୍କ ପାଇଁ ସେ ତାମ୍ବୁଳ ଓ କର୍ପୁର ସେବା ଯୋଗାଇ ଥାଆନ୍ତି। ବୃନ୍ଦାବନରେ ତାଙ୍କ କୁଞ୍ଜ ଲଳିତା ଆନନ୍ଦ କୁଞ୍ଜ ଭାବେ ପରିଚିତ। ଲଳିତାଙ୍କ ସହଯୋଗୀନି ଭାବେ ଅଛନ୍ତି, ରତ୍ନପ୍ରଭା, ରତିକେଳି, ସୁଭଦ୍ରା,ଭଦ୍ରରେଖିକା, ସୁମୁଖି, ଧନିଷ୍ଠା କଳହଂସୀ ଓ କଳାପିନି ପ୍ରଭୃତି ସଖିମାନେ। ତାଙ୍କ ଜନ୍ମ ଦିବସ ଲଳିତାସପ୍ତମୀ ଭାବେ ପାଳିତ ହୋଇ ଥାଏ, ଯାହା, ରାଧାଷ୍ଟମୀର ଗୋଟିଏ ଦିନ ଆଗରୁ ପଡ଼ିଥାଏ। ୨.ବିଶାଖା :- ସଖୀ ବିଶାଖାଙ୍କ ଦେହର ବର୍ଣ୍ଣ ପୀତ ଲୋହିତ ମିଶା ନବନୀତ ରଙ୍ଗ। ତାଙ୍କ ବସ୍ତ୍ର ତାରକା ଖଚିତ ଶାଢ଼ୀ ଓ ଘାଗରା। ସେ ରାଧାରାଣୀଙ୍କ ଶାଶୁ ଜଟିଳାଙ୍କ ଝିଆରି। ବିଶାଖାଙ୍କ ପିତାଙ୍କ ନାମ ପବନ ଓ ମାଆଙ୍କ ନାମ ସୁଦକ୍ଷିଣା। ବହିକଗୋପ ତାଙ୍କର ସ୍ୱାମୀ। ସେ ରାଧାଙ୍କ ଜନ୍ମ ସମୟରେ ଜନ୍ମ ହୋଇ ଥିବାରୁ ଦୁହେଁ ଏକା ବୟସର। ଗହଣା ଓ ବସ୍ତ୍ରରେ ଶୃଙ୍ଗାର କରିବା ତାଙ୍କର ରାଧାକୃଷ୍ଣଙ୍କ ପାଇଁ ସେବା। ତାଙ୍କ କୁଞ୍ଜ ବୃନ୍ଦାବନରେ ବିଶାଖାନନ୍ଦ କୁଞ୍ଜ ଭାବେ ଜଣା। ବିଶାଖା ସଖୀଙ୍କ ସହଚରୀ ମାନେ ହେଲେ ମାଧବୀ, ମାଳତୀ, ଚନ୍ଦ୍ରଲେଖା, ଶୁଭାନନା, ଚପଳା, କୁଞ୍ଜରୀ, ହରିଣୀ, ସୁରଭି ଆଦି ସଖୀ ସମୁଦାୟ। ୩. ଚିତ୍ରା:- ସଖୀ ଚିତ୍ରାଙ୍କ ଶରୀରବର୍ଣ୍ଣ ଗେରୁ। ତାଙ୍କ ପରିଧାନ ସ୍ୱଚ୍ଛ ସ୍ଫଟିକ ବର୍ଣ୍ଣର ବସ୍ତ୍ର। ତାଙ୍କ ମାତାଙ୍କ ନାମ ଚର୍ବିକା। ପିତାଙ୍କ ନାମ ଚତୁର। ସେ ରାଧାଙ୍କ ପିତା ବୃଷଭାନୁଙ୍କ ଭଣଜା। ଚିତ୍ରାଙ୍କ ସ୍ୱାମୀଙ୍କ ନାମ ପିଥର। ଶ୍ରୀରାଧାଙ୍କ ଠାରୁ ଚିତ୍ରା ବୟସରେ ଛବିଶ ଦିନ ସାନ। ରାଧା କୃଷ୍ଣଙ୍କୁ ସେ ଲବଙ୍ଗ ସେବା କରି ଥାନ୍ତି। ବୃନ୍ଦାବନରେ ଚିତ୍ରାଙ୍କ କୁଞ୍ଜ ଚିତ୍ରାନନ୍ଦ କୁଞ୍ଜ ନାମରେ ପରିଚିତ। ଚିତ୍ରାଙ୍କ ପାଖରେ ରସାଳିକା, ତିଳକିନି, ସୌରସେନି, ସୁଗନ୍ଧିକା, କାମ ନାଗରୀ, ନାଗରୀ, ନାଗ ବେଳିକା ଆଦି ସଖୀମାନେ ତାଙ୍କ ସହଚରୀ ଭାବେ ରହିଛନ୍ତି। ୪. ଇନ୍ଦୁରେଖା :- ତାଙ୍କ ଦେହର ରଙ୍ଗ ଡାଳିମ୍ବ ପୁଷ୍ପ ପରି ନୀଳାଭ ପୀତ ଓ ବସ୍ତ୍ରର ରଙ୍ଗ ମଧ୍ୟ ସେପରି। ତାଙ୍କ ପିତାମାତାଙ୍କ ନାମ ସାଗର ଓ ବେଳା। ତାଙ୍କ ସ୍‌ୱାମୀଙ୍କ ନାମ ଦୁର୍ବାଳ। ସେ ବୟସରେ ଶ୍ରୀରାଧାଙ୍କ ଠାରୁ ତିନିଦିନ ସାନ। ତାଙ୍କ ସେବା, ରାଧା କୃଷ୍ଣଙ୍କୁ ମଧୁ ପାନ କରାଇବା। ବୃନ୍ଦାବନରେ ଇନ୍ଦୁରେଖାଙ୍କ କୁଞ୍ଜ ପୂର୍ଣ୍ଣେନ୍ଦ୍ରକୁଞ୍ଜ ଭାବେ ଖ୍ୟାତ। ତାଙ୍କ ସହଚରୀ ମାନେ ହେଲେ, ତୁଙ୍ଗଭଦ୍ରା, ରସତୁଙ୍ଗା, ଚିତ୍ରଲେଖା, ସୁମଙ୍ଗଳା, ରଙ୍ଗବତୀ, ବିଚିତ୍ରାଙ୍ଗୀ, ମଦନାଳସା ଓ ମଦାନି। ୫. ଚମ୍ପକଲତା :- ସେ ଚମ୍ପକ ବର୍ଣ୍ଣ। ତେଣୁ ତାଙ୍କ ନାମ ହୋଇଛି ଚମ୍ପକଲତା। ସାରସ ପକ୍ଷୀ ସଦୃଶ ତାଙ୍କ ବସ୍ତ୍ରର ରଙ୍ଗ। ତାଙ୍କ ସ୍ୱାମୀଙ୍କ ନାମ ଚଣ୍ଡାକ୍ଷ। ସେ ରାଧାରାଣୀଙ୍କ ଠାରୁ ଦିନେମାତ୍ର ଛୋଟ। ତାଙ୍କ ପିତା ମାତା ହେଲେ ଅରାମ ଓ ବାଟିକା। ଅଳଙ୍କାର ଶୃଙ୍ଗାର ତାଙ୍କର ସେବା। ବୃନ୍ଦାବନରେ ଚମ୍ପକଲତା କୁଞ୍ଜ କାମଲତାକୁଞ୍ଜ ଭାବେ ପରିଚିତ। ତାଙ୍କ ପ୍ରିୟ ସଖୀଗଣ ହେଲେ, କୁରଙ୍ଗାକ୍ଷୀ, ମଞ୍ଜଳି, ସୁଚରିତା, ମଣିକୁଣ୍ଡଳା, ଚନ୍ଦ୍ରିକା, ଚନ୍ଦ୍ର ଲତିକା, କନ୍ଦୁକାକ୍ଷୀ ଓ ସୁମନ୍ଦିରା। ୬. ରଙ୍ଗଦେବୀ :- ପଦ୍ମଫୁଲ ପରି ତାଙ୍କର ଦେହର ରଙ୍ଗ। ସେ ପଦ୍ମିନୀ, ପଦ୍ମଗନ୍ଧା। ତାଙ୍କ ବେଷ ଭୂଷା ଜବା କୁସୁମ ପରି। ତାଙ୍କ ମାଆଙ୍କ ନାମ କରୁଣା ଓ ପିତାଙ୍କ ନାମ ରଙ୍ଗାସର। ବୟସରେ ରାଧାରାଣୀଙ୍କ ଠାରୁ ସେ ସପ୍ତଦଶଦିନ କନିଷ୍ଠ। ସେ ରାଧା କୃଷ୍ଣଙ୍କୁ ଚନ୍ଦନ ଶୃଙ୍ଗାର କରି ଥାନ୍ତି। ବକ୍ରକ୍ଷଣ ତାଙ୍କ ପତିଙ୍କ ନାମ। ବୃନ୍ଦାବନରେ ତାଙ୍କ କୁଞ୍ଜ, ରଙ୍ଗଦେବୀ କୁଞ୍ଜ ନାମରେ ଖ୍ୟାତ। ରଙ୍ଗଦେବୀଙ୍କ ସଖୀଗଣ ହେଲେ କଳକଣ୍ଠି, ଶଶିକଳା, କନ୍ଦର୍ପା ସୁନ୍ଦରୀ, କାମଲତିକା, କମଳା, ମଧୁରା, ଇନ୍ଦିରା ଓ ପ୍ରେମମଞ୍ଜରୀ। ୭. ତୁଙ୍ଗବିଦ୍ୟା :- ସେ କୁଙ୍କୁମ ବର୍ଣ୍ଣ। ତାଙ୍କ ଦେହର ରଙ୍ଗ କୁଙ୍କୁମ, କର୍ପୁର ଓ ଚନ୍ଦନ ମିଶ୍ରିତ। ସେ ପୀତ ବସନା। ତାଙ୍କ ମାତାଙ୍କ ନାମ ମେଧା ଏବଂ ପିତାଙ୍କ ନାମ ପୌଷ୍କର। ସେ ଶ୍ରୀରାଧା ରାଣୀଙ୍କ ଠାରୁ ପାଞ୍ଚ ଦିନ କନିଷ୍ଠା। ବୃନ୍ଦାବନରେ ତାଙ୍କ କୁଞ୍ଜ ତୁଙ୍ଗବିଦ୍ୟା କୁଞ୍ଜ ବୋଲି ପ୍ରସିଦ୍ଧ। ତାଙ୍କ ପତିଙ୍କ ନାମ ବାଳୀଶ। ତାଙ୍କ ସଖୀ ମାନେ ହେଲେ, ମଞ୍ଜୁମେଧା, ସୁମଧୁରା, ସୁମେଧା, ମଧୁରେଖା, ତନୁମଧ୍ୟା, ମଧୁଛନ୍ଦା, ଗୁଣଚୂଡ଼ା ଓ ବରାଙ୍ଗଦା। ୮. ସୁଦେବୀ :- ସୁଦେବୀ ରଙ୍ଗ ଦେବୀଙ୍କ ଯାଆଁଳା ଭଉଣୀ। ତାଙ୍କର ବର୍ଣ୍ଣ ଓ ପରିଧାନ ରଙ୍ଗଦେବୀଙ୍କ ପରି। ତାଙ୍କ ପତି, ରଙ୍ଗଦେବୀଙ୍କ ପତି ବକ୍ରକ୍ଷଣଙ୍କ କନିଷ୍ଠ ଭାଇ। ତାଙ୍କ କୁଞ୍ଜର ନାମ ସୁଦେବୀ କୁଞ୍ଜ। ତାଙ୍କର ସଖୀମାନେ ହେଲେ, କାବେରୀ, ସୁକେଶୀ, ଚାରୁକେଶୀ, ହାରହୀରା, ମହାହୀରା, ମନୋହରା, ହାରକାନ୍ତି।।ଏ ସମସ୍ତ ସଖୀ ମାନେ ଥିଲେ ଗୋଲୋକ ବାସିନୀ କୃଷ୍ଣପ୍ରେୟସୀ ଗୋପୀ। ଭଗବାନଙ୍କ ଧରାବତରଣ ସହ ଏମାନେ ମଧ୍ୟ ଧରାବତରଣ କରିଥିଲେ। ଏଣୁ ହରିପ୍ରେମୋନ୍ମତ୍ତ ବୈଷ୍ଣବ ମାନେ ଗାଇଥାନ୍ତ :- """ ଜୟ ଜୟ ଅଷ୍ଟ ସଖି ଜୟ ରାଧା ହରି / ଜୟ ମାଧବ ମୁକୁନ୍ଦ ଗୋବର୍ଦ୍ଧନ ଧାରୀ।। """


**ଅରଙ୍ଗାବାଦ ବରୀ ଯାଜପୁର**
**ମୋବାଇଲ୍: ୯୯୩୮୯୦୬୦୭୦**


# ଜେଲ୍‌ରେ ସଂକଟ




**ସୌଭାଗ୍ୟ ରଂଜନ ମହାନ୍ତି(ରାଜା)**


ଦେଶରେ ଥିବା ଜେଲଗୁଡିକରେ ବ୍ୟାପକ ସଂସ୍କାର ତଥା କଏଦୀଙ୍କ ସୁଖ ସ୍ୱାଚ୍ଛନ୍ଦ୍ୟ ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ରସରକାର ଏବଂ ସୁପ୍ରିମକୋର୍ଟ ବହୁବିଧ ସୁଧାରମୂଳକ ପଦକ୍ଷେପ ଗ୍ରହଣ କରିଥିବାବେଳେ କାରାଗାରଗୁଡିକରେ କଏଦୀଙ୍କ ସ୍ଥିତି ଦେଇ 'ଦ ଇଣ୍ଡିଆ ଜଷ୍ଟିସ' ରିପୋର୍ଟ-୨୦୨୫ରେ ଯେଉଁ ତଥ୍ୟ ପ୍ରକାଶ ପାଇଛି, ତାହା ଜେଲଗୁଡିକର ଦୟନୀୟ ଅବସ୍ଥାକୁ ପ୍ରଦର୍ଶିତ କରିଛି ବୋଲି କୁହାଯାଇପାରିବ। ରିପୋର୍ଟରେ କୁହାଯାଇଛି ଯେ, ଦେଶରେ ଥିବା ମୋଟ ୧୩୮୨ଟି ଜେଲରେ ୪ଲକ୍ଷ ୩୬ହଜାର ରହିବା ପାଇଁ ବ୍ୟବସ୍ଥା ଥିବାବେଳେ ୨୦୨୨ ମସିହା ସୁଦ୍ଧା ୫ଲକ୍ଷ ୭୩ହଜାରରୁ ଅଧିକ କଏଦୀ ବନ୍ଦୀ ଥିଲେ, ଯାହାକି ନିର୍ଦ୍ଧାରିତ ସଂଖ୍ୟା ଠାରୁ ୧୩୧ ପ୍ରତିଶତ ଅଧିକ। ଇତିମଧ୍ୟରେ କଏଦୀଙ୍କ ସଂଖ୍ୟା ଆହୁରି ଅଧିକ ବୃଦ୍ଧି ପାଇବା ଆଶଙ୍କାକୁ ଏଡାଇ ଦେଉ ହେଉ ନାହିଁ। ରିପୋର୍ଟରେ କୁହାଯାଇଛି ଯେ, ଅଧାରୁ ଅଧିକ କାରାଗାରଗୁଡିକରେ କ୍ଷମତାଠାରୁ ଅଧିକ କଏଦୀ ଥିବାବେଳେ କେତେକରେ ୪ଗୁଣାରୁ ଅଧିକ କଏଦୀ ଅଛନ୍ତି। ରାଜଧାନୀ ଦିଲ୍ଲୀରେ ଚର୍ଚ୍ଚିତ ତିହାର ଜେଲରେ କ୍ଷମତାଠାରୁ ୮ଗୁଣ ଅଧିକ ତଥା ୪୦୦ପ୍ରତିଶତରୁ ଅଧିକ କଏଦୀ ରହିଥିବାବେଳେ ୧୭୬ଟି କାରାଗାରରେ ଏବେ ଧାର୍ଯ୍ୟ ସଂଖ୍ୟା ଠାରୁ ୪ଗୁଣ ଅଧିକ ତଥା ପ୍ରତିଶତ କଏଦୀ ଅଧିକ ରହିଛନ୍ତି। ଏଥିରୁ କଏଦୀମାନେ କେତେ ସୁଖ ସ୍ୱଚ୍ଛନ୍ଦ୍ୟରେ ବନ୍ଦୀ ଜୀବନଯାପନ କରୁଛନ୍ତି, ତାହା ସ୍ପଷ୍ଟ ଅନୁମେୟ। ରିପୋର୍ଟରେ ଆହୁରି କୁହାଯାଇଛି ଯେ, ବିଚାରାଧୀନ ଏବଂ ସେମାନଙ୍କର ଦୀର୍ଘ ଅବସ୍ଥାନ ଯୋଗୁଁ କାରାଗାରଗୁଡିକରେ ଗହଳି ବଢିବାରେ ଲାଗିଛି। ଏପରିକି ମାମଲା ବିଚାର ହୋଇ ପାରୁନଥିବାରୁ ଦୀର୍ଘ ବର୍ଷ ବର୍ଷ ଧରି ବିଚାରାଧୀନମାନେ ଭାଗ୍ୟକୁ ଆଦରି ପଡି ରହିଛନ୍ତି। କାରାଗାରଗୁଡିକର ଅବସ୍ଥା ଏପରି ହୋଇଛି ଯେ, ଅନ୍ତେବାସୀମାନେ ଭିଡ ବା ଗହଳି ଯୋଗୁଁ ଅଣନିଶ୍ୱାସୀ ହୋଇପଡିଲେଣି। ଆହୁରି ମଧ୍ୟ ଏନେଇ କାରାଗାର ସଂସ୍କାର କମିଟି ଯେଉଁ ରିପୋର୍ଟ ଦେଇଛି ତାହା ମଧ୍ୟ ଚିନ୍ତାଜନକ। ରିପୋର୍ଟରେ କୁହାଯାଇଛି ଯେ, ଜେଲରେ ଗହଳି ଯୋଗୁଁ ୬୮ପ୍ରତିଶତ କଏଦୀ ଭଲରେ ଶୋଇପାରୁଥିବା ବେଳେ ସ୍ଥାନାଭାବ ଯୋଗୁଁ ୩୨ପ୍ରତିଶତ କଏଦୀଙ୍କୁ ରାତ୍ରି ଅନିଦ୍ରା ହେବାକୁ ପଡୁଛି। ତେବେ ଏବେ ଜେଲଗୁଡିକରେ କଏଦୀଙ୍କ ସଂଖ୍ୟା ଯେପରି ବଢିଚାଲିଛି। ୨୦୩୦ ମସିହା ସୁଦ୍ଧା ସେମାନଙ୍କ ସଂଖ୍ୟା ୬ଲକ୍ଷ ୮୦ହଜାରକୁ ବୃଦ୍ଧି ପାଇବ। ଯାହାକି କାରାଗାରଗୁଡିକର ସାମର୍ଥ୍ୟ ୫ଲକ୍ଷ ୧୫ହଜାର ଠାରୁ ଢେର ଅଧିକ। ଏହା ନିସନ୍ଦେହ



ଯେ, ବ୍ୟାପକ ଜେଲ ସଂସ୍କାର ସତ୍ତ୍ୱେ କାରାଗାରଗୁଡିକରେ କେବଳ ସ୍ଥାନାଭାବ ନୁହେଁ, ଅନ୍ତୋବାସୀଙ୍କ ସ୍ୱାସ୍ଥ୍ୟ ସମେତ ବିଭିନ୍ନ ସମସ୍ୟା ଗୁରୁତର ହେବାରେ ଲାଗିଛି। ଏହା ହେଉଛି ମାନବିକ ଅଧିକାର ଜରୁରୀ ପରିସ୍ଥିତି। ଜେଲରେ ଦୀର୍ଘ ବନ୍ଦୀ ଯୋଗୁଁ କଏଦୀଙ୍କ ମଧ୍ୟରେ ମାନସିକ ରୋଗ ବଢିଚାଲିଛି। ଏକ ରିପୋର୍ଟ ଅନୁଯାୟୀ, ୨୦୧୨ ମସିହା ପରେ ମାନସିକ ରୋଗ ଦ୍ୱିଗୁଣିତ ହୋଇଛି। ସେମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ବିଚାରାଧୀନ କଏଦୀ। ଯେଉଁମାନଙ୍କ ଅପରାଧ ନିର୍ଦ୍ଧାରିତ ହୋଇନାହିଁ। ସେମାନେ ଏବେ ମାନସିକ ଯନ୍ତ୍ରଣାରେ ଜର୍ଜରିତ। ଗୋଟିଏ ପଟେ ଜେଲରେ ଅନ୍ତେବାସୀଙ୍କ ମଧ୍ୟରେ ମାନସିକ ରୋଗ ବଢିଚାଲିଥିବାବେଳେ ଅନ୍ୟପଟେ ଦେଶରେ ସମସ୍ତ କଏଦୀଙ୍କ ପାଇଁ ମାତ୍ର ୨୫ ଜଣ ମନୋଚିକିତ୍ସକ ଅଛନ୍ତି, ଯାହାକ ସମୁଦ୍ରକୁ ଶଙ୍ଖେ ବୋଲି କୁହାଯାଇପାରେ। ସେହିପରି ଜେଲରେ ଚିକିତ୍ସା ସମସ୍ୟା ମଧ୍ୟ କିଛି କମ୍ ନୁହେଁ। ଦେଶବ୍ୟାପୀ ୪୩ପ୍ରତିଶତରୁ ଅଧିକ ଡାକ୍ତର ପଦବୀ ଖାଲି ପଡିଛି। ଚିକିତ୍ସା ଅଭାବରୁ କଏଦୀମାନେ ଉଭୟ ଶାରିରୀକ ଓ ମାନସିକ ଯନ୍ତ୍ରଣା ଭୋଗୁଥିବା କୁହାଯାଏ। ଜାତୀୟ ରାଜଧାନୀ ଦିଲ୍ଲୀରେ ଥିବା ଜେଲଗୁଡିକରେ ୨୦୬ଜଣ କଏଦୀଙ୍କ ପାଇଁ ମାତ୍ର ଜଣେ ଡାକ୍ତର ଥିବା ଜଣାଯାଏ। ଏହା ନିସନ୍ଦେହ ଯେ, ଜେଲରେ କଏଦୀଙ୍କ ପ୍ରତି ଉଭୟ ସରକାର ଓ ବିଚାର ପ୍ରକ୍ରୀୟାର ଅବହେଳା ନୂଆ ନୁହେଁ। ବିଚାର ପ୍ରତିକ୍ରିୟାରେ ମନ୍ଥରତା ଯୋଗୁଁ ବିଚାରାଧୀନଙ୍କ ବନ୍ଦୀ ଜୀବନ ବଢିଚାଲିଥିବାବେଳେ ସରକାର ପ୍ରଶାସନର ଉଦାସୀନତା ସଂକଟକୁ ଦ୍ୱିଗୁଣିତ କରିଛି। ଜେଲଗୁଡିକର ସୁଧାର କାର୍ଯ୍ୟକ୍ରମ ପାଇଁ ମଞ୍ଜୁରୀ ପ୍ରାପ୍ତ ପଦବୀଗୁଡିକ ମଧ୍ୟରୁ ୬୦ପ୍ରତିଶତ ପଦବୀ ଖାଲି ପଡିଛି। କର୍ମଚାରୀ ଅଭାବରୁ ସୁଧାରମୂଳକ କାର୍ଯ୍ୟକ୍ରମ ଆଗେଇ ପାରୁନାହିଁ। ସେହିପରି ସର୍ବୋଚ୍ଚ ଅଦାଲତ ବାରମ୍ବାର ଦୀର୍ଘକାଳୀନ ଜେଲ ଯୋଜନାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇ ଆସୁଥିବା ସତ୍ତ୍ୱେ ଶାସନ-ପ୍ରଶାସନର ଉଦାସୀନତା ଯୋଗୁଁ କୌଣସି କାର୍ଯ୍ୟ ଆଗେଇ ପାରୁନାହିଁ। ଯାହାର ପରିଣତି ସ୍ୱରୁପ ଜେଲ ସଂକଟ ବଢିବାରେ ଲାଗିଛି। ଏହି ସଂକଟର ସମାଧାନ ପାଇଁ ରାଜନୈତିକ ଇଚ୍ଛାଶକ୍ତି ଜରୁରୀ। ଫାଷ୍ଟଟ୍ରାକ କୋର୍ଟ ଏବଂ ବିକଳ୍ପ ବିବାଦ ସମାଧାନର ପନ୍ଥା ବିଚାରାଧୀନ କଏଦୀଙ୍କ ସଂଖ୍ୟା ହ୍ରାସ କରିପାରିବ। ଆହୁରି ମଧ୍ୟ କଏଦୀଙ୍କ ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ଭିତିଭୂମି ନିର୍ମାଣ, ଡାକ୍ତର, ମନୋଚିକିତ୍ସକ ଓ କର୍ମଚାରୀ ନିଯୁକ୍ତି ଜରୁରୀ ଆବଶ୍ୟକତା ରହିଛି। ଗରିବଙ୍କ ପାଇଁ ଆଇନଗତ ସହାୟତାକୁ ତ୍ୱରାନ୍ୱିତ କରିବା ସହ ବିଚାରାଧୀନଙ୍କ ସଂଖ୍ୟା ହ୍ରାସ ଉପରେ ଗୁରୁତ୍ୱ ଦିଆଯିବା ଜରୁରୀ। ଏହା ସତ୍ୟ ଯେ, କଏଦୀଙ୍କୁ ସମ୍ମାନ ଓ ଯତ୍ନ ଆମ ଗଣତତନ୍ତ୍ର ଶକ୍ତିକୁ ପ୍ରତିଫଳିତ କରେ। ଏହା ଏକ ଅନୁକମ୍ପା ନୁହେଁ, ସାମ୍ବିଧାନିକ କର୍ତବ୍ୟ।


**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,**
**ରୋଡ ନଂ-୩, ଶିଶୁପାଳଗଡ-୭୫୧୦୦୨**
**ମୋବାଇଲ: ୭୯୭୮୬୬୬୪୦୩**

### ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା କଲେ ଜେଡି ଭେନ୍ସ

# ମୋଦି ବିଶ୍ୱର ସବୁଠୁ ଲୋକପ୍ରିୟ ନେତା

**ନୂଆଦିଲ୍ଲୀ, ୨୨।୪:** ଆମେରିକାର ଉପରାଷ୍ଟ୍ରପତି ଜେଡି ଭେନ୍ସ ନିଜର ୪ ଦିବସୀୟ ଭାରତ ଗସ୍ତର ୨ୟ ଦିନ ରାଜସ୍ଥାନର ଜୟପୁରରେ ପହଞ୍ଚିଛନ୍ତି। ଏଠାରେ ସେ ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରିଛନ୍ତି। ଏହି ସମୟରେ ପିଏମ୍ ମୋଦିଙ୍କର ଖୁବ୍ ପ୍ରଶଂସା କରିଛନ୍ତି। ସେ କହିଛନ୍ତି , ପିଲା ସତ କଥା କୁହନ୍ତି ଏବଂ ତାଙ୍କର ତିନି ଜଣ ପିଲା ଏହି ବିଶ୍ୱର ଦୁଇ ନେତାଙ୍କ ଖୁବ୍ ନିକଟତର , ଯେଉଁଥିରେ ପ୍ରଥମେ ଟ୍ରମ୍ପ ଓ ଦ୍ୱିତୀୟ ନରେନ୍ଦ୍ର ମୋଦି। ପିଏମ୍ ମୋଦିଙ୍କୁ ତାଙ୍କର ଦ୍ୱିତୀୟ ପୁଅର ୫ମ ଜନ୍ମଦିନ ମନେରଖିବା ଓ ଗିଫ୍ଟ ଦେବା ପାଇଁ ବିଶେଷ କୃତଜ୍ଞତା ଜଣାଉଛି। ପ୍ରଧାନମନ୍ତ୍ରୀ ମୋଦି ବିଶ୍ୱର ସବୁଠୁ ଲୋକପ୍ରିୟ ନେତା। ଆଗାମୀ ସମୟରେ ଲୋକେ ଭାରତ ଓ ଆମେରିକାର ବନ୍ଧୁତା ବିଷୟରେ କଥାବାର୍ତ୍ତା ହେବେ। ଭାରତ ଓ ଆମେରିକାର ମଧ୍ୟରେ ନିବେଶ, ବାଣିଜ୍ୟ ଓ ଭାଗିଦାରୀ (ପାର୍ଟନରସିପ୍) ଉଭୟ ଦେଶର ବିଜୟ ସଦୃଶ। ଆମେରିକାର ଉପରାଷ୍ଟ୍ରପତି ଜେଡି ଭେନ୍ସ କହିଛନ୍ତି , ମୋ ମତରେ ଆମେରିକା –ଭାରତ ମିଶି ବହୁତ କିଛି ହାସଲ କରି ପାରିବେ। ଭାରତ ସହ ଆମେରିକା ପୃଥିବୀରେ କୌଣସି ବି ଅନ୍ୟ ଦେଶ ସହ କରାଯାଉ ଥିବା ସାମରିକ ଅଭ୍ୟାସ ଠାରୁ ଖୁବ୍ ଅଧିକ ସାମରିକ ଅଭ୍ୟାସ କରିଥାଏ। ବଡ଼ ଜିନିଷର ନିର୍ମାଣ ଓ



ଅତ୍ୟାଧୁନିକ ଟେକନିକ୍‌ର ଆବିଷ୍କାର କରିବା ପାଇଁ ଆମେ ମିଳିମିଶି କାମ କରିପାରିବା, ଯାହାର ଆଗାମୀ ସମୟରେ ଉଭୟ ଦେଶକୁ ଆବଶ୍ୟକ ହେବ। ଆମେରିକାର ଉପରାଷ୍ଟ୍ରପତି ଜେଡି ଭେନ୍ସ କହିଛନ୍ତି , ଆମେରିକା ଓ ଭାରତ ବାଣିଜ୍ୟ ଆଲୋଚନା ପାଇଁ ଆନୁଷ୍ଠାନିକ ଭାବେ ସର୍ତ୍ତାବଳୀ ଚୂଡ଼ାନ୍ତ କରିଛନ୍ତି। ମୋ ମତରେ ଏହା ରାଷ୍ଟ୍ରପତି ଟ୍ରମ୍ପ ଓ ପ୍ରଧାନମନ୍ତ୍ରୀ ମୋଦିଙ୍କ ଦୃଷ୍ଟିକୋଣକୁ ସାକାର କରିବାର ଦିଗରେ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ। ଏହା ଆମର ଦେଶ ଦେଶ ମଧ୍ୟରେ ଫାଇଲନାଲ ଡିଲ୍‌ର ଦିଗରେ ଏକ ରୋଡମ୍ୟାପ୍ ପ୍ରସ୍ତୁତ କରିଥାଏ। ଆମେ ନିଜର ବନ୍ଧୁଙ୍କ ସହ ଭଲ ଡିଲ୍ କରିବାକୁ ଚାହୁଁ। ଜେଡି ଭେନ୍ସ କହିଛନ୍ତି କି, ଆମେରିକାରେ ଏବେ ଏକ ଏମିତି ସରକାର ଅଛି, ଯାହାକି ଗତ ଭୁଲ୍‌ରୁ ଶିକ୍ଷା ପାଇଛି। ମୋ ମତରେ ଭାରତ ଓ ଆମେରିକା ନିକଟରେ ପରସ୍ପରକୁ ଦେବା ପାଇଁ ବହୁତ କିଛି ଅଛି। ଏଥିପାଇଁ ଆମେ ଆପଣଙ୍କ ପାଖକୁ ପାର୍ଟନର ଭାବେ ଆସୁଛୁ, ଯାହାକି ନିଜ ସମ୍ବନ୍ଧକୁ ଦୃଢ଼ କରି ପାରିବା। ଆମେ ଉପଦେଶ ଦେବା ପାଇଁ ଆସି ନାହୁଁ ଯେ, କହିବୁ ଆପଣ କୌଣସି ଗୋଟିଏ ସ୍ୱତନ୍ତ୍ର ଉପାୟରେ କାମ କରନ୍ତୁ। ଆମେରିକାର ପୂର୍ବବର୍ତ୍ତୀ ପ୍ରଶାସନ ଭାରତକୁ କମ୍ ମୂଲ୍ୟ ଥିବା ଶ୍ରମର ଉତ୍ସ ଭାବେ ଦେଖୁ ଥିଲେ।

# ସଂସଦ ହିଁ ସୁପ୍ରିମ୍: ଧନଖଡ଼



**ନୂଆଦିଲ୍ଲୀ, ୨୨।୪:** ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ପୁଣି ଥରେ ନ୍ୟାୟପାଳିକା ଏବଂ କାର୍ଯ୍ୟପାଳିକାର ଅଧିକାର କ୍ଷେତ୍ର ସମ୍ପର୍କରେ ଏକ ବଡ଼ ବୟାନ ଦେଇଛନ୍ତି। ସେ ମଙ୍ଗଳବାର ଦିନ କହିଛନ୍ତି ଯେ ସମ୍ବିଧାନର ମୌଳିକ ଭାବନାର 'ସର୍ବୋଚ୍ଚ ରକ୍ଷକ' ହେଉଛନ୍ତି ନିର୍ବାଚିତ ଜନପ୍ରତିନିଧି ଏବଂ କେହି ସଂସଦଠାରୁ ଉପରେ ନୁହଁନ୍ତି। ଏହା ସହିତ, ସେ ଏହା ମଧ୍ୟ ଗୁରୁତ୍ୱାରୋପ କରିଥିଲେ ଯେ ଯେତେବେଳେ କୌଣସି ସାମ୍ବିଧାନିକ ଅଧିକାରୀ କିଛି କୁହନ୍ତି, ତାହା ଦେଶର ସର୍ବୋଚ୍ଚ ସ୍ୱାର୍ଥକୁ ଧ୍ୟାନରେ ରଖି କୁହାଯାଏ। ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଉପରାଷ୍ଟ୍ରପତି କହିଛନ୍ତି ଯେ ୧୯୭୭ ମସିହାରେ ଦେଶରେ ଜରୁରୀକାଳୀନ ପରିସ୍ଥିତି ଲାଗୁ କରିଥିବା ପ୍ରଧାନମନ୍ତ୍ରୀଙ୍କୁ ଲୋକଙ୍କ ଦ୍ୱାରା ସେଥିପାଇଁ ଦାୟୀ କରାଯାଇଥିଲା। ସେ କହିଥିଲେ, 'ସମ୍ବିଧାନ ଲୋକଙ୍କ ପାଇଁ ଏବଂ ଏହା ସେମାନଙ୍କ ନିର୍ବାଚିତ ପ୍ରତିନିଧିମାନଙ୍କୁ ସୁରକ୍ଷା ଦିଏ।' ସମ୍ବିଧାନ ସଂସଦଠାରୁ ଉପରେ କୌଣସି ସଂସ୍ଥାକୁ କଳ୍ପନା କରି ନାହିଁ। ସଂସଦ ସର୍ବୋଚ୍ଚ ଏବଂ ଏହା ଦେଶର ପ୍ରତ୍ୟେକ ନାଗରିକଙ୍କ ପରି ସର୍ବୋଚ୍ଚ।

୧୯୭୭ ମସିହାରେ ଦେଶରେ ଜରୁରୀକାଳୀନ ପରିସ୍ଥିତି ଲାଗୁ କରିଥିବା ପ୍ରଧାନମନ୍ତ୍ରୀଙ୍କୁ ଲୋକଙ୍କ ଦ୍ୱାରା ସେଥିପାଇଁ ଦାୟୀ କରାଯାଇଥିଲା। ସେ କହିଥିଲେ, 'ସମ୍ବିଧାନ ଲୋକଙ୍କ ପାଇଁ ଏବଂ ଏହା ସେମାନଙ୍କ ନିର୍ବାଚିତ ପ୍ରତିନିଧିମାନଙ୍କୁ ସୁରକ୍ଷା ଦିଏ।' ସମ୍ବିଧାନ ସଂସଦଠାରୁ ଉପରେ କୌଣସି ସଂସ୍ଥାକୁ କଳ୍ପନା କରି ନାହିଁ। ସଂସଦ ସର୍ବୋଚ୍ଚ ଏବଂ ଏହା ଦେଶର ପ୍ରତ୍ୟେକ ନାଗରିକଙ୍କ ପରି ସର୍ବୋଚ୍ଚ। ଜଗଦୀପ ଧନଖର କହିଛନ୍ତି, 'ମୋ ମତରେ, ନାଗରିକ ସର୍ବୋଚ୍ଚ କାରଣ ଏକ ରାଷ୍ଟ୍ର ଏବଂ ଗଣତନ୍ତ୍ର କେବଳ ନାଗରିକମାନଙ୍କ ଦ୍ୱାରା ଗଠିତ।' ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କର ନିଜସ୍ୱ ଭୂମିକା ଅଛି! ଗଣତନ୍ତ୍ରର ଆତ୍ମା ପ୍ରତ୍ୟେକ ନାଗରିକଙ୍କଠାରେ ବାସ କରେ ଏବଂ ସ୍ପନ୍ଦିତ ହୁଏ। ଗଣତନ୍ତ୍ର ସେତେବେଳେ ବିକଶିତ ହେବ, ଏହାର ମୂଲ୍ୟବୋଧ କେବଳ ସେତେବେଳେ ବୃଦ୍ଧି ପାଇବ ଯେତେବେଳେ ନାଗରିକମାନେ ସଚେତନ ହେବେ, ନାଗରିକମାନେ ଅବଦାନ ଦେବେ ଏବଂ ନାଗରିକମାନଙ୍କ ଦ୍ୱାରା ଦିଆଯାଇଥିବା ଅବଦାନର କୌଣସି ବିକଳ୍ପ ନାହିଁ। ଉପରାଷ୍ଟ୍ରପତି ସମ୍ପ୍ରତି ସୁପ୍ରିମକୋର୍ଟର ନିଷ୍ପତ୍ତି ଉପରେ ତାଙ୍କର ମନ୍ତବ୍ୟ ପାଇଁ ସମାଲୋଚନା କରୁଥିବା ଲୋକଙ୍କୁ ସମାଲୋଚନା କରିଥିଲେ। ସୁପ୍ରିମକୋର୍ଟର ଏକ ଖଣ୍ଡପୀଠ ସମ୍ପ୍ରତି କହିଥିଲେ ଯେ ଯଦି ରାଜ୍ୟପାଳ ରାଷ୍ଟ୍ରପତିଙ୍କ ନିକଟକୁ ଅନୁମୋଦନ ପାଇଁ ଏକ ବିଲ୍ ପଠାନ୍ତି, ତେବେ ରାଷ୍ଟ୍ରପତିଙ୍କୁ ତିନି ମାସ ମଧ୍ୟରେ ଏହା ଉପରେ ନିଷ୍ପତ୍ତି ନେବାକୁ ପଡିବ। ଏହା ଉପରେ ପ୍ରତିକ୍ରିୟା ଦେଇ ଧନଖର କହିଥିଲେ ଯେ ନ୍ୟାୟପାଳିକା ଏକ 'ସୁପର ପାର୍ଲାମେଣ୍ଟ' ହୋଇପାରିବ ନାହିଁ ଏବଂ ଏହା କାର୍ଯ୍ୟପାଳିକା (ସରକାର)ର କାମରେ ହସ୍ତକ୍ଷେପ କରିପାରିବ ନାହିଁ।

### ସାଂସଦଙ୍କ ବିବାଦୀୟ ଟିପ୍ପଣୀ ମାମଲା

## ସୁପ୍ରିମକୋର୍ଟରେ ଆସନ୍ତା ସପ୍ତାହରେ ଶୁଣାଣି

**ନୂଆଦିଲ୍ଲୀ, ୨୨।୪:** ବଢ଼ିପାରେ ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କ ଅଡୁଆ। ସିଜେଆଇଙ୍କ ଉପରେ ସାଂସଦଙ୍କ ବିବାଦୀୟ ଟିପ୍ପଣୀ ମାମଲାର ଶୁଣାଣି କରିବେ ସୁପ୍ରିମକୋର୍ଟ। ଆସନ୍ତା ସପ୍ତାହରେ ଆବେଦନ ଉପରେ ଶୁଣାଣି କରିବେ କୋର୍ଟ। ନିଶିକାନ୍ତ ଦୁବେ ସିଜେଆଇ ଜଷ୍ଟିସ ସଞ୍ଜୀବ ଖାନ୍ନାଙ୍କୁ ନେଇ ବଡ ବୟାନ ଦେଇଥିଲେ। ଏପରିକି ସୁପ୍ରିମକୋର୍ଟଙ୍କ ବିରୋଧରେ ମଧ୍ୟ ବିଜେପି ସାଂସଦ ବିଷୋଦଗାର କରିଥିଲେ। ନିଶିକାନ୍ତ କହିଥିଲେ ସାମ୍ବିଧାନିକ ବ୍ୟବସ୍ଥା ଅନୁସାରେ ସଂସଦରେ ଆଇନ ପ୍ରସ୍ତୁତ କରାଯାଏ। ସଂସଦର ଏହି କ୍ଷମତା ଉପରେ ସୁପ୍ରିମକୋର୍ଟଙ୍କ ବିବାଦ ବଢୁଛି। ଯଦି ସୁପ୍ରିମକୋର୍ଟ ଆଇନ ତିଆରି କରିବେ , ତେବେ ସଂସଦର ଭୂମିକା କ'ଣ ରହିବ ? ତେଣୁ ସଂସଦକୁ ବନ୍ଦ କରିଦେବା ଉଚିତ। ଏଥିସହ ସାଂସଦ କହିଥିଲେ ସିଜେଆଇ ମଧ୍ୟ ନିଜ ଭୂମିକାକୁ ସଜାଡ଼ିବା ଆବଶ୍ୟକ। ଦେଶରେ ସାମ୍ପ୍ରଦାୟିକ ହିଂସା ବଢୁଛି ଓ ଏଥିପାଇଁ ସିଜେଆଇ ଦାୟୀ। ଦେଶକୁ ସୁପ୍ରିମକୋର୍ଟ ଅରାଜକତା ଆଡ଼କୁ ନେବାକୁ ଚାହୁଁଛନ୍ତି। ବିଲ୍ ଅନୁମୋଦନ ପ୍ରସଙ୍ଗରେ ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ପାଇଁ ସୁପ୍ରିମକୋର୍ଟ ସମୟଧାର୍ଯ୍ୟ କରିବା ଯଥାର୍ଥ ନୁହେଁ। ୱାକଫ ଆଇନ ଓ ଅନ୍ୟାନ୍ୟ ବିଲରେ କୋର୍ଟ କେବଳ ତର୍ଜମା କରିବା ଉଚିତ।

### ଆମେ ଛାଡିବୁ ନାହିଁ, ଆତଙ୍କବାଦୀଙ୍କୁ କଡ଼ା ଜବାବ ମିଳିବ: ଓମର ଅବଦୁଲ୍ଲା



**ଶ୍ରୀନଗର:** ଜମ୍ମୁ-କଶ୍ମୀରର ପହଲଗାମରେ ଏକ ବଡ଼ ଆତଙ୍କବାଦୀ ଆକ୍ରମଣ ହୋଇଛି। ଏହି ଆକ୍ରମଣରେ ଅନେକ ପର୍ଯ୍ୟଟକଙ୍କୁ ଗୁଳିମାଡ଼ କରାଯାଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁସାରେ ଆତଙ୍କବାଦୀମାନେ ଲୋକଙ୍କ ନାମ ପଚାରିବା ପରେ ଗୁଳି ଚଳାଇଥିଲେ। ଏହି ଆକ୍ରମଣରେ ୨୭ରୁ ଅଧିକ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ବେଳେ ବହୁ ଆହତ ହୋଇଛନ୍ତି। ଏହି ଆକ୍ରମଣ ସମ୍ପର୍କରେ ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମର ଅବଦୁଲ୍ଲାଙ୍କ ଏକ ମନ୍ତବ୍ୟ ସାମ୍ନାକୁ ଆସିଛି। ମୁଖ୍ୟମନ୍ତ୍ରୀ ଅବଦୁଲ୍ଲା ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଲେଖିଛନ୍ତି, ଏଭଳି ଘଟଣା ନେଇ ମୁଁ ମର୍ମାହତ। ଆମର ପର୍ଯ୍ୟଟକଙ୍କ ଉପରେ ଏହି ଆକ୍ରମଣ ଏକ ଘୃଣ୍ୟ ଏବଂ କାପୁରୁଷତାପୂର୍ଣ୍ଣ କାର୍ଯ୍ୟ। ଏହି ଆକ୍ରମଣର ଅପରାଧୀମାନେ ଅମାନବୀୟ ଏବଂ ଘୃଣ୍ୟ। ନିନ୍ଦା କରିବା ପାଇଁ କୌଣସି ଶବ୍ଦ ଯଥେଷ୍ଟ ନୁହେଁ। ମୁଁ ମୃତକଙ୍କ ପରିବାର ପ୍ରତି ଗଭୀର ସମବେଦନା ଜଣାଉଛି। ମୁଁ ତୁରନ୍ତ ଶ୍ରୀନଗର ଫେରିଯାଉଛି। ସେ ଏହା ମଧ୍ୟ କହିଛନ୍ତି ଯେ, ମୃତକଙ୍କ ସଠିକ୍ ସଂଖ୍ୟା ଜାଣିବା ପାଇଁ ପ୍ରୟାସ କରାଯାଉଛି। ତେଣୁ ଏନେଇ କୌଣସି ବିବରଣୀ ଦେବାକୁ ଚାହୁଁ ନାହିଁ। ପରିସ୍ଥିତି ସ୍ପଷ୍ଟ ହେବା ପରେ ସୂଚନା ଆନୁଷ୍ଠାନିକ ଭାବରେ ପ୍ରଦାନ କରାଯିବ। ଏହି ଆକ୍ରମଣ ସାମ୍ପ୍ରତିକ ବର୍ଷଗୁଡ଼ିକରେ ସାଧାରଣ ନାଗରିକଙ୍କ ଉପରେ ହୋଇଥିବା ଯେକୌଣସି ଆକ୍ରମଣ ଅପେକ୍ଷା ବହୁତ ଗମ୍ଭୀର। ଯେଉଁମାନେ ଆତଙ୍କବାଦୀ ଆକ୍ରମଣ କରନ୍ତି ସେମାନଙ୍କୁ ଆମେ ଛାଡ଼ିବୁ ନାହିଁ। ଆତଙ୍କବାଦୀଙ୍କୁ କଡ଼ା ଜବାବ ମିଳିବ।

### ପୂର୍ବତନ ଡିଜିପି ସ୍ୱାମୀଙ୍କୁ ହତ୍ୟା କରିବା ପୂର୍ବରୁ ଇଣ୍ଟରନେଟରେ ସ୍ତ୍ରୀ ସର୍ଚ୍ଚ କରିଥିଲେ



**ବେଙ୍ଗାଲୁରୁ, ୨୨।୪:** କର୍ଣ୍ଣାଟକର ପୂର୍ବତନ ପୁଲିସ ମହାନିର୍ଦ୍ଦେଶକ ଓମ୍‌ପ୍ରକାଶଙ୍କ କ୍ଷତବିକ୍ଷତ ମୃତଦେହ ବେଙ୍ଗାଲୁରୁ ଏଚ୍‌ଏସ୍‌ଆର୍ ଲେଆଉଟ୍‌ସ୍ଥିତ ବାସଭବନରୁ ଉଦ୍ଧାର ହୋଇଥିଲା। ଏହି ହତ୍ୟାକାଣ୍ଡ ପରେ ପୁଲିସ ମହାନିର୍ଦ୍ଦେଶକ ଓମ୍‌ପ୍ରକାଶଙ୍କ ପତ୍ନୀ ପଲ୍ଲବୀ ପୁଲିସ କଣ୍ଟ୍ରୋଲ ରୁମ ୧୧୨କୁ ଫୋନ୍ କରି ହତ୍ୟା କରିଥିବା ସ୍ୱୀକାର କରିଥିବା ଜଣାପଡ଼ିଛି। ପ୍ରକାଶିତ ରିପୋର୍ଟ ମୁତାବକ, ପୂର୍ବତନ ପୁଲିସ ଅଧିକାରୀଙ୍କ ମୃତ୍ୟୁର ୫ ଦିନ ପୂର୍ବରୁ ସ୍ତ୍ରୀ ପଲ୍ଲବୀ ଇଣ୍ଟରନେଟରେ ବେକ ପାଖରେ ଥିବା ଶିରା ଏବଂ ରକ୍ତବାହୀ ନାଡୀ କାଟି ଦେଲେ କିପରି ଜଣେ ବ୍ୟକ୍ତିର ମୃତ୍ୟୁ ହୁଏ ସର୍ଚ୍ଚ କରିଥିଲେ। ପୁଲିସ ତଦନ୍ତରୁ ଜାଣିବାକୁ ପାଇଛି ଯେ ପୂର୍ବତନ ଡିଜିପି ଓ ପତ୍ନୀ ପଲ୍ଲବୀଙ୍କ ମଧ୍ୟରେ କୌଣସି କଥାକୁ ନେଇ ଯୁକ୍ତିତର୍କ ହୋଇଥିଲା। ଏହି ଘଟଣାକୁ କେନ୍ଦ୍ର କରି ପଲ୍ଲବୀ ସ୍ୱାମୀଙ୍କୁ ଛୁରାମାଡ଼ କରିବା ପାଇଁ ସ୍ଥିର କରିଥିଲେ। ଏହା ପୂର୍ବରୁ ସେ ସ୍ୱାମୀଙ୍କ ମୁହଁରେ ଲଙ୍କା ପାଉଡର ଫିଙ୍ଗି ଦେଇଥିଲେ। ଲଙ୍କାପାଉଡର ଡିଜିପିଙ୍କ ଉପରେ ପଡ଼ିବା ପରେ ସେ ଯନ୍ତ୍ରଣାବରେ ଏଣେତେଣେ ଦୌଡ଼ିଥିଲେ। ଏହି ସମୟରେ ପଲ୍ଲବୀ ଅତି ନିର୍ଦ୍ଦୟ ଭାବେ ସ୍ୱାମୀଙ୍କୁ ଛୁରୀରେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ପୂର୍ବତନ ଡିଜିପି ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଯାଇଥିଲା। ଓମ ପ୍ରକାଶଙ୍କ ପୁଅ କାର୍ତ୍ତିକେଶ ଅଭିଯୋଗ କରି କହିଛନ୍ତି, ' ମା' ପଲ୍ଲବୀ ଗତ ଏକ ସପ୍ତାହ ଧରି ମୋ ବାପାଙ୍କୁ ହତ୍ୟା ଧମକ ଦେଉଇ ଆସୁଥିଲେ।'

### ବେଙ୍ଗାଲୁରୁରେ ଅଳିଆ ଫିଙ୍ଗିବାକୁ ମନା କରି ମାଡ଼ ଖାଇଲେ ପ୍ରଫେସର



**ବେଙ୍ଗାଲୁରୁ, ୨୨।୪:** ରାସ୍ତାରେ ଅଳିଆ ଫିଙ୍ଗିବାକୁ ମନା କରି ମାଡ଼ ଖାଇଲେ ପ୍ରଫେସର। ବେଙ୍ଗାଲୁରୁର ଜଣେ ପ୍ରଫେସରଙ୍କ ସହ ଏହି ଅଭାବନୀୟ ଘଟଣା ଘଟିଛି। ସେ ଦାବି କରିଛନ୍ତି ଯେ ରାସ୍ତାରେ ଅଳିଆ ଫିଙ୍ଗିବାକୁ ବାରଣ କରିବାରୁ ତାଙ୍କୁ ତିନି ଜଣ ଲୋକ ମାଡ଼ ମାରିଛନ୍ତି। ଆକ୍ରମଣର ଶିକାର ହେବା ପରେ ଅରବିନ୍ଦଙ୍କ ମୁହଁର ହାଡ଼ ଭାଙ୍ଗିଥିବା ବେଳେ ତାଙ୍କ ମୁଣ୍ଡରେ ଆଘାତ ଲାଗିଛି।

ଅଭିଯୋଗ ମୁତାବକ, ସୋମବାର ଅପରାହ୍ନ ପ୍ରାୟ ୪ଟା ସମୟରେ ଏହି ଘଟଣା ଘଟିଥିଲା ଯେତେବେଳେ ଦୟାନନ୍ଦ ସାଗର କଲେଜର ପ୍ରଫେସର ଅରବିନ୍ଦ ଗୁପ୍ତା ଜେଏଚ୍‌ବିସିଏସ ଲେଆଉଟ୍ ନିକଟରେ ତାଙ୍କ ବାଇକ୍‌ରେ ଯାଉଥିବା ସମୟରେ ଏକ କାରରେ ଥିବା ତିନି ଜଣ ଲୋକଙ୍କୁ ରାସ୍ତାରେ ପ୍ଲାଷ୍ଟିକ୍ କପ୍ ଫିଙ୍ଗୁଥିବାର ଦେଖିଥିଲେ। ଯେତେବେଳେ ସେ ସେମାନଙ୍କୁ ଏଭଳି କରିବାକୁ ବାରଣ କଲେ, ସେମାନେ ତାଙ୍କୁ ମାଡ଼ ମାରି ତଳେ ପକାଇ ଦେଇଥିଲେ। ଏହି ଘଟଣାକୁ ନେଇ ଏବେ ଏକ ଏଫ୍‌ଆଇଆର୍ ରୁଜୁ କରାଯାଇଛି। ଅରବିନ୍ଦଙ୍କ କହିବା ମୁତାବକ, "ମୁଁ ଚା' ପିଇବା ପାଇଁ ଅଟକିଥିଲି। ଜେଏଚ୍‌ବିସିଏସ ଲେଆଉଟ୍ ନିକଟରେ ଏକ କାର ଥିଲା ଯେଉଁଥିରେ ତିନି ଜଣ ଲୋକ ବସିଥିଲେ। ସେମାନେ ମୋତେ ଅତିକ୍ରମ କଲେ, ଏବଂ ତା'ପରେ ସେମାନେ ରାସ୍ତାରେ ଅଳିଆ ଫିଙ୍ଗି ଥିଲେ। ସେମାନଙ୍କ ଗାଡ଼ିର ଗତି କମିବା ପରେ ମୁଁ ଯାଇ ସେମାନଙ୍କୁ ରାସ୍ତାରେ ଅଳିଆ ନ ଫିଙ୍ଗିବାକୁ ଅନୁରୋଧ କରିଥିଲି ଏବଂ ଆଗକୁ ବଢ଼ିଯାଇଥିଲି। ସେମାନେ ରାଗିଯାଇ ମୋ ଗାଡ଼ିକୁ ଅତିକ୍ରମ କରିବା ସହ ମୋର ବାଇକ୍ ଅଟକାଇଲେ ଏବଂ ମୋତେ ମାଡ଼ ମାରିବା ଆରମ୍ଭ କଲେ। ଦୁଇଜଣ ଲୋକ ମୋତେ ଧରି ପକାଇବା ସହ ତୃତୀୟ ଜଣକ ମୋତେ ମାଡ଼ ମାରିଥିଲେ। ଏହା ପରେ ମୁଁ ପୁଲିସକୁ ଫୋନ କରିବାରୁ ସେମାନେ ଆସି ମୋତେ ହସ୍ପିଟାଲ ନେଇଥିଲେ।"

### ମୋଦୀଙ୍କର ଦୁଇ ଦିନିଆ ସାଉଦି ଆରବ

# ମୋଦିଙ୍କୁ ଜେଦ୍ଦାରେ ଭବ୍ୟ ସ୍ୱାଗତ

**ନୂଆଦିଲ୍ଲୀ, ୨୨।୪:** ପ୍ରଧାନମନ୍ତ୍ରୀ ମୋଦିଙ୍କୁ କ୍ରାଉନ୍ ପ୍ରିନ୍ସ ମହମ୍ମଦ ବିନ ସଲମାନଙ୍କ ନିମନ୍ତ୍ରଣ। ଦୁଇ ଦିନିଆ ଗସ୍ତରେ ସାଉଦି ଆରବରେ ପହଞ୍ଚିଛନ୍ତି ମୋଦି। ମୋଦୀଙ୍କ ଆରବ ଗସ୍ତରେ ବିଶେଷ ସ୍ୱାଗତ କରିଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ମୋଦିଙ୍କ ବିମାନ ପହଞ୍ଚିବା ପରେ ସାଉଦ୍ ଆରବ ବିମାନ ପକ୍ଷରୁ ଏଫ-୧୫ ଫାଇଟର ଜେଟ ସହ ତାଙ୍କୁ ଉଡାଣରେ ଆକାଶ ବିମାନ ସୁରକ୍ଷା ପ୍ରଦାନ କରାଯାଇଛି। ସୁଚନାନୁଯାୟୀ ମୋଦି ତୃତୀୟ ଥର ପାଇଁ ସାଉଦ ଆରବ ଗସ୍ତ କରିଛନ୍ତି। କିନ୍ତୁ ପୂର୍ବରୁ ମୋଦି ୨୦୧୬ ଓ ୨୦୧୯ ରେ ସାଉଦ ଆରବକୁ ୨ଥର ଗସ୍ତ କରିଥିଲେ। ହେଲେ ମୋଦି ସାଉଦ ଆରବର ଜେଦ୍ଦାକୁ ପ୍ରଥମ ଥର ଗସ୍ତ କରିଛନ୍ତି। ବୈଠକ ପାଇଁ ସେ ଜେଦ୍ଦାକୁ ଦୁଇ ଦିନିଆ ଗସ୍ତରେ ଯାଇଛନ୍ତି। ଦୁଇ ଦେଶ ମଧ୍ୟରେ ଷ୍ଟ୍ରାଟାଜିକ ପାର୍ଟନରସିପ ବୈଠକରେ ମୋଦି ଏବଂ କ୍ରାଉନ୍ ପ୍ରିନ୍ସ ମହମ୍ମଦ ବିନ ସଲମାନ୍ ସାମିଲ ହେବେ। ବୈଠକରେ ଉଭୟ ଦେଶର ନେତା ଅର୍ଥନୈତିକ ଏବଂ ରାଜନୈତିକ ସୁରକ୍ଷା ଗଠନ ଉପରେ ଆଲୋଚନା ହୋଇପାରେ ବୋଲି ସୂଚନା ମିଳୁଛି। ବୈଠକରେ ଅନେକ ଏମଓୟୁ ସ୍ୱାକ୍ଷର ହେବାର ସୂଚନା ମିଳିଛି ଅନ୍ୟପଟେ ମୋଦି ଆରବ ଗସ୍ତରେ ପହଞ୍ଚିବା ପରେ କହିଛନ୍ତି ଯେ, ଦୁଇ ଦେଶ ମଧ୍ୟରେ ବାଣିଜ୍ୟ, ବ୍ୟାପାରରେ ଲାଭପ୍ରଦ ହେବା ସହ ବୁଝାମଣା ମଧ ସୁଦୃଢ ହୋଇଛି। ଆହୁରି ମଧ କହିଛନ୍ତି ଭାରତ-ସାଉଦି ଆରବର ସହଭାଗିତାର ସୀମାହୀନ ସୁଯୋଗ ରହିଛି। ଅସ୍ଥିରତା ପୂର୍ଣ୍ଣ ବିଶ୍ୱ ମଧ୍ୟରେ ସ୍ଥିରତାର ସ୍ତମ୍ଭ ଭାବରେ ଆମ ସମ୍ପର୍କ ସୁଦୃଢ଼ ରହିଛି।



**ରୟାଲ ସାଉଦି ଏୟାର ଫୋର୍ସ ଏଫ-୧୫ ଫାଇଟର ଜେଟ କଲା ଏସ୍କର୍ଟ**

## ଅରୁଣାଚଳ ପ୍ରଦେଶର ୨୨ଟି ସ୍ଥାନର ନାଁ ବଦଳାଇଲା ଚୀନ୍



**ସିଏମ୍ ପେମା ଖାଣ୍ଡୁ କହିଲେ, ଏହା ତାଙ୍କର ପୁରୁଣା ଚାଲ୍**

**ନୂଆଦିଲ୍ଲୀ, ୨୨।୪:** ଅରୁଣାଚଳ ପ୍ରଦେଶର ୨୨ଟି ସ୍ଥାନର ନାଁ ବଦଳାଇଲା ଚୀନ୍। ଏନେଇ ମୁଖ୍ୟମନ୍ତ୍ରୀ ପେମା ଖାଣ୍ଡୁ ରଖିଛନ୍ତି କଡ଼ା ପ୍ରତିକ୍ରିୟା। ସେ କହଛନ୍ତି, ଏହା ହେଉଛି ଚୀନ୍‌ର ପୁରୁଣା ଯୋଜନା। ଚୀନ୍ ଅରୁଣାଚଳ ପ୍ରଦେଶର ବହୁ ସ୍ଥାନର ନାଁ ବଦଳାଇ ଦେଇଛି। ଏହା କିଛି ନୂଆ କଥା ନୁହେଁ, ଏଭଳି ତୃତୀୟ କିମ୍ବା ଚତୁର୍ଥ ଥର କରିଛି। କେନ୍ଦ୍ର ସରକାର ଏହା ଉପରେ ନିଜର ପ୍ରତିକ୍ରିୟା ଦେଇଛନ୍ତି। ଆମେ ଅରୁଣାଚଳ ପ୍ରଦେଶ ପକ୍ଷରୁ ଏହାକୁ କଡ଼ା ସମାଲୋଚନା କରୁଛୁ। ପେମା ଖାଣ୍ଡୁ କହିଛନ୍ତି, ଚୀନ୍ ନିଜ ପଟେ ବହୁତ ପୂର୍ବରୁ ସୀମାବର୍ତ୍ତୀ ଅଞ୍ଚଳରେ କାମ କରିବା ଆରମ୍ଭ କରିଦେଇଥିଲା। କିନ୍ତୁ ଭାଇବ୍ରାଣ୍ଟ ଭିଲେଜ୍ ପୋଗ୍ରାମ୍‌କୁ ଦୁଇ ବର୍ଷ ପୂର୍ବରୁ ଆମେ ଲଞ୍ଚ କରିଥିଲୁ। ସୀମାବର୍ତ୍ତୀ ଅଞ୍ଚଳରେ ରୋଡ୍ କାମ ଆରମ୍ଭ କରାଯାଇଛି, ଲୋକଙ୍କ ଜୀବନ ସ୍ତରକୁ ସୁଧାରିବା ପାଇଁ ଆମେ ଖୁବ୍ କାମ କରୁଛୁ। ମୁଖ୍ୟମନ୍ତ୍ରୀ କହିଛନ୍ତି, ଫ୍ରଣ୍ଟିୟର ହାଇଓ୍ୱେ ତିଆରି ହେବା ପରେ ସେନାର ଯିବା ଆସିବା ସହଜ ହେବ। ହାଇଓ୍ୱେରୁ ଅରୁଣାଚଳ ପ୍ରଦେଶରେ ପର୍ଯ୍ୟଟନ ବଢିବ। ମେଚୁକାରେ ପ୍ରଥମ ଥର ଇଣ୍ଟରନାସନାଲ ଆଡଭେଞ୍ଚରସ୍ ରେସ୍ ହୋଇଥିଲା, କିନ୍ତୁ ଅରୁଣାଚଳ ପ୍ରଦେଶରେ ଏଭଳି ବହୁ କାର୍ଯ୍ୟକ୍ରମ ଚାଲିଛି। ସେ କହିଛନ୍ତି, ଲୋକଙ୍କ ଜୀବନ ସ୍ତରକୁ ସୁଧାରିବା ପାଇଁ ସେନା ଓ ଆଇଟିବିପି ସହ ଆମ ରାଜ୍ୟ କାମ କରୁଛି। ଫ୍ରଣ୍ଟିୟର ହାଇଓ୍ୱେର କାମ ଆରମ୍ଭ କରାଯାଇଛି। ଏଠାରେ ୨୫୦୦ କିମିର ହାଇଓ୍ୱେ ତିଆରି ହେବ। ସିଏମ୍ କହିଛନ୍ତି ମେଚୁକାରେ ଏୟାରପୋର୍ଟର ଆଡଭାନ୍ସ ଲ୍ୟାଣ୍ଡିଂ ଗ୍ରାଉଣ୍ଡ ରହିଛି। ସେଠାରେ ମଧ୍ୟ ରନଓ୍ୱେର କାମ ଆରମ୍ଭ କରାଯାଇଛି। ଅରୁଣାଚଳ ପ୍ରଦେଶ ଭାରତ-ଚୀନ୍ ବର୍ଡରର ମେଚୁକା ଗାଁରେ ପ୍ରଥମ ଥର ଇଣ୍ଟରନାସନାଲ ରେସ୍‌ର ଆୟୋଜନ ହୋଇଛି। ଏଥିରେ ମାଲେସିଆ ଆମେରିକା ବ୍ୟତୀତ ଦେଶ ବିଦେଶରେ ବହୁ ଖେଳାଳି ଭାଗ ନେଇଛନ୍ତି। ଏହି ଅବସରରେ ଅରୁଣାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ମେଚୁକାରେ ୧୦୦ କୋଟି ଟଙ୍କାର ପ୍ରୋଜେକ୍ଟର ଉଦଘାଟନ କରିଥିଲେ।

## ଆମରେଲିରେ ଏକ ଘରୋଇ ବିମାନ ଦୁର୍ଘଟଣାଗ୍ରସ୍ତ, ପାଇଲଟ ମୃତ



**ଆମରେଲି, ୨୨।୪:** ମଙ୍ଗଳବାର ଗୁଜୁରାଟର ଆମରେଲିରେ ଏକ ଘରୋଇ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣାରେ ପାଇଲଟଙ୍କ ଜୀବନ ଯାଇଛି। ଡେପୁଟି ଏସପି ଚିରାଗ ଦେଶାଇ ଏହାକୁ ନିଶ୍ଚିତ କରିଛନ୍ତି। ଦେଶାଇ କହିଛନ୍ତି ଯେ ଭିଜନ୍ ଫ୍ଲାଇଂ ଇନଷ୍ଟିଚ୍ୟୁଟର ଏକ ତାଲିମ ବିମାନ ଆମରେଲିରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣା ଶାସ୍ତ୍ରୀ ନଗର ଅଞ୍ଚଳରେ ଘଟିଛି। ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଅନିତେକ ମହାଜନ ବିମାନଟି ଉଡ଼ାଉଥିଲେ। ଏହି ଘଟଣା ସମ୍ପର୍କରେ ଅଗ୍ନିଶମ ଅଧିକାରୀ ଏଚ୍ ସି ଗାଧଭି କହିଛନ୍ତି, "ଆଜି ପ୍ରାୟ ୧୨.୫୨ ସମୟରେ, ଆମେ ଅଗ୍ନିଶମ ନିୟନ୍ତ୍ରଣ କକ୍ଷରୁ ଏକ ଫୋନ୍ ପାଇଲୁ ଯେ ଆମରେଲିର ଶାସ୍ତ୍ରୀନଗର ଏକ୍ସଟେନସନ ଭିତରେ ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ବାର୍ତ୍ତା ପାଇବାର ୩ ମିନିଟ୍ ୨୨ ସେକେଣ୍ଡ ମଧ୍ୟରେ ଆମର ଦଳ ଘଟଣାସ୍ଥଳରେ ପହଞ୍ଚିଥିଲା।" ସେ ଆହୁରି କହିଛନ୍ତି, "ଘଟଣାସ୍ଥଳରେ ପହଞ୍ଚିବା ପରେ ନିଆଁକୁ ନିୟନ୍ତ୍ରଣ କରାଯାଇଥିଲା। ଭିତରେ ଦେଖାଯାଇଥିବା ଜଣେ ପାଇଲଟଙ୍କୁ ୧୦୮ ମାଧ୍ୟମରେ ବାହାର କରି ଡାକ୍ତରଖାନା ନିଆଯାଇଥିଲା। ଏହି ସମଗ୍ର ଅଞ୍ଚଳ ଏକ ଆବାସିକ ଅଞ୍ଚଳ। ଏହି କାରଣରୁ ସମଗ୍ର ଅଞ୍ଚଳକୁ ଖୋଜାଖୋଜି କରାଯାଇଥିଲା।" ସେ କହିଛନ୍ତି ଯେ ବିମାନ ଦୁର୍ଘଟଣା ଏବଂ ଏଥିରେ ଅଗ୍ନିକାଣ୍ଡ ସମ୍ପର୍କରେ ସୂଚନା ପାଇବା ପରେ ଚାରୋଟି ଦଳ ଶାସ୍ତ୍ରୀ ନଗରରେ ପହଞ୍ଚିଥିଲେ।

**ରାମଦେବଙ୍କୁ ଦିଲ୍ଲୀ ହାଇକୋର୍ଟଙ୍କ ଭର୍ତ୍ସନା**

## 'ଶରବତ୍ ଜିହାଦ' ଟିପ୍ପଣୀ ଦେଇ ଅଡୁଆରେ ପଡିଲେ

**ନୂଆଦିଲ୍ଲୀ, ୨୨।୪:** ହମଦର୍ଦ୍ଦର ସର୍ବତ 'ରୁହ୍ ଅଫଜା' ଉପରେ ରାମଦେବଙ୍କ 'ଶରବତ ଜିହାଦ' ବୟାନ ପରେ ଦିଲ୍ଲୀ ହାଇକୋର୍ଟଙ୍କ କଡ଼ା ଭର୍ତ୍ସନା। କୋର୍ଟ ରାମଦେବଙ୍କୁ ସୋସିଆଲ ମିଡିଆରୁ ଭିଡିଓ ହଟାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ପତଞ୍ଜଳିର ସହ ସଂସ୍ଥାପକ ରାମଦେବଙ୍କ ଏକ ଭିଡିଓକୁ କିଛି ଦିନ ପୂର୍ବେ ଫେସବୁକ୍‌ରେ ସେୟାର କରିଥିଲେ। ଏହି ଭିଡିଓରେ ପତଞ୍ଜଳିର ଗୋଲାପୀ ସର୍ବତର ପ୍ରଚାର କରାଯାଇଥିଲା। ରାମଦେବ ଭିଡିଓରେ କହିଥିଲେ, ଗୋଟିଏ କମ୍ପାନୀ, ଯାହାକି ସର୍ବତ ବିକ୍ରି କରେ କିନ୍ତୁ ସେହି ସର୍ବତରୁ ଯେଉଁ ଟଙ୍କା ମିଳେ ସେଥିରୁ ମଦ୍ରାସା ଓ ମସଜିଦ୍ ତିଆରି ହୁଏ। ଠିକ୍ ଅଛି ଏହା ହେଉଛି ତାଙ୍କର ଧର୍ମ। କିନ୍ତୁ ଆପଣ ଯଦି ଏହି ସର୍ବତ ପିଥବେ ତେବେ ମସଜିଦ୍ ଓ ମଦ୍ରାସା ତିଆରି ହେବ। ହେଲେ ପତଞ୍ଜଳିର ଗୋଲାପି ସର୍ବତ ପିଇଲେ ଗୁରୁକୁଳ ତିଆରି ହେବ। ଆଚାର୍ଯ୍ୟକୁଲମ୍, ପତଞ୍ଜଳି ବିଶ୍ୱବିଦ୍ୟାଳୟ ଓ ଶିକ୍ଷା ବୋର୍ଡ ଆଗକୁ ବଢିବ। ଯେଉଁଭଳି ଲଭ୍ ଜିହାଦ, ଭୋଟ ଜିହାଦ ଚାଲିଛି ସେଭଳି ଶରବତ ଜିହାଦ ମଧ୍ୟ ଚଳାଉଛନ୍ତି। ଲୋକଙ୍କୁ ଏଭଳି ଜିହାଦଠାରୁ ନିଜକୁ ବଞ୍ଚିବାକୁ ହେବ। ଭିଡିଓରେ ରାମଦେବ ହମଦର୍ଦ୍ଦର 'ରୁହ୍ ଅଫଜା'ର ନାଁ ନେଇନଥିଲେ, କିନ୍ତୁ ତାଙ୍କର 'ଶରବତ୍ ଜିହାଦ' ଟିପ୍ପଣୀକୁ ରୁହ ଅଫଜା ସହ ଯୋଡି ଦିଆଯାଇଛି। ବିବାଦ ବଢିବା ପରେ ରାମଦେବ ନିଜର ସଫେଇରେ କହିଛନ୍ତି, ସେ କୌଣସି ବ୍ରାଣ୍ଡ କିମ୍ବା ସମୁଦାୟର ନାଁ ନେଇ ନାହାନ୍ତି। ତେବେ 'ହମଦର୍ଦ୍ଦ ଫାଉଣ୍ଡେସନ୍' ରାମଦେବଙ୍କ 'ଶରବତ ଜିହାଦ' ଟିପ୍ପଣୀ ବିରୋଧରେ ଦିଲ୍ଲୀ ହାଇକୋର୍ଟରେ ଏକ ଆବେଦନ ଦାଖଲ କରିଥିଲେ। ମଙ୍ଗଳବାର ଦିଲ୍ଲୀ ହାଇକୋର୍ଟ ଏହି ମାମଲାରେ ଶୁଣାଣି କରିଛି ଓ ରାମଦେବଙ୍କୁ କଡ଼ା ଭର୍ତ୍ସନା କରିଛି। ଜଷ୍ଟିସ୍ ଅମିତ ବଁସଲ ଆବେଦନର ଶୁଣାରି କରି ମୌଖିକ ଭାବରେ କହିଛନ୍ତି, ଏଭଳି ଟିପ୍ପଣୀ ଉଚିତ୍ ନୁହେଁ। ହାଇକୋର୍ଟ ରାମଦେବଙ୍କ ଟିପ୍ପଣୀକୁ କୋର୍ଟଙ୍କ ଚେତନାକୁ ପ୍ରଭାବିତ କରିଛି ବୋଲି କହିଛନ୍ତି। ଏହା ସହ ହାଇକୋର୍ଟ 'ହମଦର୍ଦ୍ଦ ଶରବତ ବିରୋଧରେ ଚାଲିଥିବା ସବୁ ବିଜ୍ଞାପନକୁ ହଟାଇବାର ନିର୍ଦ୍ଦେଶ ଦେଇଛନ୍ତି।

### ପରବର୍ତ୍ତୀ ପୋପ୍ ନେଇ ଅଙ୍କକଷା

# ଦୌଡ଼ରେ ଶ୍ରୀଲଙ୍କାର କାର୍ଡିନାଲ ମାଲକମ୍ ରଞ୍ଜିତ

**ଭଟିକାନ ସିଟି, ୨୨।୪:** ପୋପ୍ ଫ୍ରାନ୍ସିସ୍ ସ୍ୱାସ୍ଥ୍ୟଗତ ଜଟିଳତା ଯୋଗୁ ସୋମବାର ୨୧ ଏପ୍ରିଲ ୨୦୨୫ରେ ୮୮ ବର୍ଷ ବୟସରେ ମୃତ୍ୟୁବରଣ କରିଛନ୍ତି । ପୋପ୍ ଫ୍ରାନ୍ସିସ୍ ଗୁରୁତର ନିମୋନିଆ ଯୋଗୁ ଚଳିତ ବର୍ଷ ଫେବୃଆରିରେ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ୩୮ ଦିନ ଧରି ଚିକିତ୍ସାଧୀନ ରହିବା ପରେ ତାଙ୍କୁ ହସ୍ପିଟାଲରୁ ଡିସଚାର୍ଜ କରାଯାଇଥିଲା। ପୋପ୍ ଫ୍ରାନ୍ସିସ୍ ମଧ ଶ୍ୱାସକ୍ରିୟା ସଂକ୍ରମଣରେ ପୀଡିତ ଥିଲେ, କିନ୍ତୁ ଚିକିତ୍ସା ପରେ ସେ ସୁସ୍ଥ ହୋଇଗଲେ। ଆଶ୍ଚର୍ଯ୍ୟଜନକ କଥା ହେଉଛି, ନୂତନ ପୋପ୍ ହେବା ଦୌଡ଼ରେ ଥିବା କାର୍ଡିନାଲମାନଙ୍କ ମଧ୍ୟରେ ଶ୍ରୀଲଙ୍କାର କାର୍ଡିନାଲ୍ ମାଲକମ୍ ରଞ୍ଜିତ ମଧ ଅଛନ୍ତି। ଯଦି ସେ ଭଟିକାନ ପହଞ୍ଚିବାରେ ସଫଳ ହୁଅନ୍ତି, ତେବେ ଏସିଆ ମହାଦେଶର କେହି ଏହି ସର୍ବୋଚ୍ଚ ପଦବୀରେ ପହଞ୍ଚିବା ପ୍ରଥମ ଥର ହେବ।

ଗଣମାଧ୍ୟମ ରିପୋର୍ଟ ଅନୁସାରେ, ପୋପ୍ ଫ୍ରାନ୍ସିସ୍‌ଙ୍କ ସମ୍ଭାବ୍ୟ ଉତ୍ତରାଧିକାରୀଙ୍କ ତାଲିକାରେ



କାର୍ଡିନାଲ୍ ରଞ୍ଜିତଙ୍କୁ ଫିଲିପାଇନ୍ସର କାର୍ଡିନାଲ୍ ଲୁଇସ୍ ଟାଗଲ୍, ଫ୍ରାନ୍ସର କାର୍ଡିନାଲ୍ ଜିନ୍-ମାର୍କ ଆଭେଲାଇନ୍ ଏବଂ ଇଟାଲୀର କାର୍ଡିନାଲ୍ ପିଟ୍ରୋ ପାରୋଲିନ୍‌ଙ୍କ ଭଳି ପ୍ରମୁଖ ବ୍ୟକ୍ତିଙ୍କ ସହିତ ସାମିଲ କରାଯାଇଛି। କାର୍ଡିନାଲ ରଞ୍ଜିତଙ୍କୁ ତାଙ୍କର ରକ୍ଷଣଶୀଳ ମନୋଭାବ ଏବଂ ଗ୍ଲୋବାଲ ସାଉଥ୍‌ର ପ୍ରତିନିଧିତ୍ୱ କାରଣରୁ ଏକ ଡାର୍କ ହର୍ସ ଭାବରେ ଦେଖାଯାଉଛି। କାର୍ଡିନାଲ୍ ରଞ୍ଜିତ ତାଙ୍କର ପାରମ୍ପରିକ ଦୃଷ୍ଟିକୋଣ ଯୋଗୁ ଦୃଷ୍ଟି ଆକର୍ଷଣ କରିଛନ୍ତି। ପୋପ୍ ଫ୍ରାନ୍ସିସଙ୍କ ମୃତ୍ୟୁ ପରେ ତାଙ୍କ ଉତ୍ତରାଧିକାରୀ ଦୌଡ଼ରେ କାର୍ଡିନାଲ୍ ମାଲକମ୍ ରଞ୍ଜିତଙ୍କ ନାମ ଆସିବା ଅନେକ ସଙ୍କେତ ଦେଉଛି। ବିଶେଷଜ୍ଞଙ୍କ ମତରେ, ପୋପ୍ ପଦବୀ ଉପରେ ୟୁରୋପର ଏକଚାଟିଆ ଅଧିକାର ରହିଛି। ପୋପ୍ ଫ୍ରାନ୍ସିସ୍ ପୋପ୍ ପଦବୀରେ ପହଞ୍ଚିବା ପରେ, ସେ ଶହ ଶହ ବର୍ଷର ପୁରୁଣା ରେକର୍ଡ ଭାଙ୍ଗି ଦେଇଥିଲେ। ସେ ଲାଟିନ୍ ଆମେରିକାର ପ୍ରଥମ କ୍ୟାଥୋଲିକ୍ ପାଦ୍ରୀ ଥିଲେ ଯିଏ ପୋପ୍ ହୋଇଥିଲେ। ପୋପ୍ ଫ୍ରାନ୍ସିସ୍ ଅନେକ ପ୍ରସଙ୍ଗରେ ଏକ ଅପାରମ୍ପରିକ ମତ ରଖିଥିଲେ, ଯାହା ପାଇଁ ତାଙ୍କ ନାମ ସର୍ବଦା ଲୋକେ ମନେ ରଖିବେ। ଏଲଜିବିଟିକ୍ୟୁ ସହ ଜଡିତ ପ୍ରସଙ୍ଗ ହେଉ କିମ୍ବା ଗାଜା ଉପରେ ତାଙ୍କର ସ୍ପଷ୍ଟ ମତ, ପୋପ୍ ଫ୍ରାନ୍ସିସ୍ ଖୋଲାଖୋଲି ଏବଂ ଅଣ-ପାରମ୍ପରିକ ଉପାୟରେ ବିଶ୍ୱ ସମ୍ମୁଖରେ ତାଙ୍କର ମତାମତ ଉପସ୍ଥାପନ କରିଥିଲେ। ପୋପଙ୍କ ମୃତ୍ୟୁର ୨୦ ଦିନ ମଧ୍ୟରେ, ୧୩୮ ଜଣ 'ଚର୍ଚ୍ଚର ରାଜକୁମାର'ଙ୍କ ମଧ୍ୟରୁ ୧୨୦ ଜଣ କାର୍ଡିନାଲଙ୍କ ଏକ ସମ୍ମିଳନୀ ଅନୁଷ୍ଠିତ ହେବ। କେବଳ ୮୦ ବର୍ଷରୁ କମ୍ ବୟସର କାର୍ଡିନାଲମାନେ ଏଥିରେ ଅଂଶଗ୍ରହଣ କରିବେ। କେବଳ ଏପରି କାର୍ଡିନାଲ୍‌ମାନଙ୍କର ଭୋଟ୍ ଦେବାର ଅଧିକାର ଅଛି। ଉତ୍ତରାଧିକାରୀ ନିର୍ବାଚିତ ନହେବା ପର୍ଯ୍ୟନ୍ତ ଦିନକୁ ଚାରିଥର ଭୋଟ୍ ନିଆଯିବ। ୩୦ ଭୋଟ୍ ଦେବା ପରେ, କେବଳ ଶ୍ରେଷ୍ଠ ଦୁଇ ପ୍ରାର୍ଥୀଙ୍କୁ ଅନୁମତି ଦିଆଯିବ। ଯିଏ ଦୁଇ-ତୃତୀୟାଂଶ ବହୁମତ ଜିତିବେ, ସେ ପରବର୍ତ୍ତୀ ପୋପ୍ ହେବେ।

# ରାଜସ୍ଥାନ ରୟାଲ୍ସ ଉପରେ ମ୍ୟାଚ ଫିକ୍ସିଂ ଅଭିଯୋଗ



**ନୂଆଦିଲ୍ଲୀ,୨୨।୪:** ଲକ୍ଷ୍ନୌ ସୁପରଜାଏଣ୍ଟସ ବିପକ୍ଷରେ ଜିତିଥିବା ମ୍ୟାଚ ହାରିବା ପରେ ରାଜସ୍ଥାନ ରୟାଲ୍ସ ଉପରେ ମ୍ୟାଚ ଫିକ୍ସିଂର ଅଭିଯୋଗ ଆସିଛି। ଏହି ମ୍ୟାଚରେ ରାଜସ୍ଥାନକୁ ଜିତିବା ପାଇଁ ଶେଷ ଓଭରରେ ୯ରନ ଆବଶ୍ୟକ ଥିଲା, କିନ୍ତୁ ଆଭେଶ ଖାନଙ୍କ ଏହି ଓଭରରେ ଦଳ କେବଳ ୬ ରନ କରିପାରିଲା। ଏହା କ୍ରମାଗତ ଦ୍ୱିତୀୟ ଥର ଥିଲା ଯେତେବେଳେ ରାଜସ୍ଥାନ ଜିତିଥିବା ମ୍ୟାଚ ହାରିଥିଲା। ରାଜସ୍ଥାନ କ୍ରିକେଟ ଆସୋସିଏସନର ଆଡ-ହକ କମିଟିର ସଂଯୋଜକ ଜୟଦୀପ ବିହାନୀ ସଞ୍ଜୁ ସାମସନଙ୍କ ଦ୍ୱାରା ପରିଚାଳିତ ରାଜସ୍ଥାନ ଦଳକୁ ମ୍ୟାଚ ଫିକ୍ସିଂ ଅଭିଯୋଗ କରିଛନ୍ତି।

ବିହାନୀ ରାଜସ୍ଥାନ ରୟାଲ୍ସ ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଥିଲେ, ଏହି ଦଳର ପ୍ରଶିକ୍ଷକ ହେଉଛନ୍ତି ରାହୁଲ ଦ୍ରାବିଡ ଏବଂ ଅଧିନାୟକ ହେଉଛନ୍ତି ସଞ୍ଜୁ ସାମସନ। ସେ ପ୍ରଶ୍ନ କରିଥିଲେ ଯେ ସରକାରଙ୍କ ଦ୍ୱାରା ନିଯୁକ୍ତ ଆଡ-ହକ କମିଟିର ଆଇପିଏଲରେ ରାଜସ୍ଥାନ ଦଳର କାର୍ଯ୍ୟକଳାପ ଉପରେ କାହିଁକି ନିୟନ୍ତ୍ରଣ ନାହିଁ। ଗଣମାଧ୍ୟମ ସହିତ କଥାବାର୍ତ୍ତା ସମୟରେ ଜୟଦୀପ ବିହାନୀ ଲକ୍ଷ୍ନୌ ବିପକ୍ଷ ଶେଷ ଓଭର ପରାଜୟ ଉପରେ ପ୍ରଶ୍ନ ଉଠାଇଥିଲେ। ଏହାକୁ ପଞ୍ଚମ ଥର ପାଇଁ ବୃଦ୍ଧି କରାଯାଇଛି। ଆମେ ନିଶ୍ଚିତ କରୁ ଯେ ସମସ୍ତ ଟୁର୍ଣ୍ଣାମେଣ୍ଟ କୌଣସି ସମସ୍ୟା ବିନା ଆୟୋଜିତ ହେବ। କିନ୍ତୁ IPL ଆସିବା ମାତ୍ରେ ଜିଲା ପରିଷଦ ଏହାକୁ ନିୟନ୍ତ୍ରଣ କରିନେଲା। ଆଇପିଏଲ ପାଇଁ ବିସିସିଆଇ ପ୍ରଥମେ ଜିଲା ପରିଷଦକୁ ନୁହେଁ, ଆରସିଏକୁ ଚିଠି ପଠାଇଥିଲା। ତାଙ୍କ ଏବଂ ଆରଆର ଦ୍ୱାରା ଦିଆଯାଇଥିବା ବାହାନା ହେଉଛି ଯେ ଆମର ସବାଇ ମାନସିଂହ ଷ୍ଟାଡିୟମ ସହିତ କୌଣସି ଏମଓୟୁ ନାହିଁ। ଯଦି କୌଣସି ଏମଓୟୁ ନାହିଁ, ତେବେ କଣ? ତୁମେ କ'ଣ ପ୍ରତ୍ୟେକ ମ୍ୟାଚ ପାଇଁ ଜିଲ୍ଲା ପରିଷଦକୁ ଦେୟ ଦେଉନାହଁ ବୋଲି ପ୍ରଶ୍ନ ଉଠିଛି। ଏହି ମ୍ୟାଚରେ ଆଘାତ ଯୋଗୁ ଖେଳୁ ନ ଥିବା ସଞ୍ଜୁ ସାମସନଙ୍କ ସ୍ଥାନରେ ରିୟାନ ପରାଗ ଅଧିନାୟକ ଥିଲେ। ଏହି ମ୍ୟାଚରେ ୧୪ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ ଡେବ୍ୟୁ କରିବାର ସୁଯୋଗ ପାଇଲେ। ୧୮୧ ରନର ପିଛା କରି ରାଜସ୍ଥାନର ଆରମ୍ଭ ଭଲ ହୋଇଥିଲା ଏବଂ ବୈଭବ ଏବଂ ଯଶସ୍ୱୀ ଜୟସୱାଲ ପ୍ରଥମ ୱିକେଟ ପାଇଁ ୮୫ ରନ ଯୋଡ଼ିଥିଲେ। ୯ମ ଓଭରର ଚତୁର୍ଥ ବଲରେ ବୈଭବଙ୍କ ରୂପରେ ରାଜସ୍ଥାନକୁ ପ୍ରଥମ ଝଟକା ଲାଗିଥିଲା। ବୈଭବ ତାଙ୍କର ଡେବ୍ୟୁ ମ୍ୟାଚରେ ୨୦ ବଲରେ ୩୪ ରନ କରିଥିଲେ।

ରାଜସ୍ଥାନକୁ ଜିତିବା ପାଇଁ ୧୮ ବଲ ରୁ ୨୫ ରନ ଆବଶ୍ୟକ ଥିଲା, ଯଶସ୍ୱୀ ୭୪ ରନ କରିବା ପରେ ଖେଳୁଥିଲେ ଏବଂ ରିୟାନ ପରାଗ ୩୮ ରନ କରିବା ପରେ ଖେଳୁଥିଲେ। ୧୮ ତମ ଓଭରର ପ୍ରଥମ ବଲରେ ଆବେଶ ଖାନ ଯଶସ୍ୱୀ ଜୟସୱାଲଙ୍କୁ ବୋଲିଂ କରିଥିଲେ। ସେହି ଓଭରର ଶେଷ ବଲରେ ସେ ଅଧିନାୟକ ପରାଗଙ୍କୁ ଏଲବିଡବ୍ଲ୍ୟୁ ଆଉଟ କରିଥିଲେ। ଏହି ଓଭରରେ ଆଭେସ କେବଳ ୫ ରନ ଦେଇଥିଲେ। ରାଜସ୍ଥାନକୁ ଶେଷ ଓଭରରେ ଜିତିବା ପାଇଁ ୯ ରନ ଆବଶ୍ୟକ ଥିଲା କିନ୍ତୁ ସେମାନେ ୨ ରନରେ ହାରିଗଲେ। ଏହା ପୂର୍ବରୁ ମଧ, ରାଜସ୍ଥାନ ୧୬ ଏପ୍ରିଲରେ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ଜିତିଥିବା ମ୍ୟାଚ ହାରିଥିଲା।

ସେହି ମ୍ୟାଚରେ ମଧ ରାଜସ୍ଥାନକୁ ଜିତିବା ପାଇଁ ଶେଷ ଓଭରରେ ମାତ୍ର ୯ରନ ଆବଶ୍ୟକ ଥିଲା କିନ୍ତୁ ଦଳ କେବଳ ୮ରନ କରିପାରିଥିଲା। ଏହା ପରେ, ସୁପର ଓଭରରେ, ରାଜସ୍ଥାନ ରୟାଲ୍ସ ପ୍ରଥମେ ବ୍ୟାଟିଂ କରି ୧୧ ରନ କରିଥିଲା, ଯାହାକୁ ଦିଲ୍ଲୀ ମାତ୍ର ୪ ବଲରେ ହାସଲ କରି ଜିତିଥିଲା।

# ଆଇପିଏଲ୍‌ରେ ଓଡ଼ିଶା ସଂଯୋଗ ଦେଲେ ରାଜୀବ



**କୋଲକାତା, ୨୨।୪:** ଆଇପିଏଲ୍‌ରେ ଓଡ଼ିଆ ପୁଅ ଖେଳୁନାହାନ୍ତି ବୋଲି ରାଜ୍ୟରେ ଅନେକ ଅବସୋସ। କିନ୍ତୁ ସୋମବାର ଐତିହାସିକ ଇଡେନ୍ ଗାର୍ଡେନ୍ସରେ କୋଲକାତା ନାଇଟ୍ ରାଇଡର୍ସ ବନାମ ଗୁଜରାଟ ଟାଇଟନ୍ସ ମୁକାବିଲା ପୂର୍ବରୁ ଏକ ଓଡ଼ିଶା ସଂଯୋଗ ସାମାନ୍ୟ ଆଶ୍ୱସ୍ତି ଆଣିଥିଲା। ଉଭୟ ବେଙ୍ଗଲ ଓ ଓଡ଼ିଶା ପାଇଁ ରଣଜୀ ଟ୍ରଫି ଖେଳିଥିବା ରାଜୀବ ସେଠ୍ ଏହି ମ୍ୟାଚ୍‌ର ମ୍ୟାଚ୍ ରେଫରି ଭୂମିକାରେ ରହିଥିଲେ। ବେଙ୍ଗଲ ପାଇଁ ରଣଜୀ ଟ୍ରଫି ଜିତିଥିବା ୫୭ ବର୍ଷୀୟ ରାଜୀବ ଏବେ ଭୁବନେଶ୍ୱରରେ ଅବସ୍ଥାପିତ ଓଡ଼ିଶା ଟାଟା ନାଭାଲ ହକି ଏଚ୍‌ପିସିର ପ୍ରକଳ୍ପ ନିର୍ଦ୍ଦେଶକ ଅଛନ୍ତି।

ଓଡ଼ିଶା କ୍ରିକେଟ୍ ଦୁନିଆରେ ଏକ ପରିଚିତ ଚେହେରା ରାଜୀବ ମଧ ଏବେ ଓଡ଼ିଶା ହକିର ବିକାଶରେ ବଡ଼ ଯୋଗଦାନ ରଖୁଛନ୍ତି। ଓଡ଼ିଶା ଟାଟା ନାଭାଲ ହକି ଏଚ୍‌ପିସି ପ୍ରତିଷ୍ଠା ପରଠାରୁ ରାଜ୍ୟରେ ତୃଣମୂଳ ସ୍ତରରେ ହକିର ବିକାଶ ଘଟିବା ସହ ଏକାଧିକ ଜୁନିୟର୍ ଖେଳାଳି ଏହି ବ୍ୟବସ୍ଥାରୁ ବାହାରି ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚିଛନ୍ତି। ହକି ପାଇଁ ସମର୍ପିତ ଭାବେ କାମ କରୁଥିଲେ ମଧ ରାଜୀବ ନିଜ ପ୍ରଥମ ପ୍ରେମ କ୍ରିକେଟ୍‌କୁ ଛାଡ଼ିପାରିନାହାନ୍ତି। ଘରୋଇ କ୍ରିକେଟ୍‌ର ସମସ୍ତ ପ୍ରମୁଖ ପ୍ରତିଯୋଗିତା ରଣଜୀ ଟ୍ରଫି, ବିଜୟ ହଜାରେ ଟ୍ରଫି, ସୟଦ ମୁସ୍ତାକ ଅଲୀ ଟ୍ରଫି ଆଦିରେ ସେ ବିସିସିଆଇ ମ୍ୟାଚ୍ ରେଫରି ଦାୟିତ୍ୱ ତୁଲାଇ ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ଖେଳାଳି ଜୀବନରେ ଏହି ବିଗତ ଦିନର ଦ୍ରୁତ ବୋଲର ୨୬ ରଜଣୀ ଟ୍ରଫି ଏବଂ ୧୫ ଲିଷ୍ଟ୍ ଏ ମ୍ୟାଚ୍‌ରୁ ଯଥାକ୍ରମେ ୪୬ ଓ ୧୭ ୱିକେଟ୍ ଅକ୍ତିଆର କରିଥିଲେ।

# ବେଙ୍ଗାଲୁରୁ ବିପକ୍ଷରେ ଖେଳିବେନି ସାମସନ୍



**ମୁମ୍ବାଇ,୨୨।୪:** ରାଜସ୍ଥାନ ରୟାଲ୍ସ ଫ୍ୟାନମାନଙ୍କ ପାଇଁ ଦୁଃଖ ଖବର। ଅଧିନାୟକ ସଞ୍ଜୁ ସାମସନ୍ ଆଗାମୀ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବିପକ୍ଷ ମ୍ୟାଚ୍‌ରେ ମଧ ଖେଳିବେ ନାହିଁ। ସେ ସମ୍ପ୍ରତି ଆହତ ଅଛନ୍ତି। ଗୁରୁବାର ଦିନ ଚିନ୍ନାସ୍ୱାମୀ ଷ୍ଟାଡ଼ିୟମ୍‌ରେ ଏହି ମ୍ୟାଚ୍ ଖେଳାଯିବ। ତାଙ୍କ ଅନୁପସ୍ଥିତିରେ ରିୟାନ ପରାଗ ଦଳର ନେତୃତ୍ୱ ନେବେ। ଗତ ୧୬ ତାରିଖରେ ଅନୁଷ୍ଠିତ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚ୍‌ରେ ବ୍ୟାଟିଂ କରୁଥିବା ସମୟରେ ସାମସନ ଆହତ ହୋଇଥିଲେ। ତାଙ୍କ ବାମ ପାଶ୍ୱର୍ ପଞ୍ଜରାରେ ଆଘାତ ଲାଗିଥିଲା। ଫଳରେ ସେ ୧୯ତାରିଖରେ ଅନୁଷ୍ଠିତ ଲକ୍ଷ୍ନୌ ସୁପରଜାଏଣ୍ଟ୍ସ ବିପକ୍ଷ ମ୍ୟାଚ୍‌ରେ ମଧ ଖେଳିପାରି ନଥିଲେ। ଉଭୟ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ପରାଜିତ ହୋଇଥିଲେ। ମାତ୍ର ସମାସନଙ୍କ ଅନୁପସ୍ଥିତିରେ ରାଜସ୍ଥାନ ରୟାଲ୍ସକୁ ଜଣେ ଦକ୍ଷ ବ୍ୟାଟରଙ୍କ ଆବିର୍ଭାବ ଘଟିଛି। ସେ ହେଉଛନ୍ତି ୧୪ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ। ଗତ ସୁପରଜାଏଣ୍ଟ୍ସ ବିପକ୍ଷ ମ୍ୟାଚ୍‌ରେ ସେ ପଦାର୍ପଣ କରିଥିଲେ। ସର୍ଦ୍ଦୁଲ ଠାକୁର, ଅଭେଶ ଖାନଙ୍କ ଭଳି ଅଭିଜ୍ଞ ପେସ୍ ବୋଲରଙ୍କୁ ସେ ନିର୍ମମ ପ୍ରହାର କରିଥିଲେ।

# ଓଡ଼ିଶା କ୍ରିକେଟ୍ ଦଳର ଶ୍ରୀଲଙ୍କା ଗସ୍ତ



**ଭୁବନେଶ୍ୱର, ୨୨।୪:** ଅନ୍ତର୍ଜାତୀୟ ଅଭିଜ୍ଞତା ହାସଲ କରିବା ଲାଗି ଓଡ଼ିଶା କ୍ରିକେଟ୍ ଦଳ ୪ଟି ତିନିଦିନିଆ ଏବଂ ୩ଟି ଏକଦିବସୀୟ ମ୍ୟାଚ୍ ଖେଳିବାକୁ ମଙ୍ଗଳବାର ଶ୍ରୀଲଙ୍କା ଗସ୍ତ କରିଛନ୍ତି। ୨୪ ଜଣଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କ ସହ ପର୍ଯ୍ୟବେକ୍ଷକ ଭାବେ ଓସିଏ ସଦସ୍ୟ ବିଜୟ କୁମାର ଦାସ, ଯୁଗଳ କିଶୋର ସାମଲ, ସୁଧାଂଶୁ ମିଶ୍ର, ତଡ଼ିତ କୁମାର ରାଉତ, ସୁଶାନ୍ତ ମହାନ୍ତି, ସତ୍‌ବୀର ସିଂହ ଶ୍ରୀଲଙ୍କା ଗସ୍ତ କରିଛନ୍ତି। ସୋମବାର ଓସିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଅତିଥି ଭାବେ ଓସିଏ ଉପସଭାପତି ଜଗମୋହନ ପଟ୍ଟନାୟକ, ସମ୍ପାଦକ ସଞ୍ଜୟ ବେହେରା, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଆପେକ୍ସ କାଉନସିଲ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ।

ଓଡ଼ିଶା ଦଳ: ଶୁଭ୍ରାଂଶୁ ସେନାପତି, ରାଜେଶ ଧୂପର, ସୁନୀଲ କୁମାର ରାଉଳ, ତାପସ ଦାସ, ଅଂଶୁମାନ ବେଜ, ଆଶୀର୍ବାଦ ସ୍ୱାଇଁ, ବାଦଲ ବିଶ୍ୱାଳ, ଆଶୁତୋଷ ମାର୍ଣ୍ଡି, ଆୟୁଷ ସୂତାର, ସମ୍ବିତ ବରାଳ, ଶ୍ରେୟାଂଶ ଭରଦ୍ୱାଜ, ସାଇଦୀପ ମହାପାତ୍ର, ରାଜେଶ ମହାନ୍ତି, ଓମ୍ ଟି ମୁଣ୍ଡେ, ସନ୍ଦୀପ ପଟ୍ଟନାୟକ, ସୁମିତ ଶର୍ମା, ସୟଦ ତୁଫୈଲ ଅହମଦ, ତରଣୀ ସା', ସ୍ୱସ୍ତିକ ସାମଲ, ବିମଳ କୁମାର, ଅନିଲ ପରିଡ଼ା, କାର୍ତ୍ତିକ ବିଶ୍ୱାଳ, ସତ୍ୟକାମ ଭରଦ୍ୱାଜ, ଦିନେଶ ମାଝୀ, ସୁରେନ୍ଦ୍ର ଭାବେ (ମୁଖ୍ୟ ପ୍ରଶିକ୍ଷକ), ନରେନ୍ଦ୍ର ହିରୱାନୀ (ବୋଲିଂ ପ୍ରଶିକ୍ଷକ), ସୌରଭ ସେହଗଲ (ସହପ୍ରଶିକ୍ଷକ), ରୋନି ଚାଟାର୍ଜୀ (ଫିଜିଓ), ଗୌରବ କୌଶିକ (ଏସ୍‌ଆଣ୍ଡସି ପ୍ରଶିକ୍ଷକ), ନବୀନ ବେହେରା (ଭିଡିଓ ଆନାଲିଷ୍ଟ), ରତ୍ନାକର ବେହେରା (ସାଇଡ୍ ଆର୍ମ ଥ୍ରୋର୍)।

# ବିବାହ ବାର୍ଷିକୀରେ ମା' ହେଲେ ଜ୍ୱାଲା ଗୁଟ୍ଟା



**ଚେନ୍ନାଇ,୨୨।୪:** ପୂର୍ବତନ ଭାରତୀୟ ବ୍ୟାଡମିଣ୍ଟନ ତାରକା ଜ୍ୱାଲା ଗୁଟ୍ଟା ମା' ହୋଇଛନ୍ତି। ସେ କନ୍ୟା ସନ୍ତାନ ଜନ୍ମ ଦେଇଛନ୍ତି। ଏହାସହ ଜ୍ୱାଲାଙ୍କ ଖୁସି ଦ୍ୱିଗୁଣିତ ହୋଇଛି। କାରଣ ସେ ବିବାହ ବାର୍ଷିକୀରେ ମା' ହୋଇଛନ୍ତି। ଜ୍ୱାଲା ୨୨ ଏପ୍ରିଲ ୨୦୨୧ରେ ତାମିଲ ଅଭିନେତା ବିଷ୍ଣୁ ବିଶାଲଙ୍କୁ ବିବାହ କରିଥିଲେ। ଏବେ ୨୨ ଏପ୍ରିଲ ୨୦୨୫ରେ ସେ ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଛନ୍ତି।

ଜ୍ୱାଲାଙ୍କ ମା' ହେବାର ଖବର ତାଙ୍କ ସ୍ୱାମୀ ବିଷ୍ଣୁ ଇନଷ୍ଟାଗ୍ରାମରେ ଶେୟାର କରିଛନ୍ତି। ସେ ପୋଷ୍ଟରେ ଝିଅ ହାତର ଏକ ଫଟୋ ଶେୟାର କରି ଲେଖିଛନ୍ତି, ଆମ ଚତୁର୍ଥ ବିବାହ ବାର୍ଷିକୀରେ ଆମେ ଏହି ଉପହାର ପାଇଲୁ। ଜ୍ୱାଲା ଗୁଟ୍ଟା ବିଷ୍ଣୁଙ୍କ ଦ୍ୱିତୀୟ ପତ୍ନୀ। ୨୦୧୯ ମସିହାରୁ ପରସ୍ପରକୁ ଡେଟ କରିବା ପରେ, ଦୁହେଁ ୨୦୨୧ ମସିହାରେ ବିବାହ କରିଥିଲେ। ବ୍ୟାଡମିଣ୍ଟନ କୋର୍ଟରେ ତାଙ୍କର ଚମତ୍କାର ଖେଳ ବ୍ୟତୀତ, ଜ୍ୱାଲା ଗୁଟ୍ଟା ତାଙ୍କ ବ୍ୟକ୍ତିଗତ ଜୀବନ ପାଇଁ ମଧ୍ୟ ଚର୍ଚ୍ଚାରେ ଥା'ନ୍ତି। ଜ୍ୱାଲାଙ୍କ ନାମ ପୂର୍ବତନ ଭାରତୀୟ କ୍ରିକେଟ ଅଧିନାୟକ ମହମ୍ମଦ ଆଝାରୁଦ୍ଦିନଙ୍କ ସହ ମଧ୍ୟ ଜଡିତ ଥିଲା। ବିଷ୍ଣୁ ବିଶାଲ ମଧ୍ୟ ଜ୍ୱାଲାଙ୍କ ଦ୍ୱିତୀୟ ସ୍ୱାମୀ ଥିଲେ। ସେ ପ୍ରଥମେ ବ୍ୟାଡମିଣ୍ଟନ ଖେଳାଳି ଚେତନ ଆନନ୍ଦଙ୍କୁ ବିବାହ କରିଥିଲେ। କିନ୍ତୁ, ୨୦୦୫ ମସିହାରେ ହୋଇଥିବା ସେହି ବିବାହ ୨୦୧୧ ମସିହାରେ ଭାଙ୍ଗିଯାଇଥିଲା।

# ଆଇପିଏଲ ସମୟରେ ଡେଭନ୍ କନୱେଙ୍କ ବାପାଙ୍କ ଦେହାନ୍ତ



**ନୂଆଦିଲ୍ଲୀ, ୨୨।୪:** ରବିବାର ଅନୁଷ୍ଠିତ ଆଇପିଏଲର ୩୮ତମ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ଚେନ୍ନାଇ ସୁପର କିଙ୍ଗସ୍‌କୁ ୯ ୱିକେଟ୍‌ରେ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ଯେତେବେଳେ ଏମ୍‌ଏସ୍ ଧୋନିଙ୍କ ନେତୃତ୍ୱାଧୀନ ଚେନ୍ନାଇ ସୁପର କିଙ୍ଗ୍ସ ଦଳ ହାତରେ କଳା ପଟି ପିନ୍ଧି ପଡ଼ିଆକୁ ପ୍ରବେଶ କରିଥିଲେ, ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। କାରଣ ହାତରେ କଳାପଟି ପିନ୍ଧିଲେ ତାହା ଶ୍ରଦ୍ଧାଞ୍ଜଳିର ସଙ୍କେତ ହୋଇଥାଏ। ତେବେ ଖେଳାଳିଙ୍କ ହାତରେ କଳାପଟି ଦେଖି ଦର୍ଶକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା କି କାହାକୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ମ୍ୟାଚ୍ ଶେଷ ହେବା ପରେ ଜଣାପଡିଲା ଯେ ଆଇପିଏଲ ମ୍ୟାଚ ସମୟରେ ଚେନ୍ନାଇ ସୁପର କିଙ୍ଗସ୍ ଦଳର ଖେଳାଳି ଡେଭନ୍ କନୱେଙ୍କ ପିତାଙ୍କ ଦେହାନ୍ତ ହୋଇଯାଇଛି। ନ୍ୟୁଜିଲାଣ୍ଡର ଖେଳାଳି ଡେଭନ୍ କନୱେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ଚାଲିଥିବା ମ୍ୟାଚରେ ଖେଳୁ ନଥିଲେ। ତେଣୁ କନୱେ ବାପାଙ୍କ ମୃତ୍ୟୁ ଖବର ପାଇବା ପରେ ଘରକୁ ଫେରିଯିବାର ସମ୍ଭାବନା ରହିଛି। ଚେନ୍ନାଇ ସୁପର କିଙ୍ଗସ୍ ମଧ ସୋସିଆଲ ମିଡିଆରେ କନୱେଙ୍କ ବାପାଙ୍କ ଦେହାନ୍ତ ଖବର ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କ୍ୟାପସନରେ ଲେଖିଛି, 'ଏହି କଷ୍ଟକର ସମୟରେ ଆମେ ତାଙ୍କ ଏବଂ ତାଙ୍କ ପରିବାର ସହିତ ଛିଡ଼ା ହୋଇଛୁ।' ଡେଭନ୍ କନୱେ ଆଇପିଏଲରେ ମୋଟ ୩ଟି ମ୍ୟାଚ୍ ଖେଳିଛନ୍ତି, ଯେଉଁଥିରେ ସେ ମୋଟ ୯୪ ରନ୍ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଯାଅ ମୋଦିଙ୍କୁ...

ହାମ୍‌ଲା ପରେ ସୁରକ୍ଷା ବାହିନୀ ସମଗ୍ର ଅଞ୍ଚଳକୁ କର୍ଡନ କରି ସର୍ଚ୍ଚ ଅପରେସନ ଆରମ୍ଭ କରିଛନ୍ତି । ତେବେ ଏହି ଆକ୍ରମଣ ପାଇଁ ପାକିସ୍ତାନର ଲସ୍କର-ଇ-ତୋଏବା ଆତଙ୍କୀ ସଂଗଠନର ସ୍ଥାନୀୟ ଶାଖା ରେଜିଷ୍ଟାନ୍ସ ଫ୍ରଣ୍ଟ ନିଜକୁ ଦାୟୀ କରିଛି। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପହଲଗାମ ଆତଙ୍କୀ ଆକ୍ରମଣକୁ କଡ଼ା ନିନ୍ଦା କରିବା ସହ ଘଟଣା ସମ୍ପର୍କରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହଙ୍କ ସହ ଫୋନରେ କଥା ହୋଇଛନ୍ତି। ଏ ଦିଗରେ ଗୃହମନ୍ତ୍ରୀଙ୍କୁ ଉପଯୁକ୍ତ ପଦକ୍ଷେପ ନେବା ସହ ପହଲଗାମ୍‌କୁ ଯାଇ ସ୍ଥିତି ସମୀକ୍ଷା କରିବାକୁ ନିର୍ଦ୍ଦେଶ ଦେବା ପରେ ସେ ପହଲଗାମ୍ ଅଭିମୁଖେ ବାହାରିଥିବା ଜଣାପଡ଼ିଛି। କାଶ୍ମୀରର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ମଧ୍ୟରୁ ପହଲଗାମ୍ ଅନ୍ୟତମ। ମାର୍ଚ୍ଚରେ ତୁଷାରପାତ ପରେ ହଜାର ହଜାର ସଂଖ୍ୟକ ପର୍ଯ୍ୟଟକ ଏଠାକୁ ବୁଲିଆସୁଛନ୍ତି। ପର୍ଯ୍ୟଟକମାନେ ପହଲଗାମର ଏକ ପାହାଡ଼ରେ ଟ୍ରେକିଂ ପାଇଁ ଯାଇଥାନ୍ତି, ଯେଉଁଠାରେ ଏହି ଆତଙ୍କବାଦୀ ଆକ୍ରମଣ ଘଟିଛି। ଏହି ଅଞ୍ଚଳର ଆକର୍ଷଣୀୟ ପ୍ରାକୃତିକ ସୌନ୍ଦର୍ଯ୍ୟ ସକାଶେ ଏହାକୁ ମିନି ସ୍ୱିଜରଲାଣ୍ଡ୍ ବୋଲି ମଧ୍ୟ କୁହାଯାଏ।

## ସାଉଦି ଗସ୍ତ...

ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏଥିସହ ମୃତ ପର୍ଯ୍ୟଟକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ପ୍ରଧାନମନ୍ତ୍ରୀ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଏପରି ଘୃଣ୍ୟ କାର୍ଯ୍ୟ କରିଥିବା ଆତଙ୍କୀମାନେ କଦାପି ସେମାନଙ୍କ ହୀନ ଉଦ୍ଦେଶ୍ୟ ହାସଲ କରିପାରିବେ ନାହିଁ। ଆତଙ୍କୀ ବିରୋଧରେ ଏଣିକି ଆହୁରି ଠୋସ୍ ପଦକ୍ଷେପ ନିଆଯିବ ବୋଲି ପ୍ରଧାନମନ୍ତ୍ରୀ କହିବା ସହ ଆହତମାନଙ୍କୁ ଯଥାସମ୍ଭବ ଉତ୍ତମ ଚିକିତ୍ସା ଯୋଗାଇ ଦିଆଯିବ ବୋଲି କହିଛନ୍ତି।ସେହିପରି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ ଏହି ଘଟଣାକୁ ଗୁରୁତର ସହ ନେଇ ସରକାର ଆତଙ୍କୀ ବିରୋଧରେ କଠୋର ପଦକ୍ଷେପ ନେବେ ବୋଲି କହିଥିବା ବେଳେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନିରୀହ ପର୍ଯ୍ୟଟକଙ୍କ ପ୍ରତି ଏପରି ଆକ୍ରମଣ ଅକ୍ଷମଣୀୟ ବୋଲି କହିବା ସହ ଏହାକୁ କଡ଼ା ଭାଷାରେ ନିନ୍ଦା କରିଛନ୍ତି। ସେହିପରି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର୍ ଅବଦୁଲ୍ଲା ଏପରି ଆକ୍ରମଣକୁ ନିନ୍ଦା କରିଛନ୍ତି। ଅଧିକନ୍ତୁ ଏହି ଆକ୍ରମଣ ଘଟଣାରେ ଆମେରିକା ଓ ରୁଷିଆ ସରକାର ମଧ୍ୟ ସମାଲୋଚନା କରିବା ସହ ଆତଙ୍କୀ ବିରୋଧରେ ଭାରତକୁ ସମର୍ଥନ କରୁଛନ୍ତି ବୋଲି କହିଛନ୍ତି।

## କିଛି ସମୟ ପୂର୍ବରୁ...

ବୁଲିବାକୁ ଯାଇଥିଲେ। ଆଜି ସେଠାରେ ପୁଅ ଓ ପତ୍ନୀଙ୍କ ସହ ବୁଲୁଥିବା ସମୟରେ ସେ ଆତଙ୍କୀଙ୍କ ଗୁଳିର ଶିକାର ହୋଇଛନ୍ତି। ପ୍ରଶାନ୍ତଙ୍କ ମୁଣ୍ଡରେ ଗୁଳି ବାଜିଥିବା ନେଇ ତାଙ୍କ ପତ୍ନୀ ସ୍ପଷ୍ଟ କରିଛନ୍ତି।

## ଆତଙ୍କୀଙ୍କ ବିରୋଧରେ...

କମାଣ୍ଡ କାର୍ଯ୍ୟାଳୟରେ ଆୟୋଜିତ ସୁରକ୍ଷା ବୈଠକରେ ଶାହା ପୂରା ଉପତ୍ୟକାରେ ଆଇନ ଶୃଙ୍ଖଳା ପରିସ୍ଥିତିର ସମୀକ୍ଷା କରିଥିଲେ। ଏଥିସହିତ ଜୁଲାଇ ୩ ତାରିଖରୁ ଆରମ୍ଭ ହେବାକୁ ଥିବା ଅମରନାଥ ଯାତ୍ରା ସମୟରେ ସୁରକ୍ଷା ବ୍ୟବସ୍ଥା ବାବଦରେ ମଧ୍ୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପହଲଗାମ ଆକ୍ରମଣ ପାଇଁ ଆତଙ୍କୀ ସଙ୍ଗଠନ ଲସ୍କର-ଇ-ତୋଇବା ସମର୍ଥିତ ଟିଆରଏଫ ନିଜକୁ ଦାୟୀ କରିଛି।

## ମିଶନ ଶକ୍ତି...

ପକ୍ଷରୁ ଗତ ଜାନୁଆରୀ ୨୨ ତାରିଖରେ ଏକ ବିଜ୍ଞପ୍ତି ଜାରି କରାଯାଇ ଜିଲ୍ଲାଠାରୁ ପଞ୍ଚାୟତ ସ୍ତର ପର୍ଯ୍ୟନ୍ତ ମିଶନ ଶକ୍ତିର ବିଭିନ୍ନ କମିଟିର ପୁନର୍ଗଠନ ନିମନ୍ତେ କୁହାଯାଇଥିଲା। ମିଶନ ଶକ୍ତିର ବିଭିନ୍ନ କମିଟିରେ ଯେଉଁମାନେ ଦୁଇ ଥରରୁ ଅଧିକ ସମୟ ଧରି କାର୍ଯ୍ୟକାରୀ ସଦସ୍ୟ ରହିଛନ୍ତି, ସେମାନେ ଆଉ ଉକ୍ତ ପଦରେ ରହିପାରିବେ ନାହିଁ ବୋଲି ସ୍ପଷ୍ଟ କରାଯାଇଥିଲା। ଏହାଛଡ଼ା ଗୋଟିଏ ପରିବାରର ୨ ଜଣ ସଦସ୍ୟ ମଧ୍ୟ ମିଶନ ଶକ୍ତି କମିଟିରେ ରହିପାରିବେ ନାହିଁ ବୋଲି କୁହାଯାଇଥିବା ବେଳେ ଏହି ବିଜ୍ଞପ୍ତିକୁ ଜନୈକ ବ୍ୟକ୍ତି ହାଇକୋର୍ଟରେ ଚାଲେଞ୍ଜ କରିଥିଲେ। କେନ୍ଦୁଝରର ସର୍ବଶକ୍ତିମୟୀ ମିଶନ ଶକ୍ତି ଫେଡେରେସନ୍ କେନ୍ଦୁଝର ଏବଂ ଅନ୍ୟ ମିଶନ ଶକ୍ତି ପକ୍ଷରୁ ଆଗତ ମାମଲାର ଶୁଣାଣି କରି ଜଷ୍ଟିସ୍ ଶଶିକାନ୍ତ ମିଶ୍ର ମିଶନ ଶକ୍ତି ପୁନର୍ଗଠନ ନିଷ୍ପତ୍ତି ଉପରେ ରହିତାଦେଶ ଜାରି କରିବା ସହ ଆସନ୍ତା ମେ' ୧୫ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି କହିଥିଲେ।

## ପଞ୍ଚାୟତ ସ୍ଥିତି...

ତାଡିବାଲସା ଗ୍ରାମର ଶତାଧିକ ବାସିନ୍ଦା ଆନ୍ଧ୍ରର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ପିଡିକା ରାଜନା ଦୋରାଙ୍କୁ ଭେଟି ସେମାନେ ପରିଚୟ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ତେଣୁ ସେମାନଙ୍କୁ ଆନ୍ଧ୍ର ସରକାର ସମସ୍ତ ପ୍ରକାର ସହଯୋଗ କରିବା ସକାଶେ ସେମାନେ ନିବେଦନ କରିଥିଲେ। ଶ୍ରୀ ଦୋରା ମଧ୍ୟ ଏ ସଂକ୍ରାନ୍ତରେ ଆନ୍ଧ୍ର ପ୍ରଦେଶ ସରକାରଙ୍କ ସହ ଆଲୋଚନା କରିବା ସକାଶେ ପ୍ରତିଶ୍ରୁତି ଦେଇଥିଲେ।

## ବାଲିବୋଝେଇ...

କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଦୁର୍ଘଟଣାର ମାତ୍ରା ଏତେ ଭୟାବହ ଥିଲା ଯେ ଅଗ୍ନିଶମ କର୍ମଚାରୀମାନେ ଗ୍ୟାସ କଟର ସାହାଯ୍ୟରେ ଗାଡ଼ି ଦୁଇଟିକୁ ଅଲଗା କରିଥିଲେ। ଖବର ପାଇଁ କଟକ ଡିସିପି ଋଷିକେଶ ଖିଲାରି ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିର ଅନୁଧ୍ୟାନ କରିବା ସହ ଆହତଙ୍କୁ ଡାକ୍ତରଖାନା ପଠାଇଥିଲେ। ଏହି ଘଟଣା ସମ୍ପର୍କରେ ଖବର ପାଇବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଇ ପୁଲିସ୍ କର୍ମଚାରୀଙ୍କ ପରିବାର ପ୍ରତି ସମବେଦନା ଜଣାଇବା ସହ ଉଭୟଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ଏଥିସହ ଉଭୟଙ୍କ ପରିବାର ସକାଶେ ୧୦ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ମଧ୍ୟ ଘୋଷଣା କରିଛନ୍ତି।

## ଝାରସୁଗୁଡ଼ାରେ...

ଜିଲ୍ଲାପାଳ କହିଛନ୍ତି ଯେ ପରିସ୍ଥିତି ଉପରେ ନଜର ରଖାଯାଉଛି ଓ ଆବଶ୍ୟକ ପଡ଼ିଲେ ଅଧିକ ପଦକ୍ଷେପ ନିଆଯିବ।

ଅନ୍ୟପକ୍ଷରେ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଗ୍ରୀଷ୍ମ ପ୍ରବାହ ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଇ ଦିଆଯାଇଛି। ଏଥିସକାଶେ ବୌଦ୍ଧ, ବଲାଙ୍ଗୀର, ସୁନ୍ଦରଗଡ଼, ସମ୍ବଲପୁର, ବରଗଡ଼, କଳାହାଣ୍ଡି ଓ ସୋନପୁର ଆଦି ୭ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଦିଆଯାଇଛି। ଏହାଛଡ଼ା ଅନୁଗୁଳ, ନୂଆପଡ଼ା ଓ ଦେବଗଡ଼କୁ ୟେଲୋ ୱାର୍ଣ୍ଣିଂ ଦିଆଯାଇଛି। ଗରମ ଓ ଆର୍ଦ୍ରତା ପାଇଁ ୧୧ ଜିଲ୍ଲା ଓ ଉଷ୍ମ ରାତି ପାଇଁ ୩ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର।

## ଦେବ ପ୍ରସାଦ ଦାଶ ସୂଚନା...

ନିଯୁକ୍ତି ରାଜ୍ୟ ସରକାରଙ୍କ ପ୍ରଶାସନିକ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି। ଶ୍ରୀ ଦାଶଙ୍କ ନେତୃତ୍ୱରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ରାଜ୍ୟ ସରକାରଙ୍କ ନୀତି ଓ କାର୍ଯ୍ୟକ୍ରମକୁ ଜନସାଧାରଣଙ୍କ ମଧ୍ୟକୁ ଅଧିକ ପ୍ରଭାବଶାଳୀ ଭାବେ ପହଞ୍ଚାଇବା ଦିଗରେ କାର୍ଯ୍ୟ କରିବ ବୋଲି ଅନୁମାନ କରାଯାଉଛି। ଶ୍ରୀ ଦାଶଙ୍କ ନିଯୁକ୍ତି ନେଇ ବିଭିନ୍ନ ମହଲରେ ସକାରାତ୍ମକ ପ୍ରତିକ୍ରିୟା ପ୍ରକାଶ ପାଇଛି।

## ଖରା ଡର...

ଆସନ୍ତାକାଲିଠାରୁ ଅନ୍ୟାଦେଶ ପର୍ଯ୍ୟନ୍ତ ବନ୍ଦ ରହିବ। କିନ୍ତୁ ପୂର୍ବରୁ ନିର୍ଦ୍ଧାରିତ ପରୀକ୍ଷାଗୁଡ଼ିକ ନିୟମିତ ଭାବେ ଚାଲିବ ବୋଲି ରାଜ୍ୟ ସରକାର ଘୋଷଣା କରିଛନ୍ତି। ପରୀକ୍ଷା ସମୟରେ କଲେଜର ଅଧିକାରୀମାନେ ପିଲାମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ ହଷ୍ଟେଲ ପିଲାମାନେ ଚାହିଁଲେ ଏହି ଛୁଟି ସମୟରେ ହଷ୍ଟେଲରେ ରହିପାରିବେ। ଅନ୍ୟପକ୍ଷରେ ଛୁଟି ସମୟରେ ଅଙ୍ଗନବାଡ଼ି ପିଲାଙ୍କୁ ସେମାନଙ୍କ ଘରେ ଶୁଖିଲା ଖାଦ୍ୟ ଯୋଗାଇଦେବା ସକାଶେ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

ସ୍କୁଲ୍ ବନ୍ଦ ସକାଶେ ନିଷ୍ପତ୍ତି ହୋଇଥିବା ଏହି ସମୀକ୍ଷା ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିଦ୍ୟାଳୟ ଓ ଗଣଶିକ୍ଷା ତଥା ଅନୁସୂଚିତ ଜନଜାତି ଓ ଜାତି ବିକାଶ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୁଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ମାଡ଼ ଖାଇଯିବ...

ଅତି ଜରୁରୀ, ବିଶେଷକରି ବାହାଘର ପାଇଁ ଦରକାର, ସେମାନେ ଦରବୃଦ୍ଧିରୁ ରକ୍ଷା ପାଇବାପାଇଁ ଅଳ୍ପ ବହୁତେ ସୁନା କିଣିବାକୁ ଘରୁ ଗୋଡ ବାହାର କରୁଛନ୍ତି। ତେବେ ଯେଉଁମାନେ ନିୟମିତ ଭାବେ ଅଳ୍ପ ବଜେଟ୍‌ରେ ସୁନା ଖରିଦ କରିଥାନ୍ତି ସେମାନେ ଏବେ ଦରକୁ ଦେଖି ଆଉ ଦୋକାନ ଆଡେ ଯିବାକୁ ମନ ବଳାଉ ନାହାନ୍ତି। ସେହିଭଳି ପ୍ରାୟତଃ ସବୁ ସୁନା ଦୋକାନୀ ବ୍ୟବସାୟ ପାଇଁ ମାସିକିଆ କିମ୍ବା ଏକକାଳୀନ ଟଙ୍କା ଜମା ଯୋଜନା କାର୍ଯ୍ୟକାରୁଛନ୍ତି। ହେଲେ ସୁନା ଦର ବୃଦ୍ଧି ଯୋଗୁଁ ଏହି ଯୋଜନାରେ ଟଙ୍କା ଖଟାଇବାକୁ ବି ଲୋକେ ରାଜି ହେଉନାହାନ୍ତି। କାରଣ ମାସକୁ ୫ ହଜାର ଟଙ୍କା ଜମା କରୁଥିବା ଲୋକଟି ବର୍ଷ ଶେଷକୁ ଗଢ଼ାମଜୁରୀ ସହ ୫ ଗ୍ରାମର ସୁନା ଗହଣା କିଣିବା ମୁସ୍କିଲ ହୋଇପଡ଼ିବ।

ତେବେ ଇତିମଧ୍ୟରେ ସୁନା ବ୍ୟବସାୟୀମାନେ ଦରବୃଦ୍ଧିର ମୁକାବିଲା ପାଇଁ କେବଳ ଗଢା ମଜୁରୀ ଉପରେ ରିହାତି ଘୋଷଣା କରୁନାହାନ୍ତି, ଅଳ୍ପ ଓଜନର ସୁନାଗହଣା ଉପରେ ମଧ୍ୟ ଜୋର ଦେଉଛନ୍ତି। ପକେଟକୁ ଦେଖି ଅଳ୍ପ ଓଜନର ସାମଗ୍ରୀ ଉପରେ ନିମ୍ନ ମଧ୍ୟବିତ୍ତ ଓ ମଧ୍ୟବିତ୍ତ ପରିବାରମାନେ ଆଗ୍ରହ ପ୍ରକାଶ କରୁଥିବାରୁ ଅନେକ ସୁନା ଦୋକାନୀ ଏବେ ଏହିଭଳି ଗହଣା ପ୍ରସ୍ତୁତ ପାଇଁ ବରାଦ ଦେବା ଆରମ୍ଭ କରିଛନ୍ତି। ଯେତେଯାହା କଲେ ବି ଚଳିତବର୍ଷର ଅକ୍ଷୟତୃତୀୟା ବ୍ୟବସାୟ ମାଡ ଖାଇବାଟା ଥୟ ବୋଲି ଅନେକ ସୁନା ଦୋକାନୀ ଆକଳନ କରୁଛନ୍ତି। ଉଲ୍ଲେଖନୀୟ ଯେ ଅକ୍ଷୟତୃତୀୟା ଓ ଧନତରାସରେ ସୁନା କିଣିଲେ ଘରକୁ ଲକ୍ଷ୍ମୀ ଆସିବେ ବୋଲି ପ୍ରଚାର ଫଳରେ ଏହି ଦୁଇଟି ଦିନରେ ସୁନା ଦୋକାନୀମାନେ ଶହ ଶହ କୋଟି ଟଙ୍କାର ବ୍ୟବସାୟ କରିଥାନ୍ତି। ଅନ୍ୟ ପକ୍ଷରେ ଯେଉଁମାନଙ୍କ ପାଖରେ ସୁନା ରହିଛି ସେମାନେ ସୁନାକୁ ଦୋକାନରେ ବିକ୍ରି କରିବା କିମ୍ବା ବଦଳାଇବା ଅପେକ୍ଷା ବ୍ୟାଙ୍କ୍‌ରେ ରଖି ଋଣ ଉଠାଇବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ସୁନା ଦର ଉଚ୍ଚା ଥିବାରୁ ଏବଂ ଅଳ୍ପ ସୁନାରେ ଅଧିକ ପରିମାଣର ଋଣ ମିଳୁଥିବାରୁ ଲୋକେ ସୁନା ଦୋକାନ ଅପେକ୍ଷା ବ୍ୟାଙ୍କ୍‌କୁ ଧାଉଁଥିବା ଦେଖିବାକୁ ମିଳୁଛି।

# ପର୍ଯ୍ୟଟନ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୨୨।୪(ସଂଚାର ବ୍ୟୁରୋ):** ଲୋକସେବା ଭବନ ଠାରେ ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ପର୍ଯ୍ୟଟନ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରିଛନ୍ତି। ଓଡ଼ିଶାର ପର୍ଯ୍ୟଟନ ବିଭବକୁ ବିଶ୍ୱସ୍ତରରେ ପହଞ୍ଚାଇବା ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇ କହିଥିଲେ ଯେ, ପର୍ଯ୍ୟଟନ କ୍ଷେତ୍ରରେ ଓଡ଼ିଶାର ଦେଶରେ ସ୍ୱତନ୍ତ୍ର ପରିଚୟ ରହିଛି। ଓଡ଼ିଶା ପର୍ଯ୍ୟଟନକୁ ବିଶ୍ୱସ୍ତରୀୟ କରାଗଲେ ଅର୍ଥନୈତିକ ଅଭିବୃଦ୍ଧି ଘଟିବ। ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଆମର ଲକ୍ଷ୍ୟ ରହିଛି। ଏହି ଲକ୍ଷ୍ୟ ପୂରଣ ସମୟକୁ ଓଡ଼ିଶାକୁ ଦେଶର ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଭାବେ ବିକଶିତ କରିବା ଲକ୍ଷ୍ୟରେ କାର୍ଯ୍ୟ କରିବା ପାଇଁ ମୁଖ୍ୟମନ୍ତ୍ରୀ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା, ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ନିକୁଞ୍ଜ ବିହାରୀ ଧଳ, ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ବଲୱନ୍ତ ସିଂ, ନିର୍ଦ୍ଦେଶିକା ମାନସୀ ନିମ୍ଭାଲ୍ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

● ଗଞ୍ଜାମ ପୁଲିସର ସ୍ୱତନ୍ତ୍ର ଅଭିଯାନ

# ୨୮ ଶିଶୁ ଉଦ୍ଧାର, ଭଞ୍ଜନଗରର ସର୍ବାଧିକ

**ବ୍ରହ୍ମପୁର,୨୨।୪(ସଂଚାର ବ୍ୟୁରୋ):** ଆଜି ଗଞ୍ଜାମ ପୁଲିସକୁ ବଡ଼ ସଫଳତା ମିଳିଛି। ୨୮ ଜଣ ଶିଶୁଙ୍କୁ ପୁଲିସ୍ ଉଦ୍ଧାର କରିଥିବା ବେଳେ ସେଥିରେ ୨୬ ଜଣ ନାବାଳିକା ଓ ୨ ଜଣ ନାବାଳକ ଅଛନ୍ତି। ରାଜ୍ୟରେ ଶିଶୁ ଅପହରଣ ଓ ନିଖୋଜ ଘଟଣା ଉଦ୍‌ବେଗଜନକ ଭାବେ ବଢ଼ିଚାଲିଥିବା ବେଳେ ନିଖୋଜ ଶିଶୁଙ୍କୁ ଉଦ୍ଧାର କରିବା ସକାଶେ ରାଜ୍ୟ ପୁଲିସ ମୁଖ୍ୟାଳୟ ପକ୍ଷରୁ ସ୍ପେଶାଲ ଡ୍ରାଇଭ୍ ସକାଶେ ନିର୍ଦ୍ଦେଶନାମା ଜାରି ହୋଇଥିଲା। ଏନେଇ ଗଞ୍ଜାମ ପୁଲିସ ତତ୍ପର ଦେଖାଇ ଚଳିତ ମାସରେ ନିଖୋଜ ହୋଇଥିବା ଶିଶୁଙ୍କୁ ଉଦ୍ଧାର କରିବା ସକାଶେ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଥିଲା। ପୁଲିସର ଉତ୍ସର୍ଗୀକୃତ ପ୍ରୟାସରେ ରାଜ୍ୟ ଓ ରାଜ୍ୟ ବାହାରୁ ୨୮ ଜଣ ଶିଶୁଙ୍କୁ ଉଦ୍ଧାର କରାଯିବା ସହ ସେମାନଙ୍କୁ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି। ଭଞ୍ଜନଗର ଥାନାର ସର୍ବାଧିକ ୫ଟି ମାମଲାରେ ୫ ଜଣ ନାବାଳିକା ଉଦ୍ଧାର ହୋଇଛନ୍ତି। ସେହିପରି ଖଲ୍ଲିକୋଟରେ ୨ଟି ମାମଲାରେ ଜଣେ ନାବାଳିକା ଓ ଜଣେ ନାବାଳକ ଉଦ୍ଧାର ହୋଇଥିବା ବେଳେ ପୁରୁଷୋତ୍ତମପୁରରେ ୪ ଜଣ ନାବାଳିକା, କବିସୂର୍ଯ୍ୟନଗରରେ ୨ ଜଣ ନାବାଳିକା, ବେଗୁନିଆପଡ଼ାରେ ଜଣେ ନାବାଳକ, ଆସିକାରେ ଦୁଇ ଜଣ ନାବାଳିକା, ହିଞ୍ଜିଳିର ୨ ଜଣ ଅଛନ୍ତି।

# ନିମ୍ନମାନର ଛତୁଆ ବଣ୍ଟନକୁ ମହିଳା ସଂଗଠନର ବିରୋଧ

## ଉଚିତ ପଦକ୍ଷେପ ଗ୍ରହଣ ନ କଲେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ଚେତାବନୀ



**ରାଇଘର, ୨୨।୪ (ସଂଚାର ବ୍ୟୁରୋ) :** ନବରଙ୍ଗପୁର ଜିଲ୍ଲା ସୀମାନ୍ତ ଆଦିବାସୀ ଅଧ୍ୟୁଷିତ ରାଇଘର ବ୍ଲକରେ ଗର୍ଭବତୀ ମହିଳା ଓ କୋମଳ ମତି ଶିଶୁ ମାନଙ୍କୁ ଦିଆଯାଉଥିବା ପୁଷ୍ଟିକର ଛତୁଆ ବଣ୍ଟନରେ ଘୋର ଅବ୍ୟବସ୍ଥା ଦେଖିବାକୁ ମିଳିଛି । ବାରମ୍ବାର ଅଭିଯୋଗ ହେବା ସତ୍ତ୍ୱେ ସମସ୍ୟାର କୌଣସି ସମାଧାନ ନ କରି ପ୍ରଶାସନ ଓ ସରକାର ନୀରବ ରହିବା ଚର୍ଚ୍ଚାର ବିଷୟ ପାଲଟିଛି ।

ଆଦିବାସୀ ଅଧ୍ୟୁଷିତ ରାଇଘର ବ୍ଲକ ଠାରେ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ଅଧୀନରେ ଛତୁଆ ବଣ୍ଟନ ନିମନ୍ତେ ଆଦର୍ଶ ସ୍ୱୟଂ ସହାୟକ ଗୋଷ୍ଠୀ ଅଙ୍ଗନବାଡ଼ି କେନ୍ଦ୍ର ଗୁଡିକରେ ଯୋଗାଇ ଦେବା ନିମନ୍ତେ ବ୍ୟବସ୍ଥା କରାଯାଇଛି। ମୋଟ ୩୧୩ ଅଙ୍ଗନବାଡି କେନ୍ଦ୍ରକୁ ଗୋଟିଏ ମାତ୍ର ସ୍ୱଂୟ ସହାୟକ ଗୋଷ୍ଠୀ ଛତୁଆ ବଣ୍ଟନ କରୁଛନ୍ତି । ଗର୍ଭବତୀ, ପ୍ରସୂତି ଓ ଅପପୁଷ୍ଟିର ଶିକାର ହୋଇଥିବା ମହିଳା ଏବଂ ଶିଶୁ ମାନଙ୍କ ସ୍ୱାସ୍ଥ୍ୟର ବିକାଶ ପାଇଁ ସରକାର ଛତୁଆ ଯୋଗାଇ ଦେବାର ବ୍ୟବସ୍ଥା କରିଛନ୍ତି । କିନ୍ତୁ କ୍ରମାଗତ ବଣ୍ଟନ ବ୍ୟବସ୍ଥା ଓ ନିମ୍ନମାନର ସାମଗ୍ରୀ ସମସ୍ୟାକୁ ନେଇ ମହିଳା ସଂଗଠନ, ଲୋକ ପ୍ରତିନିଧିଗଣ ଅଭିଯୋଗ କରି ଆସୁଥିବା ବେଳେ ଅଭିଯୋଗ ଉପରେ କୌଣସି ତଦନ୍ତ ହେଉନି । ଆଜି ପୁଣି ଥରେ ରାଇଘର ମହିଳା ସଂଗଠନ ନିମ୍ନମାନର ଛତୁଆ ବଣ୍ଟନ, ଛଅ ମାସ ତଳେ ପ୍ରମାଣ ସହ ପୋକ ହୋଇଥିବା ଛତୁଆ ଓ ଲଡୁ ବଣ୍ଟନ ତଥ୍ୟ ଦେବା ପରେ ମଧ ତଦନ୍ତ ନ କରିବା ଘଟଣା ଉପରେ ଅସନ୍ତୋଷ ପ୍ରକାଶ କରି ଗୋଷ୍ଠୀ ଉନୟନ ଅଧିକାରୀ ଲକ୍ଷ୍ମୀ ସାଗର ମାଝୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି ।

ବ୍ଲକରେ ସଠିକ୍ ସମୟରେ ବଣ୍ଟନ ନ ହେବା ସହ ସଲାସୁତରା ଦ୍ୱାରା ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ ଭଳି ସଙ୍ଗୀନ ଅଭିଯୋଗ ହୋଇଛି। ଯଥାଶୀଘ୍ର ସମସ୍ୟାର ତଦନ୍ତ କରାଯାଉ ନଚେତ୍ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ମହିଳା ସଂଗଠନ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି । ବିନା ଟେଣ୍ଡରରେ ବର୍ଷ ବର୍ଷ ଧରି ଗୋଟିଏ ଆଦର୍ଶ ସ୍ୱୟଂ ସହାୟକ ଯୋଗାଣକାରୀ ସଂସ୍ଥାକୁ ବଣ୍ଟନ ଅନୁମତି ଦେବା ପଛରେ ଅନେକ ଗୁମର ରହିଥିବା ଚର୍ଚ୍ଚା ଜୋର ଧରିଛି ।

ଯେଉଁ ଲକ୍ଷ୍ୟ ନେଇ ସରକାର ଛତୁଆ ବଣ୍ଟନ କରୁଛନ୍ତି ଉପଯୁକ୍ତ ଖାଦ୍ୟ ପ୍ରସ୍ତୁତ ଓ ତଦାରଖ ନ ହେବା ଯୋଗୁଁ ଶିଶୁ ଓ ମହିଳା ମାନଙ୍କ ମଧ୍ୟରେ ଅପପୃଷ୍ଟି ବଢ଼ି ଚାଲିଛି। ଅପର ପକ୍ଷରେ ରାଇଘର ବ୍ଲକ ଠାରେ ଗୋଟିଏ ମାତ୍ର ଯୋଗାଣକାରୀ ସଂସ୍ଥା ରହିଥିବା ବେଳେ ୩୧୩ କେନ୍ଦ୍ରକୁ ଯୋଗାଣ କରିବା ମଧ ନାନା ସମସ୍ୟା ଦେଖା ଦେଉଥିବା ଜଣାପଡିଛି । ଜିଲ୍ଲା ପ୍ରଶାସନ ଏଥି ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ବିହିତପଦକ୍ଷେପ ଗ୍ରହଣ କରିବା ଆବଶ୍ୟକତା ରହିଛି।

### ବଢୁଛି ତାତି, ମିଳୁନି ନିସ୍ତାର

## ରାସ୍ତା ଶୂନଶାନ, ଜନଜୀବନ ଅସ୍ତବ୍ୟସ୍ତ



**କାକଟପୁର/ଅସ୍ତରଙ୍ଗ, ୨୨।୪ (ସଂଚାର ବ୍ୟୁରୋ):** ଏପ୍ରିଲରେ ଜଳିଲାଣି ପୁରୀ ଜିଲ୍ଲା ଉପକୂଳବର୍ତ୍ତୀ ଅସ୍ତରଙ୍ଗ ଓ କାକଟପୁର। ତାତିରୁ ନିସ୍ତାର ମିଳୁନି। ସବୁଦିନ ତାପମାତ୍ରା ୩୪ଡିଗ୍ରୀ ପାର କରୁଛି। ପ୍ରତିଦିନ ୨ଡିଗ୍ରୀ ଲେଖାଏଁ ତାପମାତ୍ରା ବଢ଼ିଚାଲିଛି। ଏପଟେ ତାତିକୁ, ସେ ପଟେ ଝାଞ୍ଜି ପବନରେ ଅସ୍ତବ୍ୟସ୍ତ କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳବାସୀ। ଯଦିଓ କିଛି ଦିନ ପୂର୍ବେ କାଳବୈଶାଖୀ ବର୍ଷା ହୋଇଛି ତଥାପି ଦିନରେ ବାହାରକୁ ବାହାରିବା କଷ୍ଟକର ହୋଇ ପଡୁଛି। ସାଧାରଣତଃ ଅପ୍ରେଲ ଶେଷ ଆଡକୁ ତାତି ବଢିବା ଆଶଙ୍କା କରାଯାଉଛି।

ଚଳିତ ବର୍ଷ କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳବିଭିନ୍ନ ଗ୍ରାମାଞ୍ଚଳରେ ବୃଦ୍ଧି ପାଇଛି ବେଆଇନ ଇଟା ଭାଟି। ଯାହା ଫଳରେ ଉତ୍ତାପ ସହ ଗରମ ଅନୁଭୂତ ହେଉଛି। ଦିନ ୧୦ପରେ ତାତି ଅନୁଭୂତ ହେଉଥିବାରୁ ଘରୁ ବାହାରିବା ମୁସ୍କିଲ ହୋଇଯାଇଛି। ଟାଣ ଖରା, ଗ୍ରୀଷ୍ମ ପ୍ରବାହ ଯୋଗୁଁ ଜୀବନ ଦହଗଞ୍ଜ ହୋଇ ପଡୁଛି। ରାସ୍ତାଘାଟ ଖାଁ.. ଖାଁ। ପୂର୍ବରୁ ଜନଗହଳି ରହୁଥିବା ପୁରୀ ଜିଲ୍ଲାର ଅସ୍ତରଙ୍ଗ, କାକଟପୁର ବସଷ୍ଟାଣ୍ଡ, ଅନ୍ୟ ଛକ ଗୁଡିକରେ ମଧ ଆଗଭଳି ଭିଡ଼ ଦେଖିବାକୁ ମିଳୁନାହିଁ। ତାତିରୁ ରକ୍ଷା ପାଇବା ପାଇଁ ଲୋକେ ମୁଣ୍ଡରେ ରୁମାଲ୍, ଗାମୁଛା, ଟାୱେଲ ଓ ମହିଳା ମାନେ ଓଢଣୀ ଘୋଡାଇ, ଛତା ଧରି ଯିବା ଆସିବା କରୁଥିବାର ଦେଖିବାକୁ ମିଳିଛି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ମଧ କୌଣସି ବ୍ୟବସ୍ଥା କରାଯାଇନାହିଁ। ଆଶ୍ରୟ ନେବା ପାଇଁ ବ୍ୟସ୍ତ ବହୁଳ ସ୍ଥାନରେ ଏ ଯାଏଁ ଅସ୍ଥାୟୀ ଆଶ୍ରୟସ୍ଥଳୀ ଖୋଲା ଯାଇନି। ପ୍ରଶାସନ ତରଫରୁ ଯେଉଁ ଜଳଛତ୍ର ଖୋଲା ହୋଇଛି କେଉଁଠି କେବଳ ଫ୍ଲେକ୍ସ ମରାଯାଇଛି, କେଉଁଠି ମାଠିଆ ଗଡୁଛି ପାଣି ନାହିଁ। ଏ ନେଇ ସମାଜସେବୀ ରିଙ୍କୁ ମହାନ୍ତି କହିଛନ୍ତି ସ୍ଥାନୀୟ ପ୍ରଶାସନ ଆବଶ୍ୟକତା ଦେଖି ସମସ୍ତ ବ୍ୟବସ୍ଥା କରିବା ଆବଶ୍ୟକ। ଅବାଧ ରେ ଇଟାଭାଟି ଯୋଗୁଁ ସ୍ଥାନୀୟ ଅଞ୍ଚଳ ଗରମ ଅନୁଭୂତ ହେଉଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବା ଦରକାର। ଯଦି ପ୍ରଦୂଷଣ ରୋକାଯାଇ ଜଙ୍ଗଲ ବଞ୍ଚାଇବା ଦିଗରେ ସରକାର ଚିନ୍ତା କରନ୍ତେ ତେବେ ଜଳବାୟୁ ପରିବର୍ତ୍ତନକୁ ରୋକଯାଇ ପାରିବ ବୋଲି ବୁଦ୍ଧିଜୀବୀ ମତବ୍ୟକ୍ତ କରିଛନ୍ତି।

## ନିଅଁ ଖୋଳାକୁ ବିରୋଧ କରି ଗ୍ରାମବାସୀ ଓ ବ୍ୟବସାୟୀ ମୁହାଁମୁହିଁ, ରାସ୍ତାରୋକ



**ବାଲିଅନ୍ତା, ୨୨।୪ (ସଂଚାର ବ୍ୟୁରୋ):** ଶିଶିଲୋ ପଞ୍ଚାୟତ ହାଇସ୍କୁଲ ନାମରେ ଥିବା ୮୧ ଡିସିମିଲ ପରିମିତ ଘରବାଡ଼ି କିସମ ଜମିର ସୁରକ୍ଷାକୁ ନେଇ ଆଜି ସ୍ଥାନୀୟ ଗ୍ରାମବାସୀ ଏବଂ ଶିଶିଲୋ ଛକ ବ୍ୟବସାୟୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜିଛି। ଆଜି ସ୍କୁଲ ପକ୍ଷରୁ ଉକ୍ତ ଜମିରେ ପ୍ରାଚୀର ନିର୍ମାଣ ନେଇ ୨ଟି ଜେସିବି ଲଗାଇ ନିଅଁ ଖୋଳା ଯାଉଥିଲା । ହେଲେ ବ୍ୟବସାୟୀମାନେ ଏହାକୁ ବିରୋଧ କରିଥିଲେ । ଉଲ୍ଲେଖ ଯୋଗ୍ୟ ଏବେ ସରଦେଈପୁର - ନିମାପଡା ପୂର୍ତ୍ତ ବିଭାଗ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଚାଲିଛି। ସେ ନେଇ ଦୀର୍ଘ ବର୍ଷ ଧରି ଶିଶିଲୋ ଛକ ନିକଟରେ ଦୋକାନ ଘର କରି ପରିବାର ପ୍ରତିପୋଷଣ କରୁଥିବା ବ୍ୟବସାୟୀ ନିଜର ଜୀବିକା ହରାଇବା ଆଶଙ୍କା ସୃଷ୍ଟି ହୋଇଛି । ସରଦେଈପୁର - ନିମାପଡା ରାସ୍ତା ପାର୍ଶ୍ୱରେ ସ୍କୁଲ ଜମି ରହିଛି । ବ୍ୟବସାୟୀମାନେ ଏହି ଜମିରେ ଦୋକାନ ଗୃହ ନିର୍ମାଣ ନେଇ ଚାହୁଁଥିବା ବେଳେ ସ୍କୁଲ କର୍ତ୍ତୃପକ୍ଷ ଆଜି ଏଠାରେ ପ୍ରାଚୀର ନିର୍ମାଣ ନେଇ ନିଅଁ ଖୋଳା ଆରମ୍ଭ କରିବାରୁ ଉତ୍ତେଜନା ସୃଷ୍ଟି ହୋଇଥିଲା । ଶିକ୍ଷକଙ୍କୁ ସମର୍ଥନ ଜଣାଇ ସ୍ଥାନୀୟ ଗ୍ରାମବାସୀ ବିରୋଧ କରିଥିଲେ । ରାସ୍ତା ଉପରେ ବାଉଁଶ, ବାଇକ ଓ ଇଟା ରଖି କିଛି ସମୟ ପାଇଁ ରାସ୍ତାରୋକ କରିଥିଲେ। ଖବର ପାଇ ତହସିଲଦାର ବିମଳ କୁମାର ଲେଙ୍କା,ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ, ଅତିରିକ୍ତ ତହସିଲଦାର ଯୋଗିନାଥ ଦାସ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

## ବିଧାୟକଙ୍କ ଦ୍ୱାରା ରନ୍ଧାଖାଦ୍ୟ ବଣ୍ଟନ



**ବ୍ରହ୍ମପୁର, ୨୨।୪ (ସଂଚାର ବ୍ୟୁରୋ):** ଦକ୍ଷିଣ ଓଡ଼ିଶାର ପ୍ରମୁଖ ଚିକିତ୍ସାଳୟ ବ୍ରହ୍ମପୁର ଏମକେସିଜିରେ ରୋଗୀ ଏବଂ ତାଙ୍କ ସମ୍ପର୍କୀୟଙ୍କୁ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଛି। ସ୍ଥାନୀୟ ବିଧାୟକ କେ. ଅନୀଲ କୁମାରଙ୍କ ତତ୍ତ୍ୱାବଧାନରେ ମେଡ଼ିକାଲକୁ ଆସୁଥିବା ଲୋକଙ୍କୁ ଆହାର ଯୋଗାଇ ଦିଆଯାଇଥିଲା। ରାତ୍ର ସମୟରେ ଏମକେସିଜିରେ ବହୁ ଦୂର ଦୁରନ୍ତରୁ ଆସୁଥିବା ରୋଗୀ ଏବଂ ପରିବାର ଲୋକଙ୍କ ଖାଦ୍ୟପେୟରେ ସମସ୍ୟା ଉପୁଜୁଥିବାରୁ ବିଧାୟକଙ୍କ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ଅବସରରେ ବିଜେପି ନେତା ଅନୁପ ପଣ୍ଡା, ଜଗନ୍ନାଥ ଜେନା,ପ୍ରତାପ ସେଠୀ, ସି ବି ଯାଦବ ପ୍ରମୁଖ ଉପସ୍ଥିତ ଥିଲେ ଖାଦ୍ୟ ବଣ୍ଟନରେ ସହଯୋଗ କରିଥିଲେ।

## ଦଳିତ ମହିଳାଙ୍କୁ ନ୍ୟାୟ ଓ ଅଭିଯୁକ୍ତମାନଙ୍କୁ ଗିରଫ ଦାବିରେ ଗଣଧାରଣା




**କୋଣାର୍କ, ୨୨।୪ (ସଂଚାର ବ୍ୟୁରୋ):** କୋଣାର୍କ ଥାନା ଅଧିନସ୍ଥ ଅବଦାନ ଗ୍ରାମପଞ୍ଚାୟତର କନ୍ତିମଳା ଓ କୋଣାର୍କ ଏନଏସି ୫ ନଂ ୱାର୍ଡ ଡାଳିମ୍ବଗୋରଡି ଗ୍ରାମ ଦୁଇ ଜଣ ଦଳିତ ମହିଳାଙ୍କୁ ନ୍ୟାୟ ପ୍ରଦାନ ଓ ଅଭିଯୁକ୍ତ ମାନଙ୍କୁ ଗିରଫ କରିବାରେ ଟାଳଟୁଳ ନୀତି ଓ କୋଣାର୍କ ପୁଲିସର ନିଷ୍କ୍ରିୟତା ପ୍ରତିବାଦରେ ମଙ୍ଗଳବାର ପୂର୍ବାହ୍ନ ସମୟରେ ଅନୁସୂଚିତ ଜାତି ଓ ଜନଜାତି ବିକାଶ ସଂଗଠନ କୋଣାର୍କ ଥାନା ସମ୍ମୁଖରେ ଗଣଧାରଣା ଅନୁଷ୍ଠିତ ହୋଇଥିଲା। ସଂଗଠନର ସଭାପତି ପ୍ରତାପ କାଣ୍ଡିଙ୍କ ନେତୃତ୍ୱରେ ଦଳିତଙ୍କୁ ନ୍ୟାୟ ଓ ଅଭିଯୁକ୍ତ ମାନଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ଗିରଫ କରିବା ଦାବିରେ କୋଣାର୍କ ଥାନା ଘେରାଉ କରାଯାଇଥିଲା। କୋଣାର୍କ ଏନଏସି ଅଧିନସ୍ଥ ଡାଳିମ୍ବଗୋରଡି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ପାଚିକା ରୀତା କାଣ୍ଡିଙ୍କ ପ୍ରତି ପ୍ରଧାନ ଶିକ୍ଷୟିତ୍ରୀ ସ୍ନେହ ପ୍ରଭା ସ୍ୱାଇଁ ଜାତିଆଣା ଆକ୍ଷେପ ଓ ଦୁର୍ବ୍ୟବହାର ପ୍ରଦର୍ଶନ ନେଇ କୋଣାର୍କ ଥାନାରେ ଅଭିଯୋଗ ହେବା ପରେ କୋଣାର୍କ ପୁଲିସ କେଶ ରୁଜୁ କରି ଅଭିଯୁକ୍ତଙ୍କୁ ଅନୁକମ୍ପା ଦେଖାଇ ଗିରଫ କରିବାରେ ଅହେତୁକ ବିଳମ୍ବ କରି ଚୁପ ହୋଇ ବସି ରହିଥିଲା। ଅନ୍ୟ ଏକ କେଶରେ କାକଟପୁର ଥାନା ଅଧିନସ୍ଥ କୁରୁଜଙ୍ଗା ଗ୍ରାମର ଏକ ଦଳିତ ପରିବାରର ଝିଅ ମାମାଲି ରାଉତଙ୍କୁ ସ୍ୱାମୀ ଭରତ ଓ ପରିବାର ବର୍ଗ ଜାତିଆଣା ଆକ୍ଷେପ ଓ ନିର୍ଯ୍ୟାତନା ଦେଇ ସଂପୃକ୍ତ ଦଳିତ ମହିଳାଙ୍କୁ ଘରୁ ବାହାର କରି ଦେଇଥିଲେ। ଏ ନେଇ କୋଣାର୍କ ଥାନାରେ ମାମଲା ରୁଜୁ ହୋଇଥିଲା।

## ବିଲୁଆ କାମୁଡ଼ାରେ ବୃଦ୍ଧା ଗୁରୁତର

**ଗୋପ, ୨୨।୪ (ସଂଚାର ବ୍ୟୁରୋ):** ଗୋପ ବ୍ଲକ ଅଣ୍ଡରା ଇଚ୍ଛାପୁର ପଞ୍ଚାୟତ ବେଣିପୁର ଗ୍ରାମରେ ବିଲୁଆ କାମୁଡ଼ାରେ ଜଣେ ବୃଦ୍ଧା ଗୁରୁତର ହୋଇପଡିଛନ୍ତି। ସୂଚନା ଅନୁସାରେ ବେଣିପୁରର ବାବାଜୀସାହି ଏବଂ ରସିକ ସାହିରେ ପାଗଳ ବିଲୁଆ ଆତଙ୍କ ଖେଳାଇଛନ୍ତି। ଆଜି ସକାଳୁ ବାବାଜୀସାହିର ପୁନି ଦାସ (୬୫ବର୍ଷ ) ଗାଁ ପାଖ କୁସଭଦ୍ରା ନଦୀ ବନ୍ଧକୁ ଛେଳି ଚରାଇବାକୁ ଯାଇଥିବା ବେଳେ ଏକ ପାଗଳ ବିଲୁଆ ପୁନିଙ୍କ ହାତ ଓ ଗୋଡକୁ କାମୁଡି ଦେଇଥିଲା ଫଳରେ ବୃଦ୍ଧା ଜଣଙ୍କ ଡାକ ପକାଇବାରୁ ଗାଁ ଲୋକେ ଘଟଣା ସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ବୃଦ୍ଧାଙ୍କୁ ଗୋପ ମେଡ଼ିକାଲରେ ଭର୍ତ୍ତି କରିଥିଲେ। ସେହିପରି ଦୁଇଦିନ ହେବ ବୁଲୁଥିବା ପାଗଳ ବିଲୁଆଟି ଗ୍ରାମରେ ଅନେକ ଗୃହ ପାଳିତ ପଶୁଙ୍କୁ କାମୁଡିବା ସହିତ ଖେଳୁଥିବା ଅବସ୍ଥାରେ ଛୋଟ ଛୋଟ ପିଲାମାନଙ୍କୁ ଗୋଡ଼ାଇବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ବନବିଭାଗ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବୀ ହୋଇଛି।

## ସର୍ବୋତ୍ତମ ସୋସିଆଲ ଅର୍ଗାନାଇଜେସନ ପକ୍ଷରୁ ପୃଥିବୀ ଦିବସ -୨୦୨୫ ପାଳିତ




**ନାଉଗାଁ, ୨୨।୪ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକର ଜାମୁଗାଁସ୍ଥିତ ସରକାରୀ ପଲିଟେକ୍ନିକ କଲେଜ ପରିସରରେ ଭାରତ ସରକାରଙ୍କ ପୃଥିବୀ ବିଜ୍ଞାନ ମନ୍ତ୍ରାଳୟ ଓ ସର୍ବୋତମ ସୋସିଆଲ ଅର୍ଗାନାଇଜେସନ ମିଳିତ ଆନୁକୂଲ୍ୟରେ ପୃଥିବୀ ଦିବସ-୨୦୨୫ ମଙ୍ଗଳବାର ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଲେଜର ଅଧକ୍ଷା କଳ୍ପନା ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଟ୍ରଷ୍ଟର ପ୍ରତିଷ୍ଠାତା ନିହାର ରଞ୍ଜନ ଆଚାର୍ଯ୍ୟ, ବିଶିଷ୍ଟ ପରିବେଶବିତ୍ ଡକ୍ଟର ହେମନ୍ତ କୁମାର ମିଶ୍ର, ବିଶିଷ୍ଟ ଶିକ୍ଷାବିତ୍ ସୁଧାମୟୀ ବେହୁରା ପ୍ରମୁଖ ଯୋଗ ଦେଇ ପ୍ରଥିବୀ ଦିବସ-୨୦୨୫ର ଆଭିମୁଖ୍ୟ ତଥା ଶକ୍ତି ସଂରକ୍ଷଣ ଦିଗରେ ଆଲୋକପାତ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ତରପକ୍ଷରୁ ଏକ ବିଶାଳ ସଚେତନତା ରାଲିର ଆୟୋଜନ କରାଯାଇଥିଲା। ଉକ୍ତ ରାଲି କଲେଜ ପରିସରରୁ ବାହାରି ନିକଟସ୍ଥ ଗ୍ରାମ ଓ ବଜାରରେ ପରିକ୍ରମା କରାଯାଇ ଲୋକମାନଙ୍କୁ ପରିବେଶ ସୁରକ୍ଷା ସମ୍ପର୍କୀୟ ସଚେତନ କରାଯାଇଥିଲା। ପରେ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଶକ୍ତି ସଂରକ୍ଷଣ ଦିଗରେ ଶପଥ ପାଠ କରାଯାଇଥିଲା। ଏହି ପରିପ୍ରେକ୍ଷରେ ଅନୁଷ୍ଠାନ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମ୍ପାଦିକା ସୁଶ୍ରୀ ଶ୍ରାବଣୀ ରାୟ, ପୁନମ ନାୟକ, ଅଞ୍ଜଳୀ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

## ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ



**ଖୋର୍ଦ୍ଧା, ୨୨।୪ (ସଂଚାର ବ୍ୟୁରୋ):** ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆସାମର ପ୍ରାକ୍ତନ ରାଜ୍ୟପାଳ ଏଜାନକୀ ବଲ୍ଲଭ ପଟ୍ଟନାୟକଙ୍କର ୧୦ ଶ୍ରାଦ୍ଧବାର୍ଷିକୀ ସୋମବାର ଜାନକୀ ବଲ୍ଲଭ ସ୍ମୃତି କମିଟି ତରଫରୁ ଖୋର୍ଦ୍ଧାସ୍ଥିତ ଜାନକୀ ବଲ୍ଲଭ ଉଦ୍ୟାନ ପରିସରରେ ପାଳିତ ହୋଇଯାଇଛି । ଜାନକୀ ବଲଭ ସ୍ମୃତି କମିଟି ସଭାପତି ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ମୁଖ୍ୟଅତିଥି, ପୂର୍ବତନ କଟକ-ବାଟବାଟୀ ବିଧାୟକ ମହମ୍ମଦ ମୋକିମ, ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟ, ଜଟଣୀ ବିଧାୟକ ବିଭୂତି ବଳବନ୍ତରାୟ, ବେଗୁନିଆ ବିଧାୟକ ପ୍ରଦୀପ ସାହୁ ଏବଂ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ ଏବଂ ଜାନକୀ ବଲ୍ଲଭଙ୍କ ସୁପୁତ୍ର ପୃଥିବଲ୍ଲଭ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏଥି ସହିତ ଖୋର୍ଦ୍ଧାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବ୍ୟବସାୟୀ, ବୁଦ୍ଧିଜିବୀ, ଆଇନଜୀବୀ , ସାମ୍ବାଦିକ ପ୍ରମୁଖ ସାମିଲ ହୋଇ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ପୂର୍ଣ୍ଣ ବୟାସ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧା ସୁମନ କରିଥିଲେ।

ଆୟୋଜିତ ସ୍ମୃତିଚାରଣ ସଭାରେ ପୂର୍ବତନ ବିଧାୟକ ରାଉତରାୟ କହିଲେ ଯେ, ଜାନକୀ ବଲ୍ଲଭ ଜଣେ ଦୂରଦୃଷ୍ଟି ସମ୍ପର୍ଣ୍ଣ ରାଜନୀତିଜ୍ଞ ଥିଲେ । ଶିଳ୍ପ, କ୍ରୀଡା, ସଂସ୍କୃତି ତଥା ଓଡ଼ିଶା ପ୍ରଗତି ପାଇଁ ସେ ଅହରହ ପ୍ରଚେଷ୍ଟା କରୁଥିଲେ। ବିଧାୟକ ପ୍ରଦୀପ, ବିଭୂତି ଏବଂ ପ୍ରଶାନ୍ତ ଜାନକୀ ବାବୁଙ୍କ ସହ ବିତାଇଥିବା ଅତିଥି ସ୍ମୃତି ସାଉଁଟି ତାଙ୍କ ପ୍ରତିଭା, ରାଜନୀତି, ଶିଳ୍ପ ଅଭିବୃଦ୍ଧି ନେଇ ଦୂରଦୃଷ୍ଟି ସମ୍ପର୍କରେ କହିଥିଲେ । ପୂର୍ବତନ ବିଧାୟକ ମୋକିମ କହିଲେ ଯେ, ଜାନକୀ ବାବୁ ରାଜ୍ୟରେ କିପରି ମରୁଡି ଆସନ୍ନ ଦୂର ହେବ ସେଥିପ୍ରତି ସେ ସର୍ବଦା ଚେଷ୍ଟିତ ଥିଲେ। ୧୯୫୦ରୁ ୨୦୧୫ ତାଙ୍କ ଯାତ୍ରା। ଆଜିର ଯୁବପିଢି ପାଇଁ ସେ ଜଣେ ଆଦର୍ଶ। ଜାନକୀଙ୍କ ସୁପୁତ୍ର ତଥା ବରିଷ୍ଠ କଂଗ୍ରେସ ନେତା ପୃଥୀବିଲ୍ଲଭ ପଟ୍ଟନାୟକ ବାପାଙ୍କ ରାଜନୀତି ଜୀବନୀ ସମ୍ପର୍କରେ ଆଲୋକାପାତ କରିଥିଲେ। ସ୍ମୃତି କମିଟି କୋଷାଧକ୍ଷ ତଥା ବ୍ଲକ ଉପାଧକ୍ଷ ପ୍ରକାଶ ସାମନ୍ତରାୟ ଅତିଥି ପରିଚୟ ଓ କଂଗ୍ରେସ ମୁଖପାତ୍ର ଅମିତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ସକାଳର ସ୍ୱଚ୍ଛତା ପରିବାର ପକ୍ଷରୁ ବିଶ୍ୱ ଧରିତ୍ରୀ ଦିବସ




**ବାଲିଅନ୍ତା, ୨୨।୪ (ସଂଚାର ବ୍ୟୁରୋ):** ସକାଳର ସ୍ୱଚ୍ଛତା ପରିବାର ପକ୍ଷରୁ ପ୍ରତାପ ଶାସନ ନୋଡାଲ ଉଚ୍ଚ ବିଦ୍ୟଳୟ ପୁରାତନ ଛାତ୍ର ସଂସଦ ତତ୍ତ୍ୱାବଧାନରେ ବାଳକାଟି ବଜାର ସ୍ଥିତ ବାଳକୃଷ୍ଣ ଦାଶଙ୍କ ପ୍ରତିମୂର୍ତ୍ତି ପାଖରେ ବିଶ୍ୱ ଧରିତ୍ରୀ ଦିବସ ପାଳତ ହୋଇଯାଇଛି । ସ୍ୱଚ୍ଛତାର ପରିଧିଟିଏ ତିଆରକରି 'ସତ୍ୟପ୍ରିୟ ମହାନ୍ତିଙ୍କ' ପ୍ରତିମୂର୍ତ୍ତି ପାଖରୁ ପଟୁଆର ସହ ସଚେତନତାର ବାର୍ତ୍ତାବହ ସାଜି, ପୁନଃ ବାଳକୃଷ୍ଣ ଦାଶଙ୍କ ଛକ ନିକଟରେ କ୍ଷୀର ନଡିଆ ଫୁଲ ଦୀପର ବିଧି ସମ୍ପନ୍ନ ସହ ପରସ୍ପର କିଛି ମିଷ୍ଟାନ୍ନର ବିନିମୟ ହେବା ଏକ ଆନନ୍ଦଦାୟକ ପରିବେଶ ସୃଷ୍ଟି କରିପାରିଛି । ପରିଶେଷରେ ବିଦ୍ୟାଳୟ ପରିସରରେ ଗୁରୁଜୀ/ଗୁରୁମା ଓ ପୁରାତନ ଛାତ୍ର ଅର୍ଥାତ୍ ସ୍ୱଚ୍ଛତା ସେନାଙ୍କ ସହ ପ୍ରଧାନ ଶିକ୍ଷକଙ୍କ କରକମଳରେ ଗଛଟିଏ ଲଗାଇବାର ସୌଭାଗ୍ୟ କେବଳ ମାତ୍ର ସେଇ ସ୍ୱଚ୍ଛ ସକାଳ ସମୟରେ ସମ୍ଭବ ହୋଇ ପାରିଛି।

## ବିଶ୍ୱ ମୁଖ ସ୍ୱାସ୍ଥ୍ୟ ମାସରେ ସୋଆ ଆଇଡିଏସ୍ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ



**ଭୁବନେଶ୍ୱର, ୨୨।୪ (ସଂଚାର ବ୍ୟୁରୋ):** ବିଶ୍ୱ ମୁଖ ସ୍ୱାସ୍ଥ୍ୟ ମାସ ପରିପ୍ରେକ୍ଷୀରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଂଟାଲ୍ ସାଇନ୍‌ସେସ୍ (ଆଇଡିଏସ୍) ପକ୍ଷରୁ ପ୍ରାୟ ୧୯ଟି ସ୍କ୍ରିନିଂ ଓ ଚିକିତ୍ସା ଶିବିର ଆୟୋଜନ କରାଯାଇଥିବା ବେଳେ ବିଭିନ୍ନ ଅଞ୍ଚଳରୁ ପ୍ରାୟ ୧୧୫୩ ବ୍ୟକ୍ତିବିଶେଷ ଉପକୃତ ହୋଇଥିଲେ। ଏକ ମାସ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମ ମାର୍ଚ୍ଚ ୨୦ ତାରିଖରେ ଆରମ୍ଭ ହୋଇଥିଲା। ଯେଉଁଥିରେ କି ବିଭିନ୍ନ ସଚେତନମୂଳକ ଏବଂ ଶୈକ୍ଷିକ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ନ୍ୟାସ୍‌ନାଲ୍ ଓରାଲ ହେଲ୍‌ଥ ପ୍ରୋଗ୍ରାମର ଇନ୍‌ଚାର୍ଜ ଡକ୍ଟର ଜୀବନ୍ତ ଆଚାର୍ଯ୍ୟ ଏବଂ ଆଇଡିଏସ୍‌ର ଡିନ୍ ପ୍ରଫେସର (ଡକ୍ଟର) ରୁଚି ଭୂୟାଂ ବକ୍ତବ୍ୟ ରଖିଥିଲେ। ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ, ଫ୍ୟାକଲ୍ଟି ମେମ୍ବର୍ସ, ଇନ୍‌ଟର୍ଣ୍ଣ ଏବଂ କର୍ମଚାରୀମାନେ ଏପ୍ରିଲ ୬ ତାରିଖ ଦିନ ଭୁବନେଶ୍ୱର ଆନନ୍ଦବନ ପର୍ଯ୍ୟନ୍ତ ଏକ ୱାକାଥନ୍‌ର ଆୟୋଜନ କରିଥିଲେ। ସେହିପରି ଏପ୍ରିଲ୍ ୧୮ ତାରିଖ ଦିନ ସିଆପିଏଫ୍ କ୍ୟାମ୍ପସ୍‌ରେ ଏକ ସ୍କିନିଂ ଓ ଚିକିତ୍ସା ଶିବିରର ଆୟୋଜନ କରାଯାଇଥିଲା ଯେଉଁଠାରେ ୧୨୦ ଜଣ ରୋଗୀ ପରୀକ୍ଷା ଓ ଚିକିତ୍ସା କରାଇଥିଲେ।

ଆଇଡିଏସ୍ ପକ୍ଷରୁ ୩ଟି କଣ୍ଟିନୁଇଙ୍ଗ ଡେଂଟାଲ ଏଜୁକେସନ୍ (ସିଡିଇ) ପ୍ରୋଗ୍ରାମ ଏବଂ ୱେବିନାର ଆୟୋଜନ କରାଯିବା ସହ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପୋଷ୍ଟର ପ୍ରସ୍ତୁତି, ବକ୍ତୃତା ଏବଂ କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏପ୍ରିଲ୍ ୧୯ ତାରିଖ ଦିନ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ଆଡିସ୍‌ନାଲ୍ ଡାଇରେକ୍ଟର ଅଫ୍ ମେଡିକାଲ୍ ଏଜୁକେସନ୍ ଡକ୍ଟର ବ୍ରଜ କିଶୋର ଦାଶ ଏବଂ ପ୍ରଫେସର (ଡାକ୍ତର) ଭୂୟାଁ ଉପସ୍ଥିତ ଥିଲେ।

### ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ନିର୍ମାଣରେ ଅହେତୁକ ବିଳମ୍ବ

## ଗମନାଗମନ ବାଧାପ୍ରାପ୍ତ, ନିମ୍ନମାନର କାମକୁ ଦାୟୀ କଲେ ଜନତା



**କୋଣାର୍କ, ୨୨।୪ (ସଂଚାର ବ୍ୟୁରୋ):** କୋଣାର୍କ ଥାନା ଅଧିନସ୍ଥ ଅବଦାନ ଗ୍ରାମପଞ୍ଚାୟତର ବାଲିଦୋକାନ ଠାରୁ ସିଂଘାରପାଳ ପର୍ଯ୍ୟନ୍ତ ଦୀର୍ଘ ୧୨କିମି ମିଟର ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ନିର୍ମାଣାଧୀନ ରାସ୍ତା କାମ ଅଧାପନ୍ତରିଆ ଭାବେ ପଡ଼ିରହିଥିବା ବେଳେ ନିମ୍ନମାନର କାର୍ଯ୍ୟ ଯୋଗୁଁ ଗମନାଗମନ ବାଧାପ୍ରାପ୍ତ ହେଉଛି ବୋଲି ସାଧାରଣରେ ଆଲୋଚନା ହେଉଛି। କୋଣାର୍କ ଥାନା ଅଧିନସ୍ଥ କାକଟପୁର ଗ୍ରାମ୍ୟ ନିର୍ମାଣ ଉପଖଣ୍ଡ ଅଧିନସ୍ଥ ଦୀର୍ଘ ୨ବର୍ଷ ଧରି ବାଲିଦୋକାନ - ସିଂଘାରପାଳ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା ମାଧମରେ ରାସ୍ତା ନିର୍ମାଣ କରାଯାଉଥିବା ବେଳେ ଏହି ନିର୍ମାଣ କାର୍ଯ୍ୟରେ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଇ କାର୍ଯ୍ୟ ହେଉଥିବାରୁ ଏହାର ସ୍ଥାୟୀତ୍ୱ ନେଇ ଅଂଚଳର ଜନସାଧାରଣ ଓ ବୁଦ୍ଧିଜୀବୀ ମହଲରେ ସନ୍ଦେହ ସୃଷ୍ଟି ହୋଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହି ୧୨କିମି ରାସ୍ତା ନିର୍ମାଣ ପାଇଁ ପ୍ରାୟ ୩କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ବରାଦ କରାଯାଇଛି। ମାତ୍ର ଦାୟିତ୍ୱରେ ଥିବା ଗ୍ରାମ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ଓ କାର୍ଯ୍ୟ ନେଇଥିବା ଠିକାଦାରଙ୍କ ମଧ୍ୟରେ ଅଘୋଷିତ ଅସାଧୁ ମେଣ୍ଟ ଯୋଗୁ ସଠିକ ଭାବେ ପିଚୁ କାମ, ମେଣ୍ଟାଲିଂଗ କାର୍ଯ୍ୟ, କଲଭେଟ କାର୍ଯ୍ୟ ଓ ରାସ୍ତାର ଉଭୟ ପାର୍ଶ୍ୱରେ ମାଟି ପକା କାର୍ଯ୍ୟ ସରକାରୀ ନିୟମ ଅନୁଯାୟୀ କରାଯାଉ ନ ଥିବା ସଚେତନ ନାଗରିକ ଓ ଅଞ୍ଚଳବାସୀଙ୍କ ପକ୍ଷରୁ ଅଭିଯୋଗ ହେଉଛି।

# ଚାଲୁ ସୁନାର ପେଣ୍ଠସ୍ଥଳୀ କାକଟପୁର ଓ ଅସ୍ତରଙ୍ଗ



**କାକଟପୁର/ଅସ୍ତରଙ୍ଗ, ୨୨।୪ (ସଂଚାର ବ୍ୟୁରୋ):** ପ୍ରାୟତଃ ପ୍ରତ୍ୟେକ ଦିନ ଖବରକାଗଜ, ଟିଭି, ରେଡ଼ିଓ ଇତ୍ୟାଦିରେ ବିଜ୍ଞାପନ ବାହାରୁଛି ବିଭିନ୍ନ ଘରୋଇ ସୁନା ଶୋରୁମ୍ ମାନଙ୍କର ସେଥିରେ ଗ୍ରାହକ ମାନଙ୍କ ପାଇଁ ଅଫର ମଧ ରହୁଛି। ଯାହାକି ଗ୍ରାହକ ମାନଙ୍କୁ ଆକୃଷ୍ଟ କରୁଛି ଅଧିକ ରୁ ଅଧିକ ସୁନା କ୍ରୟ କରିବା ପାଇଁ। ହେଲେ ଆପଣ କେବେ ଭାବିଛନ୍ତି କି? ଆପଣ ଯେଉଁ ସୁନା କିଣୁଛନ୍ତି ସିଏ ହଲମାର୍କ ସୁନା ନାଁ ଆଉ କିଛି। ଆପଣ ଅସଲି ଟଙ୍କା ଦେଇ ନକଲି ସୁନା କିଣୁନାହାନ୍ତି ତ? ଏମିତି ତମାମ ପ୍ରଶ୍ନ ମନରେ ଆସୁଥିବ। ଆସିବା ବି ସ୍ୱାଭାବିକ କାରଣ ଆଜିକାଲି ଅସମ୍ଭବ ନୁହେଁ। ଆମେ ଏପରି କହିବାର ଉଦେଶ୍ୟ ଏପରି ଅନେକ ଅଭିଯୋଗ ମଧ ଆସୁଛି ଏପରି ଅଭିଯୋଗ ମଧ ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗରେ। ଗ୍ରାମାଞ୍ଚଳ ଲୋକଙ୍କୁ ହଲମାର୍କ ଓ ୨୨କ୍ୟାରେଟ କହି ଅସାଧୁ ବ୍ୟବସାୟୀ ୧୮କ୍ୟାରେଟ ମଧ ବିକ୍ରି କରୁଛନ୍ତି। ଯାହାକି ଗ୍ରାହକ ଠକାମୀ ଶିକାର ହେଉଛନ୍ତି।

ସୂଚନା ମୁତାବକ ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ମୁଖ୍ୟ ବଜାର ହେଉ ଅବା ଗ୍ରାମାଞ୍ଚଳରେ ଥିବା ସୁନା ଦୋକାନ ଅବା ଜୁଏଲାରୀରେ ବିନା ଜିଏସଟି ସହ ନକଲି ସୁନା ମଧ ବିକ୍ରି ହେଉଛି। କାକଟପୁର ଓ ଅସ୍ତରଙ୍ଗ ଅଂଚଳରେ ୩୦ରୁ ଉର୍ଦ୍ଧ ସୁନା ଅଳଙ୍କାର ଦୋକାନ ରହିଛି। କିନ୍ତୁ ବଡ଼ ଆଶ୍ଚର୍ଯ୍ୟ କଥା ହାତ ଗଣତି ୫ରୁ ୭ଟି ଦୋକାନ ଛାଡିଦେଲେ ବାକି ସମସ୍ତ ଦୋକାନୀ ସରକାରଙ୍କୁ ବର୍ଷକୁ କୋଟି

### କୋଟି କୋଟି ଟଙ୍କାର ଟିକସ ଫାଙ୍କୁଛନ୍ତି ଅସାଧୁ ବ୍ୟବସାୟୀ

### ପ୍ରଶାସନର ନିରବଦ୍ରଷ୍ଟା

କୋଟି ଟଙ୍କାର ଟିକସ ଫାଙ୍କି ବ୍ୟବସାୟ କରୁଥିଲେ ସୁଦ୍ଧା ଏ ସମ୍ବନ୍ଧରେ ପ୍ରଶାସନ ପାଖରେ ଖବର ନାହିଁ ନାଁ ସବୁ ଜାଣିକରି ପ୍ରଶାସନ ଶୋଇ ପଡିଛି ତାହା ବି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳ କିଛି ସୁନା ଦୋକାନକୁ ଛାଡିଦେଲେ ୯୦%ଉର୍ଦ୍ଧ ବ୍ୟବସାୟୀଙ୍କ ପାଖରେ ୧୮କ୍ୟାରେଟରୁ ୨୨କ୍ୟାରେଟ ସୁନା ଉପଲବ୍ଧ ରହୁଛି ହେଲେ ଏ ବାବଦରେ ପ୍ରଶାସନ ପାଖରେ ଖବର ନାହିଁ। ମୁଖ୍ୟ କଥା କିଛି ଅସାଧୁ ବ୍ୟବସାୟୀ ସାକ୍ଷରତା ନଥିବା ମହିଳାଙ୍କୁ ୧୮କ୍ୟାରେଟ ସୁନାକୁ ୨୨କ୍ୟାରେଟ ଦାମ୍ ମଧ ବିକ୍ରି କରୁଥିବା ବେଳେ ଜିଏସଟି ବିଲ ଦେଉନାହାନ୍ତି। ଏହା ସହ ସୁନା ଗହଣା ଉପରେ ସରକାର ଏକ ପ୍ରକାର ଟିକସ ଲଗାଉଥିବା ବେଳେ ଅସ୍ତରଙ୍ଗ ଓ କାକଟପୁର ଅଞ୍ଚଳବ୍ୟବସାୟୀମାନେ କଟକ କଳା ବଜାରରୁ ଏଇ ଗହଣା ବହୁତ କମ୍ ଦାମରେ ଓ ନକଲି ସହିତ ବିନା ହଲମାର୍କର ଆଣି ସରକାରଙ୍କୁ କୋଟି କୋଟି ଟଙ୍କା ଟିକସ ଫାଙ୍କି ବିକ୍ରି କରୁଥିବା ବିଶେଷ ସୂତ୍ରରୁ ଜଣାପଡିଛି। ଏ ସମ୍ପର୍କରେ ବିଭାଗୀୟ ନଜର କିପରି ପଡୁନି ନାଁ ବିଭାଗୀୟ ଅଧିକାରୀଙ୍କୁ ଅସାଧୁ ବ୍ୟବସାୟୀ ମାନେ ହାତଗୁଞ୍ଜା ଦେଉଛନ୍ତି ତାହା ଏବେ ବେଶ ଚର୍ଚ୍ଚାର ବିଷୟ ପାଲଟିଛି।

ଏ ନେଇ କାକଟପୁର, ଅସ୍ତରଙ୍ଗ ସ୍ୱର୍ଣ୍ଣକାର ସଙ୍ଘ ସଭାପତି ଶ୍ରୀଧର ସାହୁ କହିଛନ୍ତି ଅନେକ ଅସାଧୁ ବ୍ୟବସାୟୀ ଏପରି ସୁନା ବ୍ୟବସାୟ କରୁଛନ୍ତି, ଏହାକୁ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ନିହାତି ଯାଞ୍ଚ କରିବା ଆବଶ୍ୟକ। ସ୍ଥାନୀୟ ଅଞ୍ଚଳବାସୀ ଦାବୀ କରିଛନ୍ତି ଏହା ଉପରେ ତୁରନ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ଦାବୀ କରିଛନ୍ତି।

## ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ 'ସୁରକ୍ଷିତ ଯାତ୍ରା'ର ଶୁଭାରମ୍ଭ

# ୩୦ କୋଟିଙ୍କୁ ସଚେତନ କରିବା ଶିକ୍ଷା ବିଭାଗର ଦାୟିତ୍ୱ: ଧର୍ମେନ୍ଦ୍ର

ନୂଆଦିଲ୍ଲୀ/ଭୁବନେଶ୍ୱର,୨୨।୪(ସଂଚାର ବ୍ୟୁରୋ): ସଡ଼କ ସୁରକ୍ଷାର ଗୁରୁତ୍ୱକୁ ଅଣଦେଖା କରିବା ଉଚିତ୍ ନୁହେଁ। ସଡ଼କ ସୁରକ୍ଷାକୁ କେବଳ ଆଇନ ବ୍ୟବସ୍ଥାରେ ନୁହେଁ, ବରଂ ଜନଆନ୍ଦୋଳନ ରୂପରେ ଦେଖାଯିବା ଦରକାର ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର କଳ୍ପନା ରହିଛି। ଏହି ପରିପ୍ରେକ୍ଷୀରେ ସ୍କୁଲ ସ୍ତରରେ 'ସୁରକ୍ଷିତ ଯାତ୍ରା' ଶିକ୍ଷା କାର୍ଯ୍ୟକ୍ରମ ପ୍ରଧାନମନ୍ତ୍ରୀଙ୍କ କଳ୍ପନାକୁ ତୃଣମୂଳ ସ୍ତରରେ ସାକାର କରିବା ଦିଗରେ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ ଆଜି ନୂଆଦିଲ୍ଲୀଠାରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡକରୀଙ୍କ ସହ ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ସଡ଼କ ସୁରକ୍ଷା ସଚେତନତା ଏବଂ ଅନଲାଇନ ଶିକ୍ଷା କାର୍ଯ୍ୟକ୍ରମ 'ସୁରକ୍ଷିତ ଯାତ୍ରା'ର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଏହି ପଦକ୍ଷେପ ଦ୍ୱାରା ଆମର ଯୁବବର୍ଗମାନେ ବିଦ୍ୟାଳୟ ସ୍ତରରେ ହିଁ ସଡ଼କ ସୁରକ୍ଷା ପ୍ରତି ବ୍ୟବହାରିକ ସଚେତନତା ବିକଶିତ ହେବ। ରାଷ୍ଟ୍ରୀୟ ସ୍କୁଲ ଶିକ୍ଷା ପାଠ୍ୟକ୍ରମ ଅନ୍ତର୍ଗତ ଏନସିଇଆରଟି ନୂଆ ପାଠ୍ୟପୁସ୍ତକ ପ୍ରସ୍ତୁତ କରୁଛି।

କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ସ୍କୁଲ ଶିକ୍ଷା ବିଭାଗ ତଥା ଏନସିଇଆରଟିକୁ ପରାମର୍ଶ ଦେଇ କହିଛନ୍ତି ଯେ ୨୦୨୫-୨୬ ଶିକ୍ଷା ବର୍ଷରୁ ହିଁ ସଡ଼କ ସୁରକ୍ଷା ବିଷୟ ଉପରେ ପ୍ରଥମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ବୟସ ଅନୁସାରେ ଉପଯୁକ୍ତ ଅଡ଼ିଓ-ଭିଡ଼ିଓ ମଡ୍ୟୁଲ୍ ପ୍ରସ୍ତୁତ କରାଯାଉ, ଯେଉଁଥିରେ ଏହି ବିଷୟକୁ କ୍ରେଡ଼ିଟ୍ ଆଧାରିତ ପ୍ରଣାଳୀ ଅନ୍ତର୍ଗତ ପଢାଯାଇପାରିବ। ଦେଶର ୩୦ କୋଟି ଶିଶୁ ଏବଂ ଯୁବବର୍ଗଙ୍କୁ ସଡ଼କ ସୁରକ୍ଷା ପ୍ରତି ସଚେତନ କରିବା ଶିକ୍ଷା ବିଭାଗର ଦାୟିତ୍ୱ ଅଟେ । ଏହାସହ ଆମକୁ ଶକ୍ତି ସଂଚୟ ଭଳି ବିଷୟ ଉପରେ ମଧ୍ୟ ଆମ ପିଲାମାନଙ୍କୁ ପ୍ରାଥମିକ ସ୍ତରରୁ ଶିକ୍ଷିତ କରିବାକୁ ପଡିବ। ଆତ୍ମନିର୍ଭର ଭାରତର ଦିଶାରେ ଆମେ ସେମାନଙ୍କୁ ଅକ୍ଷୟ ଉର୍ଜା ଭଳି ବିଭିନ୍ନ ସ୍ରୋତ ସହ ପରିଚିତ କରାଇବା ଆବଶ୍ୟକ। କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି, ସଡ଼କ ସୁରକ୍ଷା ମହତ୍ତ୍ୱପୂର୍ଣ୍ଣ ଓ ଆବଶ୍ୟକ ମଧ୍ୟ। ସୋସାଇଟି ଅଫ୍ ଇଣ୍ଡିଆନ ଅଟୋମୋବାଇଲ ମ୍ୟାନୁଫ୍ୟାକଚର୍ସ (ଏସ୍ଆଇଏଏମ୍) ଓ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନର ମିଳିତ ଉଦ୍ୟମରେ ପରିଚାଳିତ ଏହି ଅନଲାଇନ୍ ଶିକ୍ଷା କାର୍ଯ୍ୟକ୍ରମରେ ଦେଶର ସମସ୍ତ କେନ୍ଦ୍ରୀୟ ବିଦ୍ୟାଳୟରେ ସଡ଼କ ସୁରକ୍ଷା ଏବଂ ସୁରକ୍ଷିତ ସଡ଼କ ବ୍ୟବହାର ଭଳି ପଦକ୍ଷେପ ଗୁଡ଼ିକ ଦ୍ୱାରା ସମସ୍ତ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯିବ। ଏହାଦ୍ୱାରା ସୁରକ୍ଷା ଛାତ୍ରଛାତ୍ରୀଙ୍କ ଚିନ୍ତାଧାରର ଅବିଚ୍ଛେଦ୍ୟ ଅଙ୍ଗ ହୋଇପାରିବ। କେନ୍ଦ୍ରୀୟ ବିଦ୍ୟାଳୟ ସହ କରାଯାଉଥିବା ଏହି ଅଭିଯାନ ଆଧାରରେ ଏହି ବିଷୟକୁ ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ବିଦ୍ୟାଳୟରେ ସ୍ଥାନୀୟ ଭାରତୀୟ ଭାଷାରେ ବୁଝାଯିବ। ଏହାଛଡ଼ା ଦିଲ୍ଲୀର କେନ୍ଦ୍ରୀୟ ବିଦ୍ୟାଳୟ-୨ରେ ସଡ଼କ ସୁରକ୍ଷାର ସମସ୍ତ କାର୍ଯ୍ୟକ୍ରମକୁ ଶେଷ କରି ସେଠାରେ ହାଇଡ୍ରୋଜେନ ଇନ୍ଧନ ଉତ୍ପାଦନ ପ୍ଲାଣ୍ଟର ସ୍ଥାପନା କରିବା ପାଇଁ କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ଶ୍ରୀ ପ୍ରଧାନ ଅନୁରୋଧ କରିଛନ୍ତି। ଏହାଦ୍ୱାରା ବିଦ୍ୟାର୍ଥୀମାନେ ସଡ଼କ ସୁରକ୍ଷା ସହ ଉର୍ଜା ସୁରକ୍ଷାର ବିଷୟରେ ମଧ୍ୟ ବ୍ୟାବହାରିକ ଜ୍ଞାନ ପାଇପାରିବେ ବୋଲି ସେ କହିଛନ୍ତି।




# ପୁଣି ରାଜଧାନୀରେ ପିଲା ଅପହରଣ

### କେଇ ଘଣ୍ଟା ପରେ ଉଦ୍ଧାର କଲା ପୁଲିସ୍

### ଟ୍ୟୁସନ୍ ସାରଙ୍କ ସମ୍ପୃକ୍ତି ସନ୍ଦେହ



ଭୁବନେଶ୍ୱର,୨୨।୪ (ସଂଚାର ବ୍ୟୁରୋ): ରାଜଧାନୀର ରାମମନ୍ଦିର ସମ୍ମୁଖରେ ଗତ ସପ୍ତାହରେ ଜଣୈକା ଦୃଷ୍ଟିହୀନ ମହିଳାଙ୍କ ଶିଶୁପୁତ୍ରକୁ ଅପହରଣ କରାଯାଇଥିବା ବେଳେ ଆଜି ଭୁବନେଶ୍ୱରରେ ଆଉ ଏକ ଅପହରଣ ଘଟଣା ଘଟିଛି। ଅବଶ୍ୟ ଅପହରଣର କେଇ ଘଣ୍ଟା ଭିତରେ ଉକ୍ତ ୮ ବର୍ଷର ଶିଶୁପୁତ୍ରକୁ ଏୟାରଫିଲ୍ଡ ଥାନା ଅନ୍ତର୍ଗତ ପାଞ୍ଚଗାଁ ନିକଟରୁ ପୁଲିସ୍ ଉଦ୍ଧାର କରିବାରେ ସକ୍ଷମ ହୋଇଛି। ତେବେ ଉଦ୍ଧାର ହେବା ପରେ ପିଲାଟିର ବୟାନ ଅନୁସାରେ, ଏହି ଅପହରଣ ପଛରେ ତା'ର ଟ୍ୟୁସନ୍ ସାର୍‌ଙ୍କ ସମ୍ପୃକ୍ତି ରହିଥିବା ଜଣାପଡ଼ିଛି। କାରଣ ତାକୁ ଟ୍ୟୁସନ୍ ସାର୍ ସାଙ୍ଗରେ ନେଇ ଯାଇଥିଲେ। ତା'ର ଦେହ ଖରାପ ଥିବାରୁ ତାକୁ ଡାକ୍ତର ଦେଖାଇବା ବାହାନାରେ ଟ୍ୟୁସନ୍ ସାର୍ ଜଣଙ୍କୁ ନେଇଯାଇଥିବା ବେଳେ ପରେ ଦୁର୍ବୃତ୍ତଙ୍କ ହାତରେ ପଠାଇଦେଇଥିବା ପିଲାଟି କହିଛି।

ଅପହରଣ ପରେ ଦୁର୍ବୃତ୍ତମାନେ ପରିବାର ଲୋକଙ୍କଠାରୁ ୨୦ ଲକ୍ଷ ଟଙ୍କା ମୁକ୍ତି ଜାମିନ୍ ବାବଦରେ ମଧ୍ୟ ମାଗିଥିଲେ। ତେବେ ୩ଟି ପୁଲିସ୍ ଟିମ୍‌ର ତନାଘନା ପରେ ପିଲାଟିକୁ ସଫଳତା ପୂର୍ବକ ଉଦ୍ଧାର କରାଯାଇପାରିଛି। ତେବେ ଏହି ମାମଲାରେ ପୁଲିସ୍ ଅଧିକ ଛାନ୍‌ଭିନ୍ କରୁଛି।

## ପୋପ୍ ଫ୍ରାନ୍ସିସ୍‌ଙ୍କ ବିୟୋଗ

# ରାଜ୍ୟରେ ୩ଦିନିଆ ଶୋକ ନିଷ୍ପତ୍ତି



ଭୁବନେଶ୍ୱର,୨୨।୪(ସଂଚାର ବ୍ୟୁରୋ): ରୋମାନ କାଥୋଲିକ୍ ଚର୍ଚ୍ଚର ସର୍ବୋଚ୍ଚ ଧର୍ମଗୁରୁ ପୋପ୍ ଫ୍ରାନ୍ସିସ୍‌ଙ୍କର ଗତକାଲି ପରଲୋକ ଘଟିଥିବା ବେଳେ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ସ୍ୱରୂପ ରାଜ୍ୟରେ ୩ଦିନିଆ ଶୋକ ପାଳନ କରାଯିବା ସକାଶେ ନିଷ୍ପତ୍ତି ହୋଇଛି। ଏହି କ୍ରମରେ ଆଜି ଶୋକ ପାଳନ ହୋଇଥିବା ବେଳେ ଆସନ୍ତାକାଲି ଏହା ଜାରି ରହିବ। ଏହାଛଡ଼ା ପୋପ୍ ଫ୍ରାନ୍ସିସ୍‌ଙ୍କ ଶେଷକୃତ୍ୟ ଦିନ ମଧ୍ୟ ରାଜ୍ୟରେ ଶୋକ ପାଳନ ହେବ ବୋଲି ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ ଯେ ପୋପ୍ ଫ୍ରାନ୍ସିସ୍‌ଙ୍କର ଦେହାନ୍ତରେ ଭାରତ ସରକାର ଗତକାଲି ତିନିଦିନିଆ ରାଷ୍ଟ୍ରୀୟ ଶୋକ ଘୋଷଣା କରିଛନ୍ତି। ତାଙ୍କ ସମ୍ମାନାର୍ଥେ ସାରା ଭାରତରେ ତିନିଦିନିଆ ରାଷ୍ଟ୍ରୀୟ ଶୋକ ପାଳନ କରାଯିବ। ମଙ୍ଗଳବାର ଓ ବୁଧବାର ରାଷ୍ଟ୍ରୀୟ ଶୋକ ପାଳନ କରାଯିବ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାରି ବିବୃତ୍ତିରେ କୁହାଯାଇଥିଲା। ଉକ୍ତ ବିବୃତିରେ କୁହାଯାଇଛି ଯେ ରାଷ୍ଟ୍ରୀୟ ଶୋକ ସମୟରେ ସାରା ଦେଶରେ ଜାତୀୟ ପତାକା ଅର୍ଦ୍ଧନମିତ ରହିବ ଏବଂ ଶୋକ ସମୟରେ କୌଣସି ସରକାରୀ ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜିତ ହେବ ନାହିଁ। ପୋପ୍ ଫ୍ରାନ୍ସିସ୍‌ଙ୍କର ଗତକାଲି ପୂର୍ବାହ୍ନରେ ୮୮ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଇତିହାସରେ ପ୍ରଥମ ଥର ପାଇଁ ଦକ୍ଷିଣ ଆମେରିକାରୁ ଖ୍ରୀଷ୍ଟିଆନ୍ ଧର୍ମର ସର୍ବୋଚ୍ଚ ପଦବୀରେ ଅଧିଷ୍ଠିତ ହୋଇଥିବା ଫ୍ରାନ୍ସିସ୍ ଦୀର୍ଘବର୍ଷ ହେଲା ନାନାଦି ରୋଗରେ ଆକ୍ରାନ୍ତ ହେବା ସହ ନିକଟରେ ଡବଲ ନିମୋନିଆରୁ ସୁସ୍ଥ ହୋଇଥିଲେ। ଇଷ୍ଟର ରବିବାର ପାଳନର ଗୋଟିଏ ଦିନ ପରେ ତାଙ୍କର ଦେହାନ୍ତ ସାରା ବିଶ୍ୱରେ ଶୋକର ଛାୟା ଖେଳାଇଦେଇଛି।

# ଆବାସିକ କଲେଜରେ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ

● ତଦନ୍ତ ଦାବିକଲେ ପରିବାର ଲୋକେ



କେନ୍ଦୁଝର,୨୨।୪(ସଂଚାର ବ୍ୟୁରୋ): ସ୍ଥାନୀୟ ମାଇନିଂ ରୋଡସ୍ଥିତ ଗାୟତ୍ରୀ କଲେଜରେ ପଢୁଥିବା ଜଣୈକ ଛାତ୍ରଙ୍କ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ହୋଇଛି। ମୃତ ଛାତ୍ରଙ୍କ ଘର ପାଟଣା ଥାନା ଟାଙ୍ଗରପଡା ଗ୍ରାମରେ ଏବଂ ସେ ଜଗବନ୍ଧୁ ମହାନ୍ତଙ୍କ ପୁଅ ଜଳଧର ମହାନ୍ତ ବୋଲି ଜଣାପଡିଛି। ତେବେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ମୃତ୍ୟୁର କାରଣ ଜଣା ପଡି ନ ଥିବା ବେଳେ ପୁଲିସ ପରିବାର ଲୋକଙ୍କ ଉପସ୍ଥିତିରେ ତଦନ୍ତ ଆରମ୍ଭ କରି ବ୍ୟବଚ୍ଛେଦ ପାଇଁ ମୃତଦେହକୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ପଠାଇଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁଯାୟୀ, ଜଳଧର ଗାୟତ୍ରୀ ରେସିଡେନ୍ସିଆଲ କଲେଜ ହଷ୍ଟେଲରେ ରହି ସମର କୋର୍ସ କରୁଥିଲେ। ତେବେ ଗତକାଲି ରାତ୍ରୀ ଭୋଜନ ପରେ ଶୋଇଥିବା ସମୟରେ ତାଙ୍କର ମୃତ୍ୟୁ ଘଟିଛି। ଗତକାଲି ରାତି ପ୍ରାୟ ୧୦ଟା ସମୟରେ ଜଳଧର ସବୁଦିନ ପରି ସାଙ୍ଗମାନଙ୍କ ସହ ଖାଇ ଶୋଇଥିବା ସମୟରେ ରାତି ପ୍ରାୟ ୧ଟା ବେଳେ ସାଙ୍ଗମାନେ ତାଙ୍କୁ ଡାକିବାରୁ ସେ ଉଠି ନ ଥିଲେ। ଖବର ପାଇ ବିଦ୍ୟାଳୟ କର୍ତ୍ତୃପକ୍ଷ ସଙ୍ଗେ ସଙ୍ଗେ ଜଳଧରଙ୍କୁ ମେଡିକାଲକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥଲେ। ତେବେ ପୁଅର ଏପରି ମୃତ୍ୟୁକୁ ପରିବାର ଲୋକେ ସହଜରେଗ୍ରହଣ କରିପାରିନାହାନ୍ତି ଓ ସେମାନେ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ ଦାବି କରିଛନ୍ତି।

# ସୁନ୍ଦରଗଡ଼ରେ ନାବାଳିକାଙ୍କୁ ଗଣଦୁଷ୍କର୍ମ

ସୁନ୍ଦରଗଡ଼,୨୨।୪(ସଂଚାର ବ୍ୟୁରୋ): ସୁନ୍ଦରଗଡ଼ରେ ଆଜି ଏକ ଲଜ୍ଜାଜନକ ଘଟଣା ଘଟିଛି। ରାତିରେ ଭୋଜି ଖାଇ ଫେରୁଥିବା ସମୟରେ ଜଣୈକା ନାବାଳିକାଙ୍କୁ ୩ ଜଣ ଦୁର୍ବୃତ୍ତ ଦୁଷ୍କର୍ମ କରିଛନ୍ତି। ଏହି ଦୁର୍ବୃତ୍ତମାନେ ଉକ୍ତ ନାବାଳିକାଙ୍କୁ ବୋଲେରୋରେ ନେଇ ଜଙ୍ଗଲ ଭିତରେ ଗଣଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ସୁନ୍ଦରଗଡ଼ ଜିଲ୍ଲା ତଳସରା ଥାନା ଅଞ୍ଚଳରୁ ଏପରି ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ଅଭିଯୋଗ କ୍ରମେ ପୁଲିସ ତଦନ୍ତ ଆରମ୍ଭ କରିବା ସହ ଦୁର୍ବୃତ୍ତମାନଙ୍କୁ ଧରିବା ସକାଶେ ବିଭିନ୍ନ ସ୍ଥାନରେ ଚଢ଼ାଉ ଆରମ୍ଭ କରିଛି। ଅଭିଯୋଗ ମୁତାବକ, ପୀଡ଼ିତା ନାବାଳିକା ଜଣଙ୍କ ଏକ ଏକୋଇଶା ଭୋଜି ଖାଇ ତାଙ୍କର ୨ ଜଣ ସାଙ୍ଗଙ୍କ ସହ ରାତିରେ ଘରକୁ ଫେରୁଥିଲେ। କିନ୍ତୁ ବାଟରେ ୩ ଜଣ ଦୁର୍ବୃତ୍ତ ଏକ ବୋଲେରୋରେ ଆସି ସେମାନଙ୍କୁ ଜୋରଜବରଦସ୍ତି ଟେକି ନେବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ପୀଡିତାଙ୍କ ସହ ଥିବା ତାଙ୍କର ଦୁଇ ସାଙ୍ଗ ଭୟଭୀତ ହୋଇ ସେଠାରୁ ଦୌଡ଼ି ପଳାଇଥିଲେ। ଦୁର୍ବୃତ୍ତମାନେ ଉକ୍ତ ନାବାଳିକାଙ୍କୁ ଜଙ୍ଗଲ ଭିତରକୁ ଟେକିନେଇ ଗଣଦୁଷ୍କର୍ମ କରିଥିଲେ। ପରେ ସେମାନେ ତାଙ୍କୁ ଆଣି ପୁଣି ପାଖ ଗାଁରେ ଛାଡ଼ି ଦେଇ ଫେରାର୍ ହୋଇଯାଇଥିଲେ। ପୀଡ଼ିତା ଘରକୁ ଫେରି ପରିବାର ଲୋକଙ୍କୁ ସବୁକିଛି ଜଣାଇବା ପରେ ଏନେଇ ଥାନାରେ ଅଭିଯୋଗ ହୋଇଛି। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଛାନଭିନ୍ ଆରମ୍ଭ କରିଛି। ଏହି ଗଣଦୁଷ୍କର୍ମ ଘଟଣାରେ ୩ ଯୁବକଙ୍କ ସମ୍ପୃକ୍ତି ରହିଥିବା ଜଣାପଡ଼ିଛି। ଅଭିଯୁକ୍ତମାନେ ସେହି ପାଖ ଗାଁର ହୋଇଥିବା ସନ୍ଦେହ କରାଯାଉଛି। ବିଭିନ୍ନ ଦିଗକୁ ନେଇ ପୁଲିସ ତଦନ୍ତ କରିବା ସହ ଦୁଷ୍କର୍ମକାରୀମାନଙ୍କୁ ଧରିବା ପାଇଁ ତନାଘନା ଜାରି ରଖିଛି।

## ୟୁପିଏସ୍‌ସି ସିଭିଲ ସର୍ଭିସ ପରୀକ୍ଷାଫଳ ପ୍ରକାଶିତ



# ୪୮ତମ ସ୍ଥାନରେ ଓଡ଼ିଆ ଝିଅ ରିତିକା

ଭୁବନେଶ୍ୱର,୨୨।୪(ସଂଚାର ବ୍ୟୁରୋ): ପ୍ରକାଶ ପାଇଛି କେନ୍ଦ୍ର ଲୋକସେବା ଆୟୋଗ (ୟୁପିଏସ୍‌ସି) ଦ୍ୱାରା ପରିଚାଳିତ ସିଭିଲ ସର୍ଭିସ୍ ପରୀକ୍ଷା-୨୦୨୪ର ଫଳ। ଏହି ପରୀକ୍ଷାରେ ଓଡ଼ିଆ ଝିଅ ରିତିକା ରଥ ୪୮ତମ ସ୍ଥାନ ହାସଲ କରିଛନ୍ତି। ସେହିପରି ଦେବିକା ପ୍ରିୟଦର୍ଶିନୀଙ୍କୁ ୯୫ତମ ର୍‍ୟାଙ୍କ ମିଳିଥିବା ବେଳେ ୯୬ତମ ସ୍ଥାନରେ ଅଛନ୍ତି ଆଦିତ୍ୟ ଆଚାର୍ଯ୍ୟ। ଏହାଛଡ଼ା ୧୬୪ତମ ସ୍ଥାନରେ ଦୀପ୍ତି ରଞ୍ଜନ ପତି, ୧୭୫ତମ ସ୍ଥାନରେ ରଶ୍ମୀ ପ୍ରଧାନ, ୧୯୩ତମ ସ୍ଥାନରେ ନୀଳମାଧବ ପ୍ରଧାନ, ୧୯୮ରେ ଆଶୁତୋଷ ମିଶ୍ର ଓ ୨୧୨ତମ ର୍‍ୟାଙ୍କ୍‌ରେ ଅନୁପ ନାୟକ ରହିଛନ୍ତି। ତୃତୀୟ ଉଦ୍ୟମରେ ଆଇଏଏସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି ରିତିକା। ପ୍ରାୟ ୩ ବର୍ଷର ପରିଶ୍ରମ ପରେ ତାଙ୍କୁ ସଫଳତା ମିଳିଛି। ମଧ୍ୟପ୍ରଦେଶର ଇନ୍ଦୋର ଆଇଏମ୍‌ରୁ ଡିଗ୍ରୀ ହାସଲ କରିବା ପରେ ୟୁପିଏସ୍‌ସି ପରୀକ୍ଷା ପାଇଁ ସେ ପ୍ରସ୍ତୁତି ଆରମ୍ଭ କରିଥିଲେ। ସେ ପ୍ରସ୍ତୁତିରେ ସକାଳ ବେଳା ଅଧିକ ସମୟ ପଢ଼ିବା ଉପରେ ଗୁରୁତ୍ୱ ଦେଉଥିଲେ। ଅନ୍ୟମାନଙ୍କ ପରି ସେ ବିଳମ୍ବିତ ରାତି ପର୍ଯ୍ୟନ୍ତ ପଢ଼ିବାକୁ ପସନ୍ଦ କରୁନଥିଲେ। ତା'ଛଡ଼ା ପାଠପଢ଼ାରେ ଏକାଗ୍ରତା ସକାଶେ ସେ ସାମାଜିକ ଗଣମାଧ୍ୟମଠାରୁ ଦୂରରେ ରହୁଥିଲେ ବୋଲି ରୀତିକା କହିଛନ୍ତି।

ସୂଚନାଯୋଗ୍ୟ ଯେ ରିତିକା ପୂର୍ବରୁ ଜଙ୍ଗଲ ବିଭାଗରେ କାର୍ଯ୍ୟ କରିଥବା ବରିଷ୍ଠ ଆଇଏଫ୍‌ଏସ୍ ଅଧିକାରୀ ଶିଶିର ରଥଙ୍କ କନ୍ୟା। ପୂର୍ବରୁ ଶିଶିର ମଧ୍ୟ ଆଇଏଏସ୍ ପାଇଁ ଉଦ୍ୟମ କରିଥିଲେ। କିନ୍ତୁ ସେତେବେଳେ ତାଙ୍କୁ ଏଥିରେ ସଫଳତା ମିଳିନଥିଲା। ଏବେ ଝିଅ ତାଙ୍କ ସ୍ୱପ୍ନକୁ ସାକାର କରିଛି ବୋଲି ଏବେ ଚେନ୍ନାଇରେ ସିଏଟି ସଦସ୍ୟ ଭାବେ କାର୍ଯ୍ୟ କରୁଥିବା ଶ୍ରୀ ରଥ କହିଛନ୍ତି।

# ଦାଦନ ଶ୍ରମିକ ବିସ୍ଥାପନ ସମସ୍ୟା ନେଇ ବୈଠକ

## ଗ୍ରାମୀଣ ଜୀବିକା ସୁଦୃଢ଼ ପାଇଁ ସରକାର ପ୍ରତିବଦ୍ଧ: ଉପମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର,୨୨।୪(ସଂଚାର ବ୍ୟୁରୋ): ଦାଦନ ଶ୍ରମିକ ବିସ୍ଥାପନ ସମସ୍ୟା ହ୍ରାସ କରିବା ପାଇଁ ଆଜି ସ୍ଥାନୀୟ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଏକ ବୈଠକ ଆୟୋଜିତ ହୋଇଥିଲା। ଏଥିରେ ଏସବିଏମ୍ ଆଡଭାଇଜର ନାମକ ସଂସ୍ଥା ଓଡ଼ିଶାରେ ଦୁଗ୍ଧ ବିକାଶ ମାଧ୍ୟମରେ ଦାଦନ ଶ୍ରମିକ ବିସ୍ଥାପନ ସମସ୍ୟା ହ୍ରାସ ନେଇ ରଖିଥିବା ଯୋଜନା ସମ୍ପର୍କରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ଅବଗତ କରାଇଥିଲା। ବୈଠକରେ ଶ୍ରମ, କର୍ମଚାରୀ ରାଜ୍ୟବୀମା ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ମଧ୍ୟ ଉପସ୍ଥିତ ଥିଲେ । ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଦାଦନ ଶ୍ରମିକ ବିସ୍ଥାପନ ନିମନ୍ତେ ଗଢ଼ାଯାଇଥିବା ଟାସ୍କଫୋର୍ସର ଚେୟାରମ୍ୟାନ ଭାବେ କାର୍ଯ୍ୟ କରୁଛନ୍ତି। ସାମ୍ପ୍ରତିକ ସମୟରେ ସରକାର ଦାଦନ ଶ୍ରମିକଜନିତ ସମସ୍ୟାର ସମାଧାନ ଦିଗରେ ଗୁରୁତ୍ୱର ସହ ପଦକ୍ଷେପ ନେଉଛନ୍ତି। ଦାଦନପ୍ରବଣ ପ୍ରତିଟି ଜିଲ୍ଲାରେ ଏହାର କାରଣ ପୃଥକ୍ ରହିଛି। କିନ୍ତୁ ଏହାର ବିଶ୍ଳେଷଣ କରି ତଦନୁସାରେ ପଦକ୍ଷେପ ଗ୍ରହଣ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ରାଜ୍ୟରେ ଗୋପାଳନ ମାଧ୍ୟମରେ ଗ୍ରାମୀଣ ଲୋକଙ୍କ ଜୀବିକାକୁ ସୁଦୃଢ଼ କରିହେବ।

ବିଶେଷକରି ମହିଳାଙ୍କୁ ସ୍ୱାବଲମ୍ବୀ କରିବା ସହ ସେମାନଙ୍କୁ ବର୍ଷତମାମ ରୋଜଗାରର ଉତ୍ସ ଯୋଗାଇ ଦିଆଯାଇପାରିଲେ ଦାଦନ ଶ୍ରମିକ ସମସ୍ୟା ଅନେକାଂଶରେ ହ୍ରାସ ପାଇବ ବୋଲି ବୈଠକରେ ମତ ପ୍ରକାଶ ପାଇଛି। ଏହି ଅବସରରେ ସରକାରୀ ଯୋଜନାର ପ୍ରଣୟନ ସହ ବେସରକାରୀ ସ୍ତରରେ ପ୍ରୋତ୍ସାହନ ଯୋଗାଇଦେବା ନିମନ୍ତେ ଏସବିଏମ୍ ଆଡଭାଇଜର କମ୍ପାନୀର ପ୍ରତିନିଧି ସରକାରଙ୍କୁ ନିବେଦନ କରିଥିଲେ। ଏହି ବୈଠକରେ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ଚିତ୍ରା ଅରୁମୁଗମ, ସୁରେଶ କୁମାର ବଶିଷ୍ଠ, ଏସଏନ ଗିରୀଶ, କୃଷି ବିଭାଗ, ଶ୍ରମ ବିଭାଗ, ମତ୍ସ୍ୟ ଓ ପ୍ରାଣିସମ୍ପଦ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।

# ହାଇୱା ଚାପାରେ ଯୁବକ ମୃତ

● ପ୍ରତିବାଦରେ ରାସ୍ତା ଅବରୋଧ

ତିହିଡ଼ି,୨୨।୪(ସଂଚାର ବ୍ୟୁରୋ): ଭଦ୍ରକ-ଚାନ୍ଦବାଲି ରାସ୍ତାର ବିନ୍ଧାବଜାରଠାରୁ କିଛି ଦୂରରେ ମଙ୍ଗଳବାର ସକାଳ ସାଢେ ୮ଟା ସମୟରେ ଏକ ହାଇୱା ତଳେ ଚାପିହୋଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣଙ୍କ ଉତ୍ତମ କୁମାର ଶଙ୍ଖୁଆ (୨୪) ଓ ତାଙ୍କ ଘର ତିହିଡି ଥାନା ପୀରହାଟ ଥାନା ସାହାପୁର ପଞ୍ଚାୟତ ଅଧୀନ କଣ୍ଡରଗଡ଼ିଆ ଗ୍ରାମରେ ବୋଲି ଜଣାପଡ଼ିଛି। ମିଳିଥିବା ସୂଚନାନୁଯାୟୀ, ଉତ୍ତମ ନିଜ ଭଉଣୀକୁ ତିହିଡି କଲେଜରେ ଛାଡ଼ି ଘରକୁ ଫେରୁଥିଲେ। ବିନ୍ଧା ବଜାରଠାରୁ କିଛି ଦୂରରେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ ସହ ତାଙ୍କର ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ଉତ୍ତମ ରାସ୍ତା ଉପରକୁ ଛିଟକି ପଡ଼ିଥିଲେ। ଏହି ସମୟରେ ଭଦ୍ରକରୁ ଚାନ୍ଦବାଲି ଅଭିମୁଖେ ଯାଉଥିବା ଏକ ହାଇୱା (ନଂ.ଓଡି଼୦୪ ଜେ୯୬୪୪) ଉତ୍ତମଙ୍କୁ ଚାପିଦେଇଥିଲା । ଘଟଣାସ୍ଥଳରେ ଉତ୍ତମଙ୍କର ମୃତ୍ୟୁ ଘଟିଥିଲା । ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ ରାସ୍ତା ଉପରକୁ ଆସିଯିବାରୁ ରାସ୍ତା ଅବରୋଧ ହେବାସହ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ ପୀରହାଟ ଥାନା ଆଇଆଇସି ରୋଜାଲିନ ବେହେରା ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପୁଲିସ ଏହି ଘଟଣାରେ ୯୯/୨୫ରେ ଏକ ମାମଲା ରୁଜୁ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ସକାଶେ ପଠାଇଛି।

# ଗୁଣିଗାରେଡ଼ି ସନ୍ଦେହରେ ସଂଘବଦ୍ଧ ଆକ୍ରମଣ

## ଜଣେ ମୃତ, ରୋକିବାକୁ ଯାଇ ଆଇଆଇସି ଆହତ



ରାୟଗଡ଼ା,୨୨।୪(ସଂଚାର ବ୍ୟୁରୋ): ରାୟଗଡ଼ା ଜିଲ୍ଲା ପଦ୍ମପୁର ଥାନାଞ୍ଚଳରେ ଗୁଣିଗାରେଡ଼ି ସନ୍ଦେହରେ ସଂଘବଦ୍ଧ ଆକ୍ରମଣର ଶିକାର ହୋଇ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଲେ ପଦ୍ମପୁର ତେଲି ସାହିର ଭୈରବ ସାହୁ (୫୦)। ଗତକାଲି ବିଳମ୍ବିତ ରାତି ପ୍ରାୟ ୧୨ଟା ସମୟରେ ଏହି ଘଟଣା ଘଟିଥିବା ଆଇଆଇସି ଧରଣୀଧର ପ୍ରଧାନ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାରେ ସଂଘବଦ୍ଧ ଆକ୍ରମଣକୁ ରୋକିବା ସକାଶେ ଉଦ୍ୟମ କରି ଆଇଆଇସି ଶ୍ରୀ ପ୍ରଧାନ ମଧ୍ୟ ଆହତ ହୋଇଥିବା ଜଣାପଡ଼ିଛି। ତାଙ୍କ ମୁଣ୍ଡରେ ଷ୍ଟିଚ୍ ପଡ଼ିଥିବା ବେଳେ ପରିସ୍ଥିତି ନିୟନ୍ତ୍ରଣ ପାଇଁ ଘଟଣାସ୍ଥଳରେ ଏଏସ୍‌ପି ଅମୂଲ୍ୟ ଧର, ଗୁଣପୁର ଏସ୍‌ଡିପିଓ ବାବୁଲି ନାୟକଙ୍କ ନେତୃତ୍ୱରେ ବ୍ୟାପକ ପୁଲିସ ମୁତୟନ କରାଯାଇଛି। ମିଳିଥିବା ସୂଚନାନୁସାରେ, ଗୁଣିଗାରେଡ଼ି ସନ୍ଦେହରେ ଭୈରବଙ୍କ ଉପରେ ରାତି ପ୍ରାୟ ୧୨ଟା ସମୟରେ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ସେ ଜୀବନ ବଞ୍ଚାଇବା ପାଇଁ ଦୌଡ଼ିଥିଲେ ମଧ୍ୟ ତାଙ୍କୁ ଗ୍ରାମବାସୀ ଗୋଡ଼ାଇ ଗୋଡ଼ାଇ ପିଟିଥିଲେ। ଏନେଇ ଖବର ପାଇ ଆଇଆଇସି ପ୍ରଧାନ ଓ ତାଙ୍କ ଟିମ୍ ଆକ୍ରମଣକାରୀଙ୍କୁ ଅଟକାଇବା ସକାଶେ ଉଦ୍ୟମ କରିଥିଲେ। କିନ୍ତୁ ଉତ୍ୟକ୍ତ ଲୋକେ ଶ୍ରୀ ପ୍ରଧାନଙ୍କୁ ମଧ୍ୟ ଆକ୍ରମଣ କରିବାକୁ ପଛାଇନଥିଲେ। ଏଥିରେ ଆଇଆଇସି ଗୁରୁତର ଭାବେ ଆହତ ହୋଇଥିଲେ। ତେବେ ଭୈରବଙ୍କୁ ପୁଲିସ ଘଟଣାସ୍ଥଳରୁ ଉଦ୍ଧାର କରି ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ରିପୋର୍ଟ ଲେଖା ହେବା ବେଳକୁ ସ୍ଥାନୀୟ ଅଞ୍ଚଳରେ ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଥିବା ଜଣାପଡ଼ିଛି। ଏହି ସଂଘବଦ୍ଧ ଆକ୍ରମଣ ପଛରେ କାହାର ଭୂମିକା ରହିଛି, ତାକୁ ପୁଲିସ୍ ଖୋଜୁଛି। ଏହି ମାମଲାରେ କିଛି ଲୋକଙ୍କୁ ଅଟକ ରଖି ପୁଲିସ ପଚରାଉଚରା ମଧ୍ୟ ଚଳାଇଛି। ଏନେଇ ପଦ୍ମପୁର ଥାନାରେ ୬୦/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚାଲିଥିବା ଆଇଆଇସି ଶ୍ରୀ ପ୍ରଧାନ କହିଛନ୍ତି।

# ତଦନ୍ତକୁ ପୂରିଲା ଦୁଇ ମାସ, ତଥାପି କାର୍ଯ୍ୟାନୁଷ୍ଠାନ ଶୂନ

## ଚହଲା ଖନନ ନାଁରେ ଅର୍ଥ ଆତ୍ମସାତ୍ ମାମଲା



ନୂଆପଡ଼ା,୨୨।୪ (ସଂଚାର ବ୍ୟୁରୋ): ନୂଆପଡ଼ା ଜିଲା କୋମନା ବ୍ଲକ୍ ଠିକପାଲି ପଞ୍ଚାୟତ ବାବୁପାଲି ଗାଁରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଫାର୍ମପଣ୍ଡ (ଚହଲା) ଖନନ କରାଯାଇଛି। ସେଥିରୁ ଗୋଟିଏ ଚହଲାକୁ ଦୁଇ ଥର ବିଲ୍‌କରି ଅର୍ଥ ଆତ୍ମସାତ୍ ହୋଇଥିବା ନେଇ ଏକ ଖବର ଗତ ଫେବୃଆରୀ ୨୬ ତାରିଖରେ ଏକ ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲା। ଏହାପରେ ଜିଲ୍ଲା ପ୍ରଶାସନ ତତ୍ପରତା ଦେଖାଇ ଅତିରିକ୍ତ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଯୋଗେଶ୍ୱର ଭୋଇଙ୍କୁ ତଦନ୍ତ ଦାୟିତ୍ୱ ଦେଇଥିଲେ। ତଦନ୍ତକାରୀ ଅଧିକାରୀ ବାବୁପାଲି ଗାଁରେ ପହଞ୍ଚି ଚହଲା ଖନନ ଉପରେ ତଦନ୍ତ କରିଥିଲେ। କିନ୍ତୁ ଇତିମଧ୍ୟରେ ତଦନ୍ତକୁ ୨ ମାସ ବିତିଯାଇଥିଲେ ମଧ୍ୟ ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ମିଳିଥିବା ସୂଚନାନୁଯାୟୀ, ଠିକପାଲି ପଞ୍ଚାୟତ ପକ୍ଷରୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଗତ ୨୦୨୨-୨୩ ଆର୍ଥିକ ବର୍ଷରେ ୨ ଲକ୍ଷ ୮୭ ହଜାର ଟଙ୍କାରେ ବାବୁପାଲି ଗାଁର ବାଳକୃଷ୍ଣ ମାଝୀଙ୍କ ନାମରେ ଏକ ଚହଲା ଖନନ କରାଯାଇଥିଲା। ଏ ବାବଦରେ ୧ ଲକ୍ଷ ୮୨ ହଜାର ୬୮୮ ଟଙ୍କା ଉଠାଣ ହୋଇଛି। ପୁନଶ୍ଚ ଉକ୍ତ ଚହଲା ବାଳକୃଷ୍ଣଙ୍କ ମା' ଗୁନମତୀ ମାଝୀଙ୍କ ନାମରେ ଗତ ୨୦୨୩-୨୪ରେ ଖନନ ହୋଇଛି ବୋଲି ଦର୍ଶାଇ ୧ ଲକ୍ଷ ୯୮ ହଜାର ୫୨୮ ଟଙ୍କା ଉଠାଣ ହୋଇଛି। ଗୋଟିଏ ଚହଲା ପାଇଁ ଦୁଇ ଥର ବିଲ୍ କରି ଲକ୍ଷାଧିକ ଟଙ୍କା ଆତ୍ମସାତ୍ ହୋଇଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ। ସେହିପରି ଉକ୍ତ ଗାଁରେ ଅମୃତ ସୁନାନୀ, ରାକେଶ ମାଝୀ, ରମ୍ଭା ଶବର, ତାୱାନ୍ତି ନାଏକଙ୍କ ନାମରେ ଚହଲା ସାମାନ୍ୟ ଖନନ କରାଯାଇଥିଲେ ହେଁ ଏ ବାବଦରେ ବିଲ୍ କରାଯିବା ସହ ଟଙ୍କା ଉଠାଣ ହୋଇସାରିଛି।

ସେହିପରି ମାଳତି ସୁନାନୀ, ଗୌରୀ ସୁନାନୀ, କୁଶା ସୁନାନୀ, ରଶ୍ମିତା ଶଗରିଆ, ତାରାବତି ସୁନାନୀ ଓ ଯୁଧିଷ୍ଠିର ମାଝୀଙ୍କ ନାମରେ ଥିବା ଚହଲା ଆଦୌ ଖନନ ହୋଇନାହିଁ। ବାବୁପାଲି ଗାଁରେ ଯେତେ ଚହଲା ମଞ୍ଜୁର ହୋଇଛି, ସେଥିରୁ ଗୋଟିଏରେ ବି କୌଣସି ଜବ୍‌କାର୍ଡଧାରୀ କାମ କରିନାହାନ୍ତି। ଜେସିବି ଦ୍ୱାରା ଖନନ କରି କାମ ଶେଷ ସମୟରେ ୪/୫ ଜଣ ଲୋକଙ୍କ ଫଟୋ ଉଠାଇ ସମ୍ପୃକ୍ତ ଠିକାଦାର ଦେଖାଇ ଟଙ୍କା ହଡ଼ପ କରିନେଇଛନ୍ତି। ଯେଉଁମାନେ ପଞ୍ଚାୟତରେ ଭତ୍ତା ପାଉଛନ୍ତି ସେମାନଙ୍କ ଆକାଉଣ୍ଟ ନମ୍ବର, ଆଧାର କାର୍ଡ ଠିକାଦାରଙ୍କ ପାଖରେ ରହିଥିବାରୁ ସେମାନଙ୍କ ନାମରେ ଟଙ୍କା ଉଠାଣ କରି ଆତ୍ମସାତ୍ କରାଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେବେ ଏସବୁ ମାମଲାର ଆସନ୍ତା ୭ ଦିନ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଖୁବ୍‌ଶୀଘ୍ର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଯୁବ କଂଗ୍ରେସ ଜିଲା ସଭାପତି ଅମିତ କୁମାର ଅହିର ଚେତାବନୀ ଦେଇଛନ୍ତି।

# ବେଲବାହାଲିରେ ବାଘ ଆତଙ୍କ

● ବନ ବିଭାଗର ତଦନ୍ତ ଆରମ୍ଭ

ଆନନ୍ଦପୁର,୨୨।୪(ସଂଚାର ବ୍ୟୁରୋ): ବାଘ ଆତଙ୍କରେ ଆତଙ୍କିତ ହୋଇପଡ଼ିଛନ୍ତି ସ୍ଥାନୀୟ ଗ୍ରାମବାସୀ। ବାଘ ଦେଖିଥିବା ନେଇ କେତେକ ଛେଳି ଚରାଳି ସୂଚନା ଦେବା ପରେ ଏନେଇ ବନ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଆନନ୍ଦପୁର ବନଖଣ୍ଡ ଅଧୀନ ବେଲବାହାଳି ଗାଁରୁ ଟୋଲଙ୍କପଡା ଯିବା ରାସ୍ତାରେ କୁଶେଇ ନଦୀକୂଳରେ ଥିବା ଝଙ୍କାଳିଆ ବଣରେ ଗାଁର କିଛି ଲୋକେ ଛେଳି ଚରାଇବା ସହିତ କାଠ ଆଣିବାକୁ ଯାଇଥିଲେ। ଆଜି ସେମାନେ ଆଖି ସାମ୍ନାରେ ବାଘ ଦେଖିଥିବା କହିଛନ୍ତି। ଏନେଇ ଖବର ପାଇ ଆନନ୍ଦପୁର ବନ ବିଭାଗ ପକ୍ଷରୁ ଏକ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ତଦନ୍ତ ଶେଷ ନ ହେବା ପରେ ହିଁ ଛେଳି ଚରାଳିମାନଙ୍କର ଦାବିରେ କେତେଦୂର ସତ୍ୟାସତ୍ୟ ରହିଛି, ତାହା ଜଣାପଡ଼ିବ ବୋଲି ବନ ବିଭାଗ ଅଧିକାରୀ କହିଛନ୍ତି।



Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ସେନ୍‌ସେକ୍ସ ୩୦୦ ପଏଣ୍ଟ୍ ଓ ନିଫ୍‌ଟି ୨୪,୨୦୦ ପଏଣ୍ଟ୍ ବୃଦ୍ଧି

**ନୂଆଦିଲ୍ଲୀ, ୨୨।୪:** ସେୟାର୍ ବଜାରରେ ଉତ୍ଥାନ ଓ ପତନ ଲାଗି ରହିଥିବା ବେଳେ ଭାରତୀୟ ବିବେଶକଙ୍କ ପାଇଁ ଆଜି ଦିନଟି ଶୁଭଙ୍କର ସାବ୍ୟସ୍ତ ହୋଇଛି। ଆମେରିକା ସେୟାର ବଜାର ତଳମୁହାଁ ହୋଇଥିବା ବେଳେ ଏହାର ପ୍ରଭାବ ସେନ୍‌ସେକ୍ସ ଓ ନିଫ୍‌ଟି ଉପରେ ପଡ଼ିଛି। ଯାହା ଫଳରେ ଆଜିର ମଙ୍ଗଳବାର ଭାରତୀୟ ନିବେଶଙ୍କ ପାଇଁ ଶୁଭ ମଙ୍ଗଳବାର ପ୍ରମାଣିତ ହୋଇଛି। ସେନ୍‌ସେକ୍ସ ଓ ନିଫ୍‌ଟି ଏବେ ଉପରମୁହାଁ ହୋଇ ସବୁଜ ଜୋନ୍‌କୁ ପଳାଇଥିବା ଦେଖିବାକୁ ମିଳିଛି। ଯଦିଓ କିଛି କ୍ଷଣ ମଧ୍ୟରେ ସେୟାରଗୁଡ଼ିକ ପୁଣି ଥରେ ନାଲି ଜୋନ୍‌କୁ ଖସିଥିଲେ। ହେଲେ ପୂର୍ବ ଦିନ ଅପେକ୍ଷା ଆଜିର ବଜାର ଅବସ୍ଥା ସ୍ଥିର ରହିଛି। ସେନ୍‌ସେକ୍ସ ୩୦୦ ପଏଣ୍ଟ୍ ବୃଦ୍ଧି ପାଇଥିବା ବେଳେ ନିଫ୍‌ଟି ୨୪,୨୦୦



ପଏଣ୍ଟ୍ ବୃଦ୍ଧି ପାଇଛି। ତେବେ ଇଣ୍ଡସ୍‌ଲାଣ୍ଡ ଓ ଇନ୍‌ଫୋସିସ୍ ୬% ଓ ୨% ହ୍ରାସ ପାଇଛି। ନିଫ୍ଟି-୫୦ ସୂଚକାଙ୍କ ୧.୧୫% ବୃଦ୍ଧି ପାଇ ୨୪,୧୨୫.୫୫ ରେ ଶେଷ ହେବା ସହିତ ଇକ୍ୱିଟି ବଜାର ଏକ ଦୃଢ଼ ନୋଟରେ ସପ୍ତାହ ଆରମ୍ଭ କରିଛି। ବ୍ୟାଙ୍କ ନିଫ୍ଟି ୧.୫୭% ବୃଦ୍ଧି ପାଇ ୫୫,୩୦୪.୫୦ ରେ ପହଞ୍ଚିଥିଲା, ଯେତେବେଳେ ଆଇଟି, ରିଅଲ୍ଟି, ତୈଳ ଏବଂ ଗ୍ୟାସ ପରିଚାଳିତ ଅଧିକାଂଶ ଅନ୍ୟାନ୍ୟ କ୍ଷେତ୍ର ବୃଦ୍ଧି ପାଇଥିବା ବେଳେ ଏଫ୍‌ଏମ୍‌ସିଜି ଏକମାତ୍ର ବ୍ୟତିକ୍ରମ ଥିଲା। ନିଫ୍ଟି ୨୪,୧୦୦ର ଗୁରୁତ୍ୱପୂର୍ଣ୍ଣ ପ୍ରତିରୋଧ ଉପରେ ଗତି କରିଛି। ତେଣୁ, ଏହା ସ୍ୱଳ୍ପ ସମୟ ମଧ୍ୟରେ ୨୪,୪୫୦–୨୪,୫୦୦ ଜୋନ୍‌ରେ ପହଞ୍ଚିବା ପାଇଁ ସଠିକ୍ ପଥରେ ଥିବା ଦେଖାଯାଉଛି। ତେବେ ଧାତୁ ଷ୍ଟକ୍ ଉପରେ ବୃଦ୍ଧି ଦେଖାଯାଇଛି।



## ଆଜିର ସୁନା ଦର

ବିଶ୍ୱ ବଜାରରେ ଦେଖାଦେଇଥିବା ଅସ୍ଥିରତା ମଧ୍ୟରେ ନିବେଶର ସୁରକ୍ଷିତ ମାଧ୍ୟମ ପାଲଟିଛି ଏହି ହଳଦିଆ ଧାତୁ। ଡଲାର ତୁଳନାରେ ଟଙ୍କା ଦୁର୍ବଳ ହେବା ଦ୍ୱାରା ସୁନା ଦରରେ ବୃଦ୍ଧି ଘଟୁଛି। ଟଙ୍କା ଦୁର୍ବଳ ହେଲେ ଆମଦାନିରେ ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡ଼େ। ଏ ବର୍ଷ ଟଙ୍କାର ବିନିମୟ ମୂଲ୍ୟରେ ପାଖାପାଖି ୪% ହ୍ରାସ ଘଟିଛି। ଗତ ଡିସେମ୍ବର ୩୧ରୁ ବର୍ତ୍ତମାନ ସୁଦ୍ଧା ସୁନା ଦର ମୋଟ ୨୦ ହଜାର ୮୫୦ ଟଙ୍କା। ଚାରି ମାସ ମଧ୍ୟରେ ପାଖାପାଖି ୨୬.୪% ମହଙ୍ଗା ହୋଇଛି ସୁନା। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧, ୦୧. ୩୫୦, ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୨ ହଜାର ୯୦୦ ଟଙ୍କା ଛୁଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧, ୦୧, ୩୫୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୯୨ ହଜାର ୯୦୦ ଟଙ୍କାକୁ ପହଞ୍ଚିଛି। ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧, ୦୧,୩୫୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୨ ,୯୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୦୧,୫୦୦ ଟଙ୍କା ଓ ୨୨ କ୍ୟାରେଟ୍ ୯୩,୦୫୦ଟଙ୍କା ରହିଛି।

## ଭାରତରେ ଲଞ୍ଚ୍ ହେଲା ଆଇଟେଲ୍ ଏ୯୫ ୫ଜି




**ନୂଆଦିଲ୍ଲୀ, ୨୨।୪:** ଆଇଟେଲ୍ ଭାରତୀୟ ବଜାରରେ ଏହାର ସୁଲଭ 5G ଫୋନ୍ ଆଇଟେଲ୍ ଏ୯୫ ୫ଜି ଲଞ୍ଚ କରିଛି। ଆଇଟେଲ୍ ଏ୯୫ ୫ଜି ରେ ଡାଇନାମିକ୍ ବାର୍ ସହିତ ଏକ ପଞ୍ଚ ହୋଲ୍ ୬.୬୭-ଇଞ୍ଚ ଡିସପ୍ଲେ ରହିଛି। ଏହି ଫୋନର ରିୟର କ୍ୟାମେରା ୫୦ ମେଗାପିକ୍ସେଲର ସୁପର ଏଚଡିଆର କ୍ୟାମେରା ଏବଂ ୮ ମେଗାପିକ୍ସେଲର ଫ୍ରଣ୍ଟ କ୍ୟାମେରା ସେଟଅପ ଦିଆଯାଇଛି। ତା' ସହିତ ବଜେଟ୍ ସେଗ୍‌ମେଣ୍ଟରେ ଲଞ୍ଚ ହୋଇଥିବା ଏହି ଫୋନରେ ୫୦୦୦ଏମଏଏଚ ପାୱାରଫୁଲ ବ୍ୟାଟେରୀ ବ୍ୟାକଅପ୍ ଦିଆଯାଇଛି। ପ୍ରଥମେ ଆଇଟେଲ୍ ଏ୯୫ ୫ଜି ସ୍ମାର୍ଟଫୋନର ମୂଲ୍ୟ ବିଷୟରେ ଜାଣିବା। ଏହାର ୪ଜିବି ରାମ ଏବଂ ୧୨୮ଜିବି ଷ୍ଟୋରେଜ୍ ଭାରିଆଣ୍ଟର ମୂଲ୍ୟ ୯,୫୯୯ ଟଙ୍କା ରହିଛି। ସେହିପରି ୬ଜିବି ରାମ ଏବଂ ୧୨୮ଜିବି ଷ୍ଟୋରେଜ୍ ଭାରିଆଣ୍ଟର ମୂଲ୍ୟ ୯,୯୯୯ ଟଙ୍କା। କେବଳ ସେତିକି ନୁହେଁ ଫୋନ୍ ବ୍ୟାବାହର ୧୦୦ ଦିନ ମଧ୍ୟରେ କମ୍ପାନୀ ମାଗଣା ସ୍କ୍ରିନ୍ ରି-ପ୍ଲେସ୍‌ମେଣ୍ଟ ସୁବିଧା ମଧ୍ୟ ଦେଉଛି। ସ୍ମାର୍ଟଫୋନ୍‌ରେ ଆଉ ଏକ ଖାସ୍ ଫିଚର୍ସ ହେଲା ଏଥିରେ ଏଆଇ ଆସିଷ୍ଟାଣ୍ଟ, ଇଭେନା ସୁବିଧା ରହିଛି। ଯାହାଦ୍ୱାରା ଏହା ଗ୍ରାମାର ଚେକ୍ କରିପାରିବ, ଟେକ୍ସ ଜେନେରେଟ୍ ଏବଂ କଣ୍ଟେଣ୍ଟ ଡିସ୍‌କଭରି ଭଳି ସୁବିଧା ରହିଛି।

## ୧୦ରୁ ଅଧିକ ବର୍ଷର ପିଲାଙ୍କୁ ବ୍ୟାଙ୍କ ଖାତା ଚଳାଇବା ଅନୁମତି

**ନୂଆଦିଲ୍ଲୀ, ୨୨।୪:** ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ବ୍ୟାଙ୍କଗୁଡ଼ିକୁ ୧୦ ବର୍ଷରୁ ଅଧିକ ବୟସର ନାବାଳକ ପିଲାମାନଙ୍କୁ ସ୍ୱାଧୀନ ଭାବରେ ସେଭିଂ/ଏଫଡି ଡିପୋଜିଟ୍ ଆକାଉଣ୍ଟ ଖୋଲିବା ଏବଂ ଅପରେଟ୍ କରିବାକୁ ଅନୁମତି ଦେଇଛି। ଏହି ସ୍ଥିତିରେ କେନ୍ଦ୍ରୀୟ ବ୍ୟାଙ୍କ ନାବାଳକଙ୍କ ଜମା ଆକାଉଣ୍ଟ ଖୋଲିବା ଏବଂ ଅପରେଟ୍ କରିବା ପାଇଁ ରିଭାଇଜ୍ଡ ଗାଇଡଲାଇନ୍ସ ଜାରି କରିଛି। ତେବେ ଆସନ୍ତୁ ଆପଣଙ୍କୁ ଜଣାଇବା ଯେ ଆରବିଆଇ କଣ କହିଛି। ଯଦି କୌଣସି ପିଲାର ବୟସ ୧୦ ବର୍ଷ କିମ୍ବା ତା'ଠାରୁ ଅଧିକ, ତେବେ ସେ ଏବେ କେବଳ ନିଜର ବ୍ୟାଙ୍କ ଆକାଉଣ୍ଟ ଖୋଲିପାରିବ ନାହିଁ ବରଂ ଏହାକୁ ନିଜ ଉପାୟରେ ମଧ ଅପରେଟ୍ କରିପାରିବ। ଦେଶର ସେଣ୍ଟ୍ରାଲ୍ ବ୍ୟାଙ୍କ, ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ, ନିୟମରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରିଛି। ଆରବିଆଇ ସମସ୍ତ ବ୍ୟାଙ୍କଙ୍କୁ ଜୁଲାଇ ୧ରୁ ଏହି ନିୟମ ଲାଗୁ କରିବାକୁ କହିଛି। ଏପର୍ଯ୍ୟନ୍ତ ୧୮ ବର୍ଷରୁ କମ୍ ବୟସର ପିଲାମାନଙ୍କ ବ୍ୟାଙ୍କ ଆକାଉଣ୍ଟ ଖୋଲାଯାଇପାରୁଥିଲା, କିନ୍ତୁ ଏହାକୁ ସମ୍ପୂର୍ଣ୍ଣ ଅପରେଟ୍ କରିବାର ଦାୟିତ୍ୱ ପିତାମାତା କିମ୍ବା ଅଭିଭାବକଙ୍କର ଥିଲା। କିନ୍ତୁ ଏବେ ଆରବିଆଇ ଏହି ନିୟମରେ ପରିବର୍ତ୍ତନ କରିଛି। ତେବେ ଆସନ୍ତୁ ଆମେ ଆପଣଙ୍କୁ ଏହି ସମଗ୍ର ମାମଲାରେ ଆରବିଆଇ କି ପ୍ରକାରର ପରିବର୍ତ୍ତନ ଆଣିଛି ତାହା ମଧ ଜଣାଇବୁ।

କମର୍ସିଆଲ୍ ବ୍ୟାଙ୍କ ଏବଂ ସହକାରୀ ବ୍ୟାଙ୍କଗୁଡିକୁ ଜାରି କରାଯାଇଥିବା ଏକ ସର୍କୁଲାରରେ ଆରବିଆଇ କହିଛି ଯେ ଯେକୌଣସି ବୟସର ନାବାଳକମାନଙ୍କୁ ସେମାନଙ୍କର ନେଚୁରାଲ୍ କିମ୍ବା ଲିଗାଲ୍ ଗାର୍ଡିଆନଙ୍କ ମାଧ୍ୟମରେ ସେଭିଙ୍ଗ ଏବଂ ଏଫଡି ଆକାଉଣ୍ଟ ଖୋଲିବା ଏବଂ ଅପରେଟ୍ କରିବାକୁ ଅନୁମତି




ଦିଆଯାଇପାରିବ। ଏଥି ସହ ସେମାନଙ୍କୁ ସେମାନଙ୍କ ମାଆଙ୍କୁ ପ୍ୟାରେଣ୍ଟସ୍ ଭାବରେ ରଖି ଏପରି ଆକାଉଣ୍ଟ ଖୋଲିବାକୁ ଅନୁମତି ଦିଆଯାଇପାରେ।

ସର୍କୁଲାରରେ କୁହାଯାଇଛି ଯେ ଦଶ ବର୍ଷ ଏବଂ ତା' ଠାରୁ ଅଧିକ ବୟସର ଥିବା ନାବାଳକମାନଙ୍କୁ ସେମାନଙ୍କ ଇଚ୍ଛାନୁସାରେ ସ୍ୱାଧୀନ ଭାବରେ ସଞ୍ଚୟ/ ଏଫଡି ଆକାଉଣ୍ଟ ଖୋଲିବା ଏବଂ ଅପରେଟ୍ କରିବାକୁ ଅନୁମତି ଦିଆଯାଇପାରିବ। ଏଥିରେ ବ୍ୟାଙ୍କ ନିଜର ରିସ୍କ ଜର୍ଜମେଣ୍ଟ ପଲିସିକୁ ଧ୍ୟାନରେ ରଖି ଆମାଉଣ୍ଟ ଏବଂ ଟର୍ମସ୍ ସ୍ଥିର କରିପାରିବେ। ଏହି ସମ୍ପର୍କରେ ଯେକୌଣସି ନିୟମ ଏବଂ ଟର୍ମସ ନିଷ୍ପତ୍ତି ନିଆଯାଉ, ସେହି ବିଷୟରେ ଆକାଉଣ୍ଟ ହୋଲ୍ଡରଙ୍କୁ ସୂଚନା ଦିଆଯିବ। ଏହା ବ୍ୟତୀତ ବୟସ୍କ ହେଲା ପରେ ଆକାଉଣ୍ଟ ହୋଲ୍ଡରଙ୍କ ନୂତନ କାର୍ଯ୍ୟ ନିର୍ଦ୍ଦେଶାବଳୀ ନମୁନା ଦସ୍ତଖତ୍ ପ୍ରାପ୍ତ କରି ରେକର୍ଡରେ ରଖିବାକୁ ହେବ। ଜୁଲାଇରେ ପରିବର୍ତ୍ତନ ହେବ ନିୟମ ସର୍କୁଲାରରେ କୁହାଯାଇଛି ଯେ ବ୍ୟାଙ୍କ ନିଜର ରିସ୍କ ମ୍ୟାନେଜମେଣ୍ଟ ପଲିସି, ପ୍ରଡକ୍ଟସ୍ ଏବଂ କଷ୍ଟମରଙ୍କ ଆଧାରରେ ମାଇନର ଆକାଉଣ୍ଟ ହୋଲ୍ଡର୍ସଙ୍କୁ ଇଣ୍ଟରନେଟ୍ ବ୍ୟାଙ୍କିଂ, ଏଟିଏମ୍/ଡେବିଟ୍ କାର୍ଡ, ଚେକ୍ ବୁକ୍ ଭଳି ଆଡଭାନ୍ସ ସୁବିଧା ପ୍ରଦାନ କରାଯିବ। ଏଥି ସହ ଆରବିଆଇ ଆହୁରି ମଧ କହିଛି ଯେ ବ୍ୟାଙ୍କଗୁଡିକ ନାବାଳକଙ୍କ ଜମା ଆକାଉଣ୍ଟ ଫୋଲିବା ପାଇଁ କଷ୍ଟମରମାନଙ୍କର ଉଚିତ୍ ଯାଞ୍ଚ କରିବେ ଏବଂ ଭବିଷ୍ୟତରେ ମଧ ଏହା ଜାରି ରଖିବେ। କେନ୍ଦ୍ରିୟ ବ୍ୟାଙ୍କ୍ ବ୍ୟାଙ୍କଗୁଡିକୁ ୧ ଜୁଲାଇ, ୨୦୨୫ ପର୍ଯ୍ୟନ୍ତ ରିଭାଇଜ୍ଡ ଗାଇଡଲାଇନ୍ସ ଅନୁଯାୟୀ ନୂଆ ପଲିସି ପ୍ରସ୍ତୁତ କରିବାକୁ କିମ୍ବା ବର୍ତ୍ତମାନର ପଲିସିକୁ ରିଭାଇଜ୍ କରିବାକୁ କହିଛି।



## ଆଜିର ପେଟ୍ରୋଲ, ଡିଜେଲ ଦର

ଦେଶର କିଛି ସ୍ଥାନରେ ତୈଳ ଦର ସ୍ଥିର ରହିଥିବା ବେଳେ ଅନ୍ୟ କିଛି ସ୍ଥାନରେ ତୈଳଦରରେ ପରିବର୍ତ୍ତନ ହୋଇଛି। ଭୁବନେଶ୍ୱର ପେଟ୍ରୋଲ ଦରରେ ମଧ ନୂଆ ଦର ଜାରି ହୋଇଛି। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧. ୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ .୬୯ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

## ସାନ୍ ଫ୍ରାନସିସ୍କୋରେ ଅର୍ଥମନ୍ତ୍ରୀ ନିର୍ମଳା

**ନୂଆଦିଲ୍ଲୀ:** କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୧୧ ଦିନିଆ ଆମେରିକା ଓ ପେରୁ ଗସ୍ତରେ ଯାଇ ଭାରତର ବିଭିନ୍ନ କ୍ଷେତ୍ରର ବିକାଶ ଉପରେ ସେଠିକାର ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଏହି କ୍ରମରେ ସୋମବାର ସାନଫ୍ରାନସିସ୍କୋରେ ଅନେକ ବରିଷ୍ଠ କାର୍ଯ୍ୟନିର୍ବାହୀ ଏବଂ ବ୍ୟବସାୟିକ ନେତାଙ୍କୁ ଭେଟିଛନ୍ତି ଅର୍ଥମନ୍ତ୍ରୀ। ଏହି ଅବସରରେ ସେ ପ୍ରଯୁକ୍ତିବିଦ୍ୟା, କୃତ୍ରିମ ବୁଦ୍ଧିମତ୍ତା, ଶକ୍ତି ଏବଂ ଡିଜିଟାଲ୍ ଭିତ୍ତିଭୂମି ଭଳି କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ, ଭାରତ ଏବଂ ଆମେରିକା ମଧ୍ୟରେ ନିବେଶ ସହଯୋଗ ବୃଦ୍ଧି ଉପରେ ଆଲୋଚନା କରିଛନ୍ତି। ନିର୍ମଳା ସୀତାରମଣ ସାନଫ୍ରାନସିସ୍କୋରେ ସିଲିକନ୍ ଭ୍ୟାଲି ଭେଞ୍ଚର କ୍ୟାପିଟାଲ୍ ଫାର୍ମ ଏ୧୬ଜେଡ୍ ଜେନେରାଲ ପାର୍ଟନର ଆଞ୍ଜନେୟ ମିଧା ଏବଂ ପ୍ରଯୁକ୍ତିବିଦ୍ୟା କମ୍ପାନୀ ଭିଏମୱେର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରଘୁ ରଘୁରାମଙ୍କୁ ଭେଟିଥିଲେ। ଏହା ସହ କେନ୍ଦ୍ରମନ୍ତ୍ରୀ ଏହି ଅଧିକାରୀଙ୍କ ସହ ଭାରତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କିଭଳି ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଉଲ୍ଲେଖନୀୟ ପରିବର୍ତ୍ତନ ହୋଇଛି ସେନେଇ ଆଲୋଚନା କରିଥିଲେ। ଆଉ ଏ୧୬ଜେଡ୍ ଏବଂ ଭିଏମୱେରକୁ ଭାରତରେ ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ଉତ୍କର୍ଷତା କେନ୍ଦ୍ର ସମେତ ଏଆଇ ଟେକ୍ନୋଲୋଜି ଆଦି କ୍ଷେତ୍ରରେ ସହଯୋଗ ସହ ଅନୁସନ୍ଧାନ କରିବାକୁ ମଧ୍ୟ ଆହ୍ୱାନ କରିଛନ୍ତି। ରଘୁରାମ କହିଛନ୍ତି ଯେ ଏଆଇ ଏକ ରଣନୈତିକ ଭିତ୍ତିଭୂମି ଏବଂ "ଭାରତର ଏଆଇ କ୍ଷେତ୍ରରେ କାର୍ଯ୍ୟ ସ୍ପଷ୍ଟ ପରିଲକ୍ଷିତ ହେଉଛି।" ସେହିଭଳି ମିଧା କହିଛନ୍ତି ଯେ, ଏ୧୬ଜେଡ୍ ବାସ୍ତବ- ଦୁନିଆରେ ସମସ୍ୟାର ସମାଧାନ ଦିଗରେ ଅନେକ ଦେଶରେ ଭିତ୍ତିଭୂମି ପାଇଁ ସମର୍ପିତ କ୍ଷେତ୍ରୀୟ ପାର୍ଟିର ୧୬ଟି କ୍ଷେତ୍ରରେ କାର୍ଯ୍ୟ କରୁଛି।



**ବିଭିନ୍ନ କମ୍ପାନିର ସିଇଓଙ୍କୁ ସହ କଲେ ଆଲୋଚନା, ଭାରତରେ ନିବେଶ ପାଇଁ ଆହ୍ୱାନ**

ଏହି ଗସ୍ତ ସମୟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଗୁଗୁଲ୍ କ୍ଲାଉଡ୍ ସିଇଓ ଥମାସ୍ କୁରିଆନ୍ ଏବଂ ତାଙ୍କ ଟିମ୍‌କୁ ମଧ୍ୟ ଭେଟିଛନ୍ତି। ସାମ୍ପ୍ରତିକ ବର୍ଷଗୁଡ଼ିକରେ #DigitalIndia ପଦକ୍ଷେପ ଅଧୀନରେ ଭାରତର ଡିଜିଟାଲ୍ ଭିତ୍ତିଭୂମିର ପରିବର୍ତ୍ତନକାରୀ ବିକାଶ ବିଷୟରେ ଆଲୋଚନା କରିଛନ୍ତି। ଏନେଇ 'ଏକ୍ସ'ରେ ଅର୍ଥ ମନ୍ତ୍ରଣାଳୟର ଏକ ପୋଷ୍ଟରେ କୁହାଯାଇଛି ଯେ, କୁରିଆନ୍ ଭାରତର ଏଆଇ ମିଶନ ଏବଂ ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଦେଶ ଯେଉଁ ପଥ ଗ୍ରହଣ କରୁଛି ତାହାକୁ ପ୍ରଶଂସା କରିଛନ୍ତି। ଭାରତକୁ ସ୍ଥଳ ଏବଂ ସାମୁଦ୍ରିକ କେବୁଲ ମାଧ୍ୟମରେ ବିଶ୍ୱ ସହିତ ସଂଯୋଗ କରିବାକୁ ଆହ୍ୱାନ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଗୁଗୁଲ୍ କ୍ଲାଉଡ୍ ୨୦୩୦ ସୁଦ୍ଧା ବିଶ୍ୱବ୍ୟାପୀ ଏହାର ଡାଟା ସେଣ୍ଟର ଏବଂ କାର୍ଯ୍ୟାଳୟଗୁଡ଼ିକରେ ୨୪ ଘଣ୍ଟିଆ ସଂପୂର୍ଣ୍ଣ କାର୍ବନ-ମୁକ୍ତ ଶକ୍ତି ଉପରେ କାର୍ଯ୍ୟ କରିବାକୁ ଲକ୍ଷ୍ୟ ରଖିଛି।

**'ମେଟା'ର ବଡ଼ ନିଷ୍ପତ୍ତି**

## ୧୮ ବର୍ଷ ପୂର୍ବରୁ ବ୍ୟବହାର କରିପାରିବେନି ଇନ୍‌ଷ୍ଟାଗ୍ରାମ୍

**ନୂଆଦିଲ୍ଲୀ,୨୧।୪:** ଆଜିକାଲି ସବୁ ବୟସର ଲୋକମାନେ ସୋସିଆଲ ମିଡିଆ ବ୍ୟବହାର କରୁଛନ୍ତି। କିନ୍ତୁ ଇନଷ୍ଟାଗ୍ରାମରେ ପିଲା ଏବଂ



କିଶୋର ଉପଭୋକ୍ତାଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଅନେକ ଥର ପିଲାମାନେ ଇନଷ୍ଟାଗ୍ରାମରେ ସେମାନଙ୍କର ପ୍ରକୃତ ବୟସ ଲୁଚାଇ ବୟସ୍କ ହେବାକୁ ଚେଷ୍ଟା କରନ୍ତି, ଯାହା ଫଳରେ ସେମାନେ କେବଳ ବୟସ୍କମାନଙ୍କ ପାଇଁ ଉଦ୍ଦିଷ୍ଟ କିଛି ବିଷୟବସ୍ତୁ କିମ୍ବା ବୈଶିଷ୍ଟ୍ୟଗୁଡ଼ିକୁ ବ୍ୟବହାର କରିପାରିବେ। ଏବେ ଇନଷ୍ଟାଗ୍ରାମ ଏହି ସମସ୍ୟାର ସମାଧାନ ପାଇଁ ଏଆଇ (କୃତ୍ରିମ ବୁଦ୍ଧିମତ୍ତା)ର ସାହାଯ୍ୟ ନେବା ଆରମ୍ଭ କରିଛି। ଇନଷ୍ଟାଗ୍ରାମ ଏବେ ଏଆଇ ପ୍ରଯୁକ୍ତିବିଦ୍ୟା ସାହାଯ୍ୟରେ ଯାଞ୍ଚ କରିବାକୁ ଚେଷ୍ଟା କରୁଛି ଯେ କୌଣସି କିଶୋର (୧୩-୧୭ ବର୍ଷ ବୟସ) ନିଜକୁ୧୮ ବର୍ଷରୁ ଅଧିକ ବୟସର ହେବା ଦେଖାଉ ନାହାନ୍ତି ତ। ଏହି ପ୍ରକ୍ରିୟାରେ ମୁହଁର ଫଟୋ ଦେଖି ବୟସ ଆକଳନ କରାଯାଏ। ଆପ୍‌ରେ ଉପଭୋକ୍ତାଙ୍କ ଆଚରଣ ଏବଂ କାର୍ଯ୍ୟକଳାପ ଉପରେ ଆଧାର କରି ବୟସ ମଧ ଆକଳନ କରାଯାଏ। ଯଦି ଇନଷ୍ଟାଗ୍ରାମର କୌଣସି ସନ୍ଦେହ ହୁଏ ତେବେ ଏହା ବ୍ୟବହାରକାରୀଙ୍କୁ ମୁହଁ ସ୍କାନ କିମ୍ବା ବୟସ ପ୍ରମାଣପତ୍ର ମାଗିପାରିବ। ସତ୍ୟ ସାମ୍ନାକୁ ଆସିବା ପରେ, ଏପରି ଆକାଉଣ୍ଟକୁ କିଶୋର ଆକାଉଣ୍ଟକୁ ପରିବର୍ତ୍ତନ କରାଯିବ। ମେଟା ଅନୁଯାୟୀ, ଏହି ପ୍ରଯୁକ୍ତିବିଦ୍ୟା ସମ୍ପୂର୍ଣ୍ଣ ଗୋପନୀୟତାକୁ ଧ୍ୟାନରେ ରଖି ବିକଶିତ କରାଯାଇଛି। Instagram ଏହି ତଥ୍ୟ କାହା ସହିତ ଶେୟାର କରିବ ନାହିଁ ଏବଂ କିଛି ମିନିଟ ମଧ୍ୟରେ ସ୍କାନଗୁଡ଼ିକ ଡିଲିଟ ହୋଇଯିବ।

## ଟ୍ରମ୍ପଙ୍କ ଟାରିଫ ପ୍ରସଙ୍ଗରେ ମୂଳଚାଲ ନେଇ ଆଲୋଚନା କଲେ ମୋଦି-ଭ୍ୟାନ୍ସ



**ୱାଶିଂଟନ୍, ୨୨।୪:** ୱାଶିଂଟନ୍: ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସ ସୋମବାର ଦିନ ଭାରତ ଗସ୍ତରେ ଆସିଛନ୍ତି। ସେ ଭାରତ ଗସ୍ତରେ ଆସି ଟ୍ରମ୍ପଙ୍କ ଟାରିଫ ପ୍ରସଙ୍ଗରେ ମୂଳଚାଲ ନେଇ ଆଲୋଚନା କରିଛନ୍ତି। ଆମେରିକା ଉପରାଷ୍ଟ୍ରପତିଙ୍କ ସହ ମୋଦୀଙ୍କ ସକରାତ୍ମକ ଆଲୋଚନା ହୋଇଛି। ପିଏମଓରେ ଜେଡି ଭାନ୍ସ ଓ ତାଙ୍କ ପତ୍ନୀ ଓ ପିଲାଙ୍କ ସହ ରାତ୍ରଭୋଜନ କରିଛନ୍ତି ପ୍ରଧାନମନ୍ତ୍ରୀ। ୧୩ ବର୍ଷ ପରେ ଆମେରିକାର ଉପରାଷ୍ଟ୍ରପତି ୪ ଦିନିଆ ଭାରତ ଗସ୍ତରେ ଆସିଛନ୍ତି। ଦିଲ୍ଲୀରେ ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ନରେନ୍ଦ୍ର ମୋଦୀଙ୍କୁ ଭେଟିଛନ୍ତି ଆମେରିକା ଉପରାଷ୍ଟ୍ରପତି ଜେ.ଡି ଭାନ୍ସ। ବ୍ୟବସାୟ, ପ୍ରତିରକ୍ଷା ଓ ଶିଳ୍ପ ନେଇ ମୋଦୀ ଓ ଭାନ୍ସଙ୍କ ମଧ୍ୟରେ ଆଲୋଚନା ହୋଇଛି। ଉଭୟ ଦେଶ ଦ୍ୱିପାକ୍ଷିକ ବ୍ୟବସାୟିକ ରାଜିନାମା ନେଇ ବି ଆଲୋଚନା ହୋଇଛି। କିଛି ଦିନ ତଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ସମେତ ବିଶ୍ୱର ଅନ୍ୟ ଦେଶ ଉପରେ ଟାରିଫ ଲଗାଇଥିଲେ। କିନ୍ତୁ ପରେ ଏହାକୁ ପ୍ରତ୍ୟାହାର କରିନେଇଥିଲେ। ଭାରତ ଉପରେ ଟାରିଫ ନେଇ ଭାନ୍ସଙ୍କ ସହ ମୋଦୀ ମୁଳଚାଲ କରିଥିବା ସୂଚନା ମଳିଛି। ଗତକାଲି ପରିବାର ସହ ଆମେରିକା ଉପରାଷ୍ଟ୍ରପତି ନୂଆଦିଲ୍ଲୀରେ ପହଞ୍ଚିବା ପରେ ଅକ୍ଷରଧାମ ମନ୍ଦିରକୁ ଯାଇଥିଲେ।

## ଲୁସି ଗୁଓ ବିଶ୍ୱର ସର୍ବକନିଷ୍ଠ ମହିଳା ଆରବପତି

**ୱାଶିଂଟନ ଡିସି,୨୨।୪:** ପପ୍ ଆଇକନ୍ ଟେଲର ସ୍ୱିଫ୍ଟଙ୍କୁ ପଛରେ ପକାଇ ସବୁଠାରୁ କମ୍ ବୟସ୍କ ସେଲ୍ଫ ମେଡ୍ ମହିଳା ଆରବପତି ହୋଇଛନ୍ତି ଟେକ୍ ଉଦ୍ୟୋଗୀ ଲୁସି ଗୁଓ। ମାତ୍ର ୩୦ ବର୍ଷ ବୟସରେ ଗୁଓ ଏବେ ଫୋର୍ବସର ପ୍ରତିଷ୍ଠିତ ତାଲିକାରେ ସ୍ଥାନ ପାଇଛନ୍ତି। ବିଶ୍ୱର ୪୦ ବର୍ଷରୁ କମ୍ ବୟସ୍କ ଅନ୍ୟ ପାଞ୍ଚ ସ୍ୱଂୟ ଉଦ୍ୟୋଗୀ ମହିଳାଙ୍କ ଭିତରେ ଗୁଓଙ୍କ ନାଁ ଯୋଡ଼ି ହୋଇଯାଇଛି। ଲୁସି ହେଉଛନ୍ତି ଏକ ଏଆଇ ଷ୍ଟାର୍ଟଅପର ପ୍ରତିଷ୍ଠାତା। ତାଙ୍କ ଷ୍ଟାର୍ଟଅପର ନାଁ Scale AI।

ଲୁସିଙ୍କ କମ୍ପାନୀ ସ୍କେଲ୍ ଏଆଇ ଜୁନ୍ ୧ ତାରିଖରେ ଏକ ସ୍ୱତନ୍ତ୍ର ଡିଲ୍ କରିବାକୁ ଯାଉଛି। ଏହି ଚୁକ୍ତିରେ କମ୍ପାନୀର ପୁରୁଣା କର୍ମଚାରୀ ଏବଂ ନିବେଶକମାନେ ସେମାନଙ୍କର କିଛି ସେୟାର ବିକ୍ରି କରିବାର ସୁଯୋଗ ପାଇବେ। ତେବେ ହେବାକୁ ଯାଉଥିବା ନୂଆ ଡିଲ୍ ସଫଳ ହେଲେ ଏହା କମ୍ପାନୀର ମୂଲ୍ୟ ପ୍ରାୟ ୨୫ ବିଲିୟନ ଡଲାର ହୋଇଯିବ ବୋଲି ଆକଳନ କରାଯାଉଛି। ଫଳରେ ଗୁଓଙ୍କ ସମ୍ପତ୍ତି ୧.୩ ବିଲିଅନ ହୋଇଯିବ। ଗତ ବର୍ଷ ମେ ମାସରେ କମ୍ପାନୀର ମୂଲ୍ୟ ୧୩.୮ ବିଲିୟନ ଡଲାର ଥିଲା, ଅର୍ଥାତ୍ ଗୋଟିଏ ବର୍ଷ ମଧ୍ୟରେ କମ୍ପାନୀର ମୂଲ୍ୟ ୮୦% ବୃଦ୍ଧି ପାଇଛି। ସ୍କେଲ୍



ଏଆଇ ଛାଡିବା ପରେ, ଗୁଓ ନିଜ ପାର୍ଟନର ସହ ମିଶି ଏକ ଭେଞ୍ଚର କ୍ୟାପିଟାଲ୍ ଫାର୍ମ ବ୍ୟାକେଣ୍ଡ କ୍ୟାପିଟାଲର ସହ-ପ୍ରତିଷ୍ଠା କରିଥିଲେ। ଏହି କମ୍ପାନୀ ପ୍ରତିଭାବାନ ଇଞ୍ଜିନିୟରମାନଙ୍କ ଉପରେ ନିବେଶ ଉପରେ ଗୁରୁତ୍ୱ ଦେଇଥାଏ। ଏହାପରେ ଗୁଓ ପାସେସ୍ ନାମକ ଏକ କମ୍ପାନୀ ପ୍ରତିଷ୍ଠା କରି ତା'ର ସିଇଓ ଅଛନ୍ତି। ଏହି କମ୍ପାନୀ କଣ୍ଟେଣ୍ଟ କ୍ରିଏଟର୍ସଙ୍କ ପାଇଁ ପାଇଁ ମନିଟାଇଜେସନ୍ ଟୁଲ୍ସ ପ୍ରଦାନ କରେ। ସ୍କେଲ୍ ଏଆଇ କମ୍ପାନୀ ମେସିନ୍ ଲର୍ନିଂ ମଡେଲ୍ ତିଆରି କରିବା ପାଇଁ ଡାଟା ଠିକ୍ କରିବା ସଂଗଠିତ କରିବା ପାଇଁ କାମ କରେ। ଏହି AI ଯୁଗରେ ଏହାକୁ 'ପିକ୍ସ ଏବଂ ସୋଭେଲ୍ସ' ଦେବା ସହିତ ସମାନ ବୋଲି ବିବେଚନା କରାଯାଏ। ଏହାର ପ୍ରମୁଖ ଗ୍ରାହକମାନଙ୍କ ମଧ୍ୟରେ ଆମେରିକା ସରକାର ଏବଂ OpenAI ରହିଛି। ଲୁସି ଗୁଓ ଅଧାରୁ କମ୍ପ୍ୟୁଟର ସାଇନ୍ସ ପାଠ ଛାଡ଼ି ଦେଇଥିଲେ। ସେ Quora ରେ ମଧ କାମ କରୁଥିଲେ। କୋରାରେ କାମ କଲା ବେଳେ ତାଙ୍କର ପରିଚୟ ଆଲେକଜାଣ୍ଡାର ୱାଙ୍ଗଙ୍କ ସହିତ ହୋଇଥିଲା। ଏହା ପରେ ସେ କିଛି ସମୟ ପାଇଁ ସ୍ନାପଚାଟରେ ମଧ କାମ କରିଥିଲେ। ତା'ପରେ ୨୦୧୬ରେ, ୨୧ ବର୍ଷ ବୟସରେ, ଲୁସି ୱାଙ୍ଗଙ୍କ ସହିତ ମିସି ସ୍କେଲ୍ ଏଆଇ ଆରମ୍ଭ କରିଥିଲେ। ୱାଙ୍ଗ ସାନ ଫ୍ରାନ୍ସିସ୍କୋରେ ଥିବା କମ୍ପାନୀର ସିଇଓ ହେଲେ। ଲୁସି କାର୍ଯ୍ୟ ଏବଂ ପ୍ରଡକ୍ସନ ଡିଜାଇନ୍ ଟିମ୍‌ର ଦାୟିତ୍ୱ ନେଲେ। ୨୦୧୮ ମସିହାରେ, ଉଭୟଙ୍କୁ ଫୋବର୍ସର ୩୦ ବର୍ଷରୁ କମ୍ ବର୍ଷର ଆରବପତିଙ୍କ ତାଲିକାରେ ସାମିଲ କରିଥିଲା। ସେହିବର୍ଷ କମ୍ପାନୀ ପରିଚାଳନା ନେଇ ୱାଙ୍ଗ ସହିତ ମତଭେଦ ଯୋଗୁ ଲୁସି କମ୍ପାନୀ ଛାଡି ଦେଇଥିଲେ। ଏହାପରେ ଲୁସି ନୂଆ ବ୍ୟବସାୟ ଆରମ୍ଭ କରିଥିଲେ।

ଫର୍ଚ୍ଚୁନ୍ ରିପୋର୍ଟ ଅନୁଯାୟୀ, ଲୁସି ଏବେ ବି ସ୍କେଲ୍ ଏଆଇ କମ୍ପାନୀରେ ପ୍ରାୟ ୫% ଅଂଶଧନର ମାଲିକ ଅଛନ୍ତି। ଏହାର ଅର୍ଥ ହେଉଛି ସେ କମ୍ପାନୀ ଛାଡିବା ପରେ ମଧ ଏଥିରେ ସେ ତାଙ୍କ ଶେୟାର ବିକ୍ରି କରି ନଥିଲେ। ଫୋବର୍ସ ଅନୁଯାୟୀ, ଲୁସିଙ୍କ ସମ୍ପତ୍ତି ପ୍ରାୟ $୧.୨୫ ବିଲିୟନ। ସ୍କେଲ୍ ଏଆଇ କମ୍ପାନୀର ମୂଲ୍ୟ ଗୋଟିଏ ବର୍ଷ ମଧ୍ୟରେ ୮୦ ପ୍ରତିଶତ ବୃଦ୍ଧି ପାଇବାରୁ ଲୁସିଙ୍କ ସମ୍ପତ୍ତି ବୃଦ୍ଧି ପାଇଛି।

# ମା' ଗୃହ ଉପସ୍ଥାନ ବଢ଼ାଇବାରେ ସହାୟକ ହେଉଛି ମମତା ଦିବସ



**କନ୍ଧମାଳ,୨୨।୪ (ସଂଚାର ବ୍ୟୁରୋ):** ଶିଶୁ ଓ ମାତୃ ମୃତ୍ୟୁ ହାରକୁ କମାଇବା ପାଇଁ ସରକାରୀ ସ୍ତରରେ ବିଭିନ୍ନ ପଦକ୍ଷେପ ନିଆଯାଉଥିବା ବେଳେ ସ୍ୱାସ୍ଥ୍ୟ, ପୋଷଣ ଓ ସ୍ୱଚ୍ଛତା ବାର୍ତ୍ତା ଦେଉଥିବା ମମତା ଦିବସ ହେଉଛି ଏକ ବଳିଷ୍ଠ ଯୋଜନା । ଏହା ପ୍ରତି ସପ୍ତାହର ମଙ୍ଗଳ ଓ ଶନିବାର ଦିନ ନିର୍ଧାରିତ ଅଙ୍ଗନଓାଡି କେନ୍ଦ୍ରରେ ଗର୍ଭବତୀ, ପ୍ରସୁତି, ୬ ମାସରୁ ୦୩ ବର୍ଷ ବୟସର ଶିଶୁ ଓ କିଶୋରୀ ବାଳିକା ମାନଙ୍କୁ ନେଇ ଅନୁଷ୍ଠିତ ହୋଇଥାଏ । ହିତାଧିକାରୀ ମାନଙ୍କର ବିଭିନ୍ନ ପରିକ୍ଷା ନିରିକ୍ଷା କରିବା ସହିତ ବିପଦ ସଂକୁଳ ପରିସ୍ଥିତିରେ ଥିବା ହିତାଧିକାରୀଙ୍କୁ ମଧ ପ୍ରେରିତ ସେବା ଯୋଗାଇ ଦିଆଯାଇଥାଏ।

ଏହି ପରିପ୍ରେକ୍ଷିରେ ଟିକାବାଲି ବ୍ଲକ୍ ସ୍ଥିତ ଗାର୍ଡିଙ୍ଗିଆ ଅଙ୍ଗନଓାଡି କେନ୍ଦ୍ର ଠାରେ ସାରଣୀ ଅନୁସାରେ ମମତା ଦିବସ ମହିଳା ସ୍ୱାସ୍ଥ୍ୟ କର୍ମୀ ନିରଦା ନାୟକଙ୍କ ତତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ସେ ଗର୍ଭବତୀ ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ମମତା କାର୍ଡ ଯାଂଚ କରି ଅନ୍ୟାନ୍ୟ ସ୍ୱାସ୍ଥ୍ୟ ଓ ପୋଷଣଜନିତ ସେବା ଯୋଗାଇ ଥିଲେ। ତାଙ୍କ ସହିତ ପୁରୁଷ ସ୍ୱାସ୍ଥ୍ୟ କର୍ମୀ ଯୋନସ କୁମାର ଦିଗାଲ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ । ସ୍ୱାତୀ ଅନୁଷ୍ଠାନ ତରଫରୁ ସ୍ୱାସ୍ଥ୍ୟ ସଂଯୋଜକ ବିଶ୍ୱରଞ୍ଜନ କର ଉପସ୍ଥିତ ହିତାଧିକାରୀ ମାନଙ୍କୁ ମମତା ଦିବସରେ ମିଳୁଥିବା ସେବା ଗୁଡିକ କିପରି ଫଳପ୍ରଦ ହେବ ସେ ବିଷୟରେ ସୂଚନା ଦେଇଥିଲେ । ମମତା ଦିବସରେ ପ୍ରତ୍ୟେକ ଥର ନୂଆ ନୂଆ ବିଷୟ ବସ୍ତୁ ଉପରେ ଆଲୋଚନା ମଧ ହୋଇଥାଏ ଯାହାକି ସମସ୍ତ ହିତାଧିକାରିଙ୍କୁ ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା ଦେବା ପାଇଁ ସହଜ ହୋଇଥାଏ। ସେହିପରି ଆଜି ଛତିଝାର ମା ଗୃହ ତରଫରୁ ନିରୁପମା କହଁର ଓ ସୁନେମିୟା ଦିଗାଲ ଉପସ୍ଥିତ ରହି ମା ଗୃହର ସେବା ଓ କାର୍ଯ୍ୟକ୍ରମ ବିଷୟରେ ବୁଝାଇବା ସହିତ ଦୁଇ ଜଣ ଗର୍ଭବତୀଙ୍କୁ ମା ଗୃହରେ ଆଡିମିଶନ୍ ପାଇଁ ଆଣିବାରେ ସକ୍ଷମ ହୋଇ ପାରିଛନ୍ତି । ଏଥିସହିତ ଆଶା କର୍ମୀ ଚିନମା ଦିଗାଲ ଓ ଯୋସ୍ନା ପ୍ରଧାନ ଏବଂ ଅଙ୍ଗନଓାଡି କର୍ମୀ ଲିଳାବତୀ ଦିଗାଲ ଓ କୁମୁଦିନୀ ପ୍ରଧାନ ଯୋଗଦେଇ ଗର୍ଭବତୀ ଓ ପ୍ରସୁତୀ ମାନଙ୍କର ଉପସ୍ଥାନକୁ ସୁନିଶ୍ଚିତ କରିବା ସହିତ ଆଗାମି ଦିବସ ପାଇଁ ଡିୟୁ ଲିଷ୍ଟ ପ୍ରସ୍ତୁତ କରିଥିଲେ। ଏହିପରି ମମତା ଦିବସ ଗୁଡୁକର ଆଲୋଚନା ମା ଗୃହ ଗୁଡିକରେ ଉପସ୍ଥାନ ବଢାଇବାରେ ସାହାଯ୍ୟ କରିଆସୁଛି ଏବଂ ଏହା ସରକାରଙ୍କ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ସିଧାସଳଖ ଭାବରେ ସକରାତ୍ମକ ପ୍ରଭାବ ପକାଉଛି କହିଲେ ଅତ୍ୟୁକ୍ତି ହେବ ନାହିଁ ।

### ପୃଥିବୀ ଦିବସ ଓ ଧରିତ୍ରୀ ମା' ପାଇଁ ଦିନଟିଏ

# ବିଭିନ୍ନ ବିଦ୍ୟାଳୟରେ ଚାରା ରୋପଣ



**କାକଟପୁର/ଅସ୍ତରଙ୍ଗ,୨୨।୪ (ସଂଚାର ବ୍ୟୁରୋ):** ଜଳୁଛି ପୃଥିବୀ। ବୈଶାଖ ମାସ ଆରମ୍ଭରୁ ପ୍ରଚଣ୍ଡ ଖରାରେ ସନ୍ତୁଳି ହୋଇଯାଉଛି ଜୀବମଣ୍ଡଳ। ପ୍ରକୃତି ଯେମିତି ନିଜର ଅସ୍ତିତ୍ୱ ହରାଉଛି। ଦିନକୁ ଦିନ ଗମ୍ଭୀର ହେବାରେ ଲାଗିଛି ଜଳବାୟୁ ସଙ୍କଟ। ଏବାବଦରେ ବିଶ୍ୱବାସୀଙ୍କୁ ସଚେତନ କରିବାକୁ ୧୯୭୦ ମସିହାରେ ଆମେରିକାଠାରେ ବିଶ୍ୱ ପୃଥିବୀ ଦିବସ ପ୍ରତିଷ୍ଠା ହୋଇଥିଲା । ପରିବେଶର ସୁରକ୍ଷା ପାଇଁ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତି ବର୍ଷ ଅପ୍ରେଲ ୨୨ତାରିଖ ଦିନ ଏହି ଦିବସ ପାଳନ କରାଯାଉଛି। ତେବେ ୧୯୬୯ରେ ଛାତ୍ରମାନଙ୍କର ଭିଏତନାମ ଯୁଦ୍ଧ ବିରୋଧୀ ପ୍ରତିବାଦ ପ୍ରଦର୍ଶନରେ ଉତ୍ସାହିତ ହୋଇ ଛାତ୍ରମାନଙ୍କୁ ଅନୁରୂପ ଭାବେ ପରିବେଶ ସଚେତନତାରେ ସାମିଲ କରିବା ପାଇଁ ୧୯୭୦ ଏପ୍ରିଲ ୨୨ ତାରିଖରେ ଆମେରିକାର ସିନେଟର ଗେଲର୍ଡ ନେଲସନ୍ ପ୍ରଥମେ ଏକ ପ୍ରସ୍ତାବ ଆଣିଥିଲେ। ଧୀରେ ଧୀରେ ପରିବେଶର ସୁରକ୍ଷା ପାଇଁ ବିଶ୍ୱବ୍ୟାପୀ ଜନଜାଗରଣ ସୃଷ୍ଟି ହୋଇଥିଲା ଏବଂ ୧୯୯୦ ବେଳକୁ ୧୪୦ଟି ଦେଶର ପ୍ରାୟ ୨୦ କୋଟି ଜନତା ଧରିତ୍ରୀ ଦିବସ ପାଳନରେ ସାମିଲ ହୋଇଥିଲେ। ଏ ନେଇ ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଦିବସ ପାଳନ ସହ ବୃକ୍ଷ ରୋପଣ ହୋଇଥିବା ବେଳେ ପିଏମ୍ଶ୍ରୀ କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଶ୍ରୀକାନ୍ତ କୁମାର ସ୍ୱାଇଁଙ୍କ ଉପସ୍ଥିତରେ ବୃକ୍ଷ ରୋପଣ ହୋଇଛି। ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ସ୍ୱାଇଁ ନିଜ ବକ୍ତବ୍ୟରେ କହିଥିଲେ ଏହି ଦିବସ ପାଳନ ଦ୍ୱାରା ଆମେ ପୃଥିବୀ ସହ କେତେ ଘନିଷ୍ଠ ଭାବେ ଜଡ଼ିତ, ତାହା ସ୍ମରଣ କରିବା ସହ ତାହାର ସୁରକ୍ଷା ପାଇଁ ଆମର ଦାୟିତ୍ୱ ସମ୍ପର୍କରେ ମଧ ଅବଗତ ହୋଇପାରିବା।



# ଆଦିବାସୀ ମହାସଂଘ ବୈଠକ

**ଭେଡେନ,୨୨।୪ (ସଂଚାର ବ୍ୟୁରୋ):** ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘ ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ସଂଘର ମାସିକ ବୈଠକ ଅରେଇଗୁଡି ଗ୍ରାମ ପଞ୍ଚାୟତ ସାହ୍ଲେପାଲି ଠାରେ ଅନୁଷ୍ଠିତ ହୋଇଛି। ଭେଡେନ ବ୍ଲକର ସମସ୍ତ ଗ୍ରାମ ପଞ୍ଚାୟତର ଆଦିବାସୀ ମାନଙ୍କୁ ଏକତ୍ରିତ କରି ପ୍ରତେକ ଗାଁରେ ଗାଁ କମିଟି ପଞ୍ଚାୟତରେ ପଞ୍ଚାୟତ କମିଟି ମଜଭୁତ କରିବା ପାଇଁ ଏବଂ ଆଦିବାସୀ ମାନଙ୍କ ହକ ଅଧିକାର ସରକାରଙ୍କ ଯୋଜନା ଗରିବ ଆଦିବାସୀ ମାନଙ୍କ ପାଖକୁ ଏବଂ ଅନ୍ୟ ବର୍ଗର ଗରିବ ଲୋକମାନଙ୍କ ପାଖକୁ କି ଭଳି ଭାବରେ ପହଞ୍ଚି ପାରିବ ଏଥିପାଇଁ ଆଲୋଚନା ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘ ବରଗଡ଼ ଜିଲ୍ଲାର ଜିଲ୍ଲା ସମ୍ପାଦକ ତ୍ରିଲୋଚନ ଭୁଏ ଯୋଗଦାନ କରିଥିଲେ ଭେଡେନ ବ୍ଲକର ବ୍ଲକ ସଭାନେତ୍ରୀ ପ୍ରେମସିଲା ବରିହା, ସମ୍ପାଦକ ପ୍ରମୋଦ କୁମାର ବାରିକ, ସଦାନନ୍ଦ ବରିହା, ମଗସିର ଭୁଏ , ସାହ୍ଲେପାଲି ଗ୍ରାମର ଶ୍ରୀକାନ୍ତ ବରିହା, ରସିକ ଭୁଏ ଏବଂ ଅରେଇଗୁଡ଼ି ଗ୍ରାମ ପଞ୍ଚାୟତର ଆଦିବାସୀ ମହିଳା ଓ ପୁରୁଷ ମାନେ ଯୋଗଦାନ କରିଥିଲେ ।

# ୧୧ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ



**ବେତନଟୀ,୨୨।୪ (ସଂଚାର ବ୍ୟୁରୋ):** ବେତନଟୀ ବ୍ଲକରେ ୧୧ଗୋଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଏବଂ ଉଦଘାଟନ କଲେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ବଡ଼ସାହି ବିଧାୟକ ସନାତନ ବିଜୁଳି। ସୂଚନା ମୁତାବକ ୧୧ ଟି ପ୍ରକଳ୍ପ ୨ କୋଟି ୩୧ଲକ୍ଷ ୮୧ ହଜାର ବ୍ୟୟ ଅଟକଳ ତିଆରି ହୋଇଥିବା ଜଣାପଡିଛି। ସର୍ବପ୍ରଥମେ କୋଠବାଡ଼ି ମଡେଲ ଅଙ୍ଗନୱାଡ଼ି କେନ୍ଦ୍ର , ଆଗ୍ରିଆ ଜିପିଏଲଫ ଗୃହ ଭିତ୍ତିପ୍ରସ୍ତର ସ୍ଥାପନ, ଅଗ୍ରିଆ ଅଙ୍ଗନବାଡ଼ି କେନ୍ଦ୍ରର ଉନ୍ନତିକରଣ, ପୁରିନ୍ଦା ଭିଏସ ଗୃହ ରାଉତରା, ଦହିକୋଠିର ପୁତୁଡ଼ିସାହି ଠାରେ ନୂତନ କମ୍ୟୁନିଟି ଗୃହ, ନଡ଼ପୁର ହସ୍ପିଟାଲ ଠାରେ ବିଶ୍ରାମଗୃହ, ପାଟଳିପୁରାର ଡେଁଫୌଦାରେ ସବ ସେଣ୍ଟର, କେନ୍ଦୁଆର ଭୁଡୁରୁବଣି ଭିଏଏସ ଗୃହ, ବୈଶିଙ୍ଗାର କଦଳିଆ ଠାରେ ବିଦ୍ୟାଳୟର ଶ୍ରେଣୀଗୃହ, ରଘୁପୁରର ନୟାବସନ୍ତପୁର ଠାରେ ଭିଏସଏସ, ଅଁଳାରେ ବ୍ୟାଙ୍କ ସେବାଗୃହକୁ ଶ୍ରୀ ଷଡ଼ଙ୍ଗୀ ଓ ବିନାୟକ ଶ୍ରୀ ବିଜୁଳି ଉପସ୍ଥିତିରେ ଉଦଘାଟନ ହୋଇଥିଲା।

# ସକାଳୁଆ ଅଫିସ ପାଲଟିଛି ପ୍ରହସନ



## ସକାଳ ୮ଟା ଯାଏଁ ବାବୁଙ୍କ ଦେଖା ମିଳୁନି
## କାର୍ଯ୍ୟାଳୟକୁ ଆସୁଥିବା ଲୋକେ ହନ୍ତସନ୍ତ

**ହିଞ୍ଜିଳିକାଟୁ,୨୨।୪ (ସଂଚାର ବ୍ୟୁରୋ):** ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ନଜରରେ ରଖି ରାଜ୍ୟ ସରକାର ସକାଳୁଆ ଅଫିସ୍ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ତେବେ ଏହି ନିର୍ଦ୍ଦେଶକୁ ସରକାରୀ ଅଧିକାରୀ ଓ କର୍ମଚାରୀ ଫୁ କରିଥିବା ଦେଖିବାକୁ ମିଳିଛି। ଠିକଣା ସମୟରେ ବାବୁମାନଙ୍କ ଦେଖା ମିଳୁନି। କେଉଁ କାର୍ଯ୍ୟାଳୟରେ ପିଅନ ଫାଟକ ଖୋଲିଥିବା ବେଳେ ଆଉ କେଉଁଠାରେ ସକାଳ ୮ଟା ଯାଏ ଫାଟକ ଖୋଲା ନଯାଇ ଝୁଲୁଛି ତାଲା । ଆଉ କେଉଁଠାରେ ସରକାରକା ମାଲ ଦରିଆ ମେ ଡାଲ ଭଳି ଫାଟକ ଖୋଲା ଅଛି ହେଲେ କର୍ମଚାରୀ ନାହାନ୍ତି କିନ୍ତୁ ଫ୍ୟାନ ଆଉ ଏସି ଅନବରତ ଚାଲିଛି । ଖାଲି ଏତିକି ନୁହଁ, କିଛି ଅଫିସରେ ସାଢେ ୮ ଅଥବା ୯ଟା ପର୍ଯ୍ୟନ୍ତ ତାଲା ଝୁଲୁଛି। ଏହି ଦୃଶ୍ୟ ହେଉଛି ହିଞ୍ଜିଳିକାଟୁ ପୌରପରିଷଦ ମଧ୍ୟରେ ଥିବା ଜନସ୍ୱାସ୍ଥ୍ୟ ବିଭାଗ, କୃଷି ସୂଚନା କେନ୍ଦ୍ର, ଉପ କୋଷାଗାର ଅଫିସ, ସବ ରେଜିଷ୍ଟର ଅଫିସ, ପ୍ରାଣୀ ଚିକିତ୍ସାଳୟ ଓ ଜଳ ସମ୍ପଦ କାର୍ଯ୍ୟାଳୟର ଦୃଶ୍ୟ ।

ସରକାରୀ କାର୍ଯ୍ୟାଳୟକୁ ବହୁ ଦୂରଦୂରାନ୍ତରୁ ଲୋକେ କୌଣସି କାମ ପାଇଁ ଗଲେ ବାବୁଙ୍କୁ ନ ପାଇ ଚୌକି ଖାଲି ଦେଖି ନିରାଶରେ ଘରକୁ ଫେରୁଛନ୍ତି। କେହି କେହି ଅଫିସରେ ବାବୁ ଫିଲଡ଼ କାମରେ ଯାଇଛନ୍ତି ବୋଲି ଉତ୍ତର ଆସୁଛି। ଅନ୍ୟପକ୍ଷରେ ବିଭିନ୍ନ ସମୟରେ କେଉଁ ଅଧିକାରୀ ଅଫିସରେ ରହୁଛନ୍ତି, କେଉଁ ଅଧିକାରୀ ଟୁର ଯାଉଛନ୍ତି ଏ ନେଇ କାର୍ଯ୍ୟାଳୟ ସମ୍ମୁଖରେ ସୂଚନା ମରାଯିବାର ନିୟମ ରହିଛି। ହେଲେ ଏଥିରେ ବି ବ୍ୟତିକ୍ରମ ରହୁଛି। ତେବେ ବାୟୋମେଟ୍ରିକ ବ୍ୟବସ୍ଥା ସହ ଫେସ ଆଇଡି ଉପସ୍ଥାନ ପୁଣି କାର୍ଯ୍ୟକାରୀ କରିବାକୁ ବିଭିନ୍ନ ମହଲରୁ ଦାବି ହୋଇଛି। ଜିଲ୍ଲା ପ୍ରଶାସନ ଏହି କାର୍ଯ୍ୟାଳୟ ପ୍ରତି ଦୃଷ୍ଟି ଦେଇ ଠିକ ସମୟରେ କାର୍ଯ୍ୟାଳୟ ଖୋଲିଲେ ଦୁରଦୁରାନ୍ତରୁ ଆସୁଥିବା ସାଧାରଣ ଲୋକଟିଏ ଉପକୃତ ହୋଇପାରନ୍ତେ ବୋଲି ଦାବି ହେଉଛି ।

### ଆୟୁଷ୍ମାନ କାର୍ଡ ହିତାଧିକାରୀଙ୍କଠାରୁ ଟଙ୍କା ଆଦାୟ ଘଟଣା

# ବିନା ଆଇଡିରେ ଚାଲିଛି ଜନସେବା କେନ୍ଦ୍ର

**ଖପ୍ରାଖୋଲ,୨୨।୪ (ସଂଚାର ବ୍ୟୁରୋ):** ଭାରତ ସରକାରଙ୍କ ଆୟୁଷ୍ମାନ ଯୋଜନା ଓଡିଶାରେ କାର୍ଯ୍ୟକାରୀ କରି ଯୋଗ୍ୟ ହିତାଧିକାରୀ ମାନଙ୍କୁ ବର୍ଷକୁ ୫ ଲକ୍ଷ ଓ ମହିଳା ମାନଙ୍କ ପାଇଁ ଅତିରିକ୍ତ ୫ ଲକ୍ଷ ଟଙ୍କାର ମାଗଣା ଚିକିତ୍ସା ସେବା ପାଇବା ପାଇଁ କାର୍ଡ ବଣ୍ଟନ କରାଯାଇଛି। ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକରେ କେତେକ ଜନସେବା କେନ୍ଦ୍ରକୁ ଆୟୁଷ୍ମାନ କାର୍ଡ ଦେଇ ଆଉ କେତେକ ଜନସେବା କେନ୍ଦ୍ରକୁ ପାତରଅନ୍ତର ନିତି ଅବଲମ୍ବନ କରାଯାଇଥିବା ଦେଖାଦେଇଛି। ଏହି ବ୍ଲକର ପ୍ରତ୍ୟେକ ପଞ୍ଚାୟତ ମାନଙ୍କରେ ଦୁଇଟି ତିନୋଟି ଲେଖାଏଁ ଜନସେବା କେନ୍ଦ୍ର ରହିଥିବା ବେଳେ ମାତ୍ର ବ୍ଲକରେ ଦୁଇଟି ଜନସେବା କେନ୍ଦ୍ରକୁ ଆୟୁଷ୍ମାନ ଆଇଡି ଦେଇ ଇ-କେୱାଇସି ଅନଲାଇନ କରିବାକୁ ଅନୁମତି ଦିଆଯାଇଛି।

ନିଜ ଗ୍ରାମରେ ଥିବା ଜନସେବା କେନ୍ଦ୍ରକୁ ଛାଡି ଦୂରରେ ଥିବା ଜନସେବା କେନ୍ଦ୍ରକୁ ଯାଇ ହିତାଧିକାରୀମାନେ ଖର୍ଚ୍ଚାନ୍ତରେ ପଡିଥିବା ବେଳେ ନିଜ ଗ୍ରାମରେ ଯେଉଁ ଜନସେବା କେନ୍ଦ୍ର ମାନ ଅଛି ସେହି କେନ୍ଦ୍ରକୁ ଆଇଡି ପ୍ରଦାନ କଲେ ସୁବିଧାରେ ଅନଲାଇନ କରି ପାରନ୍ତେ । ଜଣାଯାଏ, ଜନସେବା କେନ୍ଦ୍ର ମାନଙ୍କରେ ଅନଲାଇନରେ ଇ-କେୱାଇସି କରିବାକୁ ପଡୁଛି। ସେଥିପାଇଁ ସରକାର ପ୍ରତ୍ୟେକ ଜନସେବା କେନ୍ଦ୍ରରେ ବିନା ମୂଲ୍ୟରେ ଅନଲାଇନ କରିବାକୁ ସୁବିଧା କରାଇଛନ୍ତି। ହେଲେ ଖପ୍ରାଖୋଲ ବ୍ଲକରେ ଥିବା କେତେକ ଜନସେବା କେନ୍ଦ୍ରରେ ଆୟୁଷ୍ମାନ କାର୍ଡ ପାଇବା ପାଇଁ ଅନଲାଇନ ମାଧମରେ ଇ-କେୱାଇସି କରିବାକୁ ପଡୁଥିବା ବେଳେ ହିତାଧିକାରୀମାନଙ୍କ ଠାରୁ ୩୦ରୁ ୫୦ ଟଙ୍କା ଲେଖାଏଁ ଆଦାୟ କରୁଥିବା ଜଣାପଡିଛି। ଏହି ବିଷୟରେ ଖବର ପ୍ରସାରଣ କରି ଦୃଷ୍ଟି ଆକର୍ଷଣ କରି ଥିଲେ ମଧ ବର୍ତ୍ତମାନ ପର୍ଯ୍ୟନ୍ତ ବିଭାଗୀୟ ଅଧିକାରୀ ନିରବଦ୍ରଷ୍ଟା ସାଜିଛନ୍ତି। କେଉଁ ନିୟମ ବଳରେ ତାଲିମ ନଦେଇ ଜନସେବା କେନ୍ଦ୍ର ମାନଙ୍କୁ ଆୟୁଷ୍ମାନ ଆଇଡି ପ୍ରଦାନ କରିଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି ଯାହାକି ତଦନ୍ତ ସାପେକ୍ଷ ଅଟେ।

ଏବିଷୟରେ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସୁରଜ ଦୀପଙ୍କୁ ଫୋନ ଯୋଗେ ପଚାରିବାରୁ ଉତ୍ତରରେ କହିଲେ ଆମ ପାଖକୁ ସେପରି କୌଣସି ଅଭିଯୋଗ ଆସିନାହିଁ ଆସିଲେ ନିୟମ ଅନୁସାରେ ପଦକ୍ଷେପ ନିଆଯିବ । ଏଠି ପ୍ରଶ୍ନ ଉଠୁଛି ନିୟମ ବହିର୍ଭୁତ କାର୍ଯ୍ୟ ବିଷୟରେ ଖବର ପ୍ରସାରଣ କଲେ ମଧ କୌଣସି ପଦକ୍ଷେପ ନନେବା ଅନ୍ୟାୟକୁ ପ୍ରଶ୍ରୟ ଦେବା ଭଳି ମନେ ହେଉଛି । ଜିଲ୍ଲା ପ୍ରଶାସନ ଏହା ଉପରେ ଦୃଷ୍ଟି ଦେବାକୁ ଦାବି ହେଉଛି ।

# ଖଜୁରୀପଡ଼ାରେ ଆହାର କେନ୍ଦ୍ର ଖୋଲିବାକୁ ଦାବି



**ଫୁଲବାଣୀ,୨୨।୪ (ସଂଚାର ବ୍ୟୁରୋ):** କନ୍ଧମାଳ ଖଜୁରୀପଡ଼ା ବ୍ଲକ ୧୪ଟି ପଞ୍ଚାୟତ ଓ ଦୁଇଟି ଜିଲ୍ଲା ପରିଷଦ ଜୋନକୁ ନେଇ ଗଠିତ। ହେଲେ ବ୍ଲକ ହେଡକ୍ୱାଟରରେ ରହିଛି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର, ତହସିଲ କାର୍ଯ୍ୟାଳୟ, ପଞ୍ଚାୟତ ସମିତି କାର୍ଯ୍ୟାଳୟ, କୃଷି ବିଭାଗ, ଥାନା, ବ୍ୟାଙ୍କ୍। ଅନେକ ଲୋକ ପ୍ରତିଦିନ ନିଜ ବ୍ୟକ୍ତିଗତ କାର୍ଯ୍ୟ ଓ ଗ୍ରାମର ସାମୂହିକ କାର୍ଯ୍ୟରେ ଏଠାକୁ ଆସୁଛନ୍ତି। ଜନସାଧାରଣଙ୍କ ସୁବିଧାକୁ ଆଖି ଆଗରେ ରଖି ଏଠାରେ ସରକାର ଆହାର କେନ୍ଦ୍ର ଖୋଲିବାକୁ ଦାବି ହେଉଛି। ଫୁଲବାଣୀ ମୁଖ୍ୟ କାର୍ଯ୍ୟାଳୟ ଠାରେ ଡାକ୍ତରଖାନା ଓ ବସ୍ ଷ୍ଟାଣ୍ଡ ଦୁଇଟି ଜାଗାରେ ଆହାର କେନ୍ଦ୍ର ଖୋଲିଛନ୍ତି। ସେହିଭଳି ବ୍ଲକ ହେଡ କ୍ୱାଟରରେ ମଧ ଏହି ଆହାର କେନ୍ଦ୍ର ଖୋଲିଲେ ଲୋକମାନେ ବହୁ ଉପକୃତ ହୁଅନ୍ତେ ବୋଲି ହୃଦୟଙ୍ଗମ କରି ଆଜି ଖଜୁରୀପଡ଼ା ବ୍ଲକରେ ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମର କନ୍ଧମାଳ ଜିଲ୍ଲା ସମିତିସଭ୍ୟ/ସଭ୍ୟା ମହାସଂଘ ସଭାପତି ବୈଦ୍ୟନାଥ ବେହେରାଙ୍କ ନେତୃତ୍ୱରେ ଖଜୁରୀପଡ଼ା ବ୍ଲକ ଶାଖା ସଂଘ ପକ୍ଷରୁ ଖଜୁରୀପଡ଼ା ଠାରେ ଏକ ଆହାର କେନ୍ଦ୍ର ଖୋଲା ଯିବାପାଇଁ ଜିଲ୍ଲାପାଳଙ୍କୁ ଅଭିଯୋଗ ମାଧମରେ ଦାବୀପତ୍ର ପ୍ରଦାନ କରି ନିବେଦନ କରିଛନ୍ତି। ଜିଲ୍ଲାପାଳ ଶ୍ରୀ ଋତୁରାଜ ଏହାକୁ ଯଥାଶୀଘ୍ର ସରକାରଙ୍କ ନିକଟକୁ ଜଣାଇବା ସହିତ ଦାବିପତ୍ର ପଠାଇବି ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ଆଜିର ଏହି ଯୁଗ୍ମ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ସାମୂହିକ ୪ ଗୋଟି ଓ ବ୍ୟକ୍ତିଗତ ୧୭ ଗୋଟି ମୋଟ ୨୧ଟି ଆଭିଯୋଗକୁ ଶୁଣାଣୀ କରିଥିଲେ ଜିଲ୍ଲାପାଳ। ଏହି ପରିପ୍ରେକ୍ଷୀରେ ସମସ୍ତ ବିଭାଗର ଅଧିକାରୀ କର୍ମଚାରୀ ଉପସ୍ଥିତ ରହିଥିଲେ।

# ଜିଲ୍ଲାସ୍ତରୀୟ ରବିଋତୁ ଡାଲି ଶସ୍ୟଜାତୀୟ ଫସଲ ସଂଗ୍ରହ କମିଟି ବୈଠକ

**ଖୋର୍ଦ୍ଧା,୨୨।୪ (ସଂଚାର ବ୍ୟୁରୋ):** ରବିଚାଷ ଯଥା ମୁଗ, ବିରି, ଚିନାବାଦାମ ଏବଂ ସୂର୍ଯ୍ୟମୁଖୀ ବହୁଳ ଚାଷ ହେଉଥିବା ଅଞ୍ଚଳରେ ମଣ୍ଡି ଖୋଲିବାକୁ ଆଜି ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଚଞ୍ଚଳ ରାଣା ଅଧକ୍ଷତା କରି ରବି ଫସଲ ଅଧିକରୁ ଅଧିକ ହେଉଥିବା ଅଞ୍ଚଳରେ ମଣ୍ଡି ଖୋଲିବାକୁ ଗୁରୁତ୍ୱାରୋପ କରିବା ସହ ଏ ଦିଗରେ ସମ୍ପୃକ୍ତ ସମସ୍ତ ଅଧିକାରୀ ଓ ତୃଣମୂଳ ସ୍ତରରେ କର୍ମଚାରୀ ନିଜ ନିଜ କାର୍ଯ୍ୟ ସମ୍ପାଦନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଯେଉଁ ସମବାୟ ସମିତି ଓ ପ୍ୟାକସରେ ଅଧିକ ଡ଼ାଲି ଜାତୀୟ ଫସଲ କରୁଛନ୍ତି ସେହି ସ୍ଥାନ ଗୁଡିକରେ ମଧ ମଣ୍ଡି ଖୋଲିବାକୁ ଜିଲ୍ଲାପାଳ ଉପନିବନ୍ଧକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ମାନ୍ୟବର ବିଧାୟକ, ବେଗୁନିଆ ପ୍ରଦୀପ କୁମାର ସାହୁ ଯୋଗଦେଇ କହିଲେ ଯେ ଚାଷୀ ମାନଙ୍କୁ ଅନଲାଇନ୍ ମାଧମରେ ପେମେଣ୍ଟ ସଠିକ୍ ଭାବେ ହେବା ଜରୁରୀ। ଏ ଦିଗରେ ଜିଲ୍ଲାପାଳ କହିଲେ ଯେ ଏଫ୍ ପି ଓ ମାନଙ୍କୁ ତାଲିମ ଦେବା ଏବଂ ଚାଷୀଙ୍କୁ ସଚେତନତା କରାଇବା ବାଞ୍ଛନୀୟ ଅଟେ। ଚାଷୀମାନଙ୍କ ପଞ୍ଜିକରଣ ଆସନ୍ତା ଶୁକ୍ରବାର ମଧରେ ସାରିବାକୁ ଜିଲ୍ଲାପାଳ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମଇ ୫ ତାରିଖରୁ କ୍ରୟ ଆରମ୍ଭ କରିବାକୁ ବୈଠକରେ ନିଷ୍ପତି ନିଆଯାଇଥିଲା।



# ଜିଲ୍ଲାସ୍ତରୀୟ ପୋଷଣ ପକ୍ଷ ପାଳିତ



**ନବରଙ୍ଗପୁର,୨୨।୪ (ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶ କ୍ରମେ ଚଳିତ ମାସ ଏପ୍ରିଲ ୮ ତାରିଖରୁ ଜିଲ୍ଲାରେ ପାଳନ କରାଯାଉ ଥିବା ପୋଷଣ ପକ୍ଷ-୨୦୨୫ ଆଜି ଉଦଯାପିତ ହୋଇଯାଇଛି। ଏହି ଉପଲକ୍ଷେ ଆଜି ଜିଲ୍ଲା ସମାଜ କଲ୍ୟାଣ ବିଭାଗ ତରଫରୁ ସ୍ଥାନୀୟ ମିଶନ ଶକ୍ତି ସଭାଗୃହ ଠାରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆଙ୍କ ଅଧକ୍ଷତାରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା । ବୈଠକ ପ୍ରାରମ୍ଭରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଦ୍ରୌପଦୀ କହଁର ଜିଲ୍ଲାରେ ପୋଷଣ ପକ୍ଷ ପାଳନ କାର୍ଯ୍ୟକ୍ରମରେ ଶିଶୁ ଜୀବନର ୧୦୦୦ ଦିନର ଗୁରୁତ୍ୱ, ଅତିଶୟ ପୃଷ୍ଟିହିନ ଶିଶୁକୁ ଯତ୍ନ, ସୁସ୍ଥ ଜୀବନ ଶୈଳୀ, ସଚେତନତା, ଅଙ୍ଗନବାଡି କର୍ମୀ ମାନଙ୍କ ନିଷ୍ଠା ଏବଂ ଜିଲ୍ଲାର ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କ ସହଭାଗିତା ପ୍ରଶଂସା ସହ ଉପସ୍ଥିତ ସମସ୍ତଙ୍କୁ ଅଭିନନ୍ଦନ ଜ୍ଞାପନ କରିଥିଲେ। ସିଡିପିଓ ସସ୍ମିତାବାଳା ମହାନ୍ତି, ମହିଳା ପରିଦର୍ଶିକା ସରିତା ଜେନା ଓ ସୁଶ୍ରୀ ରେଖା ତ୍ରିପାଠୀ ପୋଷଣ ପକ୍ଷ ପାଳନ ଅବସରରେ ଜିଲ୍ଲା, ବ୍ଲକ ଓ ଅଙ୍ଗନବାଡିସ୍ତରରେ ପନ୍ଦର ଦିନ ବ୍ୟାପି ହୋଇଥିବା କାର୍ଯ୍ୟକ୍ରମର ବିଷଦ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଉଦଯାପନୀ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଖୁଣ୍ଟିଆ ସମାଜରୁ କୁପୋଷଣକୁ ସଂପୂର୍ଣ୍ଣ ରୂପେ ଦୂରେଇବା ପାଇଁ ହେଲେ ବିଶେଷ କରି ମା ଓ ଶିଶୁଙ୍କର ପୋଷଣ ନିମନ୍ତେ ଧାନ ଦେବାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। କୁପୋଷଣକୁ ଦୂରେଇବା ପାଇଁ ଅଙ୍ଗନବାଡି କର୍ମୀ ଓ ଆଶା କର୍ମୀମାନେ ନିଷ୍ଠାପର ଭାବରେ କାର୍ଯ୍ୟକରିବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଉପଜିଲ୍ଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ର ଶିଶୁ ଜୀବନରେ ପ୍ରଥମ ହଜାର ଦିନର ଗୁରୁତ୍ୱ ଉପରେ ଆଲୋଚନା କରିବା ସହିତ ଜିଲ୍ଲାରେ ବାଲ୍ୟବିବାହ ଯୋଗୁଁ କମ ବୟସରେ ମାତୃତ୍ୱ ଲାଭ କରି କୁପୋଷିତ ମା ଓ ଶିଶୁଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଏହାକୁ ରୋକିବା ପାଇଁ ଜିଲ୍ଲାର ସମସ୍ତ ବିଭାଗ ଗୁଡିକ ମିଳିତ ଭାବରେ କିପରି କାର୍ଯ୍ୟ କରିବେ ଗୁରୁତ୍ୱାରୋପ କରିଥିଲେ । ଅନ୍ୟତମ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା ମଳୟ ତ୍ରିପାଠୀ ଯୋଗଦେଇ ବର୍ତ୍ତମାନ ସମୟରେ ବଜାରରେ ମିଳୁଥିବା ପାଷ୍ଟଫୁଡ୍ ପ୍ରତି ପିଲାମାନଙ୍କର ଆଗ୍ରହକୁ କମାଇ ସ୍ଥାନୀୟ ଅଞ୍ଚଳରେ ମିଳୁଥିବା କ୍ଷୁଦ୍ରଶସ୍ୟ ଯଥା ମାଣ୍ଡିଆ, ସୁଆଁ, ବାଜରା ଓ ମକାରେ ପ୍ରସ୍ତୁତ ଖାଦ୍ୟରେ ପ୍ରସ୍ତୁତ ସୁଷମ ଖାଦ୍ୟ ପିଲାମାନଙ୍କୁ ଦେବାପାଇଁ ବୁଝାଇ ଥିଲେ ।

ପୋଷଣ ପକ୍ଷ ଅବସରରେ ଉତ୍ତମ କାର୍ଯ୍ୟ ପଦର୍ଶନୀ କରିଥିବା ନନ୍ଦହାଣ୍ଡି, କୋଷାଗୁମୁଡା ଓ ଚନ୍ଦହାଣ୍ଡି ସିଡିପିଓଙ୍କୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଖୁଣ୍ଟିଆ ମାନପତ୍ର ସହିତ ଉପଢୌକନ ଦେଇ ସମ୍ମାନିତ କରିଥିଲେ।

# ଭାରତୀୟ ନୂତନ ଜାତୀୟ ଶିକ୍ଷାନୀତି ଶୀର୍ଷକ ସଂକୁଳସ୍ତରୀୟ ପ୍ରଶିକ୍ଷଣ

**କାକଟପୁର/ଅସ୍ତରଙ୍ଗ,୨୨।୪ (ସଂଚାର ବ୍ୟୁରୋ):** ଆଦର୍ଶ ବୌଦ୍ଧିକ ଶିକ୍ଷକ ପରିବେଶ, ବୌଦ୍ଧିକ ଶିକ୍ଷା ପଦ୍ଧତି, ନୈତିକ ମୂଲ୍ୟବୋଧକୁ ଗୁରୁତ୍ୱ ଦେଇ ଭାରତୀୟ ନୂତନ ଜାତୀୟ ଶିକ୍ଷାନୀତି -୨୦୨୦ ଆଧାରରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଅସ୍ତରଙ୍ଗ ବ୍ଲକ ନିକଟସ୍ଥ କୁଆଁରପୁର ସ୍ଥିତ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ପରିସରରେ କାକଟପୁର ସଂକୁଳ ସ୍ତରୀୟ ପ୍ରଶିକ୍ଷଣ ସୋମବାର ଦିନ ଶୁଭାରମ୍ଭ ହୋଇଥିବା ବେଳେ ଏହା ୨୪ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ପ୍ରଶିକ୍ଷଣ ଶିବିରରେ କାକଟପୁର ସଂକୁଳ ଅଧୀନ କାକଟପୁର, ଅସ୍ତରଙ୍ଗ ଯୋଗେଶ୍ୱରପୁର, ବାଲିଦୋକାନ, ଆମପଡ଼ା ଓ ଓଥକା ପ୍ରମୁଖ ୬ଟି ଶିଶୁ ବିଦ୍ୟାମନ୍ଦିରର ଗୁରୁଜୀ, ଗୁରୁମା ଏବଂ ପ୍ରଧାନ ଆଚାର୍ଯ୍ୟମାନେ ଏହି ପ୍ରଶିକ୍ଷଣ ଗ୍ରହଣ କରିଛନ୍ତି। କାକଟପୁର ସଂକୁଳ ପ୍ରମୁଖ ସୁରେନ୍ଦ୍ର କୁମାର ମାଣିକ, ଅସ୍ତରଙ୍ଗ ସରସ୍ୱତୀ ଶିଶୁମନ୍ଦିର ସମ୍ପାଦକ ବିଜୟକୁମାର ଭଞ୍ଜ, ସଭାପତି ରମାନାଥ ପରିଡା, ଉପସଭାପତି ବିପିନି ବିହାରୀ ମହାନ୍ତି, ସଂକୁଳ ସଂଯୋଜକ ତନ୍ମୟ କୁମାର ପାତ୍ର, ଅସ୍ତରଙ୍ଗ ସରସ୍ୱତୀ ଶିଶୁମନ୍ଦିର ପ୍ରଧାନଆଚାର୍ଯ୍ୟ ଅଶୋକ କୁମାର ପରିଡା ପ୍ରମୁଖ ବିଶିଷ୍ଟ ଅତିଥି ଭାବରେ ଉଦଘାଟନୀ ଭାଷଣ ଏବଂ ପ୍ରଶିକ୍ଷଣର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଶିକ୍ଷକ ରବୀନ୍ଦ୍ର ସେନାପତି, ସୁବର୍ଣ୍ଣ ଚାନ୍ଦ, ଯୋଗେନ୍ଦ୍ର ସ୍ୱାଇଁ ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।



# ଅବକାରୀ ଚଢ଼ାଉ, ୩ ଗିରଫ



**ବେତନଟୀ,୨୨।୪ (ସଂଚାର ବ୍ୟୁରୋ):** ଅବକାରୀ ବିଭାଗ ଅଧୀନ ବେତନଟୀ ଅଞ୍ଚଳରେ ଆଜି ଚଢାଉ କରି ଦେଶୀ ମଦ ଜବତ କରିବା ସହ ତିନି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ଅବକାରୀ ବିଭାଗ। ଅଭିଯୁକ୍ତ ମାନେ ହେଲେ ବେତନଟୀ ଥାନା ଅଧୀନ ନୂଆ ଗାଁ ଗ୍ରାମର ମାଳତୀ ହାଁସଦା ଓ ସେହି ଗ୍ରାମ ର ଡମ୍ବରୁଧର ବିନ୍ଧାଣୀ ସେହିପରି ପୁରୁଣାପାଣି ଗ୍ରାମ ର ରଘୁନାଥ ଟୁଡୁ ବୋଲି ଜଣାପଡିଛି। ଚଢ଼ାଉ ସମୟରେ ତିନି ଜଣଙ୍କ ପାଖରୁ ମୋଟ ଲିଟର ୪୧ ଲିଟର ଦେଶୀ ମଦ ଜବତ କରାଯାଇଛି। ବେତନଟୀ ଅବକାରୀ ଅଧିକାରୀ ପ୍ରକାଶ ସାହୁ ଙ୍କ ସହ ଅବକାରୀ ବିଭାଗ ର କର୍ମଚାରୀମାନେ ଏହି ଚଢାଉ ରେ ଉପସ୍ଥିତ ଥିଲେ।

# ପରିବେଶ





ସୁମୈରା ଅବଦୁଲାଲି



ବନ୍ଦନା ଶିବା



ଯମୁନା ଟୁଡୁ



ସୁନୀତା



ଛବି ପ୍ରତୀକ

ମହିଳାମାନେ ବିଭିନ୍ନ କ୍ଷେତ୍ରରେ ନିଜର ପ୍ରତିଭା ପ୍ରଦର୍ଶନ କରି ଶୀର୍ଷ ସ୍ଥାନ ଦଖଲ କରିବାରେ ଲାଗିଛନ୍ତି। ପରିବେଶ ସୁରକ୍ଷା ଦିଗରେ ମଧ୍ୟ ସେମାନଙ୍କ ଭୂମିକା କିଛି କମ୍ ନୁହେଁ। ପରିବେଶ ସଙ୍କଟର ଭୟାବହତାକୁ ଲକ୍ଷ୍ୟ କରି ଭାରତର କେତେଜଣ ମହିଳାକର୍ମୀ ପରିବେଶ ଓ ଜଙ୍ଗଲ ସୁରକ୍ଷାର ଲଢ଼େଇରେ ନିଜକୁ ଉତ୍ସର୍ଗ କରିଦେଇଛନ୍ତି। ସେମାନେ ଏଥିପାଇଁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ପ୍ରସିଦ୍ଧି ଅର୍ଜନ କରିଛନ୍ତି।

# ଜଳବାୟୁ ଲଢ଼େଇର ଅଗ୍ରଣୀ ମହିଳାଯୋଦ୍ଧା

ଭାରତରେ ଜଳବାୟୁ ପରିବର୍ତ୍ତନ ଜନିତ କୁପ୍ରଭାବ ହ୍ରାସ ନିମନ୍ତେ କାର୍ଯ୍ୟ କରୁଥିବା ଯୁବ ମହିଳା କର୍ମୀଙ୍କ ମଧ୍ୟରେ ଦିଶା ରବି ଅଗ୍ରଗଣ୍ୟ। 'ଫ୍ରାଇଡେଜ୍ ଫର୍ ଫ୍ୟୁଚର' ନାମକ ପରିବେଶ ସଚେତନତା ଆନ୍ଦୋଳନର ପ୍ରତିଷ୍ଠାତ୍ରୀ ଦିଶା ପରିବେଶ ସୁରକ୍ଷା ନିମନ୍ତେ ଛାତ୍ରଛାତ୍ରୀଙ୍କୁ ପ୍ରେରିତ କରି ଆସୁଛନ୍ତି। ଏହା ତାଙ୍କୁ ସ୍ୱତନ୍ତ୍ର ପରିଚିତି ଦେଇଛି। ବେଙ୍ଗାଲୁରୁ ବାସିନ୍ଦା ଦିଶା କହନ୍ତି, "ମୁଁ ମୋ ଜେଜେବାପାଙ୍କୁ ଦେଖି ପାଣିପାଗ ଆନ୍ଦୋଳନକୁ ଓହ୍ଲାଇଛି। ସେ ଚାଷୀ ଥିଲେ ଓ ପାଣିପାଗ ପରିବର୍ତ୍ତନଜନିତ ସମସ୍ୟାକୁ ସାମ୍ନା କରିଥିଲେ।"

'ଲେଡି ଟାର୍ଜନ' ଭାବେ ଜଣାଶୁଣା ଯମୁନା ଟୁଡୁଙ୍କର ପରିବେଶ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଅବଦାନ ରହିଛି। ଝାଡ଼ଖଣ୍ଡରେ ଜନ୍ମିତ ଏହି ପରିବେଶ କର୍ମୀ ୨୦ ବର୍ଷ ଧରି ନିଜ ରାଜ୍ୟରେ ଜଙ୍ଗଲ ଜମିର ସଂରକ୍ଷଣ ପାଇଁ ନିଜ ଜୀବନକୁ ବାଜି ଲଗାଇଛନ୍ତି। ବନାଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ଜଙ୍ଗଲ ପରିବେଶର ସୁରକ୍ଷା ଓ ନୂତନ ଜଙ୍ଗଲ ସୃଷ୍ଟି ପାଇଁ ସେ ଉତ୍ସାହିତ କରି ଆସୁଛନ୍ତି। ସେ ନିଜ ଗାଁର ମହିଳାମାନଙ୍କୁ ନେଇ ୧୯୯୦ ଦଶକରେ 'ବନ ସୁରକ୍ଷା ସମିତି' ନାମକ ସଂଗଠନ ଗଢ଼ିଥିଲେ। ଜଙ୍ଗଲରେ ବେଆଇନ ଖନନ ଓ ବୃକ୍ଷଛେଦନକୁ ରୋକିବା ପାଇଁ ସେ ସଂଗଠନର ସଦସ୍ୟାମାନଙ୍କୁ ଧରି ଜଙ୍ଗଲ ଜଗିବା ଆରମ୍ଭ କରିଥିଲେ। ତାଙ୍କର ଏହି ଅନବଦ୍ୟ ଅବଦାନ ପାଇଁ ତାଙ୍କୁ ୨୦୨୧ରେ ପଦ୍ମଶ୍ରୀ ସମ୍ମାନ ମିଳିଥିଲା।



ଦିଶା ରବି

ଜଳବାୟୁ ପରିବର୍ତ୍ତନର ପ୍ରଭାବ ପ୍ରତି ସାଧାରଣ ଲୋକଙ୍କ ଦୃଷ୍ଟି ଆକର୍ଷଣ କରାଇବାରେ ରିଧିମା ପାଣ୍ଡେ ହେଉଛନ୍ତି ଅନ୍ୟତମ ଅଗ୍ରଣୀ ପରିବେଶ କର୍ମୀ। ତାଙ୍କୁ ଯେତେବେଳେ ମାତ୍ର ୯ ବର୍ଷ ହୋଇଥିଲା, ସେତେବେଳେ ସେ ଜଳବାୟୁ ପରିବର୍ତ୍ତନ ଦିଗରେ ଭାରତ ସରକାରଙ୍କ ଉଦାସୀନ ମନୋଭାବ ବିରୋଧରେ ନାସନାଲ୍ ଗ୍ରିନ୍ ଟ୍ରିବ୍ୟୁନାଲ୍‌ର ଦ୍ୱାରସ୍ଥ ହୋଇଥିଲେ। ଜଳବାୟୁ ପରିବର୍ତ୍ତନ ଦିଗରେ ଉଲ୍ଲେଖନୀୟ ପ୍ରୟାସ ଯୋଗୁଁ ତାଙ୍କୁ ୨୦୨୦ରେ 'ଚିଲ୍ଡ୍ରେନ୍ସ କ୍ଲାଇମେଟ୍' ପୁରସ୍କାର ମିଳିଥିଲା। ସେ ଆହୁରି ଅନେକ ଜାତୀୟସ୍ତରୀୟ ସମ୍ମାନ ଓ ପୁରସ୍କାରର ଅଧିକାରିଣୀ। ଜଳବାୟୁ ପରିବର୍ତ୍ତନର କୁପ୍ରଭାବ ରୋକିବା ଦିଗରେ ବିଭିନ୍ନ ପଦକ୍ଷେପ ନେଇ ବିଶ୍ୱସ୍ତରରେ ଯୁବପିଢ଼ିଙ୍କ ପାଇଁ ଏକ ଉଦାହରଣ ପାଲଟିଛନ୍ତି ରିଧିମା।

ଦୀର୍ଘ ତିନି ଦଶନ୍ଧି ଧରି ଭାରତରେ ପରିବେଶ ସଚେତନତା ସୃଷ୍ଟି କରି ଆସୁଛନ୍ତି ସୁମୈରା ଅବଦୁଲାଲି। ପରିବେଶ ସୁରକ୍ଷା ପାଇଁ ଆଇନ ଯୁଦ୍ଧ ଲଢ଼ିବାଠାରୁ ଗଣମାଧ୍ୟମ ଜରିଆରେ ମତ ସୃଷ୍ଟି ଓ ଜନଆନ୍ଦୋଳନ ପର୍ଯ୍ୟନ୍ତ ବିଭିନ୍ନ ମାଧ୍ୟମରେ ସେ ନିଜ ଶାଣିତ ସ୍ୱରକୁ ସକ୍ରିୟ ରଖିଛନ୍ତି। ତାଙ୍କ ପ୍ରତିଷ୍ଠିତ ପରିବେଶ ସଂଗଠନ 'ଆବାଜ ଫାଉଣ୍ଡେସନ' ଉପକୂଳ ସୁରକ୍ଷା, ବର୍ଜ୍ୟ ପରିଚାଳନା, ଶବ୍ଦ ଓ ବାୟୁ ପ୍ରଦୂଷଣ ପରି ବହୁବିଧ ପରିବେଶ ଲାଗି କାର୍ଯ୍ୟ କରୁଛି। ପରିବେଶର ସ୍ଥାୟୀ ସୁରକ୍ଷା ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ୨୦୧୩ରେ 'ଗୋଲ୍ଡେନ୍ ଏନ୍‌ଭାଇରନ୍‌ମେଣ୍ଟ୍' ପୁରସ୍କାର ପ୍ରଦାନ କରାଯାଇଥିଲା।

**ମହିଳାମାନେ ବିଭିନ୍ନ କ୍ଷେତ୍ରରେ ନିଜର ପ୍ରତିଭା ପ୍ରଦର୍ଶନ କରି ଶୀର୍ଷ ସ୍ଥାନ ଦଖଲ କରିବାରେ ଲାଗିଛନ୍ତି। ପରିବେଶ ସୁରକ୍ଷା ଦିଗରେ ମଧ୍ୟ ସେମାନଙ୍କ ଭୂମିକା କିଛି କମ୍ ନୁହେଁ।**

'ସେଣ୍ଟର ଫର୍ ସାଇନ୍ସ ଆଣ୍ଡ୍ ଏନ୍‌ଭାଇରନ୍‌ମେଣ୍ଟ' ଗବେଷଣା ପ୍ରତିଷ୍ଠାନର ମହାନିର୍ଦ୍ଦେଶିକା ଲେଖିକା ସୁନୀତା ନାରାୟଣ ହେଉଛନ୍ତି ଅନ୍ୟତମ ବରେଣ୍ୟ ପରିବେଶକର୍ମୀ। ତାଙ୍କ ଦ୍ୱାରା ସମ୍ପାଦିତ 'ଡାଉନ୍ ଟୁ ଆର୍ଥ' ପତ୍ରିକାରେ ପରିବେଶର ଉନ୍ନତି ଓ ବୈଶ୍ୱିକ ପାଣିପାଗ ସମସ୍ୟା ସମ୍ବନ୍ଧିତ ସାରଗର୍ଭକ ପ୍ରବନ୍ଧମାନ ପ୍ରକାଶିତ ହୋଇ ଆସୁଛି। ତାଙ୍କର ଏପରି ବିଶେଷ ଅବଦାନ ପାଇଁ ସେ ୨୦୧୬ ମସିହାରେ 'ଟାଇମ୍' ପତ୍ରିକାର 'ସବୁଠୁ ପ୍ରଭାବଶାଳୀ ବ୍ୟକ୍ତିତ୍ୱ'ର ଶହେଜଣିଆ ତାଲିକାରେ ସ୍ଥାନ ପାଇଥିଲେ। ତାଙ୍କ ପ୍ରସ୍ତୁତ ବୃତ୍ତଚିତ୍ର 'ବିଫୋର୍ ଦି ଫ୍ଲଡ୍' ଜଳବାୟୁ ପରିବର୍ତ୍ତନ ଓ ଚାଷୀଙ୍କ ଉପରେ ତାହାର ପ୍ରଭାବ ସମ୍ପର୍କରେ ବିଶଦ୍ ଆଲୋକପାତ କରି ଚର୍ଚ୍ଚାରେ ରହିଥିଲା।

ପରିବେଶର ସୁରକ୍ଷା ଦିଗରେ ସଚେତନତା ସୃଷ୍ଟି କରିଥିବା ବନ୍ଦନା ଶିବାଙ୍କ ପ୍ରୟାସ ଉଲ୍ଲେଖନୀୟ। ସେ ଏକାଧାରରେ ଜଣେ ଗବେଷକ, ଲେଖକ ଓ ପରିବେଶକର୍ମୀ। ଦିଲ୍ଲୀରେ ଅବସ୍ଥାପିତ ଶିବା ୨୦ଟି ପୁସ୍ତକ ରଚନା କରିଛନ୍ତି। ପ୍ରକୃତି ସହ ତାଳ ଦେଇ ସ୍ଥାୟୀ କୃଷି ପ୍ରଣାଳୀ ବଜାୟ ରଖିବା ପାଇଁ ସେ ସଚେତନତା ସୃଷ୍ଟି କରିଆସୁଛନ୍ତି। ଅତ୍ୟାଧୁନିକ ବିହନ ବ୍ୟବହାର କରି ଉଚ୍ଚ ଅମଳକ୍ଷମ ଫସଲକୁ ସେ ପସନ୍ଦ କରୁଥିବା ବେଳେ ଜୈବିକ କୃଷିକୁ ପ୍ରୋତ୍ସାହିତ କରି ପ୍ରାକୃତିକ ପରିବେଶର ସୁରକ୍ଷା ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରୁଛନ୍ତି। କୃଷିକ୍ଷେତ୍ରରେ ମହିଳାମାନଙ୍କୁ ପୁରୁଷ ସମାନ ସକ୍ରିୟ ସଦସ୍ୟ ଭାବେ ବିଚାର କରିବା ପାଇଁ ସେ ରାଜନୈତିକ ସ୍ତରରେ ପ୍ରଭାବ ପକାଇ ଆସୁଛନ୍ତି।

# ଧରାପଡ଼ିଲା ପ୍ଲାଷ୍ଟିକ୍ ପ୍ରସ୍ତୁତକାରୀଙ୍କ ମିଛ



ସାମ୍ପ୍ରତି ପ୍ଲାଷ୍ଟିକ୍‌ର ବହୁଳ ବ୍ୟବହାର ପରିବେଶ ପାଇଁ ଚିନ୍ତାର କାରଣ ପାଲଟିଛି। ତେବେ ପୁନଃପ୍ରକ୍ରିୟାକରଣ ଦ୍ୱାରା ଏହି ସମସ୍ୟା କିଛି ମାତ୍ରାରେ ସମାଧାନ ହୋଇପାରିବ ବୋଲି ପରିବେଶବିତ୍‌ମାନେ ଆଶାବାଦୀ ଅଛନ୍ତି। ସମୟାନୁକ୍ରମେ ପ୍ଲାଷ୍ଟିକ୍‌ର ପ୍ରସ୍ତୁତି ଉପରେ କଟକଣା ଲଗାଇ ତାହାକୁ ନିରୁତ୍ସାହିତ କରିବାର ଉଦ୍ୟମ ମଧ୍ୟ ହୋଇଛି। ମାତ୍ର ପ୍ଲାଷ୍ଟିକ୍ ପରି ଏକ ଅପରିହାର୍ଯ୍ୟ ଦୈନିକ ସାମଗ୍ରୀକୁ ଦୂରେଇଦେବା ଏକ କଷ୍ଟସାଧ ବ୍ୟାପାର। ତେବେ ଅନେକ ପ୍ଲାଷ୍ଟିକ ପ୍ରସ୍ତୁତକାରୀ କମ୍ପାନି ପୁନଃପ୍ରକ୍ରିୟାକରଣ ନାଁରେ ସେମାନଙ୍କ ଉତ୍ପାଦନ ବୃଦ୍ଧି କରି ଚାଲିଛନ୍ତି। ଦଶନ୍ଧି ଦଶନ୍ଧି ସେମାନେ ଲୋକଙ୍କୁ ଭୁଆଁ ବୁଲାଇ ଚାଲିଥିବା ବେଳେ ସେମାନଙ୍କ ମିଛ ଏବେ ପଦାକୁ ଆସିଛି। ୧୯୫୦ ଦଶକରେ ପ୍ଲାଷ୍ଟିକ୍‌ର ଆବିର୍ଭାବ ପରେ ପ୍ରସ୍ତୁତକର୍ତ୍ତା କମ୍ପାନିମାନେ ଅଧିକ ଲାଭ ଆଶାରେ ଏକକ ବ୍ୟବହାରକ୍ଷମ ପ୍ଲାଷ୍ଟିକ୍ ବଜାରକୁ ଛାଡ଼ିଥିଲେ। ଏକ ପରିସଂଖ୍ୟାନ ଅନୁଯାୟୀ, ୧୯୫୦ରୁ ୧୯୯୦ ମଧ୍ୟରେ ବିଶ୍ୱବ୍ୟାପୀ ପ୍ଲାଷ୍ଟିକ୍ ଉତ୍ପାଦନ ୨ ନିୟୁତ ଟନ୍‌ରୁ ବୃଦ୍ଧି ପାଇ ୧୨୦ ନିୟୁତ ଟନ୍‌ରେ ପହଞ୍ଚିଲା। ୨୦୧୯ ବେଳକୁ ବାର୍ଷିକ ପ୍ଲାଷ୍ଟିକ୍ ଉତ୍ପାଦନ ୪୫୯ ନିୟୁତ ଟନ୍‌କୁ ବୃଦ୍ଧି ପାଇଥିଲା। ୧୯୮୦ ଓ ୧୯୯୦ ଦଶକ ବେଳକୁ ପ୍ଲାଷ୍ଟିକ୍ ପ୍ରଦୂଷଣର କରାଳ ରୂପ ଦେଖିବାକୁ ମିଳିଲା। ତେଣୁ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍ ଉପରେ ରୋକ ଲଗାଇବା ଲାଗି ବିଭିନ୍ନ ରାଷ୍ଟ୍ରରେ କଡ଼ା ନିୟମମାନ ପ୍ରଣୀତ ହେଲା। ବିଶେଷ କରି ପ୍ଲାଷ୍ଟିକ୍‌ର ପୁନଃପ୍ରକ୍ରିୟାକରଣ ଉପରେ ଗୁରୁତ୍ୱାରୋପ କରାଗଲା। ତଦନୁସାରେ ବିଭିନ୍ନ ପ୍ଲାଷ୍ଟିକ୍ ପ୍ରସ୍ତୁତକାରୀ କମ୍ପାନି ପୁନଃବ୍ୟବହାରକ୍ଷମ ପ୍ଲାଷ୍ଟିକ୍ ବଜାରକୁ ଛାଡୁଛନ୍ତି ବୋଲି ଡିଣ୍ଡିମ ପିଟିଲେ। ମାତ୍ର 'ସେଣ୍ଟର ଫର କ୍ଲାଇମେଟ୍ ଇଣ୍ଟିଗ୍ରିଟି' ଦ୍ୱାରା ସଂଗଠିତ ସଦ୍ୟ ଏକ ଅନୁଧ୍ୟାନ ଅନୁଯାୟୀ, ପ୍ଲାଷ୍ଟିକ୍ କମ୍ପାନିମାନେ ଆପଣେଇଥିବା ପ୍ଲାଷ୍ଟିକ୍ ବର୍ଜ୍ୟର ପୁନଃପ୍ରକ୍ରିୟାକରଣ ପଦ୍ଧତି ଆଦୌ ପରିବେଶ ଅନୁକୂଳ ନୁହେଁ। ଖାଲି ସେତିକି ନୁହେଁ, ବୈଷୟିକ ଓ ଆର୍ଥିକ ଦୃଷ୍ଟିକୋଣରୁ ମଧ୍ୟ ତାହା ସଫଳ ନୁହେଁ। ବାସ୍ତବରେ ବ୍ୟବହୃତ ପ୍ଲାଷ୍ଟିକ୍‌ର ମାତ୍ର ୯ ପ୍ରତିଶତ ହିଁ ପୁନଃପ୍ରକ୍ରିୟାକୃତ ହୋଇଥାଏ। ବଳକା ସିଂହଭାଗ ପ୍ଲାଷ୍ଟିକ୍‌କୁ ଜାଳିଦିଆଯାଇଥାଏ କିମ୍ବା ପୋତି ଦିଆଯାଇଥାଏ। ସୁତରାଂ ନାନା ବାଟରେ ପରିବେଶ ପ୍ରଦୂଷଣ ପୂର୍ବରୁ ଯେମିତି ଥିଲା, ପ୍ରାୟ ସେମିତି ରହିଲା। ଅପରପକ୍ଷେ, କାଗଜ ଓ କାର୍ଡବୋର୍ଡ ବର୍ଜ୍ୟଗୁଡ଼ିକର ସର୍ବାଧିକ ୬୮ ପ୍ରତିଶତ ପ୍ରକ୍ରିୟାକୃତ ହେଉଥିବା ବେଳେ କାଚ ଆଦିର ୩୧.୩ ପ୍ରତିଶତ ଭାଗକୁ ପୁନଃବ୍ୟବହାରକ୍ଷମ କରାଯାଇଥାଏ ବୋଲି ଜଣାଯାଇଛି।

ସୁତରାଂ ପରିବେଶର ସୁରକ୍ଷା ପାଇଁ ପ୍ଲାଷ୍ଟିକ୍‌ର ବିକଳ୍ପ ଭାବେ କାଗଜର ବହୁଳ ବ୍ୟବହାର ସହ ଅତ୍ୟାବଶ୍ୟକ ସ୍ଥଳେ କାଚକୁ ପ୍ରାଧାନ୍ୟ ଦେବାକୁ ବିଶେଷଜ୍ଞମାନେ କହୁଛନ୍ତି।

**ପରିବେଶର ସୁରକ୍ଷା ପାଇଁ ପ୍ଲାଷ୍ଟିକ୍‌ର ବିକଳ୍ପ ଭାବେ କାଗଜର ବହୁଳ ବ୍ୟବହାର ସହ ଅତ୍ୟାବଶ୍ୟକ ସ୍ଥଳେ କାଚକୁ ପ୍ରାଧାନ୍ୟ ଦେବାକୁ ବିଶେଷଜ୍ଞମାନେ କହୁଛନ୍ତି।**

# କୁମ୍ଭୀର ଶିକାରୀ ପକ୍ଷୀ!



ବୃହତ୍ତମ ପକ୍ଷୀର ମାନ୍ୟତା ଓଟପକ୍ଷୀକୁ ମିଳିଛି। ତେବେ ସମଗ୍ର ଆକାର ଦୃଷ୍ଟିରୁ ଆହୁରି ଅନେକ ପ୍ରଜାତିର ବଡ଼ ବଡ଼ ପକ୍ଷୀ ମଧ୍ୟ ରହିଛନ୍ତି। ଆଫ୍ରିକାରେ 'ସୋବିଲ୍' ନାମକ ଏକ ପ୍ରକାର ବିରାଟକାୟ ଶିକାରୀ ପକ୍ଷୀ ଅଛି, ଯାହା ୫ ଫୁଟ ଉଚ୍ଚତା ଯାଏ ବଢ଼ିପାରେ। ଏହି ପକ୍ଷୀ ଅତ୍ୟନ୍ତ ହିଂସ୍ର ଏବଂ ନିଜର ବିଶାଳକାୟ ଥଣ୍ଟ ପାଇଁ ପ୍ରସିଦ୍ଧ। ନିଜ ବିଶାଳ ଥଣ୍ଟରେ ସେ କୌଣସି ଶିକାରକୁ ଗୋଟାପଣେ ଗିଳିଦେଇପାରେ। ସାଧାରଣତଃ ପୂର୍ବ ଆଫ୍ରିକାର ସନ୍ତସନ୍ତିଆ ସ୍ଥାନମାନଙ୍କରେ ଦେଖିବାକୁ ମିଳୁଥିବା ସୋବିଲ୍‌ର ପ୍ରମୁଖ ଆହାର ହେଉଛି ବିଭିନ୍ନ ପ୍ରକାର ମାଛ ଓ ସରୀସୃପ। ପ୍ରାୟ ୭୧ ପ୍ରତିଶତ ମତ୍ସ୍ୟାହାର ଉପରେ ନିର୍ଭର କରୁଥିବା ଏହି ଭୟଙ୍କର ପକ୍ଷୀ ହାବୁଡ଼ରେ ପଡ଼ିଲେ ବଡ଼ ବଡ଼ ସାପ ଓ କୁମ୍ଭୀର ଛୁଆ ମଧ୍ୟ ଆହାର ପାଲଟିଯା'ନ୍ତି। ପ୍ରାଗୈତିହାସିକ ଯୁଗର ପ୍ରାଣୀ ଭଳି ଦିଶୁଥିବା ଏହି ପକ୍ଷୀ ଥଣ୍ଟର ଦୈର୍ଘ୍ୟ ହେଉଛି ଏକ ଫୁଟ। ଏହା ବିଶ୍ୱର ତୃତୀୟ ବୃହତ୍ତମ ଥଣ୍ଟ ଧାରଣ କରିଥିବା ପକ୍ଷୀ। ପ୍ରାୟ ଏକାକୀ ରହିବାକୁ ପସନ୍ଦ କରୁଥିବା ଏହି ପକ୍ଷୀ ଥରକେ ମାତ୍ର ତିନିଟି ଅଣ୍ଡା ଦେଇଥାଏ। ତେବେ ଛୁଆ ଫୁଟିଲା ପରେ ଶାବକମାନଙ୍କ ଭିତରେ ଲଢ଼େଇ ଯୋଗୁଁ କେବଳ ଗୋଟିଏ ସୋବିଲ୍ ଛୁଆ ହିଁ ବଡ଼ ହେବାର ସୁଯୋଗ ପାଇଥାଏ। ଅନ୍ୟ ପ୍ରଜାତିର ମା'ପକ୍ଷୀମାନେ ନିଜ ଛୁଆକୁ ଆହାର ଯୋଗାଣଠାରୁ ଆରମ୍ଭ କରି ସୁରକ୍ଷା ପ୍ରଦାନ ଯାଏ ଯାବତୀୟ ଯତ୍ନ କରୁଥିବା ବେଳେ ସୋବିଲ୍ ପକ୍ଷୀ ନିଜ ଛୁଆ ପ୍ରତି ଆଦୌ ଯତ୍ନଶୀଳ ନଥାଏ। ଫଳସ୍ୱରୂପ ସେମାନଙ୍କର ସଂଖ୍ୟା ଅତି ନଗଣ୍ୟ। ସମ୍ପ୍ରତି ସାରା ବିଶ୍ୱରେ ମାତ୍ର ୫ ହଜାରରୁ ୮ ହଜାର ସୋବିଲ୍ ରହିଥିବାରୁ ତାହାକୁ ଏକ ବିପନ୍ନ ପ୍ରାଣୀ ଭାବେ ଘୋଷଣା କରାଯାଇଛି।

**ପ୍ରାୟ ଏକାକୀ ରହିବାକୁ ପସନ୍ଦ କରୁଥିବା ଏହି ପକ୍ଷୀ ଥରକେ ମାତ୍ର ତିନିଟି ଅଣ୍ଡା ଦେଇଥାଏ। ଛୁଆ ଫୁଟିଲା ପରେ ଶାବକମାନଙ୍କ ଭିତରେ ଲଢ଼େଇ ଯୋଗୁଁ କେବଳ ଗୋଟିଏ ସୋବିଲ୍ ଛୁଆ ହିଁ ବଡ଼ ହେବାର ସୁଯୋଗ ପାଇଥାଏ।**



# ଭୂତଳ ଜଳ ଭରଣାର ଉପାୟ

**ଭୂତଳ ଜଳସ୍ତରର ସଂରକ୍ଷଣ ପାଇଁ ଆମକୁ କୃଷିକାର୍ଯ୍ୟ ଓ ପାନୀୟ ଜଳ ପାଇଁ ନୂତନ ଉତ୍ସ ଖୋଜିବାକୁ ହେବ। କୂପ ଖନନ ନ କରି ସ୍ଥାନୀୟ ନଦୀ କିମ୍ବା ଝରଣାର ଜଳକୁ ବ୍ୟବହାର କରିବାକୁ ହେବ। ଏଥି ସହିତ ଆବଶ୍ୟକ ନୀତିନିୟମ ପ୍ରଣୟନ କରି ଭୂତଳଜଳର ଚାହିଦାକୁ ହ୍ରାସ କରିବାକୁ ହେବ।**

ବିଶ୍ୱର ଅର୍ଦ୍ଧେକ ଲୋକ ପିଇବା ପାଇଁ ଭୂତଳ ଜଳ ଉପରେ ନିର୍ଭର କରନ୍ତି। କୃଷିକ୍ଷେତ୍ରରେ ଜଳସେଚନ ପାଇଁ ବ୍ୟବହୃତ ପ୍ରାୟ ଅଧା ଜଳ ଭୂତଳ ଉତ୍ସରୁ ମିଳିଥାଏ। ମରୁଡ଼ି ସମୟରେ ଏହା ନଦୀ, ହ୍ରଦ ଓ ଆର୍ଦ୍ରଭୂମିକୁ ବଞ୍ଚାଇ ରଖିଥାଏ। ଭୂତଳ ଜଳ ଏକ ନବୀକରଣଯୋଗ୍ୟ ସମ୍ବଳ। କିନ୍ତୁ ଭୂତଳ ଜଳର ପୁନରୁଦ୍ଧାର ପାଇଁ ଅନେକ ଦଶନ୍ଧି ବା ଶତାବ୍ଦୀ ଲାଗିଯାଇପାରେ। ନିକଟରେ ଦଳେ ଜଳ ବିଶେଷଜ୍ଞ ୪୦ଟି ଦେଶର ପ୍ରାୟ ୧,୭୦,୦୦୦ କୂଅର ଜଳସ୍ତରକୁ ଅନୁଧ୍ୟାନ କରି ତାହାର ପରିବର୍ତ୍ତନ ଶୈଳୀର ତର୍ଜମା କରିଛନ୍ତି।

ସେମାନଙ୍କ ନିର୍ଯ୍ୟାସ ଅନୁଯାୟୀ, ସମଗ୍ର ବିଶ୍ୱରେ ଭୂତଳ ଜଳସ୍ତରର ଦ୍ରୁତ ହ୍ରାସ ଘଟୁଥିବା ବେଳେ ତାହାର ଭରଣା ସମ୍ଭବ। ୨୦୦୦ ମସିହା ପରଠାରୁ ଆଫଗାନିସ୍ତାନ, ଚିଲି, ଚୀନ୍, ଦକ୍ଷିଣ ଭାରତ, ଇରାନ, ମେକ୍ସିକୋ, ମରକ୍କୋ, ଦକ୍ଷିଣ ଆଫ୍ରିକା, ସ୍ପେନ୍ ଓ ଦକ୍ଷିଣପଶ୍ଚିମ ଆମେରିକାର ମୁଖ୍ୟତଃ ଜଳସେଚିତ କୃଷିବହୁଳ ଅଞ୍ଚଳରେ ଭୂତଳଜଳ ସ୍ତର ୨୦ ଇଞ୍ଚ ଯାଏ କମିଯାଇଛି। ଏହାଦ୍ୱାରା ଲୋକଙ୍କୁ କୂଅ ଓ ଝରଣାରୁ ମିଳୁଥିବା ପାନୀୟ ଜଳର ପରିମାଣ କମି କମି ଆସିଛି। ଏପରି ସ୍ଥିତି ଜାରି ରହିଲେ, ପାନୀୟ ଜଳର ସଂକଟ ସମେତ କୃଷିକାର୍ଯ୍ୟରେ ବାଧା ଉପୁଜିବ। ତେଣୁ ଭୂତଳ ଜଳସ୍ତରର ସଂରକ୍ଷଣ ପାଇଁ ଆମକୁ କୃଷିକାର୍ଯ୍ୟ ଓ ପାନୀୟ ଜଳ ପାଇଁ ନୂତନ ଉତ୍ସ ଖୋଜିବାକୁ ହେବ। କୂପ ଖନନ ନ କରି ସ୍ଥାନୀୟ ନଦୀ କିମ୍ବା ଝରଣାର ଜଳକୁ ବ୍ୟବହାର କରିବାକୁ ହେବ। ଏଥି ସହିତ ଆବଶ୍ୟକ ନୀତିନିୟମ ପ୍ରଣୟନ କରି ଭୂତଳଜଳର ଚାହିଦାକୁ ହ୍ରାସ କରିବାକୁ ହେବ। ସେହିପରି ଯୋଜନା କରି ଭୂପୃଷ୍ଠରେ ଅପଚୟ ହୋଇଯାଉଥିବା ଜଳ ସାହାଯ୍ୟରେ ବିଭିନ୍ନ ଜଳଉତ୍ସଗୁଡ଼ିକୁ ଭରିବାକୁ ପଡ଼ିବ। ଅନ୍ୟଥା ଜଳସଂକଟର ତୀବ୍ର କରାଳ ରୂପକୁ ସହିବା ଆମ ପାଇଁ ଅସମ୍ଭବ ହୋଇପଡ଼ିବ ବୋଲି ସେମାନେ ସତର୍କ କରାଇ ଦେଇଛନ୍ତି।

# ଅସମ୍ଭାଳ ତାତି ସାଙ୍ଗକୁ ଅସହ୍ୟ ଗୁଳୁଗୁଳି



**ହିଞ୍ଜିଳିକାଟୁ,୨୨।୪ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ସହର ସମେତ ଏହାର ଆଖପାଖ ଅଞ୍ଚଳରେ ଦିନକୁ ଦିନ ବଢ଼ିବାରେ ଲାଗିଛି ଖରାର ତାତି। ପ୍ରତିଦିନ ପାରଦ ବଢ଼ିବାରେ ଲାଗିଛି। ମଧ୍ୟାହ୍ନ ସମୟରେ ବଜାର ଘାଟ ଶୂନଶାନ ହୋଇଯାଉଛି। ଫଳରେ ସାଧାରଣ ଜୀବନ ଯାତ୍ରା ବାଧାପ୍ରାପ୍ତ ହୋଇଛି। ଅସମ୍ଭାଳ ଖରା ପାଇଁ ସାଧାରଣ ଜୀବନ ଯାତ୍ରା ଅସ୍ତବ୍ୟସ୍ତ। ସକାଳ ୧୦ଟା ପରେ ଘରୁ ବାହାରିବା ମୁସ୍କିଲ ହୋଇଯାଉଛି। ଗୁଳୁଗୁଳି ଓ ଖରା ସତ୍ତ୍ୱେ ଅତ୍ୟାବଶ୍ୟକ କାମ ପାଇଁ ଲୋକେ ପଦାକୁ ଗୋଡ କାଢ଼ୁଛନ୍ତି। ପ୍ରବଳ ଖରା ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ଯନ୍ତ୍ରଣାକୁ ଦ୍ୱିଗୁଣିତ କରିଦେଇଛି। ଘରୁ ପଦାକୁ ବାହାରିବାକୁ ହେଲେ ଲୋକେ ଛତା ଓ ଗାମୁଛାର ସାହାଯ୍ୟ ନେଉଛନ୍ତି। ମଙ୍ଗଳବାର ଦିନ ସହରରେ ୪୦ ଡିଗ୍ରି ଉପରେ ରହିଛି ପାରଦ। ସେଥିପାଇଁ ଲୋକେ ନାହିଁ ନଥିବା ଅସୁବିଧା ଭୋଗ କରୁଛନ୍ତି। ଅସହ୍ୟ ଗରମରୁ ରକ୍ଷା ପାଇବା ପାଇଁ ଲୋକେ ପଇଡ ଦୋକାନ ଓ ଆଖୁରସ ଦୋକାନରେ ଭିଡ ଜମାଉଛନ୍ତି।

# ଆଶ୍ରମ ବିଦ୍ୟାଳୟରେ ପୃଥିବୀ ଦିବସ ପାଳିତ

**ବୈଶିଙ୍ଗା ,୨୨।୪ (ସଂଚାର ବ୍ୟୁରୋ):** ରାଇକମା ଆଶ୍ରମ ସ୍କୁଲରେ ପୃଥିବୀ ଦିବସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରତି ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ହସ୍ତାକ୍ଷର ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା କ୍ଷ ଏହି ଅବସରରେ ପିଲାମାନଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରକାର ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପୃଥିବୀ ଦିବସ ସମ୍ବନ୍ଧରେ ପ୍ରଧାନ ଶିକ୍ଷକ ବିସ୍ତୃତ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ପ୍ରଧାନ ଶିକ୍ଷକ ରଜତ କୁମାର ଦାଶ ପରିଚାଳନା କରିଥିବାବେଳେ ସମସ୍ତ ଶିକ୍ଷୟିତ୍ରୀ - ସୁବାସିନୀ ପରିଡା , ସରସ୍ୱତୀ ଜେନା, ଦୀପାଞ୍ଜଳି ଦାସ, ପ୍ରତିମା ପରିଡା, ସୁକାନ୍ତି ବିଶ୍ୱାଳ, ମାଳତୀ ମାଝୀ, ମଞ୍ଜୁ ମାରାଣ୍ଡି ପ୍ରମୁଖ ସହଯୋଗ କରିଥିଲେ ।

## ପାଣି ପାଇଁ ଡହଳବିକଳ ଏକାଧିକ ଦୁର୍ଗମ ଗ୍ରାମବାସୀ

# ଫେଲ ମାରିଛି ବିଶୁଦ୍ଧ ଜଳଯୋଗାଣ ବ୍ୟବସ୍ଥା



**କଳାହାଣ୍ଡି,୨୨।୪(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲାରେ ଏବେ ତାପମାତ୍ରା ଉପର ମୁହାଁ । ଏଭଳି ସ୍ଥିତିରେ ଲୋକେ ଜଳଯନ୍ତ୍ରଣା ଭୋଗୁଛନ୍ତି ଲୋକଙ୍କୁ ଜଳକଷ୍ଟରୁ ମୁକ୍ତି ଦେବାକୁ ସରକାରଙ୍କ ଅନେକ ଯୋଜନା ଥାଇବି ନଥିଲା ଭଳି । କେଉଁଠି ବସୁଧା ଯୋଜନାରେ ବସିଥିବା ପାଣିଟାଙ୍କି ମାସମାସ ଧରି ଅଚଳ ପଡ଼ିଛି ତ ଆଉ କେଉଁଠି ପାଣି ପାଇଁ ଚୁଆ ଉପରେ ଲୋକଙ୍କ ଭରସା । ପାଣି ଟିକିଏ ପାଇଁ ଲୋକେ ଡହଳବିକଳ ହେଉଛନ୍ତି । ହେଲେ ଏଥିପ୍ରତି ନା ବିଭାଗ କି ପ୍ରଶାସନ, କାହାରି ନଜର ପଡୁନାହିଁ। କଳାହାଣ୍ଡି ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଲାଞ୍ଜିଗଡ ଓ ଥୁଆମୂଳ ରାମପୁର ବ୍ଲକର ଏକାଧିକ ଦୁର୍ଗମ ଗ୍ରାମବାସୀ ଦୂଷିତ ପାଣିକୁ ବ୍ୟବହାର କରୁଛନ୍ତି। ଡ୍ୟାମରୁ ବିଶୁଦ୍ଧ ପାଣି ଯୋଗାଣ କରିବାକୁ ବାରମ୍ବାର ଦାବିକରୁଥିଲେ ହେଁ ପ୍ରଶାସନ ଆଦୌ କର୍ଣ୍ଣପାତ କରୁନଥିବା ଗାଁର ରଶ୍ମିତା ମାଝି, ଗଦନ ମାଝି ଓ ଅନ୍ୟମାନେ ଅଭିଯୋଗ କରିଛନ୍ତି । ଗୁରୁତ୍ୱପୂର୍ଣ୍ଣ କଥା ହେଲା ବର୍ତ୍ତମାନ ଯେଉଁଠି ରେତଡ୍ୟାମ ହୋଇଛି ସେହି ସ୍ଥାନରେ ଏହି ୨୦ ଆଦିବାସୀ ପରିବାର ରହୁଥିଲେ । ଲେହେଡ଼ା ଗ୍ରାମବାସୀ ଉପର ଚାବରି ଗାଁରେ ଲୋକେ ପାଣିଲାଗି ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି। ଘରେଘରେ ବିଶୁଦ୍ଧ ପିଇବା ପାଣି ଯୋଗାଇବାକୁ ସରକାର ଅନେକ ଜଳଯୋଗାଣ ପ୍ରକଳ୍ପ କରିଛନ୍ତି। ହେଲେ ପାଣିର ନାଁ ଗନ୍ଧନାହିଁ। ଲାଞ୍ଜିଗଡ଼ ବ୍ଲକ ଗୁଣ୍ଡୁରି ପଞ୍ଚାୟତ ଲେହେଡା ଗାଁ ନିକଟରେ ରେତଡ୍ୟାମ ରହିଛି। ଗାଁରେ ୨୦ ପରିବାର ରହୁଥିବାବେଳେ ଗୋଟିଏ ମାତ୍ର ନଳକୂପ ରହିଛି, ତାହାବି ଅଚଳ। ଜିଲ୍ଲା ପ୍ରଶାସନ ପକ୍ଷରୁ ଗାଁକୁ ରାସ୍ତା ସଂଯୋଗ ସହ ସରକାରଙ୍କ ବିଭିନ୍ନ ଯୋଜନା ମାଧ୍ୟମରେ ଗ୍ରାମବାସୀଙ୍କୁ ସମସ୍ତ ମୌଳିକ ସୁବିଧା ଯୋଗାଇବାକୁ ପ୍ରତିଶ୍ରୁତି ଦିଆଯାଇଥିଲା । ସମୟ କ୍ରମେ ଲେହେଡା ଗ୍ରାମବାସୀଙ୍କୁ ଅବହେଳା ହୋଇଥିବା ବେଳେ ଡ୍ୟାମ ନିକଟରେ ରହୁଥିବା ସତ୍ତ୍ୱେ ବିଶୁଦ୍ଧ ପାଣି ଯୋଗାଇବାରେ ପ୍ରଶାସନ ବିଫଳ ହୋଇଛି । ସେହିପରି ଜିଲ୍ଲାର ଆଦିବାସୀ ଅଧିଷିତ ଥୁଆମୂଳ ରାମପୁର ବ୍ଲକ ମହୁଲପାଟଣା ପଞ୍ଚାୟତ ଉପରଚାବରି ଗାଁରେ ଗ୍ରାମବାସୀ ଜଳଯନ୍ତ୍ରଣା ଭୋଗୁ ଛନ୍ତି । ଏଠାରେ ବସବାସ କରୁଥିବା ୬୮ ପରିବାରଙ୍କ ପାଇଁ ମାତ୍ର ଦୁଇଟି ନଳକୂପ ରହିଛି । ସେଥିରୁ ଗୋଟିଏ ଖରାପ ଥିବାବେଳେ ଅନ୍ୟଟିରୁ କମ ପାଣି ବାହାରୁଛି । ସେହିଭଳି ଆଦିବାସୀ ସାହିରେ ୩୦ ପରିବାର ଥିବାବେଳେ ମାତ୍ର ଗୋଟିଏ ନଳକୂପ ଅଛି ସେଥିରୁ ମଇଳା ପାଣି ବାହାରୁଛି । ଏସ୍ଥୋଯୋଗୁ ପାଣି ପାଇଁ ମହିଳାମାନଙ୍କ ମଧରେ ପ୍ରତିଯୋଗିତା ହାଇଥାଏ। ପାଣି ଅଭାବ ଯୋଗୁଁ ଲୋକେ ବାଧହୋଇ ଦୂଷିତ ପାଣି ପିଉଛନ୍ତି। ଅପରପକ୍ଷେ ବସୁଧା ଯୋଜନାରେ ଗ୍ରାମବାସୀଙ୍କୁ ପାଣି ଯୋଗାଇ ଦେବା ପାଇଁ ପାଣିଟାଙ୍କି ନିର୍ମାଣ କରାଯାଇଥିଲା । ଲୋକଙ୍କ ଘରକୁ ପାଣି ସଂଯୋଗ କରାଗଲା । ବସୁଧା ନିର୍ମାଣ ହୋଇକି ଦୁଇବର୍ଷ ବିତିଲାଣି ହେଲେ ଗ୍ରାମବାସୀଙ୍କୁ ପାଣି ଟୋପେ ମିଳୁନି। ଘରକୁ ଘର ସଂଯୋଗ ହୋଇଥିବା ଷ୍ଟାଣ୍ଡପୋଷ୍ଟ ଭାଙ୍ଗି ଗଲାଣି । ସେହିଭଳି ଗାଆଁ ସ୍କୁଲରେ ମଧ ସମାନ ଅବସ୍ଥା। ନଳକୂପ ଖରାପ ଥିବା ଯୋଗୁଁ ଛାତ୍ରଛାତ୍ରୀ ପୋଖରୀ ପାଣି ପିଉଥିବା ଅଭିଯୋଗ ହୋଇଛି।

# ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



**କନ୍ଧମାଳ,୨୨।୪(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲାର ଖଜୁରୀପଡା ବ୍ଲକ ପରିସର ସଭାଗୃହ ଠାରେ ସୋମବାର ଦିନ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଅମ୍ରିତ ରୁତୁରାଜ ପ୍ରତ୍ୟେକ ବ୍ଲକ ଯାଇ ଅଞ୍ଚଳର ସମସ୍ୟା ଗୁଡ଼ିକର ଅଭିଯୋଗ ଗ୍ରହଣ କରି ସମାଧାନ କରିବାକୁ ଚେଷ୍ଟା କରୁଥିବାବେଳେ ଆଜି ଖଜୁରୀପଡା ଅଞ୍ଚଳର ଜନସାଧାରଣ ମାନଙ୍କ ସମସ୍ୟା ବୁଝିଛନ୍ତି । ଏହି ଶିବିରରେ ସମୁଦାୟ ୨୨ ଟି ଅଭିଯୋଗ ପଞ୍ଜୀକୃତ ହୋଇ ଥିବା ବେଳେ ସେଥିମଧ୍ୟରୁ ବ୍ୟକ୍ତି ଗତ ଅଭିଯୋଗ ୧୮ ଗୋଟି ଓ ସାମୁହିକ ଅଭିଯୋଗ ୪ ଟି ରହିଥିଲା । ଏହି ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିରରେ ଜିଲ୍ଲାପାଳଙ୍କ ସମେତ ଜିଲ୍ଲା ଉନ୍ନୟନ ଅଧିକାରୀ ଶମ୍ଭୁନାଥ ନନ୍ଦୀ, ଉପଜିଲ୍ଲାପାଳ ଭିକାରୀ ସାହୁ, ବିଡ଼ିଓ ଶୁଭ ଦତ୍ତାତ୍ରେୟ ବାହୀନିପତି, ତହସିଲଦାର ଶୁଭଶ୍ରୀ ରଥ, ଥାନା ଅଧିକାରୀ ଚାପଧାରୀ ପ୍ରଧାନ ଉପସ୍ଥିତ ଥିବା ବେଳେ ବ୍ଲକର ସମସ୍ତ ବିଭାଗ ଅଧିକାରୀ ଏବଂ କର୍ମଚାରୀ ସହଯୋଗ କରିଥିଲେ ।

# ଯୁବକଙ୍କ ରକ୍ତାକ୍ତ ମୃତ ଦେହ ଠାବ, ହତ୍ୟା ସନ୍ଦେହ

**ରାମଚନ୍ଦ୍ରପୁର,୨୨।୪(ସଂଚାର ବ୍ୟୁର):** କେନାଲ ନିକଟରେ ଠାବ ହେଲା ଯୁବକଙ୍କ ରକ୍ତାକ୍ତ ମୃତ ଦେହ। ହତ୍ୟା କରାଯାଇଥିବା ସନ୍ଦେହରେ ପୋଲିସର ଛାନଭିନ। ଘଟଣାଟି ଘଟିଛି ପାଟପୁର ଥାନା ରାମଚନ୍ଦ୍ରପୁର କାଳିଆଘାଇ କେନାଲ ରାସ୍ତାରେ। ସୂଚନା ଅନୁଯାୟୀ, ପାଟପୁର ଥାନା ସାମନ୍ତରାପୁର ଗାଁର ହୀନ ପାତ୍ର ଗତକାଲି ଠାରୁ ବ୍ରହ୍ମପୁର ଯାଇ ଆଉ ଘରକୁ ଫେରି ନଥିଲେ। ଆଜି ସକାଳୁ ସକାଳୁ ତାଙ୍କ ମୃତ ଦେହ କେନାଲ ନିକଟରେ ପଡ଼ିଥିବା ଦେଖି ସ୍ଥାନୀୟ ଲୋକ ପରିବାରକୁ ଖବର ଦେଇଥିଲେ। ଖବର ପାଇ ତାଙ୍କ ପରିବାର ଲୋକ ଏବଂ ପୋଲିସ ସେଠାରେ ପହଞ୍ଚିଥିଲେ।

# ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ପକ୍ଷରୁ ଦୁଇଦିନିଆ ତାଲିମ କର୍ମଶାଳା

**ସୁବର୍ଣ୍ଣପୁର,୨୨।୪(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲା ର ସମସ୍ତ ବ୍ଲକ୍ ର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଓ ପ୍ରକଳ୍ପ ପରିଦର୍ଶକ ମାନଙ୍କୁ ନେଇ ଅଦ୍ୱିକା ଯୋଜନା ସମ୍ବନ୍ଧ ରେ ଦୁଇ ଦିନିଆ ତାଲିମ କର୍ମଶାଳା ଉଦଘାଟନ ହୋଇଯାଇଛି। ସୋନପୁର ବ୍ଲକ ମିଶନ ଶକ୍ତି ଭବନ ଠାରେ ଅନୁଷ୍ଠିତ ଏହି ତାଲିମ କର୍ମଶାଳା କୁ ସୁବର୍ଣ୍ଣପୁର ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳୀନା ପଧାନ ଶୁଭ ଉଦ୍‌ଘାଟନ କରିଥିଲେ ଓ କିଶୋରୀ ମାନଙ୍କ ସଶକ୍ତି କରଣ ଓ ସାମଗ୍ରିକ ବିକାଶ ଏହି ଯୋଜନା ର ମୂଳ ଲକ୍ଷ୍ୟ ବୋଲି ମତ ରଖି ଥିଲେ । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଅନୁପମା ପଣ୍ଡା ରକ୍ତ ହୀନତା , ବାଲ୍ୟ ବିବାହ କୁ ଦୂର କରିବା ଓ ଆର୍ଥିକ ସାକ୍ଷରତା ଦିଗରେ କିଶୋରୀ ଙ୍କୁ ସଚେତନ କରିବା ସହିତ ଏହି ଯୋଜନା ଓ କର୍ମଶାଳା କୁ ସଫଳ କରିବାକୁ ସମସ୍ତ ପ୍ରଶିକ୍ଷକ , ସି ଡି ପି ଓ ଏବଂ ସୂପଭାଇଜର ମାନଙ୍କ ଗୁରୁ ଦାୟିତ୍ୱ ରହିଛି ବୋଲି ପରାମର୍ଶ କରିଥିଲେ । ଏହି ତାଲିମ ଶିବିର ସଭା କାର୍ଯ୍ଯ କ୍ରମ କୁ ଜିଲ୍ଲା ସୁରକ୍ଷା ଅଧିକାରୀ ବାସନ୍ତୀ ଭୋଇ ସଂଯୋଜନା କରି ଧନ୍ୟବାଦ୍ ଅର୍ପଣ କରିଥିଲେ । ଜିଲ୍ଲା ର ର ସମସ୍ତ ବ୍ଲକ ର ସି ଡି ପି ଓ ଏବଂ ସୁପର ଭାଇଜର ମାନେ ଏହି କାର୍ଯ୍ୟକ୍ରମ ରେ ଯୋଗ ଦେଇଥିଲେ ।



# ତ୍ରିଦିବସୀୟ ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା ଉଦଘାଟିତ




**ଭେଡେନ,୨୨।୪(ସଂଚାର ବ୍ୟୁରୋ):** ବରଗଡ଼ ଜିଲ୍ଲା ଭେଡେନ ସଂକୁଳ ସ୍ତରୀୟ ତ୍ରିଦିବସୀୟ ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଭେଡେନ ଠାରେ ଉଦଘାଟିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ସୁଶାନ୍ତ ଦାଶ (ଭାରପ୍ରାପ୍ତ ଥାନା ଅଧିକାରୀ ଭେଡେନ ଥାନା) ଯୋଗ ଦେଇଥିଲେ। ପଶ୍ଚିମ ସଂଭାଗ କୋଷାଧ୍ୟକ୍ଷ ଶ୍ରୀଯୁକ୍ତ ଶିବପ୍ରସାଦ ବାଗ ଦୀପ ପ୍ରଜ୍ୱଳନ ପୂର୍ବକ ସମସ୍ତଙ୍କ ଶୁଭ କାମନା କରି 'ଶତାବ୍ଦୀର ପଞ୍ଚ ପରିବର୍ତ୍ତନର କ୍ରିୟାନ୍ୱୟନରେ ଆମର ଭୂମିକା' ବିଷୟରେ ବକ୍ତବ୍ୟ ରଖିଥିଲେ। ପଶ୍ଚିମ ସଂଭାଗ ସଂଯୋଜକ ଶ୍ରୀଯୁକ୍ତ ଜ୍ୟୋତିରଞ୍ଜନ ମିଶ୍ର 'ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା'କୁ ନିଜ ନିଜ ବିଦ୍ୟାଳୟରେ କ୍ରିୟାନ୍ୱୟନ କରିବା ପାଇଁ ଗୁରୁମା ଗୁରୁଜୀ ମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ।ବିଦ୍ୟାଳୟର ସଂପାଦକ ସୌମ୍ୟରଞ୍ଜନ ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଂକୁଳ ପ୍ରମୁଖ ଅଶ୍ୱିନୀ କୁମାର ଦାଶ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଅଶ୍ୱିନୀ କୁମାର ବାରିକ ଅତିଥି ଅଧିକାରୀଙ୍କର ପରିଚୟ ପ୍ରଦାନ କରିଥିଲେ। ସଂଭାଗ କାର୍ଯ୍ୟାଳୟ ପ୍ରମୁଖ ବିକ୍ରାନ୍ତ ବେହେରା ମଞ୍ଚାସୀନ ଥିଲେ। ଶିଶୁ ଭଉଣୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ପ୍ରଧାନ ଆଚାର୍ଯ୍ୟ ଭୋଜରାଜ ଦୁଆନ, ଶିବାନନ୍ଦ ଦାଶ, ନରେନ୍ଦ୍ର ରଣା, ମକୁନ୍ଦ ମହାରଣା, ସୁବ୍ରତ କୁମାର ଶତପଥୀ ସହଯୋଗ କରିଥିଲେ।ସଂକୁଳ ଅନ୍ତର୍ଗତ ୯ଟି ବିଦ୍ୟାଳୟରୁ ୧୧୫ଜଣ ଗୁରୁଜୀ ଗୁରୁମା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ପରିଶେଷରେ ଶଙ୍କର୍ଷଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସମସ୍ତ ଗୁରୁମା ଗୁରୁଜୀ ସାହାଯ୍ୟ ଓ ସହଯୋଗ କରିଥିଲେ।

# ଓଡ଼ିଆ ନବବର୍ଷ ଓ ଉତ୍କଳ ଦିବସ ପାଳିତ



**ଭୁବନେଶ୍ୱର,୨୨।୪(ସଂଚାର ବ୍ୟୁର):** ଓଡ଼ିଆ ସେବା ସମିତି ବେଙ୍ଗାଲୁରୁ ତରଫରୁ ବାଙ୍ଗାଲୋର କେ.ଆର. ପୁରମର ସିଲିକନ ସିଟି କଲେଜ ପରିସରରେ ପାଳିତ ହୋଇ ଯାଇଛି ଓଡ଼ିଆ ନବବର୍ଷ ଓ ଉତ୍କଳ ଦିବସ। ସହସ୍ରାଧିକ ଓଡ଼ିଆ ଏହି ଉତ୍ସବରେ ଯୋଗ ଦେଇ ସାଂସ୍କୃତିକ କାର୍ଯ୍ୟକ୍ରମର ଭରପୁର ମଜ୍ଜା ଉଠେଇଥିଲେ। ଓଡ଼ିଆ ଖାଦ୍ୟ ସାଙ୍ଗକୁ ଓଡିଶୀ ନୃତ୍ୟ ସାଙ୍ଗକୁ ଭାରତନାଟ୍ୟମ, କଥକ, ସମ୍ବଲପୁରୀ ନାଚ ସମସ୍ତଙ୍କୁ ମତୁଆଲା କରିଥିଲା। ଏହା ସହିତ ଓଡ଼ିଆ କଣ୍ଠଶିଳ୍ପୀ ଶଶାଙ୍କ ଶେଖର, ଅମୃତା ପାଣି ଏବଂ ଅବିନାଶଙ୍କ ଗୀତରେ ସମସ୍ତେ ନାଚି ଉଠିଥିଲେ। ଲୋପାମୁଦ୍ରା ପରିଡାଙ୍କ ପୁସ୍ତକ ସଗାରସ୍ରୋତା ଉନ୍ମୋଚନ କରାଯାଇଥିଲା। ଏହି ଉତ୍ସବରେ ସିଲିକନ ସିଟି କଲେଜର ଅଧ୍ୟକ୍ଷ ଏଚ ଏମ ଚନ୍ଦ୍ରଶେଖର, କର୍ଣ୍ଣାଟକ ବିଜେପି ସଂଖ୍ୟାଲଘୁ ମୋର୍ଚ୍ଚା ଆବାହକ ଇନ୍ଦ୍ରକୁମାର, କର୍ଣ୍ଣାଟକ ବିବିଧ ଭାଷା ପ୍ରକୋଷ୍ଠର ସହ ସଂଯୋଜକ ସନ୍ନି ରାଜ, ବିପ୍ରୋ ଗ୍ଲୋବାଲ ହେଡ଼ ସୂର୍ଯ୍ୟ ନାରାୟଣ ମହାପାତ୍ର ସମେତ ଓଡ଼ିଶାର ଅନେକ ବିଶିଷ୍ଟ ବ୍ୟକ୍ତି ମାନେ ଯୋଗ ଦେଇଥିଲେ। ଏ ବର୍ଷ ପରି ପ୍ରତି ବର୍ଷ ମଧ୍ୟ ଏମିତି କାର୍ଯ୍ୟକ୍ରମ ଜାରି ରହିବ ବୋଲି କମିଟିର ସମସ୍ତ କର୍ମକର୍ତା ମାନେ ମତବ୍ୟକ୍ତ କରିଛ।

# ମଧ୍ୟାହ୍ନ ଭୋଜନର ମାନ ଯାଞ୍ଚକଲେ ସରପଞ୍ଚ



**ଦଶରଥପୁର୨୨।୪ (ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ହାଇସ୍କୁଲରେ ଅଧ୍ୟୟନ ରତ ନବମ ଓ ଦଶମ ଶ୍ରେଣୀର ଛାତ୍ର ଛାତ୍ରୀ ମାନଙ୍କୁ ମଧ୍ୟାହ୍ନ ଭୋଜନ ଯୋଜନାରେ ସାମିଲ କରାଯାଇ ଥିବା ବେଳେ ଏହି ପରିପ୍ରେକ୍ଷୀରେ ଦଶରଥପୁର ବ୍ଲକ କୟାଁ ପଞ୍ଚାୟତସ୍ତ ଦୁବକଣ ଜୟଚଣ୍ଡୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଛାତ୍ର ଛାତ୍ରୀ ମାନଙ୍କ ପାଇଁ ଆଜି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର କାଣ୍ଡିଙ୍କ ନିର୍ଦ୍ଦେଶ କ୍ରମେ ମଧ୍ୟାହ୍ନ ଭୋଜନ ରୋଷେଇ କାର୍ଯ୍ୟ ଆରମ୍ଭ ହୋଇଥିଲା। ରୋଷେଇର ପ୍ରଥମ ଦିନରେ କୟାଁ ପଞ୍ଚାୟତର ସରପଞ୍ଚ ମନ୍ଦାକିନୀ ମଲ୍ଲିକ, ଶିକ୍ଷା କମିଟି ସଭ୍ୟ ଦେବଦତ୍ତ ନାୟକ, ଅନିରୁଦ୍ଧ ମଲ୍ଲିକ, ଚିନ୍ମୟ ବାରିକ, ସଭ୍ୟା ଖଗେଶ୍ୱରୀ ମଲ୍ଲିକ ପ୍ରମୁଖ ବିଦ୍ୟାଳୟରେ ପହଞ୍ଚି ଛାତ୍ର ଛାତ୍ରୀ ମାନଙ୍କ ପାଇଁ ରୋଷେଇ ହୋଇଥିବା ମଧ୍ୟାହ୍ନ ଭୋଜନର ମାନ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ରନ୍ଧା ଯାଇଥିବା ଖାଦ୍ୟ ଉତ୍ତମ ମାନର ହୋଇଥିବା ଦେଖିବାକୁ ପାଇଥିଲେ।ଏହି କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରଜାପତି ରାଉତ, ରାଜେଶ୍ୱର ରାଉତ, ଧରମଜୀତ ମଲ୍ଲିକ, ଶିକ୍ଷୟତ୍ରୀ ମାଳବିକା ସ୍ୱାଇଁ, ଝୁନୁପ୍ରିୟା ସାମଲ, ଚିତ୍ରା ଘୋଷ, ପ୍ରତିଭା ପଣ୍ଡା ଓ କର୍ମଚାରୀ ଅଶୋକ କୁମାର ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ବିଦ୍ୟୁତ ଆଘାତରେ ମା'-ପୁଅ ମୃତ

**କଳାହାଣ୍ଡି,୨୨।୪(ସଂଚାର ବ୍ୟୁରୋ):** ବିଦ୍ୟୁତ ଆଘାତରେ ଚାଲିଗଲା ମା'-ପୁଅଙ୍କ ଜୀବନ। କଳାହାଣ୍ଡି ଜିଲ୍ଲା ମଦନପୁର ଥାନା ତୁର୍ସି ଗାଁରେ ଏପରି ଅଘଟଣ ଘଟିଛି। ଘର ଅଗଣାରେ ବିଦ୍ୟୁତ ସଂସ୍ପର୍ଶରେ ଆସି ଉଭୟଙ୍କର ମୃତ୍ୟୁ ହୋଇଛି। ପ୍ରଥମେ ମା'ଙ୍କୁ କରେଣ୍ଟ ଲାଗିଥିଲା। ମା'ଙ୍କୁ ବଞ୍ଚାଇବାକୁ ଯାଇ ପୁଅର ମୃତ୍ୟୁବରଣ କରିଛନ୍ତି। ମିଳିଥିବା ସୂଚନାନୁସାରେ, କଳାହାଣ୍ଡି ଜିଲ୍ଲା ମଦନପୁର ରାମପୁର ଥାନା ଅନ୍ତର୍ଗତ ତୁର୍ଚିଠାରେ ଆଜି ସକାଳେ ଏହି ଅଭାବନୀୟ ଘଟଣା ଘଟିଛି। ମଗସିର ସୁନାଙ୍କ ପତ୍ନୀ ସୁନାଫୁଲ ସୁନା ଓଦା କପଡ଼ା ଶୁଖାଇବାକୁ ଯାଇଥିବା ସମୟରେ ଅସାବଧାନତାବଶତଃ ବିଦ୍ୟୁତ ସଂଯୋଗରେ ଆସିଯାଇଥିଲେ। ମା'ଙ୍କ ଏଭଳି ଅବସ୍ଥା ଦେଖି ଜୀବନ ବଞ୍ଚାଇବା ସକାଶେ ପୁଅ ରବି ସୁନା ଚେଷ୍ଟା କରିବା ମାତ୍ରେ ସେ ବି ବିଦ୍ୟୁତ ଆଘାତର ଶିକାର ହେଇଥିଲେ। ଫଳରେ ଘଟଣାସ୍ଥଳରେ ହିଁ ଉଭୟଙ୍କ ମୃତ୍ୟୁ ଘଟିଛି। ଏହି ଘଟଣା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ବ୍ୟାସନଗର ବିଜେପି ପକ୍ଷରୁ ଖୋଲିଲା ଜଳଛତ୍ର

**ଯାଜପୁର ରୋଡ଼, ୨୨।୪(ସଂଚାର ବ୍ୟୁରୋ):** ପ୍ରବଳ ଖରା ଓ ଝାଞ୍ଜି ଫଳରେ ଏବେ ସାଧାରଣ ଜିବନଯାତ୍ରା ଅଚଳ ହୋଇପଡୁଛି। ଏହାକୁ ଦୃଷ୍ଟିରେ ରଖି ଜନସାଧାରଣଙ୍କ ଲାଗି ଆଜି ବ୍ୟାସନଗର ବିଜେପି ପକ୍ଷରୁ ଚୋରଦା ବାଇପାସ୍ ଗୋଲେଇ ଛକ ଠାରେ ଜଳଛତ୍ର କେନ୍ଦ୍ର ଖୋଲାଯାଇଛି। ଏହି ଶୁଭ କାର୍ଯ୍ୟରେ ମୁଖ୍ୟ ଅତିଥି ଭାବେ କୋରେଇ ବିଧାୟକ ଆକାଶ ଦାସ ନାୟକ ଯୋଗଦେଇ ଏହି ଜଳଛତ୍ରର ସୁସ୍ୱାଦୁ ଜନିତ ପାନୀୟ ଜଳକୁ ଜନସାଧାରଣ ମାନଙ୍କୁ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ୟାସନଗର ବିଜେପି ନେତା ଅଚ୍ୟୁତାନନ୍ଦ ଦାସ, କୁନିଆ ରାଉତ, ନିରଞ୍ଜନ ଘଡାଇ, ପ୍ରଶାନ୍ତ ବୋଇତାଇ, ଜିତେନ୍ଦ୍ର ବେହୁରା ପ୍ରମୁଖଙ୍କ ସମେତ ବହୁସଂଖ୍ୟାକ ବିଜେପି କାର୍ଯ୍ୟକର୍ତା ମାନେ ଉପସ୍ଥିତ ରହିଥିଲେ।

# ବିବେକାନନ୍ଦ ଡ୍ରାମାଟିକ କ୍ଲବ୍‌ର ସପ୍ତମ ବାର୍ଷିକ ଉତ୍ସବ

- 'କେତେ ଦୁଃଖ ଦବୁ କହ ଦଇବ' ମଞ୍ଚସ୍ଥ



**ବାଲିପାଟଣା,୨୨।୪(ସଂଚାର ବ୍ୟୁରୋ):** ବାଲିପାଟଣା ବ୍ଲକ ଅନ୍ତର୍ଗତ ତୁରିନ୍ତିରା ସ୍ଥିତ ବିବେକାନନ୍ଦ ଡ୍ରାମାଟିକ କ୍ଲବ ର ସପ୍ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଅତିଥି ରୂପେ ଯୋଗଦାନ କରି କ୍ଲବ ର ଉତ୍ତୋରତ୍ତର ଉନ୍ନତି କାମନା କରିବା ସହିତ ସଦସ୍ୟ ମାନଙ୍କୁ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଉତ୍ସାହିତ କରିଥିଲେ। ଏହି ଅବସରରେ କ୍ଲବ ର ସଦସ୍ୟ ମାନଙ୍କ ଦ୍ୱାରା ହସ କାନ୍ଦ ଭରା ସାମାଜିକ ନାଟକ 'କେତେ ଦୁଖ ଦବୁ କହ ଦଇବ' ମଞ୍ଚସ୍ଥ ହୋଇଥିଲା। ମାଷ୍ଟର ପ୍ରଭାକର ତ୍ରିପାଠୀ ଙ୍କ ନିର୍ଦ୍ଦେଶନାରେ ପରିଚାଳିତ ଏହି ସାମାଜିକ ନାଟକ ରେ ଅଭିନୟ କରିଥିବା କଳାକାର ମାନଙ୍କ ନିଖୁଣ ଅଭିନୟ ଦର୍ଶକ ମାନଙ୍କ ମନ ମୋହିଥିଲା। ଅଭିନୟରେ ଚିତ୍ରସେନ ସାହୁ, କୈଳାସ ମହାନ୍ତି, ଦୀନବନ୍ଧୁ ଦାସ, ଜ୍ଞାନ ରଞ୍ଜନ ଦାସ, ଗଦାଧର ମୁଦୁଲି, ଅଭିମନ୍ୟୁ ସେଠି, ବସନ୍ତ ବାରିକ୍, ସୌମ୍ୟରଞ୍ଜନ ବେହେରା, ସଞ୍ଜୟ କୁମାର ବେହେରା, ଗୋକୁଳାନନ୍ଦ ସାବୁତ୍, ପ୍ରଶାନ୍ତ ସାହୁ, ରାକେଶ ତ୍ରିପାଠୀ, ବୁଲୁ ବେହେରା, ଅରୁଣ ଶତପଥୀ, ପ୍ରକାଶ ଚନ୍ଦ୍ର ବେହେରା, ଗଣେଶ ପ୍ରସାଦ ଦାସ, ଓ ଯୋଗେନ୍ଦ୍ର ମୁଦୁଲି ଙ୍କ ସମେତ ଅତିଥି କଳାକାର ମାନଙ୍କ ର ନିଖୁଣ ଅଭିନୟ କୁ ଦର୍ଶକ ମାନେ ଭୂରି ଭୂରି ପ୍ରଶଂସା କରିଥିଲେ। ନାଟକ ପରିଚାଳନାରେ ତୁରିନ୍ତିରା ବାଲୁଙ୍କେଶ୍ୱର କ୍ରିକେଟ କ୍ଲବ ର ସମସ୍ତ ସଦସ୍ୟ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।

# ଉଦଘାଟିତ ହେଲା ଖେଲୋ ଇଣ୍ଡିଆ କେନ୍ଦ୍ର

**ଜଗତସିଂହପୁର,୨୨।୪(ସଂଚାର ବ୍ୟୁର):** ଆଜି ମଣି ଚରଣ ଶାରଳା ଏକାଡେମୀ, ତିର୍ତ୍ତୋଲ ଜଗତସିଂହପୁରଠାରେ ଖେଲୋ ଇଣ୍ଡିଆ କେନ୍ଦ୍ର ଖୋ - ଖୋ କୁ ମାନ୍ୟବର କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଆଭାସି ମାଧ୍ୟମ ରେ ଶୁଭ ଉନ୍ମୋଚନ କରିଛନ୍ତି। ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସ୍ଥିତ ଓସ୍ୱାନ୍ ଭିଡ଼ିଓ କନ୍ଫରେଂଶ ହଲ୍ ରେ ଆଭାସି ମାଧ୍ୟମରେ ଆଜି ଏହି କେନ୍ଦ୍ରର ଶୁଭ ଉଦଘାଟନ ହୋଇଛି।ଏହି କାର୍ଯ୍ୟକ୍ରମରେ ଜଗତସିଂହପୁରର ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ଜ୍ୟୋତି ଶଙ୍କର ରାୟ, ଜିଲ୍ଲା ଶିକ୍ଷଧିକାରୀ ନିରଂଜନ ବେହେରା, ଜିଲ୍ଲା କ୍ରୀଡ଼ା ଅଧିକାରିଣୀ ବିଶ୍ୱ ବିଜୟିନୀ ପଟ୍ଟନାୟକ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ, ଖୋ - ଖୋ ପ୍ରଶିକ୍ଷକ ଦେବେନ୍ଦ୍ର ନାଥ, ବିଦ୍ୟାଳୟର ଖୋ - ଖୋ ଛାତ୍ରଛାତ୍ରୀ ଓ ଅନ୍ୟ ସମସ୍ତ କର୍ମକର୍ତ୍ତା ଯୋଗ ଦେଇଥିଲେ।



# ଇ-ଶ୍ରମ କାର୍ଡରେ କେତେ ହିତାଧିକାରୀ ପାଇଲେ ରାସନ ?

## ତଥ୍ୟ ନାହିଁ ଯୋଗାଣ ବିଭାଗ ପାଖରେ




**ବିଞ୍ଝରପୁର,୨୨।୪(ସଂଚାର ବ୍ୟୁରୋ):** କେଉଁ ଇଶ୍ରମ କାର୍ଡ଼ ହିତାଧିକାରୀ ମାନଙ୍କୁ ୨୦୨୪-୨୦୨୫ ଆର୍ଥିକ ବର୍ଷ ରେ ମିଳଛି ରାସନ କାର୍ଡ଼ ସେବିଷୟରେ ତଥ୍ୟ ଦେବାକୁ ବ୍ଲକ ଯୋଗାଣ ଅଧିକାରୀ କୁନ୍ଥୁ କୁନ୍ଥୁ ହେଉଥିବା ବେଳେ ଏ ସର୍ମ୍ପକିତ ତଥ୍ୟ ନଦେବାକୁ ବ୍ଲକ ଯୋଗାଣ ଅଧିକାରୀ ବିଭିନ୍ନ ଉପାୟ ଆପଣାଉଥିବା ଅଭିଯୋଗ ହୋଇଛି।ବ୍ଲକ ର ପୂର୍ବତନ ଯୋଗାଣ ଅଧିକାରୀ ଏସର୍ମ୍ପକିତ ଫାଇଲ୍ ଗାୟେବ୍ କରିଦେଇଥିବା କଥା ଚର୍ଚ୍ଚା ହେଉଛି। ଅଭିଯୋଗ ଅନୁଯାୟୀ ୨୦୨୪-୨୫ ଆର୍ଥିକ ବର୍ଷରେ କେତେଜଣ ହିତାଧିକାରୀ ଙ୍କୁ ନୂତନ ରାସନ୍ କାର୍ଡ଼ ପ୍ରଦାନ କରାଯାଇଛି ଆଉ କେଉଁ ଇଶ୍ରମ କାର୍ଡ଼ ହିତାଧିକାରୀ ମାନଙ୍କୁ ୨୦୨୪-୨୦୨୫ ଆର୍ଥିକ ବର୍ଷ ରେ ରାସନ କାର୍ଡ଼ ମିଳଛି ସେ ସମ୍ବନ୍ଧେ ପାର୍ଥସାରଥୀ ବାରିକ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗିଥିଲେ। କିନ୍ତୁ ଚିଠି ସଂଖ୍ୟା ୨୩୨୭/ତା ୧୭.୦୪.୨୦୨୫ ରେ ଏକ ଚିଠି କରି ବ୍ଲକ ଯୋଗାଣ ଅଧିକାରୀ ପାର୍ଥସାରଥୀ ବାରିକଙ୍କୁ ଜଣାଇଲେ କି ୨୦୨୪-୨୫ ଆର୍ଥିକ ବର୍ଷରେ କେତେଜଣ ହିତାଧିକାରୀ ଙ୍କୁ ନୂତନ ରାସନ୍ କାର୍ଡ଼ ପ୍ରଦାନ କରାଯାଇଛି ତାର କୌଣସି ତଥ୍ୟ କାର୍ଯ୍ୟାଳୟ ରେ ଉପଲବ୍ଧ ନାହିଁ ଖାଲି ସେତିକି ନୁହଁ କେଉଁ ଇଶ୍ରମ କାର୍ଡ଼ ହିତାଧିକାରୀ ମାନଙ୍କୁ ୨୦୨୪-୨୦୨୫ ଆର୍ଥିକ ବର୍ଷ ରେ ରାସନ କାର୍ଡ଼ ମିଳଛି ତାର କୌଣସି ତଥ୍ୟ ମଧ୍ୟ ନାହିଁ। ଆହୁରି ମଧ୍ୟ ଏସର୍ମ୍ପକିତ ତଥ୍ୟ ଅନଲାଇନ୍ ଡାଟା ବେସ ରେ ପୂର୍ବରୁ ଥିବା ରାସନ୍ କାର୍ଡ଼ ସହିତ ମିଶି ଯାଇଥିବାରୁ ୨୦୨୪-୨୫ ର ରାସନ୍ କାର୍ଡ଼ ଅଲଗା ବାହାର କରିହେଉନଥିବା ତଥ୍ୟ ନଦେବାର କାରଣ ଦର୍ଶାଇ ଥିଲେ ଯୋଗାଣ ଅଧିକାରୀ ଆନିବେଶାନ୍ତ ସାହୁ। ତେବେ କେନ୍ଦ୍ର ସରକାରଙ୍କ ତରଫରୁ କେତେଜଣ ଇଶ୍ରମ କାର୍ଡ଼ ହିତାଧିକାରୀ ମାନଙ୍କୁ ରାସନ କାର୍ଡ଼ ଦେବାକୁ ନିର୍ଦ୍ଦେଶ ଆସିଥିଲା ଏବଂ ସେଥିମଧ୍ୟରୁ କେତେ ଜଣଙ୍କୁ ଦିଆଗଲା ଏବଂ କେଉଁ ଯୋଗ୍ୟତା ମାନଦଣ୍ଡ ଅନୁସାରେ ଦିଆଗଲା ଏବଂ ଯେଉଁ ମାନଙ୍କୁ ବାଦ୍ ଦିଅଗଲା ତାଙ୍କୁ କେଉଁ ଆଧାରରେ ବିତ କରାଗଲା ତାକୁ ନେଇ ପ୍ରଶ୍ନ ଉଠିଛି। ଯୋଗ୍ୟ ଙ୍କ ବଦଳରେ ଅଯୋଗ୍ୟ ମାନଙ୍କୁ ଏଥିରେ ସାମିଲ୍ କରାଯାଇଥିବା କାରଣରୁ ତଥ୍ୟ ଦେବାକୁ ବ୍ଲକ ପ୍ରଶାସନ ପଛଘୁଞ୍ଚା ଦେଉଥିବା ଅଭଯୋଗ ହୋଇଛି। ତେବେ ମୂଳ କାର୍ଡ଼ ସହିତ ନୂଆ କାର୍ଡ଼ କୁ ଯୋଡ଼ିବା ପୂର୍ବରୁ ତାର ମୂଳ କପି କୁଆଡ଼େ ଗଲା ବୋଲି ଆବେଦନକାରୀ ପ୍ରଶ୍ନ ଉଠାଇଛନ୍ତି। ତେବେ ଏନେଇ ସେ ଅପିଲ୍ କରିବେ ବୋଲି ପ୍ରକାଶ କରିଛନ୍ତି।

# କେ. ସି. ହାଇସ୍କୁଲ, ଧରିତ୍ରୀ ଦିବସ




**ବୈଶିଙ୍ଗା,୨୨।୪(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅଧୀନ ହେମପୁର ସ୍ଥିତ କୈଳାସ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ, ହେମପୁର ରେ ପ୍ରଧାନଶିକ୍ଷକ ସମରଜିତ ମହାପାତ୍ର ଙ୍କ ନେତୃତ୍ୱ ରେ ଧରିତ୍ରୀ ଦିବସ ପାଳିତ ହୋଇ ଯାଇଛି। ଏହି ଉପଲକ୍ଷେ ଛାତ୍ରଛାତ୍ରୀ ଏବଂ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ରାଲି, ଆଲୋଚନାଚକ୍ର, ଶପଥ ପାଠ ଓ ବୃତ୍ତ ଚିତ୍ର ପ୍ରଦର୍ଶନ ଇତ୍ୟାଦି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆମ ସୌରମଣ୍ଡଳ ର ଏକମାତ୍ର ବାସପଯୋଗୀ ଗ୍ରହ ପୃଥିବୀ କୁ ସୁରକ୍ଷିତ ରଖିବା ପାଇଁ ଦିବସ ର ପ୍ରାରମ୍ଭରେ ବୃକ୍ଷ ରୋପଣ, ଜଙ୍ଗଲ ସୁରକ୍ଷା, ପଲିଥିନ ବ୍ୟବହାର ହ୍ରାସ, ପ୍ଲାଷ୍ଟିକ ଆବର୍ଜନା ର ବିନିଯୋଗ, ଜଳ ସଂରକ୍ଷଣ ଓ ସ୍ୱଚ୍ଛତା ଇତ୍ୟାଦି ବିଭିନ୍ନ ବାର୍ତ୍ତା ନେଇ ଇକୋ କ୍ଲବ ଓ ଶକ୍ତି କ୍ଲବ ଆନୁକୂଲ୍ୟରେ ଛାତ୍ରଛାତ୍ରୀ ମାନେ ହାତରେ ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇ ହେମପୁର ଗ୍ରାମ ପରିକ୍ରମା କରିଥିଲେ। ବିଜ୍ଞାନ ଶିକ୍ଷକ ଚନ୍ଦନ କୁମାର ଦାସ, ରାଜନନ୍ଦିନୀ ପାତ୍ର, କ୍ରୀଡା ଶିକ୍ଷକ ଶରତ ବେହେରା ଓ ହିନ୍ଦୀ ଶିକ୍ଷୟିତ୍ରୀ ସବିତା ବାରିକ ଏହାକୁ ପରିଚାଳନା କରିଥିଲେ। ଦ୍ୱିତୀୟାର୍ଦ୍ଧ ରେ ପ୍ରଧାନଶିକ୍ଷକ ଙ୍କ ପୌରାହିତ୍ୟ ରେ ଅନୁଷ୍ଠିତ ସାଧାରଣ ସଭା ରେ ପ୍ରଧାନଶିକ୍ଷକ ଙ୍କ ସମେତ ବରିଷ୍ଠ ଶିକ୍ଷକ ତୁଷାର କାନ୍ତ ପାତ୍ର, ଶିକ୍ଷୟିତ୍ରୀ ପ୍ରଭାତୀ ପ୍ରଧାନ ଦିବସ ର ତାତ୍ପର୍ଯ୍ୟ ସମ୍ପର୍କ ରେ ବକ୍ତବ୍ୟ ରଖିଥିଲେ।